

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-119 •SUNDAY •26 OCTOBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୧୯ •ରବିବାର •୨୬ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦ (ସିନ୍ଦୂରା ସହ)


# କାକିନାଡ଼ାରେ ମାଡ଼ହେବ ମୋନ୍ଥା!

## ୨୮ରେ ଲ୍ୟାଣ୍ଡଫଲ୍; ୯୦ରୁ ୧୦୦ କିମି ବେଗରେ ବହିବ ପବନ

■ **ଭୁବନେଶ୍ୱର, ୨୫।୧୦ (ସମିସ):** ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଶୁକ୍ରବାର ସୃଷ୍ଟ ଲଘୁଚାପ ଅବପାତର ରୂପ ନେଇ ଆନ୍ଧ୍ର ଉପକୂଳ ଆଡ଼କୁ ମାଡ଼ି ଆସୁଛି। ଆସନ୍ତା ୨୭ ତାରିଖ ସୋମବାର ସକାଳେ ଏହା ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'ର ରୂପ ନେବ ଏବଂ ୨୮ ତାରିଖ ସନ୍ଧ୍ୟା ସୁଦ୍ଧା ଆନ୍ଧ୍ର ପ୍ରଦେଶର ମଛଲିପଟ୍ଟନମ୍-କଳିଙ୍ଗପଟ୍ଟନମ୍ ମଧ୍ୟରେ କାକିନାଡ଼ା ନିକଟରେ ସ୍ଥଳଭାଗ ଛୁଇଁବା। (ଲ୍ୟାଣ୍ଡଫଲ୍) ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ପାଣିପାଗ ବିଭାଗର ଏହି ପ୍ରାଥମିକ ଆକଳନ ପରେ ସମ୍ଭାବ୍ୟ ବାତ୍ୟାର ଗତିପଥକୁ ନେଇ ଆପାତତଃ ଦ୍ୱନ୍ଦ୍ୱ ଦୂର ହୋଇଛି।



**୨୭ରୁ ୩୦ ତାରିଖ ଯାଏଁ ଓଡ଼ିଶାରେ ପ୍ରବଳ ବର୍ଷା**

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଅବପାତଟି ଶନିବାର ସକାଳ ୧୧ଟା ୩୦ ମିନିଟ ସୁଦ୍ଧା ପୋର୍ଟ ବ୍ଲେୟରଠାରୁ ୪୬୦ କିମି ପଶ୍ଚିମ-ଦକ୍ଷିଣ ଦିଗରେ, କାକିନାଡ଼ାଠାରୁ ୯୭୦ କିମି ଦକ୍ଷିଣ-ପୂର୍ବ ଦିଗରେ ଏବଂ ଗୋପାଳପୁରଠାରୁ ୧୦୩୦ କିମି ଦକ୍ଷିଣ-ପୂର୍ବ ଦିଗରେ ରହିଛି। ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ କ୍ରମଶଃ ପଶ୍ଚିମକୁ ଘଣ୍ଟାପ୍ରତି ୭ କିଲୋମିଟର ଦିଗରେ ଗତି କରୁଛି। ଆସନ୍ତାକାଲି ୨୬ ତାରିଖ ସୁଦ୍ଧା ଏହା ଗଭୀର ଅବପାତ ଓ ୨୭ ତାରିଖ ସକାଳ ସୁଦ୍ଧା ଦକ୍ଷିଣ-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ସାମୁଦ୍ରିକ ଝଡ଼ରେ ପରିଣତ ହେବାର ସମ୍ଭାବନା ରହିଛି। ପରେ ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରି ୨୮ ତାରିଖ ସକାଳ ସୁଦ୍ଧା ଏକ ଭୀଷଣ ସାମୁଦ୍ରିକ ଝଡ଼ରେ ପରିଣତ ହୋଇ ରାତି ସୁଦ୍ଧା କାକିନାଡ଼ା ନିକଟରେ ସ୍ଥଳଭାଗ ଛୁଇଁପାରେ ବୋଲି ପୂର୍ବାନୁମାନ କରାଯାଇଛି। ସମ୍ଭାବ୍ୟ ବାତ୍ୟା ସ୍ଥଳଭାଗ ଛୁଇଁବା ବେଳେ ପବନର ବେଗ ୯୦ରୁ ୧୦୦ କିଲୋମିଟର ମଧ୍ୟରେ ରହିବ। ସ୍ଥଳବିଶେଷରେ ଝଟ୍‌କା ପବନର ବେଗ ୧୧୦ କିମି ବେଗରେ ପବନ ବହିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି।

ବାତ୍ୟା ପ୍ରଭାବରେ ଆନ୍ଧ୍ର-ଓଡ଼ିଶା ଉପକୂଳ ଓ ଏହା ସଂଲଗ୍ନ କେତେକ ଜିଲ୍ଲା ସହ ଦକ୍ଷିଣ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ପ୍ରବଳ ବର୍ଷା ହେବ। ଏପରିକି କେତେକ ଜିଲ୍ଲାରେ ପବନ ସହ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି। ତେବେ ୨୮ ଓ ୨୯ ▶ପୃଷ୍ଠା-୭

## ପ୍ରଭାବିତ ହେବ ଓଡ଼ିଶାର ୧୫ ଜିଲ୍ଲା

■ **ଭୁବନେଶ୍ୱର, ୨୫।୧୦ (ସମିସ):** ସମ୍ଭାବ୍ୟ ବାତ୍ୟା ମୋନ୍ଥା ଦ୍ୱାରା ରାଜ୍ୟର ୧୫ଟି ଜିଲ୍ଲା ପ୍ରଭାବିତ ହେବାର ଆଶଙ୍କା ରହିଛି। ଅତୀତର ଅନୁଭବ ଓ ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ସରକାର ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ବାତ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

**ମୁକାବିଲା ପାଇଁ ସରକାର ପ୍ରସ୍ତୁତ: ରାଜସ୍ୱ ମନ୍ତ୍ରୀ**

**୯ ଜିଲ୍ଲାରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ୍**

ଶନିବାର ସ୍ଥାନୀୟ ରାଜୀବ ଭବନଠାରେ ସମ୍ଭାବ୍ୟ ବାତ୍ୟାର ପୂର୍ବ ପ୍ରସ୍ତୁତି ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମନ୍ତ୍ରୀ ଶ୍ରୀ ପୂଜାରୀ, ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଞ୍ଜନ କୁମାର ସିଂ ସମ୍ଭାବ୍ୟ ବାତ୍ୟାରେ ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନଙ୍କ ସହ ବାତ୍ୟା ପୂର୍ବ ପ୍ରସ୍ତୁତି ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ବୈଠକ ପରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ ସମ୍ଭାବ୍ୟ ବାତ୍ୟାର ପ୍ରଭାବରେ ୨୭, ୨୮ ଓ ୨୯ ତାରିଖ ବେଳକୁ ଦକ୍ଷିଣ ଓଡ଼ିଶା ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ। ଏଥିରେ ରାଜ୍ୟର ୧୫ଟି ଜିଲ୍ଲା ପ୍ରଭାବିତ ହେବାର ଆଶଙ୍କା ରହିଛି। ମୁକାବିଲା ସ୍ୱରୂପ, ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀକୁ ସଜାଗ ରଖାଯାଇଛି। ସରକାର କୃଷି, ଜଳସମ୍ପଦ, ଶକ୍ତି, ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ, ସମବାୟ, ▶ପୃଷ୍ଠା-୭



# ଇନ୍ଦୋରରେ ଲଜ୍ଜା

## ଅଷ୍ଟ୍ରେଲିଆ ମହିଳା କ୍ରିକେଟର୍‌ଙ୍କୁ ଅସଦାଚରଣ

■ **ଇନ୍ଦୋର, ୨୫।୧୦ (ଏଜେନ୍ସି):** ଭାରତରେ ବିଶ୍ୱକପ୍ କ୍ରିକେଟ ଖେଳିବାକୁ ଆସିଥିବା ଅଷ୍ଟ୍ରେଲିଆ ଦଳର ଦୁଇ ଜଣ ମହିଳା ଖେଳାଳି ଅସାଦଚରଣର ଶିକାର ହୋଇଛନ୍ତି। ଇନ୍ଦୋରରେ ଗତ ଗୁରୁବାର ହୋଇଥିବା ଏହି ଘଟଣାରେ ସଂପୃକ୍ତ ଯୁବକକୁ ଗିରଫ କରାଯାଇଛି। ତେବେ ଏହାକୁ ନେଇ ଲଜ୍ଜାଜନକ ପରିସ୍ଥିତି ପରିସ୍ଥିତି ସୃଷ୍ଟି ହୋଇଛି। ବିସିସିଆଇ ଏହାର ଘୋର ନିନ୍ଦା କରିଥିଲା ବେଳେ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟପ୍ରଦେଶ ସରକାରଙ୍କ ନିକଟରେ ଦାବି କରିଛି।


ମିଳିଥିବା ରିପୋର୍ଟ ଅନୁଯାୟୀ ଅଷ୍ଟ୍ରେଲୀୟ ଖେଳାଳି ହୋଟେଲ ବାହାରକୁ ଗୁରୁବାର ବୁଲିବାକୁ ଯାଇଥିଲେ। ଦିନ ୧୧ଟା ବେଳେ ଖେଳାଳିମାନେ ହୋଟେଲ ନିକଟରୁ ୩ କିଲୋମିଟର ଦୂର ଖଜରାନା ରୋଡ୍‌ରେ ଥିବା ଏକ କାଫେକୁ ଚାଲିଚାଲି ଯାଉଥିଲେ। ଏହି ସମୟରେ ମୋଟର ସାଇକଲରେ ଜଣେ ଯୁବକ ଦୁଇ ଜଣ ଖେଳାଳିଙ୍କ ନିକଟକୁ ଆସି ସେମାନଙ୍କୁ ସ୍ପର୍ଶ କରିବାକୁ ଉଦ୍ୟମ କରିଥିଲା। ଅନ୍ୟ ଖେଳାଳି ଓ ସୁରକ୍ଷା କର୍ମୀ ଏହାର ପ୍ରତିବାଦ କରିବାରୁ ଯୁବକ ଜଣକ ସେଠାରୁ ପଳାଇଥିଲା।

ଏହି ଘଟଣା ପରେ ଖେଳାଳିମାନେ ଅଷ୍ଟ୍ରେଲିଆ ଟିମ୍‌ର ସିକ୍ୟୁରିଟି ମ୍ୟାନେଜର ଡାନି ସିମନ୍ସଙ୍କୁ ଜଣାଇଥିଲେ। ସିମନ୍ସ ସ୍ଥାନୀୟ ଏମ୍‌ଆଇଜି ପୁଲିସ ଥାନାରେ ଏଫଆଇଆର୍ ଦେଇଥିଲେ। ଏଫଆଇଆର ପାଇବା ପରେ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତ ଆକିଲ ଖାନ୍‌କୁ ଗିରଫ କରିଛି। ତା ବିରୋଧରେ ଭାରତୀୟ ▶ପୃଷ୍ଠା-୭

**ଟ୍ରମ୍ପଙ୍କୁ ସଟ୍‌ଡାଉନ୍ ଅଡୁଆ**

## ବନ୍ଧୁଙ୍କ ଅର୍ଥରେ ସେନାକୁ ଦେଲେ ଦରମା

■ **ୱାସିଂଟନ, ୨୫।୧୦ (ଏଜେନ୍ସି):** ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜଣେ ବନ୍ଧୁଙ୍କ ସହାୟତାରେ ଆମେରିକା ସେନାବାହିନୀକୁ ଦରମା ଦିଆଯାଇଛି। ଆମେରିକାର ଚାଲିଥିବା ସଟ୍‌ଡାଉନ୍ କାରଣରୁ ଏବେ ସରକାରଙ୍କ ପାଖରେ ଅର୍ଥ ନାହିଁ। ସେନାବାହିନୀକୁ ଦରମା ଦେବା ପାଇଁ ଟ୍ରମ୍ପଙ୍କ ବନ୍ଧୁଙ୍କ ସହାୟତାରେ 'ଗୁପ୍ତଦାନ' କରାଯାଇଛି ବୋଲି ଆମେରିକା ପ୍ରତିରକ୍ଷା ମନ୍ତ୍ରଣାଳୟ ପେଣ୍ଟାଗନ୍ ତରଫରୁ ଶୁକ୍ରବାର କୁହାଯାଇଛି। ୧୩୦ ନିୟୁତ ଆମେରିକୀୟ ଡଲାର



(ପାଖାପାଖି ୧୧୧୦ କୋଟି ଟଙ୍କା) ଗୁପ୍ତଦାନ ମାଧ୍ୟମରେ ମିଳିଛି ବୋଲି ପେଣ୍ଟାଗନ ସ୍ପଷ୍ଟ କରିଛି। ଟ୍ରମ୍ପଙ୍କ ଜଣେ ଅଜଣା ବନ୍ଧୁ ଏହି ଦାନ ଦେଇଛନ୍ତି। ସଟ୍‌ଡାଉନ କାରଣରୁ ସରକାର ସେନାକୁ ଦରମା ଦେଇପାରୁ ନଥିବାରୁ ଏହି ଗୁପ୍ତ ଦାନ ଗ୍ରହଣ କରାଯାଇଛି। ଗୁରୁବାର ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ଏ ନେଇ ସମସ୍ତଙ୍କୁ ଅବଗତ କରାଇଥିଲେ ଓ ଦାନ ଦେଇଥିବା ବ୍ୟକ୍ତିଙ୍କୁ ଦେଶଭକ୍ତ ବୋଲି କହିଥିଲେ। ତେବେ ସେ ତାଙ୍କର ଏହି ବନ୍ଧୁଙ୍କ ପରିଚୟ ଦେଇ ନଥିଲେ। କାରଣ ▶ପୃଷ୍ଠା-୭

### କାମ କରୁନି ଆର୍‌ବିଆଇର ନୂଆ ନିୟମ

# ଦିନକରେ ହୋଇପାରୁନି ଚେକ୍ କ୍ଲିୟରିଂ

■ **ଭୁବନେଶ୍ୱର, ୨୫।୧୦ (ସମିସ):** ଅକ୍ଟୋବର ୪ ତାରିଖରୁ ସାରା ଦେଶରେ ଆରମ୍ଭ ହୋଇଛି ଗୋଟିଏ ଦିନରେ 'ବ୍ୟାଙ୍କ ଚେକ୍ କ୍ଲିଅରିଂ' ବ୍ୟବସ୍ଥା। ଅର୍ଥାତ ଗୋଟିଏ ଦିନରେ ସକାଳ ୧୦ଟାରୁ ୪ଟା ମଧ୍ୟରେ ବ୍ୟାଙ୍କରେ ଜମା ହୋଇଥିବା ଚେକ୍ ସେହିଦିନ ସନ୍ଧ୍ୟା ୭ଟା ମଧ୍ୟରେ କ୍ଲିଅର ହୋଇପାରିବ। ପ୍ରଥମ ପର୍ଯ୍ୟାୟରେ ୨୦୨୫ ଅକ୍ଟୋବର ୪ରୁ ୨୦୨୬ ଜାନୁଆରୀ ୨ ତାରିଖ ପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରାଯାଉଛି ଓ ପରବର୍ତ୍ତୀ ପର୍ଯ୍ୟାୟ ୨୦୨୬ ଜାନୁଆରୀ ୩ରୁ କାର୍ଯ୍ୟକାରୀ ହେବ ବୋଲି ରିଜର୍ଭ ବ୍ୟାଙ୍କ ଘୋଷଣା କରିଛି। ମାତ୍ର ବ୍ୟାଙ୍କ୍‌ଗୁଡ଼ିକରେ ବ୍ୟବସ୍ଥାର ସୁଦୃଢ଼ୀକରଣ କରାନଯାଇ ତରବରିଆ ଭାବେ ଏହାକୁ କାର୍ଯ୍ୟକାରୀ



**ବ୍ୟାଙ୍କରେ ନାହାନ୍ତି ଉଚ୍ଚ ଦକ୍ଷତା ସମ୍ପନ୍ନ କର୍ମଚାରୀ**

**ହଇରାଣ ହେଉଛନ୍ତି ଗ୍ରାହକ**

କରାଯାଇଥିବାରୁ ଗୋଟିଏ ଦିନରେ ଚେକ୍ କ୍ଲିୟର ସମ୍ଭବ ହୋଇପାରୁ ନାହିଁ। ଏହାକୁ ନେଇ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପାରମ୍ପରିକ ଚେକ୍ କ୍ଲିୟରିଂ ବ୍ୟବସ୍ଥାରେ ସୃଷ୍ଟି ହେଉଥିବା ସମସ୍ୟା ଦୂର ପାଇଁ କାର୍ଯ୍ୟକାରୀ ଏହି ବ୍ୟବସ୍ଥା କେବଳ ଶ୍ରୁତିମଧୁର ଘୋଷଣା ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ଅଭିଯୋଗ ହେଉଛି।

ଅଧିକାଂଶ ବ୍ୟାଙ୍କରେ ଏବେ ବି ପୂର୍ବ ଧାରା ଅବ୍ୟାହତ ରହିଛି ଓ ଚେକ୍ କ୍ଲିୟର ହେବା ପାଇଁ ପୂର୍ବପରି ତିନି ଚାରିଦିନ ଓ ସ୍ଥଳ ବିଶେଷରେ ସପ୍ତାହଟିଏ ବି ଲାଗୁଥିବା ଦେଖାଯାଉଛି। ଫଳରେ ପୁରୁଣା ଧରାବନ୍ଧା ବିଳମ୍ବକୁ ହ୍ରାସ କରିବା ଓ ଦେୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ସାଧନ ହୋଇ ପାରୁନାହିଁ। ନୂତନ ବ୍ୟବସ୍ଥାରେ ଜମା ହୋଇଥିବା ଚେକ୍‌କୁ ସ୍କାନ କରି ମୂଳ ବ୍ୟାଙ୍କକୁ ପଠାଯିବା ପରେ ସେହିଦିନ ଦେୟ କ୍ଲିୟର କରାଯିବାର ▶ପୃଷ୍ଠା-୭

### ୫ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ

# ଆରମ୍ଭ ହେବ 'ବି-ମାନ' ଏକୀକୃତ ଯୋଜନା

■ **ଭୁବନେଶ୍ୱର, ୨୫।୧୦ (ସମିସ):** ରାଜ୍ୟରେ ବିମାନ ଚଳାଚଳର ସମସ୍ତ ଦିଗକୁ ଏକ ବ୍ୟାପକ ଢାଞ୍ଚା ଅଧୀନରେ ଆଣିବା ପାଇଁ ରାଜ୍ୟ ସରକାର 'ବି-ମାନ' ଏକୀକୃତ ଯୋଜନା ଆଣିବାକୁ ଯାଉଛନ୍ତି। ଏହି ଯୋଜନାକୁ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିଛି। ଯୋଜନା ପାଇଁ ୨୦୨୫ରୁ ୨୦୩୦ ଯାଏଁ ମୋଟ ୪୧୮୨ କୋଟି ଟଙ୍କା ଖର୍ଚ୍ଚ ହେବ। ଶନିବାର ଲୋକସେବା ଭବନରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୪ଟି ବିଭାଗର ମୋଟ ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ବୈଠକର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି ଯେ, 'ବି-ମାନ' ଏକୀକୃତ ଯୋଜନା ଅଧୀନରେ ପୂର୍ବ ଭାରତରେ ଓଡ଼ିଶାକୁ ଏକ ଅଗ୍ରଣୀ ବିମାନ ଚଳାଚଳ କେନ୍ଦ୍ର ଭାବେ ସ୍ଥାନ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ସରକାର ମୋଟ ୪୧୮୨ କୋଟି ଟଙ୍କା

**୫ ବର୍ଷରେ ଖର୍ଚ୍ଚହେବ ୪୧୨୮ କୋଟି**

ଖର୍ଚ୍ଚ କରିବେ। ଏହା ଅଧୀନରେ ଆଞ୍ଚଳିକ ପ୍ରବେଶ ଏବଂ କାର୍ଯ୍ୟକ୍ଷମ ଦକ୍ଷତାକୁ ଉନ୍ନତ କରିବା ପାଇଁ ଅନୁନ୍ନତ ଅଞ୍ଚଳରେ ଗ୍ରୀନଫିଲ୍ଡ ଏବଂ ବ୍ରାଉନଫିଲ୍ଡ ବିମାନବନ୍ଦର ସମେତ ରାଜ୍ୟବ୍ୟାପୀ ବିମାନବନ୍ଦର ଏବଂ ହେଲିପୋର୍ଟଗୁଡ଼ିକର ବିକାଶ ଓ ରକ୍ଷଣାବେକ୍ଷଣ କରାଯିବ। 'ଉଡାନ' ଏବଂ ଅନ୍ୟାନ୍ୟ ଯୋଜନା ଅଧୀନରେ ପ୍ରମୁଖ ସହରଗୁଡ଼ିକ ସହିତ ଟାୟାର-୨ ଏବଂ ଟାୟାର-୩ ସହରଗୁଡ଼ିକୁ ସଂଯୋଗ କରି ଆଞ୍ଚଳିକ ବିମାନ ସଂଯୋଗକୁ ବୃଦ୍ଧି କରିବା ସକାଶେ ବିମାନ କମ୍ପାନୀଗୁଡ଼ିକୁ 'ଭାଇବିଲିଟି ଗ୍ୟାପ୍ ଫଣ୍ଡିଂ' ଏବଂ ଅନ୍ୟାନ୍ୟ ପ୍ରୋତ୍ସାହନ ପ୍ରଦାନ କରାଯିବ। ସେହିପରି ବିଜୁ ପଟ୍ଟନାୟକ ବିମାନବନ୍ଦର ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବିଶ୍ୱସ୍ତରୀୟ ଏମଆରଓ ସୁବିଧା ପ୍ରତିଷ୍ଠା ଏବଂ କାର୍ଯ୍ୟକ୍ଷମ କରାଯିବ। ଏତଦ୍ ବ୍ୟତୀତ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ଉଦ୍ଭାବନ, କାର୍ଗୋ ଏବଂ ଲଜିଷ୍ଟିକ ବିକାଶ, ସାମର୍ଥ୍ୟ ବୃଦ୍ଧି ଓ ଦକ୍ଷତା ବିକାଶ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

ସେହିପରି ଅନ୍ୟ ଏକ ପ୍ରସ୍ତାବକ୍ରମେ କ୍ୟାବିନେଟ ୫୧୨ କୋଟି ଟଙ୍କା ବ୍ୟୟରେ ନୂତନ ଯୋଜନା ଆହାରକୁ ଅନୁମୋଦନ ଦେଇଛନ୍ତି। ▶ପୃଷ୍ଠା-୭

# ମୟୂରଭଞ୍ଜରେ ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ



**୫ଜଣଙ୍କ ନାଁରେ ଏତଲା; ୩ ଗିରଫ**

■ **ମୋରଡ଼ା/ରାସଗୋବିନ୍ଦପୁର, ୨୫।୧୦ (ସମିସ):** ମୟୂରଭଞ୍ଜରେ ପୁଣି ଲଜ୍ଜା। ଯାତ୍ରା ଦେଖି ଫେରୁଥିବା ଦୁଇ ନାବାଳିକାଙ୍କୁ ୫ଜଣ ଯୁବକ ବାଟ ଅଧରୁ ଟେକିନେଇ ଏକ କେନାଲ ନିକଟରେ ଗଣଦୁଷ୍କର୍ମ କରିଛନ୍ତି। ଅଭିଯୋଗ ମିଳିବା ପରେ ପୁଲିସ ତିନି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଦୁଇ ଜଣ ଫେରାର ହୋଇଯାଇଛନ୍ତି। ଗଣଦୁଷ୍କର୍ମର ଶିକାର ହୋଇଥିବା ନାବାଳିକା ଦ୍ୱୟଙ୍କ ଘର ରାସଗୋବିନ୍ଦପୁର ଥାନା ଅଞ୍ଚଳରେ। ଗତ ୨୨ତାରିଖ ବୁଧବାର ରାତିରେ ନଳଗଜା ଗ୍ରାମରେ ପଡ଼ିଥିବା ଯାତ୍ରା ଦେଖିବାକୁ ଦୁହେଁ ନିଜର ଦୁଇ ପୁରୁଷ ▶ପୃଷ୍ଠା-୭

### ଲଭ୍-ସେକ୍ସ-ଧୋକା

# ଗିରଫ ହେଲେ ଏୟାରପୋର୍ଟ ଡିଜିଏମ୍

■ **ଭୁବନେଶ୍ୱର, ୨୫।୧୦ (ସମିସ):** ପୁଣି ଲଭ୍-ସେକ୍ସ ଧୋକା ମାମଲାରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରର ଡିଜିଏମ୍(ଅପରେସନ) ଉମାକାନ୍ତ ପଟେଲ ଗିରଫ ହୋଇଛନ୍ତି। ବିମାନବନ୍ଦରରେ କାର୍ଯ୍ୟରତ ଜଣେ ଯୁବତୀଙ୍କ ଅଭିଯୋଗ ଆଧାରରେ ଏୟାରପୋର୍ଟ ଥାନା ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୀଡ଼ିତା ଯୁବତୀ ଜଣଙ୍କ ଡିଜିଏମ୍‌ଙ୍କ ବିରୁଦ୍ଧରେ ଅଭିଯୋଗ ନେଇ ଏକାଧିକ ଥର ଏୟାରପୋର୍ଟ ଥାନାକୁ ଯାଇଥିଲେ ମଧ୍ୟ ପୁଲିସ ▶ପୃଷ୍ଠା-୭



**ବିବାହିତ ହୋଇ ବି ଏୟାରଲାଇନ୍ସର ଯୁବତୀଙ୍କ ସହ ରଖିଥିଲେ ସମ୍ପର୍କ**




# ହାସ୍ୟାଭିନେତା ସତୀଶ ଶାହାଙ୍କ ପରଲୋକ

ମୁମ୍ବଇ, ୨୫ ।୧୦(ଏଜେନ୍ସି): କିମ୍ବଦନ୍ତୀ ହାସ୍ୟ ଅଭିନେତା ଆସାରାନୀଙ୍କ ପରେ ଆଉ ଜଣେ ବଲିଉଡ୍ ଓ ଟିଭି କଳାକାର ପରଲୋକ ଗମନ କରିଛନ୍ତି । ବର୍ଷୀଆନ ହାସ୍ୟ ଅଭିନେତା ସତୀଶ ଶାହା ଶନିବାର ଅପରାହ୍ଣ ୨.୩୦ରେ ମୁମ୍ବଇର ହିନ୍ଦୁଜା ହସ୍ପିଟାଲରେ ପରଲୋକଗମନ କରିଛନ୍ତି । ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା । ସେ ବଲିଉଡ୍ ଓ



ଟେଲିଭିଜନ ଦୁନିଆରେ ଜଣେ ଜଣାଶୁଣା ଅଭିନେତା ଥିଲେ । 'ସାରାଭାଇ ଭର୍ସେସ ସାରାଭାଇ', 'ଜାନେଭି ଦୋ ୟାରୋ' ଓ 'ମେ ହୁ ନା'ରେ ନିଜର ନିଖୁଣ ଅଭିନୟ ପାଇଁ ସେ ପ୍ରସିଦ୍ଧି ଲାଭ କରିଥିଲେ ।

ସେ କିଡନୀ ଜନିତ ରୋଗରେ ପୀଡିତ ଥିଲେ । କିଛିଦିନ ତଳେ ତାଙ୍କ କିଡନୀ ପ୍ରତିରୋପଣ ହୋଇଥିଲା । ରବିବାର ଅ॥।ନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ କରାଯିବ ବୋଲି ତାଙ୍କ ମ୍ୟାନେଜର ସୂଚନା ଦେଇଛନ୍ତି । ତାଙ୍କ ଦେହାନ୍ତରେ ବହୁ ବଲିଉଡ୍, ଟିଭି ତାରକା ଶୋକ ପ୍ରକାଶ କରିଛନ୍ତି । ଦୀର୍ଘ ୪ ଦଶନ୍ଧିର କ୍ୟାରିଅରରେ ମୋଟ ଉପରେ ୨୫୦ଟି ସିନେମାରେ ଅଭିନୟ କରିଥିଲେ । ସେ ହମ ସାଥ ସାଥ ହେଁ, ମେ ହୁ ନା, କଲ ହୋ ନା ହୋ, କଭି ହାଁ କଭି ନା, ଦିଲବାଲେ ଦୁହ୍ଲନୀଆ ଲେ ଯାଏଙ୍ଗେ, ଫନା ଓ ଓମ୍ ଶାନ୍ତି ଓମ୍ ଭଳି ସୁପର ହିଟ୍ ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତିଥିଲେ । ୧୯୮୪ରେ ସେ ଟିଭି ସିରିଏଲ ୟେ ଜୋ ହେ ଜିନ୍ଦେଗୀରେ ଅଭିନୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ତାଙ୍କ ପରଲୋକରେ ବଲିଉଡ ତଥା ଟେଲିଭିଜନ ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ସେ ଗୁଜରାଟର ମାଣ୍ଡବୀରେ ଜନ୍ମ ଗ୍ରହଣ କରିଥିଲେ । ୧୯୭୨ରେ ସେ ଡିଜାଇନର ମଧୁ ଶାହାଙ୍କୁ ବିବାହ କରିଥିଲେ । ୧୯୭୦ରୁ ୨୦୨୫ ପର୍ଯ୍ୟନ୍ତ ସେ ଅଭିନୟ ପ୍ରତି ସମର୍ପିତ ଥିଲେ । ଗତ ଜୁଲାଇ ୨୦୨୦ରେ କରୋନା ସଂକ୍ରମଣ କାରଣରୁ ତାଙ୍କୁ ମୁମ୍ବଇର ଲୀଳାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।

# ଭାରତର ସମରାଭ୍ୟାସ, ଦୁଇଦିନ ପାଇଁ ପାକ୍ ବାୟୁସୀମା ବନ୍ଦ

ନୂଆଦିଲ୍ଲୀ, ୨୫ ।୧୦(ଏଜେନ୍ସି): ଭାରତର ସମରାଭ୍ୟାସ ପୂର୍ବରୁ ପାକିସ୍ତାନ ଦୁଇଦିନ ପାଇଁ ତା'ର ବାୟୁସୀମାକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି । ରାଜସ୍ଥାନ ଓ ଗୁଜରାଟ ସୀମାରେ ଭାରତୀୟ ସେନା ତା'ର ଯୁଦ୍ଧ୍ୟାଭାସ 'ତ୍ରିଶୂଳ' ଆରମ୍ଭ କରିବା ପୂର୍ବରୁ ପାକିସ୍ତାନ ଅକ୍ଟୋବର ୨୮ ଓ ୨୯ରେ ତା'ର ବାୟୁସୀମାକୁ ବନ୍ଦ କରିବ । ଶନିବାର ଏଥିପାଇଁ ନୋଟିସ ଟୁ ଏୟାରମ୍ୟାନ (ଏନ୍ଓଟିଏମ୍) ଜାରି କରାଯାଇଛି । ଫଳରେ ଦୁଇଦିନ ପାକ୍ ବାୟୁସୀମା ଉପଲବ୍ଧ ହେବ ନାହିଁ ବୋଲି କୁହାଯାଇଛି । ଏହି ନିଷ୍ପତ୍ତି ନେବା ନେଇ ପାକିସ୍ତାନ କୌଣସି କାରଣ ଦର୍ଶାଇନାହିଁ । ତେବେ ଏହା କୌଣସି ସମରାଭ୍ୟାସ କିମ୍ବା ଅସ୍ତ୍ରଶସ୍ତ୍ର ପରୀକ୍ଷଣ ସହିତ ଜଡିତ ଥାଇପାରେ ବୋଲି ରକ୍ଷା ବିଶେଷଜ୍ଞମାନେ ମତ ଦେଇଛନ୍ତି । ଏହି ସମରାଭ୍ୟାସ ତ୍ରିଶୂଳ ସର କ୍ରିକ୍ ନିକଟରେ ହେବ । ସର କ୍ରିକ୍ ପାକିସ୍ତାନ ସୀମା ନିକଟରେ ଅବସ୍ଥିତ । ଭାରତର ଏହି ସମରାଭ୍ୟାସ ୨୮ ହଜାର ଫୁଟ୍ ଉଚ୍ଚ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେବ ବୋଲି କୁହାଯାଇଛି । ଗତକିଛି ବର୍ଷ ମଧ୍ୟରେ ହୋଇଥିବା ଯୁଦ୍ଧାଭ୍ୟାସଗୁଡିକ ମଧ୍ୟରୁ ଏହା ସର୍ବବୃହତ ହେବ ବୋଲି ଅନୁମାନ କରାଯାଉଛି । ୧୨ ଦିନଧରି ଚାଲିବାକୁ ଥିବା ଏହି ଯୁଦ୍ଧାଭ୍ୟାସରେ ସେନାବାହିନୀ, ବାୟୁସେନା ଓ ନୌସେନାର ୩୦ ହଜାର ସୈନିକ ଯୋଗଦେବେ । ଅକ୍ଟୋବର ୩୦ରୁ ଆରମ୍ଭ ହୋଇ ଏହି ଯୁଦ୍ଧାଭ୍ୟାସ ନଭେମ୍ବର ୧୦ ପର୍ଯ୍ୟନ୍ତ ଚାଲିବ । ଏହି ସମରାଭ୍ୟାସ ରାଜସ୍ଥାନର ଜୈସାଲମେରଠାରୁ ଆରମ୍ଭ କରି ଗୁଜରାଟର ସର କ୍ରିକ୍ ପର୍ଯ୍ୟନ୍ତ ଚାଲିବ । ଭାରତୀୟ ସେନା ୩ ବିଭାଗ ନୂଆ ଟେକନିକ୍ ଓ ଯୁଦ୍ଧ ପ୍ରଣାଳୀର ପରୀକ୍ଷା କରିବେ ।

# ଭେନେଜୁଏଲା ଉପରେ ଆକ୍ରମଣ କରିପାରେ ଆମେରିକା

ୱାଶିଂଟନ, ୨୫ ।୧୦(ଏଜେନ୍ସି): ଖୁବ୍‌ଶୀଘ୍ର ଆମେରିକା ଭେନେଜୁଏଲା ଉପରେ ଆକ୍ରମଣ କରିପାରେ । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭେନେଜୁଏଲାରେ ଥିବା ଡ୍ରଗ୍ସ ଠିକଣା ଓ ଏହାର ଚାଲାଣ ହେଉଥିବା ରୁଟ୍‌ଗୁଡିକ ଉପରେ ଆକ୍ରମଣ କରିବାକୁ ବିଚାର କରୁଛନ୍ତି ବୋଲି ଆମେରିକା ନ୍ୟୁଜ ଚ୍ୟାନେଲ ସିଏନ୍‌ଏନ୍ କହିଛି । ହ୍ୱାଇଟ ହାଉସ୍‌ର ୩ ଜଣ ବରିଷ୍ଠ ଅଧିକାରୀଙ୍କଠାରୁ ମିଳିଥିବା ସୂଚନାକୁ ଆଧାର କରି ସିଏନ୍‌ଏନ୍ ଏନେଇ ଖବର ପରିବେଶଣ କରିଛି । ଆମେରିକା ବଡ଼ ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ । ଏହି ସମ୍ଭାବ୍ୟ ଆକ୍ରମଣ ପାଇଁ ସ୍ଥାନ ସ୍ଥିର କରିବାକୁ ଟ୍ରମ୍ପ ଆଲୋଚନା କରିଛନ୍ତି ବୋଲି ଆମେରିକୀୟ ଅଧିକାରୀମାନେ କହିଛନ୍ତି । ଇତିମଧ୍ୟରେ ଆମେରିକା ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ ଆମେରିକା ନୌସେନାର ଅତ୍ୟାଧୁନିକ ଓ ସବୁଠାରୁ ବଡ଼ ଏୟାରକ୍ରାଫ୍ଟ କ୍ୟାରିଅର ଷ୍ଟ୍ରାଇକ ଗ୍ରୁପ୍ ୟୁଏସ୍‌ଏସ୍ ଜେରାଲ୍ଡ ଆର ଫୋର୍ଡକୁ ୟୁରୋପରୁ କ୍ୟାରିବିୟାନ ଅଞ୍ଚଳକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଭେନେଜୁଏଲାରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଟ୍ରମ୍ପ ସିଆଇଏକୁ ଔପଚାରିକ ଭାବେ ଦାୟିତ୍ୱ ପ୍ରଦାନ କରିଛି । ତେବେ ଆମେରିକାର ଡ୍ରଗ୍ସର ଗତିବିଧିକୁ ରୋକିବା ପାଇଁ ଭେନେଜୁଏଲା ସହ କୂଟନୈତିକ ଆଲୋଚନାର ବିକଳ୍ପ ରହିଛି ବୋଲି ଟ୍ରମ୍ପ କହିଛନ୍ତି । ଅପରପକ୍ଷରେ ଆମେରିକା ଆକ୍ରମଣ କଲେ ଭେନେଜୁଏଲା ଏହାର କଡ଼ା ଜବାବ ଦେବ ବୋଲି ରାଷ୍ଟ୍ରପତି ନିକୋଲାସ ମାଦୁରୋ କହିଥିଲେ । ଏଥିପାଇଁ ଭେନେଜୁଏଲା ୫, ୦୦୦ ଇଗଲା- ଏସ୍ ମିସାଇଲ୍ ନିୟୋଜିତ କରିଛି ବୋଲି ସେ କହିଥିଲେ ।

# ଦିଲ୍ଲୀରେ ସୁଧୁରୁନି ପ୍ରଦୂଷଣ, ଏକ୍ୟୁଆଇ ୪୦୦ ପାର୍



ନୂଆଦିଲ୍ଲୀ, ୨୫ ।୧୦(ଏଜେନ୍ସି): ଦୀପାବଳି ପରେ ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣ କ୍ରମାଗତ ଭାବେ ବଢ଼ି ଚାଲିଛି । ଶନିବାର ପୂର୍ବ ଦିଲ୍ଲୀର ଆନନ୍ଦ ବିହାରରେ ଏକ୍ୟୁଆଇ ସ୍ତର ୪୧୨ରେ ପହଞ୍ଚିଛି । ଫଳରେ ପ୍ରଦୂଷଣ ଏବେ ଗମ୍ଭୀର ରୂପ ଧାରଣ କରିଛି । ଦିଲ୍ଲୀରେ ବହୁ ଅଞ୍ଚଳରେ ବାୟୁର ମାନ ଖରାପ ରହିଛି । ଏଥିପାଇଁ ଜନପଥ ରୋଡ୍‌ରେ ପାର୍ଟିକୁଲେଟ୍ ମ୍ୟାଟର ଉଚ୍ଚସ୍ତରରେ ପହଞ୍ଚିଥିବାରୁ ଏହାକୁ ମୁକାବିଲା କରିବାକୁ ସଡ଼କରେ ପାଣି ଛିଞ୍ଚା ଯାଉଛି । ଦୀପାବଳି ପରେ ମାତ୍ର କେତେଦିନ ମଧ୍ୟରେ ଦିଲ୍ଲୀରେ ନିଃଶ୍ୱାସ ନେବା କଷ୍ଟକର ହୋଇ ପଡ଼ିଛି । ଶ୍ୱାସ ଓ ଏଲର୍ଜିକ ବ୍ରୋଙ୍କାଇଟିସ୍ ରୋଗୀଙ୍କ ସଂଖ୍ୟାରେ ପାଖାପାଖି ୩୦ ପ୍ରତିଶତ ବୃଦ୍ଧି ହୋଇଛି । ମାସ୍କ ବ୍ୟବହାର କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି । ଅନ୍ୟପଟେ ଉତ୍ତର ଭାରତରେ ତାପମାତ୍ରରେ ଅବନତୀ ପରିଲକ୍ଷିତ ହୋଇଛି । ଟାବୁ, ଲାହାଉଲ- ସ୍ପିତି, ହିମାଚଳରେ ତାପମାତ୍ରା ମାଇନ୍‌ସ ୨ ଡିଗ୍ରୀରେ ପହଞ୍ଚିଛି । ସେହିପରି ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଭଳି ସମତଳ ଅଞ୍ଚଳରେ ମଧ୍ୟ ତାପମାତ୍ରାରେ ମଧ୍ୟ ଅବନତୀ ହୋଇଛି । ଶନିବାର ସକାଳେ ବାରଣାସୀର ଗଙ୍ଗା ଘାଟରେ ଘନ କୁହୁଡି ଦେଖିବାକୁ ମିଳିଥିଲା ।

# ୮ ଜଣଙ୍କ ଉପରେ ଚଢ଼ିଗଲା କାର୍, ୫ ମୃତ



ଆଗ୍ରା, ୨୫ ।୧୦(ଏଜେନ୍ସି): ଆଗ୍ରାରେ ଶୁକ୍ରବାର ଦ୍ରୁତଗତିରେ ଯାଉଥିବା ଏକ କାର ଜଣେ ବାଇକ୍ ଚାଳକଙ୍କ ସମେତ ୮ ଜଣ ଲୋକଙ୍କ ଉପରେ ଚଢ଼ିଯାଇଥିଲା । ଏଥିରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ସମସ୍ତଙ୍କୁ ସରୋଜିନୀ ନାଇଡୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ୫ ଜଣଙ୍କୁ ମୃତ ଘୋଷିତ କରିଥିଲେ । ନାଗଲା ବୁଢ଼ୀ ନିକଟସ୍ଥ ନ୍ୟୁ ଆଗ୍ରା ଥାନା ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଥିଲା । ଦ୍ରୁତଗତିରେ ଆସୁଥିବା ଟାଟା ନେକ୍ସନ କାର୍ ପ୍ରଥମେ ରୋଡ ଡିଭାଡରକୁ ଧକ୍କା ଦେବା ପରେ ରାସ୍ତା କଡ଼ରେ ଥିବା ଲୋକଙ୍କ ଉପରେ ଚଢ଼ିଯାଇଥିଲା । ପୁଲିସ କାର୍ ଚାଳକଙ୍କୁ ଗିରଫ କରାଯିବା ସହ କାର୍‌କୁ ଜବତ କରିଛି । କାର ଚାଳକ ମଦ୍ୟପାନ କରିଛନ୍ତି କି ନା ସେ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁଃଖ ପ୍ରକାଶ କରିଛନ୍ତି । ଆହତଙ୍କର ଉନ୍ନତ ଚିକିତ୍ସା ପାଇଁ ସେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ଘଟଣା ପରେ କାର୍ ଚାଳକଙ୍କୁ ସ୍ଥାନୀୟ ଲୋକ ଧରି ପିଟିବାକୁ ଆରମ୍ଭ କରିଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚାଳକଙ୍କୁ ଗିରଫ କରି ନେଇଯାଇଥିଲା ।



# ସ୍ମାର୍ଟ ଫୋନ୍ ଯୋଗୁଁ ଭୟଙ୍କର ହୋଇଥିଲା ବିସ୍ଫୋରଣ

## ବସରେ ଯାଉଥିଲା ୨୩୪ଟି ସ୍ମାର୍ଟ ଫୋନ୍

କୁର୍ଣ୍ଣୁଲ, ୨୫ ।୧୦(ଏଜେନ୍ସି): ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲରେ ହୋଇଥିବା ଏସି ସ୍ଲିପର ବସ୍ ଦୁର୍ଘଟଣାରେ ଏକ ନୂଆ କଥା ସାମ୍ନାକୁ ଆସିଛି । ଶୁକ୍ରବାର ରାତିରେ ଯେଉଁ ବସ୍‌ରେ ନିଆଁ ଲାଗି ୨୦ ଜଣ ଯାତ୍ରୀ ମୃତ୍ୟୁବରଣ କରିଥିଲେ, ସେହି ବସ୍‌ରେ ୨୩୪ଟି ସ୍ମାର୍ଟ ଫୋନ୍ ଥିଲା । ନିଆଁ ଲାଗିବା ପରେ ଏହି ସ୍ମାର୍ଟ ଫୋନ୍‌ଗୁଡିକର ବ୍ୟାଟେରୀ ଯୋଗୁଁ ଭୟଙ୍କର ବିସ୍ଫୋରଣ ହୋଇଥିଲା ବୋଲି ଫରେନସିକ୍ ଟିମ୍ କହିଛି । ଫଳରେ ଯାତ୍ରୀମାନଙ୍କ ଜୀବନ ବଞ୍ଚାଇବା ପାଇଁ କୌଣସି ସୁଯୋଗ ମିଳି ନଥିଲା । ଏହି ୨୩୪ଟି ମୋବାଇଲ ଫୋନ୍ ଗୁଡିକୁ ହାଇଦରାବାଦ୍‌ର ଜଣେ ବ୍ୟବସାୟୀ ପାର୍ସଲ ଜରିଆରେ ବେଙ୍ଗାଲୁରୁ ପଠାଉଥିଲେ । ନିଆଁ ଲାଗିବା ପରେ ହିଁ ଫୋନ୍‌ଗୁଡିକର ବ୍ୟାଟେରୀରେ ବିସ୍ଫୋରଣ ହୋଇଥିଲା । ଫଳରେ ନିଆଁ ଦ୍ରୁତଗତିରେ ବ୍ୟାପିଯାଇଥିଲା । ବସ୍‌ର ଏୟାର କଣ୍ଡିସନିଂ ସିଷ୍ଟମରେ ବ୍ୟବହାର ହେଉଥିବା ଇଲେକଟ୍ରିକ ବ୍ୟାଟେରୀଗୁଡକ ମଧ୍ୟ ଫାଟି ଯାଇଥିଲା ବୋଲି ଫାୟାର ବ୍ରିଗେଡ଼ ଡିଆଇଜି କହିଛନ୍ତି । ନିଆଁ ଲାଗିବା ଯୋଗୁଁ ତାପ ଏତେ ମାତ୍ରାରେ ବଢ଼ିଥିଲା ଯେ, ବସ୍‌ର ଫ୍ଲୋରରେ ଥିବା ଆଲମୁନିୟମ ସିଟ୍ ମଧ୍ୟ ତରଳି ଯାଇଥିଲା ।

ସେ କହିଛନ୍ତି ଯେ ଫୁଏଲ ଲିକେଜ ହେବା କାରଣରୁ ପ୍ରଥମେ ନିଆଁ ଲାଗିଥିଲା । ବାଇକ୍‌କୁ ବସ୍ ଧକ୍କା ଦେବା ପରେ ତୈଳ କ୍ଷରଣ ହୋଇଥିଲା । ବାଇକ୍ କିଛିବାଟ ବସ ସହ ଘସି ହେବା କାରଣରୁ ପେଟ୍ରୋଲରେ ନିଆଁ ଲାଗିଥିଲା । ଫଳରେ ନିଆଁ ପୂରା ବସ୍‌କୁ ବ୍ୟାପିଯାଇଥିଲା । ବସର ଓଜନ କମାଇବାକୁ ଓ ଗତି ବଢ଼ାଇବା ପାଇଁ ଲୁହା ବଦଳରେ ହାଲକା ଆଲମୁନିୟମର ବହୁଳ ବ୍ୟବହାର କରାଯାଇଥିଲା । କିନ୍ତୁ ଜରୁରୀକାଳୀନ ସ୍ଥିତିରେ ଏହା ବିପଜ୍ଜନକ ସାବ୍ୟସ୍ତ ହେଲା ବୋଲି ସେ କହିଛନ୍ତି ।

ସେପଟେ କୁର୍ଣ୍ଣୁଲ ପୁଲିସ ଦୁର୍ଘଟଣା ପରେ ଫେରାର୍ ଥିବା ବସ୍ ଡ୍ରାଇଭର ଓ କ୍ଲିନରଙ୍କୁ ଗିରଫ କରିଛି । ନିଆଁ ଲାଗିବା ପରେ ବସ୍ ଅଟକି ଥିଲା ଓ ଦୁହେଁ ପ୍ୟାସେଞ୍ଜର ଡୋର ଦେଇ ବାହାରକୁ ଡେଇଁ ପଡ଼ିଥିଲେ । ଦୁର୍ଘଟଣାର ଗମ୍ଭୀରତା ବିଷୟରେ ଦୁଇଜଣ ଅଜ୍ଞ ଥିଲେ । ଏହି ବସ୍‌ର ତୈଳ ଟାଙ୍କିକୁ ଏକ ବାଇକ୍ ଧକ୍କା ଦେବା ଫଳରେ ଦୁର୍ଘଟଣା ଘଟିଥିଲା । ବାଇକ ଚାଳକ ଶିବଶଙ୍କର ନିଶାରେ ଚୁର୍ ଥିଲେ । ଘଟଣାସ୍ଥଳ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପର ସିସିଟିଭି ଫୁଟେଜ୍‌ରୁ ଶିବଶଙ୍କର ନିଶାରେ ଥିଲେ ବୋଲି ଜଣାପଡ଼ିଛି । ୪୪ ନଂ ଜାତୀୟ ରାଜପଥରେ ହୋଇଥିବା ଏହି ଦୁର୍ଘଟଣାରେ ୨୦ଜଣ ଲୋକ ଜିଅନ୍ତା ଜଳିଯାଇ ମୃତ୍ୟୁବରଣ କରିଥିଲେ । ସେହିପରି ୧୯ ଜଣ ବସ୍‌ରୁ ଡେଇଁ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ । ମୃତମାନଙ୍କ ମଧ୍ୟରେ ଓଡ଼ିଶାର ଜଣେ ସଫ୍ଟୱୟାର ଇଞ୍ଜିନିୟର ଥିଲେ ବୋଲି ଜଣାପଡ଼ିଛି । ସେ ହେଉଛନ୍ତି ରାୟଗଡ଼ା ଜିଲ୍ଲାର ଦୀପକ କୁମାର ।

## ନିବେଶ ଲୋଭ ଦେଖାଇ ଲୁଟୁଛନ୍ତି ସାଇବର ଠକ

# ୬ ମାସରେ ଠକିନେଲେ ୧୫୦୦ କୋଟି

ବେଙ୍ଗାଲୁରୁ, ୨୫।୧୦ (ଏଜେନ୍ସି): ଲୋଭ ସବୁଠାରୁ ବଡ଼ ଶତ୍ରୁ । ଏହି ଲୋଭ ପାଇଁ ମଣିଷ ରାତାରାତି ବଡ଼ ଲୋକ ହେବାକୁ ଚାହିଁଥାଏ । ଏହି ସ୍ୱପ୍ନ ସାକାର କରିବା ପାଇଁ କୁକର୍ମ କରିବାକୁ ବି ପଛାଇ ନ ଥାଏ । ଆଉ ଏହି ଲୋଭର ଲାଭ ଉଠାଉଛନ୍ତି ସାଇବର ଠକ । ଜ୍ଞାନକୌଶଳ ଏବଂ ପ୍ରଯୁକ୍ତିବିଦ୍ୟାକୁ ଭିତ୍ତି କରି ଲୁଟିଛନ୍ତି ଲୋକଙ୍କ ପରିଶ୍ରମ ଉପାର୍ଜିତ ଧନ । ଗତ ଛଅ ମାସରେ ଦେଶର ପ୍ରାୟ ୩୦ ହଜାର ଲୋକ ଏଭଳି ଠକାମିର ଶିକାର ହୋଇଛନ୍ତି । ଏମାନଙ୍କଠାରୁ ସାଇବର ଠକ ପ୍ରାୟ ୧୫୦୦ କୋଟି ଟଙ୍କା ଲୁଟି ନେଇଛନ୍ତି । ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ କୌଣସି ଗ୍ରାମାଞ୍ଚଳରେ ନୁହେଁ, ବରଂ ଦେଶର ପ୍ରମୁଖ ସହର ଗୁଡିକରେ ଏହି ଲୁଟ୍ ହୋଇଛି । ଲୋକଙ୍କୁ ନିବେଶ ଆଳରେ ଭଲ ରିଟର୍ଣ୍ଣ ଦେବାର ଲୋଭ ଦେଖାଇ ଏହି ହରିଲୁଟ୍ ଚାଲିଛି । ସ୍ୱରାଷ୍ଟ୍ର ମନ୍ତ୍ରାଳୟର ସାଇବର ଶାଖା ପକ୍ଷରୁ ଏହି ସୂଚନା ଦିଆଯାଇଛି ।

ଇଣ୍ଡିଆନ ସାଇବର କ୍ରାଇମ କୋଅର୍ଡିନେସନ ସେଣ୍ଟର (ଆଇ୪ସି)ର ରିପୋର୍ଟ ଅନୁଯାୟୀ, ସାଇବର ଠକମାନେ ୩୦ରୁ ୬୦ ବର୍ଷ ବୟସ୍କଙ୍କୁ ସର୍ବାଧିକ ନିଶାଣ କରୁଛନ୍ତି । ସିଲିକନ ସିଟି, ଦିଲ୍ଲୀ-ଏନ୍‌ସିଆର ଏବଂ ହାଇଦରାବାଦରୁ ଏଭଳି ଠକେଇର ୬୫ ପ୍ରତିଶତ ମାମଲା ସାମ୍ନାକୁ ଆସିଛି । ଏହି ଠକାମିରେ ବେଙ୍ଗାଲୁରୁ ସର୍ବାଧିକ ପ୍ରଭାବିତ ହୋଇଛି । ଗତ ୬ ମାସରେ ଲୋକେ ହରାଇଥିବା ଅର୍ଥର ୨୬.୩୮ ପ୍ରତିଶତ ଲୁଟ୍ ବେଙ୍ଗାଲୁରୁରେ ହୋଇଛି । ଏହି ସବୁ ସହର ସାଇବର ଠକଙ୍କ ନଜରରେ ରହିଛି । ଟଙ୍କା ଚାହୁଁଥିବା ଲୋକଙ୍କୁ ସାଇବର ଠକ ନିଜର ଶିକାର ବନାଉଛନ୍ତି ।

**ବେଙ୍ଗାଲୁରୁର ସର୍ବାଧିକ ବ୍ୟକ୍ତି ଠକାମିର ଶିକାର**

**ମୁଣ୍ଡପିଛା ଠକେଇରେ ଦିଲ୍ଲୀ ଆଗରେ**

ଗତ କିଛି ବର୍ଷ ହେଲା ଏଭଳି ଠକେଇ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି । ବରିଷ୍ଠ ନାଗରିକ ମଧ୍ୟ ଏଥିରୁ ବାଦ୍ ପଡୁନାହାନ୍ତି । ଏହି ବୟସର ୨୮୨୯ ଜଣ ଠକାମିର ଶିକାର ହୋଇଛନ୍ତି ।

ନିବେଶ ଠକେଇ ଏକ ବଡ଼ ସମସ୍ୟା ପାଲଟି ଗଲାଣି । ସାଇବର ଠକମାନେ ଜଣଙ୍କଠାରୁ ହାରାହାରି ପ୍ରାୟ ୫୧.୩୮ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି । ଏହା ଲୋକଙ୍କ ଆର୍ଥିକ ସ୍ଥିତି ଉପରେ ଗଭୀର ପ୍ରଭାବ ପକାଉଛି । ତେବେ ମୁଣ୍ଡ ପିଛା ଠକେଇରେ ଦିଲ୍ଲୀ ଆଗରେ ରହିଛି । ଏଠାରେ ଜଣେ ପିଛା ପ୍ରାୟ ୮ ଲକ୍ଷ ଟଙ୍କା ହରାଇଛନ୍ତି । ଏଭଳି ଠକେଇ ପାଇଁ ସାଇବରଠକ ଯୋଜନାବଦ୍ଧ ପ୍ରୟାସ କରୁଛନ୍ତି । ମେସେଜିଂ ଆପ୍, ଡିଜିଟାଲ ଚ୍ୟାନେଲ, ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଏଥିରେ ପ୍ରମୁଖ ଭୂମିକା ନେଉଛି । ଟେଲିଗ୍ରାମ ଏବଂ ହ୍ୱାଟସଆପ ଆକାଉଣ୍ଟ ମାଧ୍ୟମରେ ପ୍ରାୟ ୨୦ ପ୍ରତିଶତ ଠକେଇ ହେଉଛି । ସୁବିଧାରେ ଗ୍ରୁପ ତିଆରି କରି ବନେଇବୁନେଇ କହିପାରିଲେ ଲୋକେ ଭରସାକୁ ନେଇ ଯାଉଛନ୍ତି ।

ରିପୋର୍ଟ ଅନୁଯାୟୀ ଏହି ଠକେଇ ପାଇଁ ଲିଙ୍କଡଇନ ଏବଂ ଟ୍ୱିଟର ଭଳି ପ୍ଲାଟଫର୍ମକୁ ସବୁଠୁ କମ୍ ବ୍ୟବହାର କରାଯାଉଛି । ମୋଟ ଠକେଇରେ ଏହାର ଯୋଗଦାନ ମାତ୍ର ୦.୩୩ ପ୍ରତିଶତ ରହିଛି । ଅନ୍ୟ ଶ୍ରେଣୀର ଲେବୁଲ ପାଇଥିବା ପ୍ଲାଟଫର୍ମ ମାଧ୍ୟମରେ ପ୍ରାୟ ୪୧.୮୭ ପ୍ରତିଶତ ଠକେଇ ହେଉଛି । ଅର୍ଥାତ୍ ଯାଞ୍ଚ କରାଯାଇ ନ ଥିବା ପ୍ଲାଟଫର୍ମକୁ ବ୍ୟବହାର କରି ସାଇବର ଲୋକଙ୍କୁ ଲୁଟିବାରେ ଲାଗିଛନ୍ତି ।

# ଦିଲ୍ଲୀ ବିମାନକୁ ଧକ୍କା ଦେଲା ପକ୍ଷୀ


ନୂଆଦିଲ୍ଲୀ, ୨୫ ।୧୦(ଏଜେନ୍ସି): ନାଗପୁରରୁ ରାଜଧାନୀ ଦିଲ୍ଲୀ ଯାଉଥିବା ଏୟାର ଇଣ୍ଡିଆ ବିମାନ ଏଆଇ- ୪୬୬କୁ ଏକ ପକ୍ଷୀ ଧକ୍କା ଦେଇଥିଲା । ନାଗପୁର ରନୱେରେ ଶୁକ୍ରବାର ବିମାନ ଟେକ୍ ଅଫ୍ କରିବାର କିଛି ମିନିଟ୍ ମଧ୍ୟରେ ଏହି ଘଟଣା ଘଟିଥିଲା । ଫଳରେ ବିମାନ ପ୍ରତ୍ୟାବର୍ତ୍ତନ କରି ପୁଣି ଥରେ ନାଗପୁର ବିମାନବନ୍ଦରରେ ଅବତରଣ କରିଥିଲା । ଏଥିରେ କୌଣସି କ୍ଷୟକ୍ଷତି ହୋଇନାହିଁ ଓ ସବୁ ୧୭୦ ଜଣ ଯାତ୍ରୀ ସୁରକ୍ଷିତ ଅଛନ୍ତି ବୋଲି ବିମାନ ବନ୍ଦର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ବିମାନ ଉପରକୁ ଉଠିବା ପରେ ପକ୍ଷୀଟି ଇଞ୍ଜିନ କିମ୍ବା ଡେଣା ପାଖରେ ଧକ୍କା ଦେଇଥିଲା । ଏଭଳି ଘଟଣା ବିମାନର ଟେକ୍ ଅଫ୍ କିମ୍ବା ଲ୍ୟାଣ୍ଡିଂ ବେଳେ ଘଟିଥାଏ । ପକ୍ଷୀ ମାଡ ହେବା ପରେ ପାଇଲଟ ତୁରନ୍ତ ମାନୁଆଲ ରିଟର୍ଣ୍ଣ ଟୁ ଅରିଜିନାଲ (ଆରଟିଓ)ର ନିଷ୍ପତ୍ତି ନେଇଥିଲେ । ଏହାପରେ ପାଇଲଟ୍ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)କୁ ସୂଚନା ଦେଇଥିଲେ ଓ ସୁରକ୍ଷିତ ଭାବେ ବିମାନକୁ ଅବତରଣ କରାଇବାକୁ ପ୍ରସ୍ତୁତି କରିଥିଲେ । ଏହାପରେ ବିନା କୌଣସି ସମସ୍ୟାରେ ବିମାନକୁ ସୁରକ୍ଷିତ ଭାବେ ଅବତରଣ କରାଯାଇଥିଲା ।

# କ୍ୟାମେରା ସାମ୍ନାରେ ଦୁଇଭାଇଙ୍କୁ ହତ୍ୟା

ଶାହଦୋଲ, ୨୫ ।୧୦(ଏଜେନ୍ସି): ମଧ୍ୟପ୍ରଦେଶର ଶାହଦୋଲର କେଶଭି ଥାନା ଅଞ୍ଚଳରେ ଥିବା ବଲବାହାର ଗାଁରେ ଏକ ବିଚଳିତ କଲା ଭଳି ଘଟଣା ସାମ୍ନାକୁ ଆସିଛି । କ୍ୟାମେରା ସାମ୍ନାରେ ଦୁଇ ଭାଇଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି । ଖଣ୍ଡା, ଟାଙ୍ଗିଆ ଓ ବାଡ଼ି ସାହାଯ୍ୟରେ ଦୁଇ ଭାଇଙ୍କୁ ଆକ୍ରମଣ କରି ଏହି କାଣ୍ଡ ଘଟାଯାଇଛି । ଘଟଣା ସ୍ଥଳରେ ହିଁ ଦୁଇ ଭାଇ ମୃତ୍ୟୁବରଣ କରିଥିଲେ ଓ ଆଉ ଜଣେ ଆହତ ହୋଇଥିଲେ । ଆହତ ଜଣକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଜମିବାଡ଼ି ବିବାଦ କାରଣରୁ ଏହି ଡବଲ ମର୍ଡର ହୋଇଛି ବୋଲି ପୁଲିସ ଅନୁମାନ କରିଛି । ଦୁଇଭାଇ ନିଜର ଅଟୋପାର୍ଟସ୍ ଦୋକାନରେ ଦୀପ ଜାଳିବାକୁ ଯାଇଥିଲେ । ଏତିକି ବେଳେ ୧୦ରୁ ଊର୍ଦ୍ଧ୍ୱ ଲୋକ ଆକ୍ରମଣ କରିଥିଲେ । ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ପୁଲିସ ଏହି ଘଟଣାରେ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ବାକି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୁଲିସ ଖୋଜା ଜାରି ରଖିଛି ।

# ୟୁକ୍ରେନରେ ପୁଣି ରୁଷ ଆକ୍ରମଣ: ୪ ମୃତ

କିଭ, ୨୫।୧୦ (ଏଜେନ୍ସି): ରୁଷ-ୟୁକ୍ରେନ ଯୁଦ୍ଧ ଥମିବା ପରିବର୍ତ୍ତେ ଭୟଙ୍କର ରୂପ ଧାରଣ କରିବାରେ ଲାଗିଛି । ଆମେରିକା ପ୍ରୟାସ ସତ୍ତ୍ୱେ ଏହି ଯୁଦ୍ଧରେ ବ୍ରେକ୍ ଲାଗିପାରୁନାହିଁ । ତେଣୁ ରୁଷ୍ କମ୍ପାନୀ ଉପରେ ଆମେରିକା କଟକଣା ଲଗାଇବାର ଦୁଇ ଦିନ ପରେ ଭ୍ଲାଦିମିର ପୁଟିନଙ୍କ ସେନା ଶୁକ୍ରବାର ରାତିରେ ୟୁକ୍ରେନ ରାଜଧାନୀ କିଭରେ ଭୟଙ୍କର ଆକ୍ରମଣ କରିଛି । ଏଥିରେ ଇସ୍କନ୍ଦର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବ୍ୟବହାର କରାଯାଇଛି । ଏହା ୟୁକ୍ରେନର ଶକ୍ତି ଭିତ୍ତିଭୂମି ଏବଂ ରେଳ ବ୍ୟବସ୍ଥାକୁ ଧ୍ୱଂସ କରିଦେଇଛି । ଏହି ଆକ୍ରମଣରେ ଚାରି ଜଣ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି ଏବଂ ୧୩ ଜଣ ଆହତ ହୋଇଛନ୍ତି । ୟୁକ୍ରେନ ସରକାର ଏହାକୁ



"ଯୁଦ୍ଧ ଅପରାଧ" କହିଛନ୍ତି । ତୁରନ୍ତ ଅନ୍ତର୍ଜାତୀୟ ସମୁଦାୟର ହସ୍ତକ୍ଷେପ କରିବାକୁ ୟୁକ୍ରେନ ଦାବି କରିଛି ।

ରାତି ପ୍ରାୟ ୧୧ଟାରେ ରୁଷ ଏହି ଆକ୍ରମଣ କରିଥିଲା । କିଭ୍ ଉପକଣ୍ଠରେ ଥିବା ପ୍ରମୁଖ ବିଦ୍ୟୁତ୍ କେନ୍ଦ୍ର, ରେଳ ଜଙ୍କସନ୍ ଏବଂ କୋଇଲା ଖଣିକୁ ନିଶାଣ କରାଯାଇଥିଲା । ୫୦୦ କିମି ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା ଏବଂ ୭୦୦ କେଜି ବିସ୍ଫୋରକ ବହନ କରିପାରୁଥିବା ଇସ୍କନ୍ଦର୍ କ୍ଷେପଣାସ୍ତ୍ରଗୁଡ଼ିକ ସହରର ବିଦ୍ୟୁତ୍ ଗ୍ରୀଡ୍‌କୁ ଅଚଳ କରିଦେଇଥିଲା । ଏଥିଯୋଗୁଁ ବିଦ୍ୟୁତ ଯୋଗାଣ ପ୍ରଭାବିତ ହୋଇଛି । ସେହିପରି ଦିପ୍ରୋପେଟ୍ରୋଭାକ୍ସ ଓବ୍ଲାଷ୍ଟ ଅଞ୍ଚଳରେ ଥିବା କୋଇଲା ଖଣି ଉପରେ ରୁଷ ଆକ୍ରମଣ କରିଛି । ଏହି ସମୟରେ ଭୂତଳ ଖଣିରେ ୪୯୬ ଜଣ ଶ୍ରମିକ କାମ କରୁଥିଲେ । ତେବେ ଶ୍ରମିକଙ୍କ କୌଣସି କ୍ଷତି ହୋଇ ନ ଥିବା ଜଣାପଡିଛି । ଗତ ଦୁଇ ସପ୍ତାହ ମଧ୍ୟରେ ସପ୍ତମ ଥର ପାଇଁ କୋଇଲା ଖଣି ଉପରେ ଏପରି ଆକ୍ରମଣ କରାଯାଇଛି ।

# ପାକିସ୍ତାନର ପରମାଣୁ ନିୟନ୍ତ୍ରଣ ବ୍ୟବସ୍ଥାକୁ ଆମେରିକା ହାତରେ ଟେକିଦେଇଥିଲେ ମୁଶାରଫ୍!

ୱାଶିଂଟନ, ୨୫।୧୦ (ଏଜେନ୍ସି): ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ପରଭେଜ ମୁଶାରଫ ଆମେରିକା ପାଖରେ ନିଜକୁ ବିକ୍ରି କରିଦେଇଥିଲେ । ସେ ଦେଶର ପରମାଣୁ ଅସ୍ତ୍ରଶସ୍ତ୍ରକୁ ଆମେରିକାକୁ ପ୍ରଦାନ କରିଦେଇଥିଲେ । ୧୫ ବର୍ଷ ପର୍ଯ୍ୟନ୍ତ ପାକିସ୍ତାନରେ କାମ କରିଥିବା ଆମେରିକାର ପୂର୍ବତନ ଗୁଇନ୍ଦା ଅଧିକାରୀ ଜନ୍ କିରାକାଉ ଏହି ଗୁମର ଖୋଲିଛନ୍ତି । ପାକିସ୍ତାନରେ ଆତଙ୍କବାଦୀ ନିରୋଧି ଅଭିଯାନର ମୁଖ୍ୟ ଭାବେ କାର୍ଯ୍ୟ କରିଥିବା କିରିକାଉ ଅନେକ ବଡ଼ ବଡ଼ ଦାବି କରିଛନ୍ତି । ପାକିସ୍ତାନ ସହ ଆମେରିକାର ଡିଲ୍, ପରମାଣୁ କୂଟନୀତିରେ ସାଉଦି ଆରବର ପ୍ରଭାବ ଏବଂ କ୍ଷମତା କେନ୍ଦ୍ର ଦକ୍ଷିଣ ଏସିଆକୁ ସ୍ଥାନାନ୍ତର ହେବାକୁ ନେଇ ଅନେକ ସୂଚନା ଦେଇଛନ୍ତି । ସେ ଏକ ସାକ୍ଷାତକାରରେ ଦାବି କରିଛନ୍ତି ଯେ ଲକ୍ଷ ଲକ୍ଷ ଡଲାରର ସାମରିକ ଏବଂ ଆର୍ଥିକ ସହାୟତା ଦେଇ ପରଭେଜ ମୁଶାରଫଙ୍କୁ ଆମେରିକା କିଣି ନେଇଥିଲା । ଏହା ବଦଳରେ ମୁଶାରଫ ଆମେରିକାକୁ ସବୁ କିଛି କରିବାକୁ ଦେଇଥିଲେ । ତାଙ୍କ ଶାସନକାଳରେ ପାକିସ୍ତାନର ସୁରକ୍ଷା ଏବଂ ସାମରିକ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଭାବେ ଆମେରିକା ନିୟନ୍ତ୍ରଣରେ ଥିଲା । ତେବେ ମୁଶାରଫ ଦୋମୁହାଁ ନୀତି ଅବଲମ୍ବନ କରିଥିଲେ । ଗୋଟିଏ ପଟେ ଆମେରିକା ସହ ଦେଖେଇ ହେଉଥିଲେ ଏବଂ ଅନ୍ୟପଟେ ପାକ୍ ସେନା ଓ ଆତଙ୍କବାଦୀଙ୍କୁ ଭାରତ ବିରୋଧୀ କାର୍ଯ୍ୟକଳାପ ଜାରି ରଖିବାକୁ ଅନୁମତି ଦେଇଥିଲେ ।

କିରାକାଉ ଦାବି କରିଛନ୍ତି ଯେ ୨୦୦୨ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହେବାର ଥିଲା । ଇସଲାମାବାଦରୁ ଆମେରିକୀୟ ଅଧିକାରୀଙ୍କ ପରିବାରକୁ ବାହାର କରିଦିଆଯାଇଥିଲା । ତେଣୁ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ହେବାର ଆଶଙ୍କା ରହିଥିଲା । ସେହିପରି ୨୦୦୧ର ସଂସଦ ଆକ୍ରମଣ ପରେ ଭାରତ 'ଅପରେସନ ପରାକ୍ରମ' ଆରମ୍ଭ କରିଥିଲା । ତେବେ ଆମେରିକା ଉପବିଦେଶ ମନ୍ତ୍ରୀ ଦିଲ୍ଲୀ ଏବଂ ଇସଲାମାବାଦ ଗସ୍ତ କରି ଦୁଇ ଦେଶ ମଧ୍ୟରେ ଚୁକ୍ତି କରାଇ ଥିଲେ । ୨୦୦୮ ମୁମ୍ବଇ ଆକ୍ରମଣକୁ ନେଇ କିରାକାଉ କହିଥିଲେ ଯେ ପାକିସ୍ତାନକୁ ଅଲକାଏଦାର ଚିନ୍ତା ନ ଥିଲା । ଏହି ଆକ୍ରମଣ ଅଲକାଏଦା ନୁହେଁ, ପାକିସ୍ତାନ କରିଥିଲା । ଏହି ଦେଶ ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପ ବଢାଉ ଥିଲା । ଏହାକୁ ବନ୍ଦ କରିବାକୁ କିଛି କରି ନ ଥିଲା । ସେହିପରି ପାକିସ୍ତାନ ପରମାଣୁ ବୈଜ୍ଞାନିକ ଅବଦୁଲ କାଦିର ଖାନଙ୍କୁ ସାଉଦି ଆରବ ସୁରକ୍ଷା ଦେଇଥିବା ସେ ଦାବି କରିଛନ୍ତି । କାଦିରଙ୍କୁ କିଛି ନ କରିବା ପାଇଁ ସାଉଦି ଆମେରିକାକୁ କହିଥିଲା । ତେଣୁ ତାଙ୍କୁ ଛାଡ଼ି ଦିଆଯାଇଥିଲା । କିରାକାଉ ଆମେରିକା ବିଦେଶୀ ନୀତି ଉପରେ ପ୍ରଶ୍ନ ଉଠାଇଛନ୍ତି । ଆମେରିକା କେବଳ ଗଣତନ୍ତ୍ରକୁ ନେଇ ଦେଖେଇ ହେଉଛି ତଥା ଛଳ କରୁଛି । କିନ୍ତୁ ପ୍ରକୃତରେ ଆମେରିକା ନିଜ ସ୍ୱାର୍ଥ ଅନୁଯାୟୀ କାମ କରୁଛି । ସାଉଦି ଏବଂ ଆମେରିକାର ସମ୍ପର୍କ ମଧ୍ୟ କାରବାର ଉପରେ ଆଧାରିତ । ଏବେ ବିଶ୍ୱରେ ଶକ୍ତି ସନ୍ତୁଳନ ବଦଳିବାରେ ଲାଗିଛି । ସାଉଦି, ଚୀନ୍ ଏବଂ ଭାରତ ନିଜ ରଣନୈତିକ ଭୂମିକାକୁ ନୂଆ ରୂପ ଦେଉଛନ୍ତି ।

■ ହିନ୍ଦୋଳରେ ଚାଞ୍ଚଲ୍ୟ

## ନିଜକୁ ଜାଳିଦେଲେ ପୂର୍ବତନ ଗ୍ରାମ ସଭାପତି

ହିନ୍ଦୋଳ/ଖଜୁରିଆକଟା, ୨୫।୧୦(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍, ବାଲିମି ଥାନା ଠୋକର ଗ୍ରାମର ପୂର୍ବତନ ସଭାପତି ସନ୍ତୋଷ ସାମଲ (୫୭) ଆତ୍ମାହୁତି ଦେଇଛନ୍ତି। ଦେହରେ ପେଟ୍ରୋଲ ଢାଳି ନିଜକୁ ଜାଳି ଦେଇଛନ୍ତି। ତେବେ କେଉଁ କାରଣରୁ ସେ ଏଭଳି ଚରମ ପଦକ୍ଷେପ ନେଲେ, ତାହା ଜଣାପଡ଼ିନାହିଁ।



ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସନ୍ତୋଷ ବାଇକ୍ ଯୋଗେ ଘରୁ ବାହାରିଥିଲେ। ବାଲିମି ଗ୍ରାମ ଆମ୍ବତୋଟା ନିକଟରେ ବାଇକ୍ ରଖି ସାଙ୍ଗରେ ଆଣିଥିବା ପେଟ୍ରୋଲ ନିଜ ଦେହରେ ଢାଳି ନିଆଁ ଲଗାଇ ଦେଇଥିଲେ। ସେ ହୁତୁହୁତୁ ହୋଇ ଜଳୁଥିବା ଦେଖି ସ୍ଥାନୀୟ କିଛି ଯୁବକ ଖଜୁରିଆକଟା ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳବାହିନୀ ପହଞ୍ଚି ନିଆଁ ଲିଭାଇବା ସହ ସନ୍ତୋଷଙ୍କୁ ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ଅନ୍ୟତ୍ର ନେବାକୁ ପରାମର୍ଶ ଦେଇଥିଲେ। ପରିବାରଲୋକେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ସନ୍ତୋଷଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୂର୍ବରୁ ସନ୍ତୋଷ ଠୋକର ଗ୍ରାମ ସଭାପତି ଭାବେ କାର୍ଯ୍ୟ ତୁଲାଇଥିବା ବେଳେ ଏବେ ନିଜ ଗାଁ ଛକରେ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ

ବିଷମ କଟକ, ୨୫।୧୦(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ବୁରୁଜୁଗୁଡ଼ା ଗ୍ରାମ ନିକଟସ୍ଥ ୩୨୬ ନମ୍ବର ରାଜ୍ୟ ରାଜପଥରେ ଆଜି ଏକ ଦୁର୍ଘଟଣାରେ ୨ଜଣଙ୍କ ଜୀବନ ଯାଇଛି। ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ମୁନିଗୁଡ଼ା ଥାନା ଗୋବର୍ଦ୍ଧନ ସାହିର ଦେବାଶିଷ ସାହୁ ଓ ବାଙ୍କିଲି ଗ୍ରାମର ଅର୍ଜୁନ ଶିକକା। ପୁଲିସ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି ବୋଲି ଥାନା ଅଧିକାରୀ ସୌଦାମିନୀ ବେହେରା କହିଛନ୍ତି।

ସୂଚନା ଅନୁଯାୟୀ, ଗୋବର୍ଦ୍ଧନ ଗ୍ରାମର ଦେବାଶିଷ ସାହଙ୍କ ମା'ଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କୁ ଅଟୋ ଯୋଗେ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲ ପଠାଇ ନିଜେ ବାଇକ୍‌ରେ ବିଷମକଟକ ଅଭିମୁଖେ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ଅର୍ଜୁନଙ୍କ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ପରେ ଉଭୟଙ୍କ ଶବକୁ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ମୁନିଗୁଡା ଥାନା ଅଧିକରୀ ସୌଦାମିନୀ ବେହେରା ସୂଚନା ଦେଇଛନ୍ତି।

## ସ୍ତ୍ରୀ ହତ୍ୟାକାରୀ ଗିରଫ

ଅନୁଗୋଳ, ୨୫।୧୦ (ସମିସ): ସ୍ତ୍ରୀର ତଣ୍ଟିକାଟି ଫେରାର୍ ହୋଇଯାଇଥିବା ସ୍ୱାମୀକୁ ଶନିବାର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା, ଅନୁଗୋଳ ଟାଉନ ଥାନା ରାଜକିଶୋରପଡ଼ାର ପ୍ରିୟବ୍ରତ ସାହୁଙ୍କ ପୁଅ ସିଦ୍ଧାନ୍ତ ସାହୁ(୨୮)। ପୁଲିସ ତା'ଠାରୁ ହତ୍ୟାରେ ବ୍ୟବହୃତ ଛୁରୀ ଓ ଗୋଟିଏ ମୋବାଇଲ ଜବତ କରିଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଥିବା ଅନୁଗୋଳ ଏସ୍‌ଡିପିଓ ଉମାକାନ୍ତ ମହାଲିକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।



୬ବର୍ଷ ତଳେ ସିଦ୍ଧାନ୍ତ ଶିମିଳିପଡ଼ା ଅଞ୍ଚଳର ବାଦଲ ଭଞ୍ଜଙ୍କ ଝିଅ ମୀନାକ୍ଷୀଙ୍କୁ ପ୍ରେମ ବିବାହ କରିଥିଲେ। ପରେ ଉଭୟ ତୁରଙ୍ଗ ଅଞ୍ଚଳରେ ଏକ ଭଡ଼ା ଘରେ ରହିଆସୁଥିଲେ। ତେବେ ଗତ ୨୨ତାରିଖ ସକାଳୁ ରାତିଯାଏଁ ମୀନାକ୍ଷୀଙ୍କ ମା' କବିତା ଭଞ୍ଜ ଝିଅ ଜ୍ୱାଇଁଙ୍କ ଫୋନରେ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା। କବିତା ଏଥିରେ ବିବ୍ରତ ହୋଇ ଝିଅ-ଜ୍ୱାଇଁ ରହୁଥିବା ଭଡ଼ାଘରେ ପହଞ୍ଚିଥିଲେ। ମୀନାକ୍ଷୀ ସେଠାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ପୂର୍ବରୁ ମଧ୍ୟ ସିଦ୍ଧାନ୍ତ ବିଭିନ୍ନ ସମୟରେ ମୀନାକ୍ଷୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଗତବର୍ଷ ସେ ଯୌତୁକ ପାଇଁ ମୀନାକ୍ଷୀଙ୍କୁ ନିର୍ଯାତନା ଦେଇଥିବା ମଧ୍ୟ ଥାନାରେ ଅଭିଯୋଗ ହୋଇଥିଲା। ସିଦ୍ଧାନ୍ତ ଝିଅକୁ ହତ୍ୟା କରି ଫେରାର୍ ହୋଇଯାଇଥିବା କବିତା ଥାନାରେ ଅଭିଯୋଗ କରିଥିଲେ। ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ମହାଲିକଙ୍କ ତତ୍ତ୍ୱାବଧାନରେ ଦୁଇଟି ପୁଲିସ ଟିମ୍ ଗଠନ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ସିଦ୍ଧାନ୍ତଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା। ଶନିବାର ତାକୁ ଗିରଫ କରାଯାଇଥିବା ଏସ୍‌ଡିପିଓ ମହାଲିକ କହିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଟାଉନ ଥାନା ଆଇଆଇସି ଧୀରେଶ କୁମାର ଦାସ, ତଦନ୍ତ ଅଧିକାରୀ ତଥା ଅତିରିକ୍ତ ଆଇଆଇସି ଇନ୍ସପେକ୍ଟର ଈଶ୍ୱର ଚନ୍ଦ୍ର ନାୟକ, ଇନ୍ସପେକ୍ଟର ଆଶିଷ କୁମାର ସ୍ୱାଇଁ, ଇନ୍ସପେକ୍ଟର ଗୋବିନ୍ଦ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

### ରାଜ୍ୟରେ ସାଇବର୍ ଠକେଇର ଭୟାବହତା

# ୯ ମାସରେ ଉଡ଼ାଇନେଲେ ୩୨୪ କୋଟି

ଭୁବନେଶ୍ୱର, ୨୫।୧୦ (ସମିସ): ବ୍ୟାଙ୍କରେ ଜମା ଅପେକ୍ଷା ପୁଞ୍ଜି ବଜାରରେ ଲାଭର ପରିମାଣ ଅଧିକ ଥିବାରୁ ଅନେକ ଲୋକ ସେଥିରେ ନିବେଶ କରୁଛନ୍ତି। ହେଲେ ସାଇବର୍ ଠକମାନେ ଏହାର ଭରପୂର୍ ଫାଇଦା ଉଠାଇ ଲୋକଙ୍କ ଆକାଉଣ୍ଟ ଖାଲି କରିଦେଉଛନ୍ତି। ଫେସବୁକ୍, ହ୍ୱାଟ୍ସଆପ୍, ଇନ୍‌ଷ୍ଟାଗ୍ରାମ୍ ଭଳି ସାମାଜିକ ଗଣମାଧ୍ୟମରେ ମିଥ୍ୟା ଲୋଭନୀୟ ବିଜ୍ଞାପନ ଦେଇ ଲୋକଙ୍କୁ ଫସାଉଛନ୍ତି।

■ ଫସିଲେଣି ୩୭ ହଜାର ଲୋକ
■ ଦିନକୁ କୋଟିଏ ଠକୁଛନ୍ତି ଠକ

ଖାଲି ସେତିକି ନୁହେଁ, ଲୋକଙ୍କ ମୋବାଇଲ ନମ୍ବରକୁ ଲିଙ୍କ୍ ପଠାଇ ଅଧିକ ଲାଭର ପ୍ରତିଶ୍ରୁତି ଦେଉଛନ୍ତି। ଆଉ ଯିଏ ଏମାନଙ୍କ ଜାଲରେ ଫସିଲା ତା'ର ସର୍ବସ୍ୱ ଲୁଟି ନେଉଛନ୍ତି। ଦେଶ ବିଦେଶରେ ବସି ଏହ ଅଦୃଶ୍ୟ ଠକମାନେ ଆଖି ପିଛୁଳାକେ ପୂରା ଆକାଉଣ୍ଟ ଖାଲି କରିଦେଉଛନ୍ତି। ଗତ ୯ ମାସ ମଧ୍ୟରେ ସାଇବର୍ ଠକମାନେ ରାଜ୍ୟରୁ ୩୨୪ କୋଟି ଟଙ୍କା ଠକି ନେଇଛନ୍ତି। ଉଦ୍‌ବେଗଜନକ କଥା ହେଲା, ଅଗଷ୍ଟ ଓ ସେପ୍ଟେମ୍ବର ମାତ୍ର ଦୁଇ ମାସରେ ୧୧୦ କୋଟି ଟଙ୍କା ଉଡ଼ାଇ ନେଇଛନ୍ତି ଅଦୃଶ୍ୟ ଠକ। ଏଥିରୁ ସାଇବର୍ ଠକେଇର ଭୟାବହତା ଜଳଜଳ ହୋଇ ଦିଶୁଛି।

ଏହି କ୍ରମରେ ସାଇବର୍ ଠକମାନେ ପୁଣି ଏକ ବଡ଼ ହାତ ମାରିଛନ୍ତି। ଭଦ୍ରକର ଜଣେ ବ୍ୟବସାୟୀଙ୍କୁ ଜାଲରେ ଫସାଇ ତାଙ୍କଠାରୁ ୧କୋଟି ୬୧ ଲକ୍ଷ ୧୦ ହଜାର ଟଙ୍କା ଠକି ନେଇଛନ୍ତି। ସୂଚନାନୁଯାୟୀ, ପୁଞ୍ଜିବଜାରରେ ନିବେଶ ଲାଗି ଉକ୍ତ ବ୍ୟବସାୟୀଙ୍କ ନିକଟକୁ ଏକ ହ୍ୱାଟ୍ସଆପ ଲିଙ୍କ୍ ଆସିଥିଲା। ଲିଙ୍କରେ କ୍ଲିକ୍ କରିବା ପରେ ସେ ଏକ



ଅଜଣା ଗ୍ରୁପ୍‌ରେ ଯୋଡ଼ି ହୋଇଯାଇଥିଲେ। ଗ୍ରୁପରେ ଥିବା ଅନ୍ୟ ସଦସ୍ୟମାନେ ଏକ ନିର୍ଦ୍ଦିଷ୍ଟ ଟ୍ରେଡିଂ ଆପରେ ଟଙ୍କା ବିନିଯୋଗ କରି ଲାଭବାନ ହୋଇଥିବା ନେଇ ଚର୍ଚ୍ଚା କରୁଥିଲେ। ଏଥିରେ ଭଳି ଯାଇ ବ୍ୟବସାୟୀଜଣଙ୍କ ଠକଙ୍କ କହିବାନୁଯାୟୀ ଗତ ଅଗଷ୍ଟରେ ୪୪ହଜାର ଟଙ୍କାରୁ ନିବେଶ ଆରମ୍ଭ କରିଥିଲେ। ପରେ ଠକମାନେ ତାଙ୍କୁ ଏତେ ଲାଭାଂଶ ଦେଖାଇଥିଲେ ଯେ ସେ ୧କୋଟି ୪୦ଲକ୍ଷ ଟଙ୍କା ନିବେଶ କରିଦେଇଥିଲେ। ହେଲେ ନିକଟରେ ସେ ଟଙ୍କା ଉଠାଇବାକୁ ଚେଷ୍ଟା କରିବା ବେଳକୁ ସାଇବର ଠକ ତାଙ୍କୁ ବିଭିନ୍ନ ଆଳ ଦେଖାଇବା

| ମାସ | ଅଭିଯୋଗର ସଂଖ୍ୟା | ଅଭିଯୋଗର ପରିମାଣ |
|---|---|---|
| ଜାନୁୟାରୀ | ୪୨୯୯ | ୪୧ କୋଟି |
| ଫେବୃୟାରୀ | ୩୬୬୨ | ୨୨କୋଟି |
| ମାର୍ଚ୍ଚ | ୪୦୪୯ | ୨୫ କୋଟି |
| ଏପ୍ରିଲ | ୩୯୪୭ | ୩୩କୋଟି |
| ମେ | ୩୮୭୮ | ୨୩ କୋଟି |
| ଜୁନ୍ | ୩୮୬୭ | ୨୮ କୋଟି |
| ଜୁଲାଇ | ୩୯୯୮ | ୪୨ କୋଟି |
| ଅଗଷ୍ଟ | ୪୩୦୭ | ୨୯ କୋଟି |
| ସେପ୍ଟେମ୍ବର | ୪୮୨୩ | ୮୧ କୋଟି |

ସହ ଆକାଉଣ୍ଟ ଅଚଳ କରି ଦେଇଥିଲେ। ଆକାଉଣ୍ଟକୁ ସଚଳ କରିବାକୁ ଠକ ତାଙ୍କୁ ଆହୁରି ଟଙ୍କା ମାଗିଥିଲେ। ମୂଳଧନ ଫେରିପାଇବା ଆଶାରେ ବ୍ୟବସାୟୀଜଣଙ୍କ ଆହୁରି ଦୁଇଟି ପର୍ଯ୍ୟାୟରେ ୨୦ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ବ୍ୟବସାୟୀଙ୍କୁ ଟଙ୍କା ଫେରାଇବା ପରିବର୍ତ୍ତେ ତାଙ୍କ ଆପ୍‌କୁ ସ୍ଥାୟୀ ଭାବେ ଅଚଳ କରି ଦିଆଯାଇଥିଲା। ଏନେଇ ସେ ପ୍ରଥମେ ସାଇବର୍ ହେଲ୍ପଡେସ୍କ୍ ଓ ପରେ ସାଇବର ଥାନାରେ ଅଭିଯୋଗ କରିଛନ୍ତି।

ପୁଲିସ ବିଭାଗର କନେଷ୍ଟବଲଠାରୁ ଆରମ୍ଭ କରି ଉଚ୍ଚ ଅଧିକାରୀଙ୍କ ପର୍ଯ୍ୟନ୍ତ, ସମସ୍ତଙ୍କୁ ବିଭିନ୍ନ ସମୟରେ ସାଇବର ତାଲିମ୍ ଦିଆଯାଉଛି। ସାଇବର ଠକେଇରେ କିପରି ରୋକ୍ ଲାଗିବ, ସେନେଇ ମଧ୍ୟ ଓଡ଼ିଶା ପୁଲିସ ରଣକୌଶଳ ପ୍ରସ୍ତୁତ କରିବା ସହ ସଚେତନତା ମଧ୍ୟ କରୁଛି। ହେଲେ ସାଇବର ଠକଙ୍କ ଗୋଟି ଚାଳନା ଆଗରେ ସେସବୁ ଏକପ୍ରକାର ଫେଲ୍ ହୋଇଯାଉଛି। ଗତ ଜାନୁୟାରୀଠାରୁ ସେପ୍ଟେମ୍ବର ମଧ୍ୟରେ ଅର୍ଥାତ୍ ୯ ମାସ ମଧ୍ୟରେ ରାଜ୍ୟରୁ ପ୍ରାୟ ୩୨୪କୋଟି ଟଙ୍କା ଠକେଇ ହୋଇଛି। ସେହି ୯ ମାସ ମଧ୍ୟରେ ରାଜ୍ୟର ପ୍ରାୟ ୩୭ ହଜାର ଲୋକ ସାଇବର ଠକଙ୍କ ଦ୍ୱାରା ଠକେଇର ଶିକାର ହୋଇଛନ୍ତି। ଯଦି ଏଇ ତଥ୍ୟକୁ ହିସାବକୁ ନିଆଯାଏ, ତେବେ ପ୍ରତିଦିନ ହାରାହାରି ୧୪୦ ଓ ମାସକୁ ୪୨୦୦ ଲୋକ ସାଇବର ଠକେଇର ଶିକାର ହେଉଥିବା ବେଳେ ଅଦୃଶ୍ୟ ଠକମାନେ ଦିନକୁ କୋଟିଏ ୨୦ଲକ୍ଷ ଟଙ୍କା ଲୁଟୁଛନ୍ତି। କେତୋଟି ହାତଗଣତି ମାମଲାରେ ପୁଲିସ ସାଇବର ଠକଙ୍କୁ ଧରିବାରେ ସକ୍ଷମ ହେଉଥିବା ବେଳେ ବାକି ମାମଲାରେ ସଫଳତା ହାର ଏକଦମ୍ ନଗଣ୍ୟ।

**ଟାଙ୍ଗୀ ଥାନାରେ ପୁଲିସର ବର୍ବରତା**

## ଜମି ଦଲାଲ ସହ ମିଶି ଯୁବକଙ୍କୁ ଥାର୍ଡ ଡିଗ୍ରୀ

କଟକ, ୨୫।୧୦ (ସମିସ): ଟାଙ୍ଗୀ ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରୀ। ଟାଙ୍ଗୀ ପୁଲିସ ଜଣେ ଯୁବକଙ୍କୁ ୨ ଦିନ ଧରି ଥାନାରେ ନିର୍ଯାତନା ଦେବା, ଅତ୍ୟଧିକ ନିର୍ଯାତନା ଯୋଗୁଁ ଯୁବକଙ୍କ ବ୍ରେନ୍‌ଷ୍ଟ୍ରୋକ୍ ହେବା ଏବଂ ପୁଲିସ ତାଙ୍କୁ ତରବରିଆ ଭାବେ ଏସ୍‌ସିବିରେ ଭର୍ତ୍ତି କରିବା ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ନିର୍ଯାତନାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ପୁଲିସ ପାଇଁ ଅଡୁଆ ବଢ଼ିଛି। ନିର୍ଯାତିତ ଯୁବକଜଣଙ୍କ ହେଲେ, ଶାଳଗାଁ ପଞ୍ଚାୟତ ନାଣ୍ଡୁଆ ଗ୍ରାମର କୃପାସିନ୍ଧୁ ପ୍ରଧାନ। ସ୍ଥାନୀୟ ଜଣେ ଲୋକପ୍ରତିନିଧି ଏବଂ ୨ଜଣ ଜମି ଦଲାଲଙ୍କ ସହ ମିଶି ପୁଲିସ ଏପରି ଅମାନୁଷିକ କାଣ୍ଡ ଭିଆଇଥିବା କୃପାସିନ୍ଧୁଙ୍କ ପରିବାରଲୋକ ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣାକୁ ପୁଲିସ ଅସ୍ୱୀକାର କରୁଛି। ଅପରପକ୍ଷେ, ଏଭଳି ପରିସ୍ଥିତିରେ କୃପାସିନ୍ଧୁଙ୍କ ପରିବାର ଭୟରେ ରହିଛନ୍ତି।

କୃପାସିନ୍ଧୁଙ୍କ ପରିବାର ସଦସ୍ୟଙ୍କ କହିବା ଅନୁଯାୟୀ, ଥାନାରେ ପୁଲିସ ତାଙ୍କୁ ମାନସିକ ନିର୍ଯାତନା ଦେଇଥିଲା। ଏଥିରେ ସେ ବ୍ରେନ୍ ଷ୍ଟ୍ରୋକ୍‌ର ଶିକାର ହୋଇଥିଲେ। ଏବେ ତାଙ୍କର ଏସ୍‌ସିବି ମେଡିସିନ୍ ୱାର୍ଡରେ ଚିକିତ୍ସା ଜାରି ରହିଛି। ତାଙ୍କର ବ୍ରେନ୍‌ଷ୍ଟ୍ରୋକ୍ ଜନିତ ଚିକିତ୍ସା ଚାଲିଥିବା ବେଳେ ମେଡିକାଲ୍ ରିପୋର୍ଟ ନର୍ମାଲ୍ ରହିଥିବା ଡାକ୍ତର କହିଛନ୍ତି। ତାଙ୍କର ମାନସିକ ଅବସ୍ଥା ଠିକ୍ ନଥିବା ଚିକିତ୍ସା କରୁଥିବା ଡାକ୍ତର ସ୍ପଷ୍ଟ କରିଛନ୍ତି।

ମିଳିଥିବା ସୂଚନାନୁଯାୟୀ, ନାଣ୍ଡୁଆ ଗ୍ରାମର କୃପାସିନ୍ଧୁ, ମାଧପୁର ଗ୍ରାମର ଅଜୟ ଜେନା ଓ ଖାଇପଡ଼ିଆ ଗ୍ରାମର ବିଦ୍ୟାଧର ବେହେରା ସାଙ୍ଗ ହୋଇ

**ଥାନାରେ ବ୍ରେନ୍‌ଷ୍ଟ୍ରୋକ୍ ପରେ ପୀଡ଼ିତ ଏସ୍‌ସିବିରେ ଭର୍ତ୍ତି**

କିଛି ବର୍ଷ ହେଲା ଜମି କିଣାବିକା କାରବାର କରୁଥିଲେ।

ଉକ୍ତ ସମୟ ମଧ୍ୟରେ ଲାଭାଂଶରୁ କୃପାସିନ୍ଧୁ ୨୦ ଗୁଣ୍ଠ ଜମି ନିଜ ନାମରେ କିଣିବାକୁ ସମର୍ଥ ହୋଇଥିଲେ। ରେଜିଷ୍ଟ୍ରେସନ୍ ସମୟରେ ଅଜୟ ଓ ବିଦ୍ୟାଧର ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲେ। ପ୍ରାୟ ୧ବର୍ଷ ତଳେ କିଣାଯାଇଥିବା ଉକ୍ତ ଜମିର ମୂଲ୍ୟ ଦିନକୁ ଦିନ ବୃଦ୍ଧି ପାଇବା ଫଳରେ ଅଜୟ ଓ ବିଦ୍ୟାଧର ଉକ୍ତ ଜମିରେ ନିଜର ଭାଗ ଦାବି କରିଥିଲେ। ଏଥିରେ ଅରାଜି ହେବାରୁ ଥାନାରେ ନକଲି ଚୁକ୍ତିନାମା ବଳରେ ମାମଲା ଦାୟର କରିଥିଲେ। ଫଳରେ ଟାଙ୍ଗୀ ପୁଲିସ୍ ଗତ ମଙ୍ଗଳବାର କୃପାସିନ୍ଧୁଙ୍କୁ ଘରୁ ଉଠାଇ ଆଣି ଜେରା ଆରମ୍ଭ କରିଥିଲା।

କିଛି କ୍ଷମତାଶାଳୀ ରାଜନୈତିକ ବ୍ୟକ୍ତିବିଶେଷ ଥାନାରେ ପହଞ୍ଚି ଏହି ଘଟଣାରେ ଚାପ ସୃଷ୍ଟି କରିଥିଲ। ୨ ଦିନ ଥାନାରେ ଅଟକ ରହିବା ପରେ ନିଜ ଭାଗ ପାଇଁ ଅଜୟ ଓ ବିଦ୍ୟାଧର ଚାପ ସୃଷ୍ଟି କରିବାରୁ କୃପାସିନ୍ଧୁ ଅଚେତ ହୋଇ ପଡ଼ିଯାଇଥିଲେ। ପରିବାରଲୋକ ଥାନାରେ ପହଞ୍ଚି ଥାନା କର୍ମଚାରୀ ଥାର୍ଡ ଡିଗ୍ରୀ ଦେଇଥିବା ଗଣମାଧ୍ୟମ ଆଗରେ ଅଭିଯୋଗ କରିଥିଲେ। ପରେ ତାଙ୍କୁ ଥାନା କର୍ମଚାରୀ କଟକ ବଡ଼ ମେଡ଼ିକାଲକୁ ନେଇଥିଲେ। ଡାକ୍ତର ତାଙ୍କୁ ବ୍ରେନ୍‌ଷ୍ଟ୍ରୋକ୍ ହୋଇଛି ବୋଲି କହିଥିଲେ। ପୀଡ଼ିତ କୃପାସିନ୍ଧୁ କ୍ରମଶଃ ସୁସ୍ଥ ହେଉଥିବା ବେଳେ ତାଙ୍କୁ ଥାନାରେ ନିର୍ଯାତନା ଦିଆଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସଂକ୍ରାନ୍ତରେ ଟାଙ୍ଗୀ ଥାନା ଅଧିକାରୀଙ୍କୁ ପଚାରିବାରୁ ଥାର୍ଡ ଡିଗ୍ରୀ ଏବଂ ମାନସିକ ନିର୍ଯାତନା ଦିଆଯାଇନଥିବା ଆଇଆଇସି ଶିବପ୍ରସାଦ ଭଦ୍ର ଜଣାଇଛନ୍ତି।

■ କାଳହେଲା ବାର୍‌ହା ଫାଶ

## ପ୍ରେମିକା ଆଖି ଆଗରେ ଚାଲିଗଲା ପ୍ରେମିକର ଜୀବନ

ସେମିଳିଗୁଡ଼ା, ୨୫।୧୦(ସମିସ): କାଳ ହେଲା ବାର୍‌ହା ଫାଶ। ବିଦ୍ୟୁତ୍ ଆଘାତରେ ପ୍ରେମିକା ଆଖି ଆଗରେ ଚାଲିଗଲା ପ୍ରେମିକର ଜୀବନ। କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ୍ ପାକଝୋଲା ପଞ୍ଚାୟତର ଅଲିଗାଁରେ ଏଭଳି ଏକ ଦୁଃଖଦ ଘଟଣା ଘଟିଛି। ମୃତ ଯୁବକଜଣଙ୍କ ହେଲେ, ଘାଟଗୁଡ଼ା ଗ୍ରାମର ସଞ୍ଜୟ ବଡ଼ନାୟକ। ସେ ଦୁଧାରୀ କଲେଜରେ ଯୁକ୍ତ ୨ରେ ପଢୁଥିଲେ। ସେହିପରି ଏହି ଅଘଟଣରେ ସଞ୍ଜୟଙ୍କ ବାନ୍ଧବୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



ସୂଚନା ମୁତାବକ, ସଞ୍ଜୟ ଓ ତାଙ୍କ ବାନ୍ଧବୀ ଅଲିଗାଁ ସ୍କୁଲ ନିକଟ ପାହାଡ଼ ପାଖକୁ ଯାଇଥିଲେ। ସେଠାରେ ସେମାନେ ଚାଲିଚାଲି ଯାଉଥିବା ବେଳେ ବାର୍‌ହା ଶିକାର ଉଦ୍ଦେଶ୍ୟରେ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ସଞ୍ଜୟଙ୍କ ଗୋଡ଼ ବିଦ୍ୟୁତ୍ ତାରରେ ଲାଗିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏଥିରେ ତାଙ୍କ ବାନ୍ଧବୀ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୁଲିସ ଦୁଇଜଣଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚରା କରୁଛି।

## ନୂଆପଡ଼ା ଉପନିର୍ବାଚନରେ ସରକାରୀ ସମ୍ପତ୍ତିର ଦୁରୁପଯୋଗ କରୁଛି ବିଜେପି

ଭୁବନେଶ୍ୱର,୨୫।୧୦(ସମିସ): ନୂଆପଡ଼ା ଉପନିର୍ବାଚନରେ ବିଜେପି ସରକାରୀ ସମ୍ପତ୍ତିର ଦୁରୁପଯୋଗ କରୁଛି। ଆଦର୍ଶ ଆଚରଣ ବିଧିକୁ ବେଖାତିର କରି ଶାସକ ଦଳ ଲଗାଉଥିବା ପୋଷ୍ଟର ପ୍ରତି ପ୍ରଶାସନ ଆଖି ବୁଜି ଦେଇଛି। ଅନ୍ୟପକ୍ଷରେ ନ୍ୟାୟସଙ୍ଗତ ଭାବେ ଲାଗିଥିବା ବିଜେଡିର ପୋଷ୍ଟର, ବ୍ୟାନରକୁ କାଢ଼ି ଫିଙ୍ଗି ଦିଆଯାଉଛି। ଏପରି ସମ୍ବେଦନଶୀଳ ମାମଲାରେ ତୁରନ୍ତ ହସ୍ତକ୍ଷେପ କରିବା ଲାଗି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ଦାବି କରିଛି।

ବିଜେଡିର ବରିଷ୍ଠ ନେତୃବୃନ୍ଦ ଶନିବାର ସିଇଓଙ୍କ କାର୍ଯ୍ୟାଳୟରେ ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି ଯେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ନିଜର ପ୍ରଚାର ପାଇଁ ସରକାରୀ ସମ୍ପତ୍ତିର



ବ୍ୟବହାର କରୁଛନ୍ତି। ବିଦ୍ୟୁତ୍ ଖୁଣ୍ଟ, ସାଇନ୍ ବୋର୍ଡ ଏବଂ ନୂଆପଡ଼ା ଓ ଖରିଆର ଏନ୍‌ଏସି ମଧ୍ୟରେ ଯାଇଥିବା ଜାତୀୟ ରାଜପଥ ନମ୍ବର ୩୫୩ରେ ବିଜେପି ପ୍ରଚାର ପୋଷ୍ଟର ଏବଂ ବ୍ୟାନର ଲଗାଇଛନ୍ତି। ଏହି ବ୍ୟାନର ଓ ହୋର୍ଡିଂଗୁଡ଼ିକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ବିଜେପିର ଅନ୍ୟାନ୍ୟ ନେତାଙ୍କ ଛବି ରହିଛି। ବିଜୁ

**ସିଇଓଙ୍କୁ ଫେରାଦ ହୋଇ ତୁରନ୍ତ ହସ୍ତକ୍ଷେପ ଲୋଡ଼ିଲା ବିଜେଡି**

ଜନତା ଦଳ ଏହାକୁ ସରକାରୀ ସମ୍ପତ୍ତିର ସ୍ପଷ୍ଟ ଦୁରୁପଯୋଗ ଏବଂ ନିର୍ବାଚନ ଆଚରଣ ବିଧିର ତୀବ୍ର ଉଲ୍ଲଙ୍ଘନ ବୋଲି ଅଭିଯୋଗ କରିଛି। ବିଜେପି ପକ୍ଷରୁ ଲଗାଯାଇଥିବା ସମସ୍ତ ଅବୈଧ ବ୍ୟାନର ଏବଂ ହୋର୍ଡିଂ ତୁରନ୍ତ ହଟାଇବା ପାଇଁ ବିଜେଡି ଦାବି କରିଛି। ଏଥିସହିତ ବିଜେଡି ଆଇନଗତ ଭାବେ ଲଗାଇଥିବା ପୋଷ୍ଟର ବ୍ୟାନର ଆଦି କେଉଁ ପରିସ୍ଥିତିରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ହଟାଇଲେ ତାହାର ନିରପେକ୍ଷ ତଦନ୍ତ କରିବା ପାଇଁ ମଧ୍ୟ ବିଜେଡି ସିଇଓଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରିଛି। ବିଜେଡି ସର୍ବଦା ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ। ନିର୍ବାଚନ ପ୍ରକ୍ରିୟାରେ ପ୍ରତ୍ୟେକ ଦଳ ଓ ପ୍ରାର୍ଥୀ ଯତ୍ନବାନ ରହିବା ଆବଶ୍ୟକ ବୋଲି ଦଳ ପକ୍ଷରୁ କୁହାଯାଇଛି। ସିଇଓଙ୍କୁ ଅଭିଯୋଗ ଦାଖଲ ସମୟରେ ବିଜେଡି ପ୍ରତିନିଧି ମଣ୍ଡଳୀରେ ଡଃ. ଲେନିନ ମହାନ୍ତି, ସୁଲତା ଦେଓ, ମିହିର ରାୟ, ଇଲା ସ୍ୱାଇଁ, ରୀତାଞ୍ଜଳି ପ୍ରଧାନ, ସଂଗ୍ରାମ ମହାପାତ୍ର, ଲୋରା ମହାପାତ୍ର ଏବଂ ଅଂଶୁ ତ୍ରିପାଠୀ ସାମିଲ ଥିଲେ।

## ଡାକ୍ତରଖାନାରେ ପୁଞ୍ଜିଲାଲ ଭର୍ତ୍ତି

ବଲାଙ୍ଗିର, ୨୫।୧୦(ସମିସ): ବହୁଚର୍ଚ୍ଚିତ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ମୁଖ୍ୟ ଆସାମୀ ପୁଞ୍ଜିଲାଲ ପୁଣି ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଜେଲ୍ କର୍ତ୍ତୃପକ୍ଷ



**କଲେଜ କାଗଜପତ୍ର ନ ମିଳିବାରୁ ୨୧ ତାରିଖରୁ ଅନଶନରେ ବସିଥିଲେ**

ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି। ଗତ ୨୧ ତାରିଖରୁ ସେ ଅନଶନରେ ବସିଥିଲେ। ସେ ଅଧ୍ୟାପନା କରୁଥିବା କଲେଜର କିଛି କାଗଜପତ୍ର ମାଗିଥିଲେ। ସେଥିରୁ ତାଙ୍କୁ ଅଧା କାଗଜପତ୍ର ମିଳିଥିବା ବେଳେ ଆଉ ଅଧା ମିଳିନଥିଲା। ଏହାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିବା ସହ ସବୁତକ କାଗଜପତ୍ର ପାଇଁ କହିଥିଲେ। ଏହାକୁ ନେଇ ସେ ଗତ ୨୧ ତାରିଖରୁ ଜେଲ ଭିତରେ ଅନଶନରେ ରହିଥିଲେ। ଖାଇବା ବନ୍ଦ କରିଦେଇଥିବାରୁ ସେ ଅସୁସ୍ଥ ହୋଇପଡ଼ିଥିଲେ। ତେଣୁ ଜେଲ୍ କର୍ତ୍ତୃପକ୍ଷ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି। ତାଙ୍କର ରକ୍ତଶର୍କରା କମି ଯାଇଛି। ତେବେ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେଉଥିବା ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି। ତେବେ ସେ ଡାକ୍ତରଖାନାରେ ମଧ୍ୟ କୌଣସି ପ୍ରକାର ଖାଦ୍ୟ ଗ୍ରହଣ କରୁ ନ ଥିବା ଜଣାପଡ଼ିଛି।

## ସୀମାନ୍ତରେ ଦୁଇଜଣଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି, ୨୫।୧୦(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲା ଉସୁର ଥାନା ଅଞ୍ଚଳରେ ମାଓବାଦୀମାନେ ଦୁଇଜଣ ଗ୍ରାମବାସୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ହତ୍ୟାର ଶିକାର ଗ୍ରାମବାସୀଦ୍ୱୟ ହେଲେ, ରବି କଟ୍ଟାମ ଏବଂ ତିରୁପତି ସୋଡି। ପୁଲିସ ଇନଫର୍ମର୍ ସନ୍ଦେହରେ ମାଓବାଦୀମାନେ ପ୍ରଜାକୋର୍ଟ କରି ଏହି ଦୁଇଜଣଙ୍କୁ ହତ୍ୟା କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବିଜାପୁର ଜିଲ୍ଲାର ନେଲାକାଙ୍କେର୍ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ କିଛି ସଶସ୍ତ୍ର ମାଓବାଦୀ ଆସି ଗ୍ରାମ ନିକଟରେ ଥିବା ଏକ ଅଜନଗଳାରେ ପ୍ରଜାକୋର୍ଟ କରିଥିଲେ। ଏଥିରେ ସେମାନେ ରବି ଏବଂ ତିରୁପତିଙ୍କୁ ପୁଲିସ ସୂଚନାଦାତା କହି ନିସ୍ତୁକ ମାଡ଼ ମାରିବା ସହ ଧାରୁଆ ଅସ୍ତ୍ର ସାହାଯ୍ୟରେ ହତ୍ୟା କରିଥିଲେ।

### ସରି ଆସୁଛି ଆଉ ଏକ କାର୍ତ୍ତିକ

## ଭକ୍ତଙ୍କୁ ବଣ୍ଟାହେଲାନି ମାଗଣା ମହାପ୍ରସାଦ

ପୁରୀ, ୨୫।୧୦ (ସମିସ): ଗୋଟିଏ କାର୍ତ୍ତିକ ବିତିସାରିଛି; ଆଉ ଗୋଟାକୁ ସରିବାକୁ ମାତ୍ର ୧୦ଦିନ ବାକି। ହେଲେ ଏଯାଏ ଭକ୍ତଙ୍କୁ ବଣ୍ଟାଗଲାନି ମାଗଣା ମହାପ୍ରସାଦ। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଘୋଷଣା ସେମିତି ଘୋଷଣାରେ ରହିଗଲା।

ଶ୍ରୀମନ୍ଦିରକୁ ଦୈନିକ ହଜାରହଜାର ଶ୍ରଦ୍ଧାଳୁ ଆସିଥା'ନ୍ତି। ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିସାରିବା ପରେ ପ୍ରାୟ ପ୍ରତ୍ୟେକଙ୍କର ମହାପ୍ରସାଦ ପାଇବାକୁ ଇଚ୍ଛାଥାଏ। ହେଲେ ସମସ୍ତେ ଆନନ୍ଦବଜାରରୁ ଅବଢ଼ା କିଣି ଖାଇବାକୁ ସମର୍ଥ ହୋଇ ନଥା'ନ୍ତି। କିଏ ଆର୍ଥିକ ଦୃଷ୍ଟିକୋଣରୁ ତ ଆଉ କେହି ସମୟ ଅଭାବରୁ ଦର୍ଶନ ସାରି ଫେରିଯାଆନ୍ତି। ତେଣୁ ମହାପ୍ରସାଦ ପାଇବା ପାଇଁ ଆଶା ରଖିଥିବା ଶ୍ରଦ୍ଧାଳୁଙ୍କୁ ମାଗଣାରେ କଣିକାଏ ଅବଢ଼ା ଦେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା କରିଥିଲା। ୨୦୧୬ ମସିହା ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିଲା ଭକ୍ତଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ। ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ମିଳିତ ସହଯୋଗରେ ବାଇଶି ପାହାଚରେ ଦୁଇ ବଡ଼ ଆଟିକାରେ ପ୍ରତ୍ୟହ ଏହି ମହାପ୍ରସାଦ ବଣ୍ଟନ କରାଯାଉଥିଲା। ଆନନ୍ଦ ବଜାରରୁ ଅବଢ଼ା କିଣି ନପାରିଲେ ମଧ୍ୟ ଭକ୍ତମାନେ କଣିକାଏ ଲେଖାଏଁ ମହାପ୍ରସାଦ ପାଇ ଆନନ୍ଦ ମନରେ ଫେରୁଥିଲେ। କିନ୍ତୁ ପ୍ରାୟ ୭ବର୍ଷ ହେବ ବନ୍ଦ ରହିଛି ଏହି ମାଗଣା



ମହାପ୍ରସାଦ ବଣ୍ଟନ। ଏବେ ପୁଣି ଏହି ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ଘୋଷଣା କରିଥିଲେ ଆଇନ ମନ୍ତ୍ରୀ।

ଗତବର୍ଷ ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ, ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ସଂଖ୍ୟାଦୃଷ୍ଟିରୁ ବର୍ଷକୁ ଏ ବାବଦରେ ପ୍ରାୟ ୧୪ରୁ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ଭକ୍ତ ସମାଜକୁ ଅନୁରୋଧ କରିଛୁ। ଅନେକ ଭକ୍ତ ଆସି ସହଯୋଗର ହାତ ବି ବଢ଼ାଇଛନ୍ତି। ଯେଉଁ ବଦାନ୍ୟ ଭକ୍ତମାନେ ଅଛନ୍ତି, ସେମାନଙ୍କ ସହଯୋଗରେ ଏହା ହେବ। ସେମାନେ ମଧ୍ୟ ପୁଣ୍ୟ ଅର୍ଜନ କରିବେ। କାର୍ତ୍ତିକ ମାସ ପରେ ଏହାର ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଥିଲା। କିନ୍ତୁ ୨୦୨୪ର କାର୍ତ୍ତିକ ସରି ଏବର୍ଷର କାର୍ତ୍ତିକ ମାସକୁ ଆଉ ୧୦ ଦିନ ବାକିଥିବା ବେଳେ, ଏପର୍ଯ୍ୟନ୍ତ ମାଗଣା ମହାପ୍ରସାଦ ବଣ୍ଟନର ରୂପରେଖ କିଛି ସ୍ପଷ୍ଟ ହୋଇନି। ଭକ୍ତଙ୍କୁ କେତେ ପରିମାଣରେ ଓ କେମିତି ମହାପ୍ରସାଦ ବଣ୍ଟାଯିବ, ତାହା ସ୍ଥିର ହୋଇନି। କୁଡୁଆରେ ଦେବା ପାଇଁ ମଝିରେ କଥା ଉଠିଥିଲା। ତାହା ବି କିଛି ସ୍ପଷ୍ଟ କରାଯାଇ ନାହିଁ।

ବଡ଼ କଥା ହେଉଛି, ମନ୍ତ୍ରୀ ସିନା ଘୋଷଣା କରିଦେଲେ, ହେଲେ ଏହା କାର୍ଯ୍ୟକାରୀ ହେବ କେମିତି? ଏଥିପାଇଁ ଆବଶ୍ୟକ ଅର୍ଥ ଭରଣା ହେବ କେଉଁଠୁ? ସରକାର ଦେବେ ନା ଶ୍ରୀମନ୍ଦିର ପ୍ରଶାସନ ଏ ବାବଦ ଅର୍ଥ କିଏ ଖର୍ଚ୍ଚ କରିବ? ଏମିତି ଅନେକ ପ୍ରଶ୍ନ ଏବେ ଛିଡ଼ା ହୋଇଛି। ସେପଟେ, ଗତବର୍ଷ ମନ୍ତ୍ରୀଙ୍କ ଘୋଷଣା ବେଳେ ମାଗଣା ମହାପ୍ରସାଦ ବଣ୍ଟନକୁ ନେଇ ଭକ୍ତ ଯେତିକି ଉତ୍ସାହିତ ଥିଲେ, ଏବେ ସେତିକି ହତୋତ୍ସାହିତ ହୋଇପଡ଼ିଛନ୍ତି।

## ପାନ ବ୍ୟବସାୟୀଙ୍କୁ ବୀଭତ୍ସ ହତ୍ୟା

ଜଗତସିଂହପୁର, ୨୫।୧୦(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଯୋଗଧାରୀ ନିକଟରେ ପାନ ଦୋକାନ କରିଥିବା ସ୍ଥାନୀୟ ପୋକପୁର ଗ୍ରାମର ଜ୍ଞାନରଞ୍ଜନ ପୋଥାଲଙ୍କୁ ଗତକାଲି ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଖଣ୍ଡାରେ ହାଣି ହତ୍ୟା କରିଛି। ହତ୍ୟାକାଣ୍ଡର କାରଣ ଜଣାପଡ଼ି ନଥିବା ବେଳେ ସଦର ଥାନା ପୁଲିସ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସହାୟତାରେ ତଦନ୍ତ ଜାରି ରଖିଛି।



ସୂଚନା ମୁତାବକ, ଜ୍ଞାନରଞ୍ଜନ ପ୍ରତିଦିନ ରାତି ପ୍ରାୟ ୧୦ଟାରେ ଦୋକାନ ବନ୍ଦ କରି ଘରକୁ ଫେରନ୍ତି। ୨୪ ତାରିଖ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜ୍ଞାନ ଘରକୁ ନ ଫେରିବାରୁ ତାଙ୍କ ପତ୍ନୀ ପଡ଼ିଶାଙ୍କୁ ଜଣାଇଥିଲେ। ପରେ ଯୋଗଧାରୀ ଦୋକାନ ନିକଟକୁ ଆସି ତାଙ୍କ ସ୍ୱାମୀ କ୍ଷତବିକ୍ଷତ ଅବସ୍ଥାରେ ସେଠାରେ ପଡ଼ିଥିବା ଦେଖିଥିଲେ। ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଜ୍ଞାନରଞ୍ଜନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଜ୍ଞାନରଞ୍ଜନଙ୍କୁ କିଏ ଓ କାହିଁକି ଏଭଳି ବୀଭତ୍ସ ଭାବେ ହତ୍ୟା କଲା, ତାହା ସ୍ପଷ୍ଟ ହୋଇ ନଥିବା ବେଳେ ପୂର୍ବ ଶତ୍ରୁତା କିମ୍ବା ନିଶା କାରବାରକୁ ନେଇ ଏହା ଘଟିଥିବା ସାଧାରଣରେ ଆଲୋଚନା ହେଉଛି। ପୁଲିସ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଏସ୍‌ପି ଅଙ୍କିତ କୁମାର ବର୍ମା କହିଛନ୍ତି, ପୁଲିସ ଏହି ହତ୍ୟାକାଣ୍ଡ ଘଟଣାର ବିଭିନ୍ନ ଦିଗକୁ ନେଇ ଖୋଳତାଡ଼ ଜାରି ରଖିଛି। ତଦନ୍ତ ଚାଲିଥିବାରୁ ଅଧିକ କିଛି ସୂଚନା ଦେବା ସମ୍ଭବ ନୁହେଁ ବୋଲି ଶ୍ରୀ ବର୍ମା ପ୍ରକାଶ କରିଛନ୍ତି।

ଡେଲାଙ୍ଗ ପୁଲିସକୁ ଚୋରଙ୍କ ଖୋଲା ଚାଲେଞ୍ଜ

# ଥାନା ସମ୍ମୁଖରୁ ଲୁଟିନେଲେ ଲକ୍ଷାଧିକ ଟଙ୍କାର ସାମଗ୍ରୀ

**ଡେଲାଙ୍ଗ, ୨୫।୧୦(ସମିସ):** ଗୋଟିଏ ଦିନରେ ଡେଲାଙ୍ଗ ଥାନା ଅଧୀନ ୨ଟି ଜନସେବା କେନ୍ଦ୍ରରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବାପରେ ଡେଲାଙ୍ଗ ପୁଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ଆଉ ଗୋଟିଏ ଚୋରିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ସନ୍ଧାନ ଜାରି ରଖିଥିବା ଜଣାପଡ଼ିଛି। ଅନ୍ୟପଟେ ଥାନା ସମ୍ମୁଖରୁ ଆଉ ଏକ ଜନସେବା କେନ୍ଦ୍ରରୁ ପ୍ରାୟ ୧.୮୦ ଲକ୍ଷ ଟଙ୍କାର ଜିନିଷ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଥାନା ସମ୍ମୁଖରୁ ଚୋରି ହେବାକୁ ନେଇ ଲୋକେ ପୁଲିସର ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇଛନ୍ତି।

**ଦିନକରେ ୨ ଜନସେବା କେନ୍ଦ୍ରରୁ ଚୋରି**

ମିଳିଥିବା ସୂଚନା ମୁତାବକ, ଜେନାପୁର ପଞ୍ଚାୟତ ଛଘରିଆସାହି ନିକଟରେ ଥିବା ପ୍ରଦୀପ କୁମାର ସ୍ୱାଇଁ ନିଜ ଘରେ କରିଥିବା ଜନସେବା କେନ୍ଦ୍ରକୁ ଜଣେ ଦୁର୍ବୃତ୍ତ ଶୁକ୍ରବାର ମଧ୍ୟାହ୍ନ ୧୨ଟା ସମୟରେ ଯାଇଥିଲେ। କେନ୍ଦ୍ରଟି ଖୋଲାଥିବାବେଳେ ପ୍ରଦୀପ ସେଠାରେ ଅନୁପସ୍ଥିତ ଥିବାର ସୁଯୋଗ ନେଇ ଦୁର୍ବୃତ୍ତ ଜଣକ ସେଠାରେ ଲଗାଯାଇଥିବା ସିସିଟିଭି କ୍ୟାମେରାକୁ ବୁଲାଇଦେବା ସହିତ ଡ୍ର' ଭିତରୁ କିଛି ଟଙ୍କା ଚୋରେଇ ନେଇଥିବା ପ୍ରଦୀପ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ ଏକ ମାମଲା ରୁଜୁ କରିବା ସହିତ ସିସିଟିଭି ଫୁଟେଜ୍ ଆଧାରରେ ସାଦପଡ଼ା ଗ୍ରାମର ଅଭିମନ୍ୟୁ ମଲିକକୁ ଗିରଫ କରିଥିଲା। ତେବେ ଅଭିମନ୍ୟୁ ସମ୍ପୃକ୍ତ ଜନସେବା କେନ୍ଦ୍ରରୁ ୫ହଜାର ୨୩୦ ଟଙ୍କା ଚୋରି କରିଥିବା ନେଇ ଥାନାରେ ସ୍ୱୀକାର କରିବାରୁ ପୁଲିସ ପ୍ରଦୀପଙ୍କୁ ତାଙ୍କ ଟଙ୍କା ଫେରସ୍ତ ଦେଇଥିବାବେଳେ ଅଭିଯୁକ୍ତକୁ ଶନିବାର କୋର୍ଟଚାଲାଣ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି। ସେହିପରି ବିଳମ୍ବିତ ରାତିରେ ଥାନାଠାରୁ ଅନତି ଦୂରରେ ଅବସ୍ଥିତ ଏକ ଜନସେବା କେନ୍ଦ୍ରର ଆଜ୍‌ବେଷ୍ଟସ ଭାଙ୍ଗି ଦୁର୍ବୃତ୍ତ ଗୋଟିଏ କ୍ୟାମେରା ଓ ଗୋଟିଏ କମ୍ପ୍ୟୁଟର ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଚୋରି ଯାଇଥିବା ସାମଗ୍ରୀଗୁଡ଼ିକର ମୂଲ୍ୟ ୧ଲକ୍ଷ ୮୦ହଜାର ଟଙ୍କା ହେବ ବୋଲି କେନ୍ଦ୍ରର ଚାଳକ ନୀଳକଣ୍ଠ ବେହେରା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ପାଇବା ପରେ ଚୋରମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଥିବା ଥାନା ଅଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି। ଅନ୍ୟପଟେ ଥାନା ସମ୍ମୁଖ ଦୋକାନରୁ ଚୋରି ହେବା ଖବର ସାରା ଅଞ୍ଚଳରେ ବ୍ୟାପିବା ପରେ ପୁଲିସର କରିବାପଣିଆ ଉପରେ ପ୍ରଶ୍ନ ଉଠାଇବା ସହିତ ରାତି ସମୟରେ ଅଞ୍ଚଳବାସୀଙ୍କ ସୁରକ୍ଷାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଚିନ୍ତାବ୍ୟକ୍ତ କରିଥିବା ଜଣାପଡ଼ିଛି।

# ରାସ୍ତାରେ ମିଶିଲା ବେଆଇନ ନିର୍ମାଣ

**ସାକ୍ଷୀଗୋପାଳ, ୨୫।୧୦(ସମିସ)**

ଆସନ୍ତା ୩୧ ଓ ନଭେମ୍ବର ୨ତାରିଖ ସାକ୍ଷୀଗୋପାଳ ମନ୍ଦିରରେ ପବିତ୍ର ଅଁଳାନବମୀ ଓ ବଡ଼ ଏକାଦଶୀ ପର୍ବ ଅନୁଷ୍ଠିତ ହେବ। ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲା ଓ ସତ୍ୟବାଦୀ ବ୍ଲକ ପ୍ରଶାସନର ଅଧିକାରୀମାନେ ଘନଘନ ସତ୍ୟବାଦୀ ଗସ୍ତ କରି ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟର ସମୀକ୍ଷା କରୁଥିବା ଦେଖାଯାଇଛି। ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡଠାରୁ ମନ୍ଦିର ପର୍ଯ୍ୟନ୍ତ ସାକ୍ଷୀଗୋପାଳ ଅଲଗୁମ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବେଆଇନ ନିର୍ମାଣ ପ୍ରଶାସନ ଦ୍ୱାରା ଉଚ୍ଛେଦ କରାଯାଇଥିଲା। ଜେସିବି ଦ୍ୱାରା ଜବରଦଖଲ ଉଚ୍ଛେଦ କରି ରାସ୍ତାରେ ମିଶାଇ ଦିଆଯାଇଛି। ଶନିବାର ସନ୍ଧ୍ୟା ହୋଇଯିବାରୁ ଉଚ୍ଛେଦ କାର୍ଯ୍ୟ ବନ୍ଦ କରାଯାଇଥିବାବେଳେ ଆଗକୁ ଅବଶିଷ୍ଟ ଉଚ୍ଛେଦ କାର୍ଯ୍ୟ କରାଯିବ। ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ପରିସରରେ ଖୁବ୍‌ଶୀଘ୍ର ରାସ୍ତା ପାର୍ଶ୍ୱ ବ୍ୟବସାୟୀମାନଙ୍କୁ ଥଇଥାନ କରାଯିବ ବୋଲି ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେହିପରି ଖାଲି କରାଯାଇଥିବା ରାସ୍ତାରେ ଆଗକୁ କୌଣସି ବେଆଇନ ନିର୍ମାଣ କରି ବ୍ୟବସାୟୀମାନେ ଅବରୋଧ କଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ତହସିଲ୍‌ଦାର ଶ୍ରୀ ପାଣିଗ୍ରାହୀ, ଥାନା ଅଧିକାରୀ ଶ୍ରୀ ବେହେରା, ଅତିରିକ୍ତ ତହସିଲ୍‌ଦାର ଓମ୍ ପ୍ରକାଶ ପରିଡ଼ା, ରାଜସ୍ୱ ନିରୀକ୍ଷକ, ଅମିନ, ପୁଲିସ ଫୋର୍ସ, ବିଦ୍ୟୁତ୍ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



## ରାସ୍ତା ଅବରୋଧ କରୁଛି ବିଦ୍ୟୁତ୍ ଖୁଣ୍ଟ

ସାକ୍ଷୀଗୋପାଳ ବଜାରରେ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ଅସମ୍ଭାଳ ହୋଇପଡ଼ିଛି। ଆସନ୍ତା ଅଁଳାନବମୀ ଓ ବଡ଼ ଏକାଦଶୀ ଅବସରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ବୃଦ୍ଧି ପାଇବା ନେଇ ଲକ୍ଷ୍ୟ ରଖାଯାଇଛି। ଏହାକୁ ଦୃଷ୍ଟିରେ ରଖି ସତ୍ୟବାଦୀ ପ୍ରଶାସନ ତରଫରୁ ସାକ୍ଷୀଗୋପାଳ ବଜାର ଭିତରୁ ବେଆଇନ ଅବରୋଧ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦ କାର୍ଯ୍ୟକୁ ସମସ୍ତ ବ୍ୟାବସାୟିକ ସଂସ୍ଥା ତଥା ଜନସାଧାରଣ ସହଯୋଗ କରିଥିଲେ। ମାତ୍ର ରାସ୍ତା ଉପରେ ରହିଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ସ୍ଥାନାନ୍ତର କରାଯାଇପାରି ନାହିଁ। ରାସ୍ତା ସଂକୀର୍ଣ୍ଣ ଥିବା ସମୟରେ ପୋତାଯାଇଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ବର୍ତ୍ତମାନ ରାସ୍ତା ଉପରେ ରହିଛି। ପ୍ରାୟ ୪ ବର୍ଷ ତଳୁ ରାସ୍ତା ପାର୍ଶ୍ୱରେ ନୂଆ ବିଦ୍ୟୁତ୍ ଖୁଣ୍ଟ ପୋତାଯାଇଛି। ମାତ୍ର ୪ ବର୍ଷ ପରେ ବି ପୁରୁଣା ଖୁଣ୍ଟରୁ ବିଦ୍ୟୁତ୍ ତାର ସ୍ଥାନାନ୍ତର କରି ନୂଆ ବିଦ୍ୟୁତ୍ ଖୁଣ୍ଟରେ ଲଗାଯାଇପାରି ନାହିଁ। ଯାହାଫଳରେ ପୁରୁଣା ଖୁଣ୍ଟଗୁଡ଼ିକରେ ପୂର୍ବବତ୍ ବିଦ୍ୟୁତ୍ ଯୋଗାଣ କାର୍ଯ୍ୟକ୍ଷମ ରହିଛି। ପୁରୁଣା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକରୁ ବିଦ୍ୟୁତ୍ ତାର ବାହାର କରି ନୂତନ ଖୁଣ୍ଟଗୁଡ଼ିକରେ ଲଗାଇବା ସହିତ ସାକ୍ଷୀଗୋପାଳ ବଜାର ରାସ୍ତା ଅବରୋଧ କରୁଥିବା ପୁରାତନ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକୁ ବାହାର କରିଦେବା ନିମନ୍ତେ ସାଧାରଣରେ ମତପ୍ରକାଶ ପାଇଛି। ପୁରୁଣା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ବାହାର କରିଦେଲେ ରାସ୍ତା ପ୍ରଶସ୍ତୀକରଣ ହେବା ସହିତ ଭବିଷ୍ୟତରେ ରାସ୍ତା ଜବରଦଖଲ ହେବାର ସମ୍ଭାବନା ରହିବ ନାହିଁ।

# ମୁକ୍ତମଞ୍ଚ ନାଟ୍ୟ ପ୍ରତିଯୋଗିତା: ଘାଟିକିଆ ଚାମ୍ପିଅନ



**ଅସ୍ତରଙ୍ଗ, ୨୫।୧୦(ସମିସ):** ଅସ୍ତରଙ୍ଗର ଅଗ୍ରଣୀ ଅନୁଷ୍ଠାନ ମା' ଲକ୍ଷ୍ମୀ କ୍ଲବ୍ ଆନୁକୂଲ୍ୟରେ ୬ ଦିନ ଧରି ଚାଲିଥିବା ମୁକ୍ତମଞ୍ଚ ନାଟ୍ୟ ପ୍ରତିଯୋଗିତା ସମାପ୍ତ ହୋଇଛି। ଗତ ୧୭ ତାରିଖରୁ ୬ଟି ନାଟ୍ୟ ଅନୁଷ୍ଠାନ ଟାଉନ୍ କ୍ଲବ୍ ନିମାପଡ଼ା ଦ୍ୱାରା ମଞ୍ଚସ୍ଥ ନାଟକ 'ମୋ ପ୍ରେମରେ ଲାଗିଲା କାହା ନଜର', ବାବା ନୀଳକଣ୍ଠେଶ୍ୱର ନାଟ୍ୟ ସଂସଦ ଘଟିକିଆ ଦ୍ୱାରା ମଞ୍ଚସ୍ଥ 'କିଏ ପୋଛିଦେବ ଆଖିର ଲୁହ', ପାଦୁକେଇ ନାଟ୍ୟ ସଂସଦ ବାଣପୁର (ଖୋର୍ଦ୍ଧା) ଦ୍ୱାରା 'ସ୍ୱାମୀ ପାଇଁ ପଛେ ନର୍କକୁ ଯିବି', ଓମ୍ ସାଇ ରାମ ନାଟ୍ୟ ସଂସଦ ଦ୍ୱାରା 'ମୁଁ ତୋର କ'ଣ ହେବି', ମା' ମଙ୍ଗଳା ପପି ୟଙ୍ଗ୍ ଷ୍ଟାର୍ ଗୋବିନ୍ଦପୁର ପାରାଦ୍ୱୀପ ଦ୍ୱାରା 'ଆସିଚି ଏକା ଯିବି ମୁଁ ଏକା', ଆରିୟନ କ୍ରୁ୍ୟ ଭୁବନେଶ୍ୱର ଦ୍ୱାରା 'ଆଖି କାନ୍ଦୁଚି ଲୁହ ସରୁନି' ମଞ୍ଚସ୍ଥ ହୋଇଥିଲା। ବିଚାରପତି ହେମି ସାମଲ ଓ ବିଜୟ ରାଜଗୁରୁଙ୍କ ନାଟକର ମୂଲ୍ୟାଙ୍କନ କରିଥିଲେ। ଶେଷ ଦିନରେ ଲଟେରୀ ଉଠାଣ ସହିତ ଏକ ରଙ୍ଗାରଙ୍ଗ ମେଲୋଡ଼ି କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଅସ୍ତରଙ୍ଗ ଅଞ୍ଚଳର ଯୁବ ଉଦ୍ୟୋଗପତି ଜଗନ୍ନାଥ ବେଉରା ଓ ଦୁଇ ବିଚାରପତିଙ୍କ କରକମଳରେ ଚାମ୍ପିଅନ୍ ଟିମ୍ ଭାବରେ ଘାଟିକିଆକୁ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଟିମ୍ ଆରିୟନ କ୍ରୁ୍ୟ, ତୃତୀୟ ଟିମ୍ ବାଣପୁରକୁ ଟ୍ରଫି ସହିତ ପୁରସ୍କାର ରାଶି ପ୍ରଦାନ କରିଥିଲେ। ବିଶେଷକରି ଶ୍ରେଷ୍ଠ ଖଳନାୟକ ଭାବରେ ଟାଉନ୍ କ୍ଲବ୍ ନିମାପଡ଼ାର ଅକ୍ଷୟ ବେହେରା ଓ ଘାଟିକିଆ ଟିମକୁ ଶ୍ରେଷ୍ଠ ନାୟକ-ନାୟିକା ଟ୍ରଫି ପ୍ରଦାନ କରାଯାଇଥିଲା।

ଅନ୍ତ୍ୟୋଦୟ ଗୃହ ହିତାଧିକାରୀ ଚୟନରେ ଅନିୟମିତତା

# ତାଲିକାରେ ସମିତିସଭ୍ୟଙ୍କ ନାଁ; ଜାଣିପାରିଲେନି ବିଡିଓ !

**ଗୋପ, ୨୫।୧୦(ସମିସ):** ସରକାର ଅତ୍ୟନ୍ତ ଗରିବ, ଅସହାୟ ଓ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ଅସହାୟ ବ୍ୟକ୍ତିଙ୍କୁ ପକ୍କା ଘରେ ରହିବା ଲାଗି ନିକଟରେ ସ୍ୱତନ୍ତ୍ର ଭାବେ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକାରୀ କରିଥିବାବେଳେ ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି ଯୋଜନାରେ ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଜଣେ ସମିତିସଭ୍ୟ ଏହି ହିତାଧିକାରୀ ତାଲିକାରେ ସାମିଲ୍ ହୋଇଥିବା ଘଟଣା ଲୋକଲୋଚନକୁ ଆସିବା ପରେ ସରକାରୀ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ବିଡିଓ କିପରି ଜାଣିପାରିଲେନି ଓ ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବେନିୟମ ଭାବେ କିପରି ସମିତିସଭ୍ୟଙ୍କୁ ଏହି ଯୋଜନାରେ ସାମିଲ୍ ପାଇଁ ଅନୁମୋଦନ କଲେ ତାହା ତଦନ୍ତସାପେକ୍ଷ ହୋଇପଡ଼ିଛି।

ସୂଚନା ମୁତାବକ, ଗୋପ ବ୍ଲକ ଅଧୀନ ନୂଆଖୋଲମରା ପଞ୍ଚାୟତର ସମିତିସଭ୍ୟ ବିଜୟ ଗୁରୁ ତଞ୍ଚକତା କରି କିଛି ସରକାରୀ କର୍ମଚାରୀଙ୍କୁ ହାତକରି ନିଜ ନାମରେ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ହାତେଇଥିବା ବେଳେ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ପୂର୍ବରୁ ଶ୍ରୀ ଗୁରୁ ୨୦୧୫-୧୬ ଆର୍ଥିକ ବର୍ଷରେ ତାଙ୍କ ପତ୍ନୀ ବନିତା ଗୁରୁଙ୍କ ନାମରେ ବିଜୁ ପକ୍କାଘର ଯୋଜନାରେ ୭୦ ହଜାର ଟଙ୍କା ଅନୁଦାନ ପାଇଥିବା ନେଇ ସେହି ପଞ୍ଚାୟତର ଦିଲ୍ଲୀପ ପ୍ରଧାନ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସରକାର ଅତ୍ୟନ୍ତ ଗରିବ, ବାସହୀନ, ଅସହାୟ ଓ ଭିନ୍ନକ୍ଷମ ପରିବାରକୁ ଅଗ୍ରାଧିକାର ଭିତ୍ତିରେ ପକ୍କାଗୃହ ଯୋଗାଇଦେବାକୁ ଏହି ମହତ୍ୱାକାଂକ୍ଷୀ ଯୋଜନା କାର୍ଯ୍ୟକାରୀ କରିଥିବାବେଳେ କିଭଳି ଜଣେ ଜନପ୍ରତିନିଧି ଅନିୟମିତତା କରି ଏହି ଯୋଜନାରେ ସାମିଲ୍ ହୋଇଛନ୍ତି ଓ ତାଙ୍କୁ କେଉଁ ଅଧିକାରୀ ସହଯୋଗ କରିଛନ୍ତି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ତୃଣମୂଳସ୍ତରରେ ହିତାଧିକାରୀ ଚୟନ ଲାଗି ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଯୋଜନାରେ ସାମିଲ୍ ଲାଗି ସ୍ୱତନ୍ତ୍ର ଭାବେ ମାର୍ଗଦର୍ଶିକା ଜାରି କରାଯାଇଥିଲେ ମଧ୍ୟ ସବୁ ସରକାରୀ ନିୟମକୁ ଉଲ୍ଲଂଘନ କରି କିପରି ଜଣେ ଜନପ୍ରତିନିଧିଙ୍କୁ ଯୋଜନାରେ ସାମିଲ୍ କରାଯାଇଛି ତାହାର ଭିଜିଲାନ୍ସ ତଦନ୍ତର ଆବ୍ୟଶକତା ରହିଥିବା ସାଧାରଣରେ ଅଭିଯୋଗ ହୋଇଛି। ଅପରପକ୍ଷେ ଅନ୍ୟ କେତେକ ପଞ୍ଚାୟତରେ ମଧ୍ୟ ବ୍ୟାପକ ଅର୍ଥ କାରବାର କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ୍ କରାଯାଇଥିବା ଅଭିଯୋଗ ହୋଇଆସୁଛି। ତେବେ ସମିତିସଭ୍ୟଙ୍କ ନାମରେ ଅଭିଯୋଗ ଆସିବା ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରାଯାଇଥିବା ସୂଚନା ମିଳିଥିବାବେଳେ ତଦନ୍ତ ପରେ ସମସ୍ତ ଘଟଣା ଲୋକଲୋଚନକୁ ଆସିପାରିବ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏ ସମ୍ପର୍କରେ ବିଡିଓ ଛବିରାଣୀ ସାହୁଙ୍କୁ ଟେଲିଫୋନ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ଏ ସମ୍ପର୍କରେ ଗୃହ ଦାୟିତ୍ୱରେ ଥିବା କର୍ମଚାରୀ ଯଯାତି କେଶରୀ ସାମନ୍ତରାୟଙ୍କୁ ପଚାରିବାରେ ସେ କୁହନ୍ତି ଅଭିଯୋଗ ପାଇବା ପରେ ତଦନ୍ତ ଜାରିରହିଛି।

# ପାନ ଦୋକାନରୁ ମଦ ଜବତ, ଜଣେ ଗିରଫ

**ବଳଙ୍ଗା, ୨୫।୧୦(ସମିସ):** ଗୁରୁବାର ରାତିରେ ବଳଙ୍ଗା ଥାନା ଅନ୍ତର୍ଗତ ବିଦ୍ୟାଧରପୁର ଛକରେ ଥିବା ଏକ ପାନ ଦୋକାନ ଉପରେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ପରିମାଣର ବିଦେଶୀ ମଦ ଜବତ କରିବା ସହ ସମ୍ପୃକ୍ତ ଦୋକାନୀଙ୍କୁ ଗିରଫ କରାଯାଇଛି। ଗିରଫ ଜଣକ ବିଦ୍ୟାଧରପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ପରିଡ଼ା ବୋଲି ପୁଲିସ ସୂଚନା ଦେଇଛି।

ସୂଚନା ମୁତାବକ, ପୂର୍ଣ୍ଣଚନ୍ଦ୍ର ବିଦ୍ୟାଧରପୁର ଛକରେ ଏକ ପାନ ଦୋକାନ କରିଛନ୍ତି। ପୂର୍ଣ୍ଣଚନ୍ଦ୍ର ଉକ୍ତ ଦୋକାନରେ ଚୋରାରେ ମଦ କାରବାର କରୁଥିବା ନେଇ ବଳଙ୍ଗା ପୁଲିସକୁ ସୂଚନା ମିଳିଥିଲା। ସୂଚନା ଆଧାରରେ ବଳଙ୍ଗା ଥାନା ଏସ୍‌ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକଙ୍କ ନେତୃତ୍ୱରେ ଶୁକ୍ରବାର ରାତିରେ ଏକ ପୁଲିସ ଟିମ୍ ଉକ୍ତ ଦୋକାନରେ ଚଢ଼ଉ କରି ମୋଟ ୮୫ ବୋତଲ ବିଦେଶୀ ମଦ ଜବତ କରି ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରିଥିଲେ। ଏ ନେଇ ଥାନାରେ ଏସ୍‌ଆଇ ଶ୍ରୀମତୀ ପଟ୍ଟନାୟକଙ୍କ ଅଭିଯୋଗ ଆଧାରରେ ଏକ ଅବକାରୀ ମାମଲା ରୁଜୁ କରାଯାଇଛି।

# ଶିକ୍ଷକଙ୍କ ବଦଳି ପ୍ରତିବାଦରେ ବିଦ୍ୟାଳୟ ସମ୍ମୁଖରେ ଧାରଣା

**ଡେଲାଙ୍ଗ, ୨୫।୧୦(ସମିସ):** ଡେଲାଙ୍ଗ ବ୍ଲକ କୋଠବାଡ଼ ପଞ୍ଚାୟତ ଅଧୀନ ଅମାଳଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୂର୍ବରୁ ୫ ଜଣ ଶିକ୍ଷକ ନିୟୋଜିତ ଥିବାବେଳେ ଗତ ଏପ୍ରିଲ ମାସରେ ତତ୍କାଳୀନ ପ୍ରଧାନଶିକ୍ଷୟିତ୍ରୀ ମମତା ପଣ୍ଡା ଅବସର ଗ୍ରହଣ କରିଥିଲେ। ତେବେ ୪ଜଣ ଶିକ୍ଷକଙ୍କ ମଧ୍ୟରୁ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ପୁଣି ଜଣକୁ ଅନ୍ୟତ୍ର ବଦଳି କରାଯାଇଛି। ଯାହା ଫଳରେ ୯ଟି ଶ୍ରେଣୀରେ ପାଠ ପଢୁଥିବା ୮୪ ଜଣ ଛାତ୍ରଛାତ୍ରୀଙ୍କ ନିମନ୍ତେ ମାତ୍ର ୩ଜଣ ଶିକ୍ଷକ ବର୍ତ୍ତମାନ ନିୟୋଜିତ ଅଛନ୍ତି। ତେବେ ପିଲାଙ୍କ ପାଠପଢ଼ାରେ ସମସ୍ୟା ଉପୁଜିବା ଆଶଙ୍କା କରି ଶନିବାର ସକାଳ ୭ଟାରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଦୀର୍ଘ ୫ ଘଣ୍ଟା ଧରି କୋମଳମତି ଶିଶୁମାନେ ଖରାରେ ବସିରହିଥିଲେ ମଧ୍ୟ ବ୍ଲକ ଶିକ୍ଷା ବିଭାଗର କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। ଫଳସ୍ୱରୂପ ଆସନ୍ତା ସୋମବାର ଡେଲାଙ୍ଗ-ଖୋର୍ଦ୍ଧା ମୁଖ୍ୟରାସ୍ତାରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦିଆଯିବ ବୋଲି ଅଭିଭାବକମାନେ ସୂଚନା ଦେଇଛନ୍ତି। ଅନ୍ୟପଟେ ବିଦ୍ୟାଳୟକୁ ଶିକ୍ଷକ ଦେବା ପରିବର୍ତ୍ତେ ଶିକ୍ଷକଙ୍କୁ କିପରି ବିଦ୍ୟାଳୟରୁ ଅନ୍ୟତ୍ର ବଦଳି କରାଯାଉଛି ସେ ନେଇ ଅଭିଭାବକମାନେ ଅସନ୍ତୋଷବ୍ୟକ୍ତ କରିବା ସହିତ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ଦାବି କରିଛନ୍ତି। ଏହି ଧାରଣାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟ ସ୍ୱାଇଁ, ସମ୍ପାଦିକା ଶୈଳବାଳା ବେହେରା, ସମାଜସେବୀ ଅଶୋକ ପ୍ରଧାନ, ଅଭିଭାବକ ଅନନ୍ତ ସ୍ୱାଇଁ, ସୁରେଶ ସାହୁ, ଦୁଷ୍ମନ୍ତ ସ୍ୱାଇଁ, ପ୍ରଦୀପ ମନ୍ତ୍ରୀ, ବୃନ୍ଦାବନ ବେହେରା, ବଟକୃଷ୍ଣ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ଘଟଣା ସମ୍ପର୍କରେ ଅବଗତ ହେବା ପରେ ବ୍ଲକ ସହ ଶିକ୍ଷାଧିକାରୀ ଓ ସିଆରସିସିଙ୍କୁ ଘଟଣାସ୍ଥଳକୁ ପଠାଯାଇଥିଲା। ବିଳାସପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିବାରୁ ଅମାଳଙ୍ଗରୁ ଜଣେ ଶିକ୍ଷକଙ୍କୁ ବିଳାସପୁର ବଦଳି କରାଯାଇଥିବା ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା ସୂଚନା ଦେଇଛନ୍ତି।



# ବେସାହାରା ପାଲଟିଛି ବାତ୍ୟା ଆଶ୍ରୟସ୍ଥଳୀ

**ଅସ୍ତରଙ୍ଗ, ୨୫।୧୦(ସମିସ)**



ବନ୍ୟାବାତ୍ୟା ସମୟରେ ଲୋକଙ୍କୁ ସୁରକ୍ଷା ଯୋଗାଇବା ପାଇଁ ନିର୍ମାଣ କରାଯାଇଥିବା ଆଶ୍ରୟସ୍ଥଳଟି ଏବେ ବେସାହାରା ପାଲଟିଯାଇଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଆଶ୍ରୟସ୍ଥଳୀଟି ରକ୍ଷଣାବେକ୍ଷଣ ଅଭାବରୁ ଭୂତକୋଠିରେ ପରିଣତ ହୋଇଯାଇଛି। ଏହାର ଚାରିପାର୍ଶ୍ୱରେ ଗଛଲତା ପରିପୂର୍ଣ୍ଣ ହୋଇ ଜଙ୍ଗଲ ସୃଷ୍ଟି ହୋଇଗଲାଣି। ଯାହାଫଳରେ ଅସାମାଜିକ ବ୍ୟକ୍ତିଙ୍କର ଏହା ଏକ ଆଡ୍ଡାସ୍ଥଳୀ ପାଲଟିଯାଇଛି। ଉକ୍ତ ଆଶ୍ରୟସ୍ଥଳୀରେ ଲାଗିଥିବା କବାଟ, ଝରକା ଆଦି ଦୁର୍ବୃତ୍ତମାନେ ଚୋରି କରି ନେଲେଣି। ବର୍ତ୍ତମାନ ଏହା ଖୋଲାମେଲାରେ ଭଙ୍ଗାରୁଜା ହୋଇ ବିପଦସଙ୍କୁଳ ଅବସ୍ଥାରେ ଦଣ୍ଡାୟମାନ। ଦିନେ ଅନ୍ୟକୁ ସାହାରା ଦେଉଥିବା ଗୃହଟି ଏବେ ନିଜେ ସାହାରା ଖୋଜୁଛି।

୧୯୯୯ ଅକ୍ଟୋବର ୨୯ରେ ଓଡ଼ିଶା ଉପକୂଳକୁ ପଡ଼ିଥିଲା ମହାବିପତ୍ତି। ମାଡ଼ି ଆସିଥିଲା ପ୍ରଳୟଙ୍କରୀ ମହାବାତ୍ୟା। ବହିଥିଲା ୩୦୦ରୁ ଊର୍ଦ୍ଧ୍ୱ କିଲୋମିଟର ବେଗରେ ପବନ। ଉଚ୍ଛୁଳିଥିଲା ସମୁଦ୍ର। ଉପକୂଳର ବିଭିନ୍ନ ଅଞ୍ଚଳରେ ପଶିଥିଲା ଲୁଣିପାଣି। ପବନ ସାଙ୍ଗକୁ ସମୁଦ୍ର ପାଣି ମାଡ଼ିଆସି ଭାଙ୍ଗିଯାଇଥିଲା ହଜାର ହଜାର ଘର, ଗଛଲତା। ଚାଲିଯାଇଥିଲା ଲକ୍ଷ ଲକ୍ଷ ଜୀବଜନ୍ତୁଙ୍କ ସମେତ ୧୦ହଜାରରୁ ଅଧିକ ଲୋକଙ୍କ ଜୀବନ। ସେହି ସମୟରେ ଘରଗୁଡ଼ିକ ଭାଙ୍ଗିଯାଇଥିବାରୁ ବେସାହାରା ହୋଇଥିବା ଲୋକମାନେ ମୁଣ୍ଡ ଗୁଞ୍ଜିବା ପାଇଁ କି ପେଟକୁ ଗଣ୍ଡେ ଦାନା ଯୋଗାଡ଼ କରିବା ପାଇଁ ହେଉ ଯେଉଁ ଦୁଃଖ କଷ୍ଟରେ ଜୀବନ ବିତାଇଥିଲେ ସେ କଥା ସାରା ଭାରତକୁ ସ୍ତବ୍ଧ କରିଦେଇଥିଲା। ସେହି ଦୁଃଖଦ ଅନୁଭୂତିକୁ ଦୃଷ୍ଟିରେ ରଖି ବାତ୍ୟା ସମୟରେ କିଭଳି ଉପକୂଳବାସୀ ଆଉ ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ବିଭିନ୍ନ ସଂସ୍ଥା ତରଫରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ତିଆରି ହୋଇଥିଲା ବାତ୍ୟା ଆଶ୍ରୟସ୍ଥଳୀ। କିନ୍ତୁ କିଛିଦିନ ସେବା ଯୋଗାଇଦେବା ପରେ ବାତ୍ୟା ଆଶ୍ରୟସ୍ଥଳୀ ହୋଇଗଲା ବେସାହାରା। ପାଲଟିଗଲା ଭୂତକୋଠି। ଦୁର୍ବୃତ୍ତଙ୍କ ଲୋଲୁପ ଦୃଷ୍ଟିରୁ ବର୍ତ୍ତିପାରିଲା ନାହିଁ। କବାଟ, ଝରକା ଏବଂ ଅନ୍ୟାନ୍ୟ ଆସବାବପତ୍ର ସବୁ ନେଇଗଲେ। ରକ୍ଷଣାବେକ୍ଷଣ ଅଭାବରୁ ଦୀର୍ଘ ଦିନ ଧରି ଅବହେଳିତ ହୋଇପଡ଼ିବା ଦ୍ୱାରା ଘର ଚାରିପଟେ ଗଛଲତା ଉଠି ଜଙ୍ଗଲ ହୋଇଗଲାଣି। ଆଉ ଭିତରେ ଚାଲୁଛି ଅସାମାଜିକ କାର୍ଯ୍ୟକଳାପ ସହିତ ନିଶାଡ଼ିଙ୍କ ଆଡ୍ଡାସ୍ଥଳୀ। ଆଗକୁ ବାତ୍ୟା 'ମୋନ୍ଥା' ଆସୁଥିବାରୁ ଭୟର ବାତାବରଣ ସୃଷ୍ଟି କରୁଚି ଅସ୍ତରଙ୍ଗ ବ୍ଲକ ପାଟଳଦା ପଞ୍ଚାୟତର ଭଣ୍ଡରପଦା ଏବଂ ଛୁରିଆନା ପଞ୍ଚାୟତର ସୁଦୀକେଶ୍ୱରଠାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ।

ଏଠାରେ ସୂଚନା ଥାଉକି, ଏବେ ଯେମିତି ପ୍ରତିବର୍ଷ ବାତ୍ୟା ଓଡ଼ିଶାକୁ ଡରାଉଛି ଯଦି ଏହି ବାତ୍ୟା ଆଶ୍ରୟସ୍ଥଳୀ ଅବହେଳିତ ଅବସ୍ଥାରେ ରୁହେ ତାହେଲେ ବିପଦ ସମୟରେ ଲୋକମାନେ କିପରି ସେଇ ଫୁଙ୍ଗୁଳା ଘରେ ରହିବେ ତାହା ଗ୍ରାମବାସୀଙ୍କୁ ବ୍ୟଥିତ କରିଛି। ତେଣୁ ପ୍ରଶାସନ ତୁରନ୍ତ ସମସ୍ୟାକୁ ଗୁରୁତ୍ୱର ସହିତ ଗ୍ରହଣ କରି ଏହି ଆଶ୍ରୟସ୍ଥଳୀର ମରାମତି କରି ତା'ର ସୁପରିଚାଳନା ବ୍ୟବସ୍ଥା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

- ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାହା ହେଉଥିଲା
- ରକ୍ଷଣାବେକ୍ଷଣ ଅଭାବରୁ ଅସାମାଜିକଙ୍କ ଆଡ୍ଡା ପାଲଟିଛି
- ମାଡ଼ି ଆସୁଛି ବାତ୍ୟା 'ମୋନ୍ଥା'; ସାଧାରଣରେ ଆତଙ୍କ

# ପୂର୍ବତନ ଯାଦବ ସଂଗଠନ ସଭାପତିଙ୍କ ପରଲୋକ



**ଗୋପ, ୨୫।୧୦(ସମିସ):** ଗୋପ ବ୍ଲକ ଅଧୀନ ନାଗପୁର ପଞ୍ଚାୟତ ପଦ୍ମପଡ଼ା ଗ୍ରାମର ବରିଷ୍ଠ ନାଗରିକ ପୂର୍ବତନ ଯାଦବ ସଂଗଠନ ସଭାପତି ନାଗପୁର ବଜାର କମିଟି ସଦସ୍ୟ ଗଣେଶ୍ୱର ବେହେରା (୬୯)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଧାର୍ମିକ, ମିଷ୍ଟଭାଷୀ, ପରୋପକାରୀ ଥିଲେ। ତାଙ୍କ ମରଶରୀରକୁ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ବଡ଼ପୁଅ ମୁଖାଗ୍ନି ଦେଇଥିଲେ।

O-1128

No.4070, Dated 23.10.2025
Government of Odisha "e" procurement Notice
Bid Identification No. TENDER ONLINE SNPR- 07 OF 2025-26

1. Name of the work : Building Works as per DTCN available in the website. www.tendersodisha.gov.in
2. Total No. of Work : 64(Sixty four)Nos.
3. Approximate Estimated Cost : Vary from Rs. 1.68 lakh to Rs. 8.40 lakh
4. Period of Completion : 2 (Two Calendar months)
5. Period and time of availability of bid document in the portal for bidding : 29.10.2025 at 11.00AM to 11.11.2025 up to 5.00 PM
6. Date and time of opening of Tender : 12.11.2025 at 11.00AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W.Division. Sonepur

(1) Other details can be seen from detailed notice
(2) inviting tenders, available in website www.tendersodishagov.in
(3) Corrigendum if any shall only be published in the website: www.tenderodisha.gov.in

Executive Engineer,
Rural Works Division, Sonepur.

OIPR-25054/11/0041/2526

A-748

GOVERNMENT OF ODISHA
DEPARTMENT OF WATER RESOURCE
OFFICE OF THE SUPERINTENDING ENGINEER,
NABARANGPUR IRRIGATION DIVISION
NABARANGPUR,DIST-NABARANGPUR(ODISHA)
Email ID- senidivision@gmail.com

E-PROCUREMENT NOTICE
BID IDENTIFICATION NO-SE-NID- 04 /2025-26 (01-06)

1. Nature of the work – Construction of Trough wall & Renovation of canal syphon.
2. Total Nos. of works – 06 (Six) Nos.
3. Tender cost of the works–From Rs.7.53 lakhs to Rs.6.71 lakhs (excluding GST)
4. Class of Contractor – 'D'& 'C' Class
5. Period of completion-01(One) Month
6. Other details as follows :

| Procurement Officer | Bid Identification No. | Availability of Bid on-line | | Last date & time of seeking tender clarification | Date & Time & Place of opening of Tender |
|---|---|---|---|---|---|
| Superintending Engineer, Nabarangpur Irrigation Division,Nabarangpur. | SE-NID-04 /2025-26(01-06) | 27.10.2025 (10.00AM) | 10.11.2025 (up to 05.00 PM) | 30.10.2025 up to 5.00 PM | 11.11.2025 at 11.00 AM in the O/o the Superintending Engineer, Nabarangpur Irrigation Division,Nabarangpur. |

Further details can be seen from the Government web site www.tendersodisha.gov.in
Addendum/Corrigendum/Cancellation if any required will be published in Govt.website only.

Superintending Engineer
Nabarangpur Irrigation Division
Nabarangpur

OIPR-32361/11/0018/2526

O-1174

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, MALKANGIRI
Letter No. 3917/RWD-II/Dated- 24.10.2025
1st CORRIGENDUM
TO E-TENDER CALL NOTICE
BID-IDENTIFICATION NO.09/2025-26/LTR NO.3577/Dt. 24.09.2025

The Tender for the works invited under Bid Identification 09/2025-26 is here by modified and read as below:-

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability to Tender online for bidding | Dt. 17.10.2025 at 11.00 A.M. to Dt.31.10.2025 Up to 5.30 P.M. | Dt.05.11.2025 at 11.00 to Dt 15.11.2025 Up to 5.30 P.M. |
| 2. | Date & time of seeking tender clarification if any | Dt.30.10.2025 Up to 3.00 P.M. | Dt.14.11.2025 Up to 3.00 P.M |
| 3. | Date & time of Opening of tender (Price Bid) | Dt.01.11.2025 Up to 11.00 A.M. | Dt.17.11.2025 Up to 11.00 A.M |

1. All other terms and conditions of the bids will remain unchanged.

Supertintending Engineer
Rural Works Division-II,
Malakngiri

OIPR-25079/11/0036/2526

ବ୍ଲକ୍ ଅଧ୍ୟକ୍ଷାଙ୍କୁ ବିଡିଓଙ୍କ ଦୁର୍ବ୍ୟବହାର ଘଟଣା

# କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲା ଗୃହ ବିଭାଗ

**ଗୋପ, ୨୫।୧୦(ସମିସ):** ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକଙ୍କ ନାମ ନୂତନ ଗୃହ ଉଦ୍‌ଘାଟନ ଫଳକରେ ନ ଥିବା ନେଇ ପ୍ରଥମେ ବାଦାନୁବାଦ ଓ ପରେ ବ୍ଲକ ଅଧ୍ୟକ୍ଷାଙ୍କୁ ବିଡିଓ ଛବିରାଣୀ ସାହୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏନେଇ ଅଧ୍ୟକ୍ଷା ଶ୍ରୀମତୀ ମଲ୍ଲିକ ଗୋପ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରାଜନୈତିକ ଚାପରେ ପୁଲିସ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ କୌଣସି କାରଣକୁ ନେଇ ଶୁଣି ନ ଥିଲା କି ମୋକଦ୍ଦମା ରୁଜୁ କରି ନ ଥିଲା। ବାରମ୍ବାର ଅଧ୍ୟକ୍ଷା ଝୁନୁ ମଲ୍ଲିକ ଗୋପ ଥାନାକୁ ଦୌଡ଼ି ଦୌଡ଼ି ନିରାଶ ହେବାପରେ ନ୍ୟାୟ ପାଇବା ପାଇଁ ନିମାପଡ଼ା କୋର୍ଟ ଓ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶରେ ଗୋପ ଥାନା କିଛି ମାସ ବ୍ୟବଧାନ ପରେ କେସ୍ ନମ୍ବର ୩୧୧/୨୫ ରୁଜୁ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ 'ଏକ୍ସ' ଜରିଆରେ ଗୃହ ବିଭାଗ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

୨୫/୧୦/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୧୦,୪୩,୭୦୦/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍



■ ଶୁଣୁନାହାନ୍ତି ଥାନା ବାବୁ

# ଏସ୍‌ପିଙ୍କୁ ଫେରାଦ୍‌ହେଲେ ଆକ୍ରମଣର ଶିକାର ଦମ୍ପତି

ପୁରୀ,୨୫।୧୦(ସମିସ): ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣି ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ଲାଗି ସବୁ ଥାନାକୁ ନିର୍ଦ୍ଦେଶ ରହିଛି। ହେଲେ ବିଭିନ୍ନ ସମୟରେ ଥାନାରୁ ନ୍ୟାୟ ମିଳୁନାହିଁ। ଶେଷରେ ଅଭିଯୋଗକାରୀ ଏସ୍‌ପିଙ୍କୁ ଫେରାଦ୍ ହେଉଛନ୍ତି। ପୁରୀ ଜିଲ୍ଲା ଚନ୍ଦନପୁର ଥାନାରେ ଏମିତି ଏକ ଘଟଣା ଘଟିଛି। ଆକ୍ରମଣର ଶିକାର ହୋଇଥିବା ଦମ୍ପତି ପ୍ରଥମେ ଥାନାରେ ଅଭିଯୋଗ କରିଥିଲେ। ସମସ୍ତ ତଥ୍ୟ ପ୍ରମାଣ ଆଧାରରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ଯେଉଁଭଳି ଭାବେ ତତ୍ପରତା ଦେଖାଇବା କଥା ଦେଖାଉନାହିଁ। ଥାନା ବାବୁ ତାଙ୍କ ମାମଲାକୁ ଗୁରୁତ୍ୱ ଦେଉ ନ ଥିବାରୁ ଶେଷରେ ଏସ୍‌ପିଙ୍କୁ ଫେରାଦ୍ ହୋଇଛନ୍ତି ଥେଣ୍ଟପୁର ଗ୍ରାମର ସୂର୍ଯ୍ୟନାରାୟଣ ପ୍ରଧାନ ଏବଂ ତାଙ୍କ ପତ୍ନୀ।

ସୂର୍ଯ୍ୟନାରାୟଣଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୧ ତାରିଖ ଅପରାହ୍ଣ ପ୍ରାୟ ୧ଟା ୪୦ରେ ସେମାନେ ଘରେ ରୋଷଇ କରୁଥିଲେ। ଏହି ସମୟରେ ପ୍ରଫୁଲ୍ଲ ପ୍ରଧାନ ଓ ତାଙ୍କ ସ୍ତ୍ରୀ ୨୦/୨୫ ଜଣଙ୍କୁ ଧରି କବାଟ ଭାଙ୍ଗି ତାଙ୍କ ଘରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ସ୍ୱାମୀ, ସ୍ତ୍ରୀ ଦୁଇଜଣଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ସ୍ତ୍ରୀ ପିନ୍ଧିଥିବା ଏକ ସୁନାଚେନ୍, ହାତରେ ପିନ୍ଧିଥିବା ସୁନାଖଡୁ ଓ ଘର ଖଟ ଉପରେ ମନିପର୍ସରେ ଥିବା ୨୨ହଜାର ଟଙ୍କା, ରୁପା ଗୋଡ଼ ଖଡୁ ୨ ହଳ, ପାଉଜି, ସୁନା କାନଫୁଲ ହଳେ, ୩ଟି ସୁନାମୁଦି ଓ ରୁପା ବ୍ରତରେଖା ନେଇଯାଇଥିଲେ। ଏଥିସହ ଘରର ସମସ୍ତ ଆସବାବପତ୍ର ଭାଙ୍ଗିରୁଜି ନଷ୍ଟ କରିଦେଇଛନ୍ତି। ଜୀବନ ବଞ୍ଚାଇବାକୁ ସେମାନେ ଘରୁ ବାହାରି ପଳାଇ ଯାଇଥିଲେ। ଏହାପରେ ସେମାନେ ୧୧୨କୁ ଫୋନ୍ କରିଥିଲେ। ପୁଲିସ କର୍ମଚାରୀ ପହଞ୍ଚି ସବୁ ଦେଖିଥିଲେ। ହେଲେ ଅଭିଯୋଗ ପରେ ପୁଲିସ ଯେଉଁଭଳି ଭାବେ ପଦକ୍ଷେପ ନେବା କଥା ନେଉନାହିଁ। ସେମାନେ ଭୟରେ ବାହାରେ ରହୁଛନ୍ତି ବୋଲି ସୂର୍ଯ୍ୟନାରାୟଣ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ଭୁବନାନନ୍ଦ ସାମନ୍ତରାୟଙ୍କୁ ପଚାରିବାରେ, ଏହି ଘଟଣାରେ ସୂର୍ଯ୍ୟନାରାୟଣ ପ୍ରଧାନ ଏବଂ ପ୍ରଫୁଲ୍ଲ ପ୍ରଧାନ ପରସ୍ପର ଏତଲା ଦେଇଛନ୍ତି। ଏତଲା ଆଧାରରେ ପୃଥକ୍ ପୃଥକ୍ ଦୁଇଟି ମାମଲା ରୁଜୁ କରାଯାଇଛି। ଉଭୟଙ୍କ ମଧ୍ୟରେ ପୁରୁଣା ବିବାଦ ଯୋଗୁଁ ଏଭଳି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏ ଦିଗରେ ତଦନ୍ତ ଚାଲିଛି ବୋଲି କହିଛନ୍ତି।

● ନାବାଳିକାକୁ ଗଣଦୁଷ୍କର୍ମ ମାମଲା

# ଦୁଇ ଅଭିଯୁକ୍ତଙ୍କୁ ଗିରଫ କଲା ପୁଲିସ

ପୁରୀ,୨୫।୧୦(ସମିସ): ଚନ୍ଦନପୁର ଥାନା ଅନ୍ତର୍ଗତ ବୀରନରସିଂହପୁର ଅଞ୍ଚଳରେ ଜଣେ ନାବାଳିକାକୁ ଗଣଦୁଷ୍କର୍ମ ହୋଇଥିଲା। ଏହି ମାମଲାରେ ପୁଲିସ ଅଟକ ରଖିଥିବା ସମ୍ପର୍କୀୟ ଦାଦା-ପୁତୁରାଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଆଲୋକ ଭୋଇ ଓ ପବିତ୍ର ଭୋଇ। ଏମାନେ ନାବାଳିକାର ପଡ଼ୋଶୀ ତଥା ସମ୍ପର୍କୀୟ ଦାଦା ଓ ଭାଇ ହେବେ। ଅନ୍ୟପକ୍ଷରେ ପୁଲିସ ନାବାଳିକାର ଡାକ୍ତରୀ ମାଇନା କରାଇଥିବାବେଳେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ଗତ ୨୨ ତାରିଖ ରାତିରେ କାଳୀପୂଜା ଭସାଣି ଚାଲିଥିଲା। ନାବାଳିକାର ପରିବାର ଲୋକେ ଭସାଣି ଦେଖିବାକୁ ଯାଇଥିଲେ। ଘରେ ନାବାଳିକା ଓ ତାଙ୍କ ଭଉଣୀ ଶୋଇଥିଲେ। ବିଳମ୍ବିତ ରାତିରେ ପଡ଼ୋଶୀ ଘରର ଦାଦା ଓ ପୁତୁରା ଦୁହେଁ ଘରେ ପଶି ବଳପୂର୍ବକ ନାବାଳିକାକୁ ଦୁଷ୍କର୍ମ କରିଥିଲେ। କାହା ଆଗରେ କିଛି ନ କହିବାକୁ ତାଗିଦ୍ କରି ଉଭୟେ ପଳାଇ ଯାଇଥିଲେ। ପରିବାର ଲୋକେ ପହଞ୍ଚିବା ପରେ ନାବାଳିକା ଜଣକ ଘଟଣା ବିଷୟରେ କହିଥିଲେ। ହେଲେ ଅଭିଯୁକ୍ତଦ୍ୱୟ ଗୁଣ୍ଡାଶ୍ରେଣୀୟ ଲୋକ ହୋଇଥିବାରୁ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଥାନାକୁ ଯିବାକୁ ଦେଇ ନ ଥିଲେ। ଅନ୍ୟପକ୍ଷରେ ସ୍ଥାନୀୟ ଲୋକେ ଘଟଣାକୁ ଚାପିବା ପାଇଁ ନାବାଳିକା ପରିବାର ଉପରେ ମଧ୍ୟ ଚାପ ପ୍ରୟୋଗ କରିଥିଲେ। ଏଥିପାଇଁ ଗୋଟିଏ ଦିନ ବିଳମ୍ବରେ ଅର୍ଥାତ୍ ଶୁକ୍ରବାର ନାବାଳିକା ତାଙ୍କ ମାଆଙ୍କ ସହିତ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ପୁଲିସ ସଙ୍ଗେ ସଙ୍ଗେ ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦାଦା, ପୁତୁରାଙ୍କୁ ଉଠାଇ ଆଣିଥିଲା। ଉଭୟଙ୍କୁ ପଚରାଉଚରା କରାଯିବା ପରେ ଶନିବାର ଦୁଇଜଣଙ୍କୁ କୋର୍ଟଚାଲାଣ କରିଛି। ଏଥିସହ ନାବାଳିକା ପୀଡ଼ିତାର ଡାକ୍ତରୀ ମାଇନା କରାଯାଇଥିବା ଆଇଆଇସି ଭୁବନାନନ୍ଦ ସାମନ୍ତରାୟ କହିଛନ୍ତି।

**ପୀଡ଼ିତାର ହେଲା ଡାକ୍ତରୀ ମାଇନା**

● ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକ

# ୩୦ ପର୍ଯ୍ୟନ୍ତ ଅଧିକାରୀ, କର୍ମଚାରୀଙ୍କ ଛୁଟି ବାତିଲ୍

ପୁରୀ,୨୫।୧୦(ସମିସ)

ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'ର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶନିବାର ସନ୍ଧ୍ୟାରେ ଆଭାସୀ ମାଧ୍ୟମରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ଭାବ୍ୟ ବାତ୍ୟା ଦ୍ୱାରା ଯେପରି ଧନଜୀବନ ହାନୀକୁ ରୋକାଯାଇ ପାରିବ ସେଥିପ୍ରତି ପ୍ରତ୍ୟେକ ସତର୍କ ରହିବାକୁ ଜିଲ୍ଲାପାଳ ଶ୍ରୀ ପରିଡ଼ା ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପାଣିପାଗ ବିଭାଗର ବର୍ତ୍ତମାନ ସୁଦ୍ଧା ପୂର୍ବାନୁମାନ ଅନୁଯାୟୀ ଏହି ବାତ୍ୟା ଓଡ଼ିଶାରେ ଲ୍ୟାଣ୍ଡଫଲ୍‌ର ଆଶଙ୍କା ନ ଥିବାବେଳେ ଏହା ପ୍ରଭାବରେ ପ୍ରବଳ ବର୍ଷାର ଆଶଙ୍କା ରହିଛି। ତେଣୁ ଆମକୁ ଅଧିକ ସତର୍କ ଓ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସମସ୍ତ ବିଭାଗ ସେମାନଙ୍କ ଦାୟିତ୍ୱକୁ ସୁଚାରୁ ରୂପେ ପରିଚାଳନା କରି ଧନଜୀବନ ହାନୀକୁ ରୋକିବାରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ସମସ୍ତ ବିଡିଓ, ତହସିଲଦାର ସେମାନଙ୍କ ଅଞ୍ଚଳର ଖାଲୁଆ ଓ ତଳିଆ ଅଞ୍ଚଳକୁ ଚିହ୍ନଟ କରି ଆବଶ୍ୟକସ୍ଥଳେ ସମ୍ପୃକ୍ତ ଅଞ୍ଚଳର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କଚ୍ଚା ଘର, ଚାଳ ଓ ମାଟି ଘରର ଲୋକମାନଙ୍କୁ ମଧ୍ୟ ନିରାପଦ ସ୍ଥାନକୁ ନେବାକୁ ଓ ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀକୁ ଲୋକମାନଙ୍କ ରହିବା ଉପଯୋଗୀ କରିବାକୁ ପରାମର୍ଶ ଦେଇଛନ୍ତି। ଅପରପକ୍ଷରେ ଜିଲ୍ଲା ପ୍ରଶାସନ ସମସ୍ତ କାର୍ଯ୍ୟକୁ ଅତି ଗୁରୁତ୍ୱର ସହ ପରିଚାଳନା କରୁଛନ୍ତି। ଜନସାଧାରଣ ସତର୍କ ଓ ସଚେତନ ରହିବା ସହ ଅଯଥା ଭୟଭୀତ ନ ହେବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ବାତ୍ୟା ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ବାତିଲ୍ କରାଯାଇଛି। କେହି ସଦର ମହକୁମା ନ ଛାଡ଼ିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସମୁଦ୍ରସ୍ନାନ ଉପରେ ଲାଗିଛି ରୋକ୍। ପର୍ଯ୍ୟଟକଙ୍କୁ ସମୁଦ୍ର ମଧ୍ୟକୁ ପ୍ରବେଶ କରିବା ପାଇଁ ବାରଣ କରାଯାଇଛି। ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବା ପାଇଁ ପାଣିପାଗ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

- ● ସଦର ମହକୁମା ନ ଛାଡ଼ିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ
- ● ସବୁ ବାତ୍ୟା ଆଶ୍ରୟସ୍ଥଳୀକୁ ଲୋକଙ୍କ ରହିବା ଉପଯୋଗୀ କର
- ● ସମୁଦ୍ରସ୍ନାନ ପାଇଁ ପର୍ଯ୍ୟଟକଙ୍କୁ ବାରଣ

ସେହିପରି ପର୍ଯ୍ୟାପ୍ତ ପଲିଥିନ୍, ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ, ଔଷଧ, ଗୋ-ଖାଦ୍ୟ ଇତ୍ୟାଦି ମହଜୁଦ୍ ରଖିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟାରେ ଗଛ ଭାଙ୍ଗି ରାସ୍ତା ଅବରୋଧ କଲେ ତୁରନ୍ତ ତାହାକୁ ଅପସାରଣ କରିବା, ବନ୍ୟା ହେଲେ ଲୋକଙ୍କୁ ସହାୟତା କରିବା ପାଇଁ ଅଗ୍ନିଶମ ବିଭାଗ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜନପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସରକାରୀ କର୍ମଚାରୀ ପରସ୍ପର ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି।

ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ବିଭିନ୍ନ ସୂଚନା ଦେବା ସହ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ପରାମର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମଙ୍ଗଳା ନଦୀ ପୁନରୁଦ୍ଧାର କମିଟିର ସମନ୍ୱୟ ବୈଠକ



ପୁରୀ,୨୫।୧୦(ସମିସ)

ସ୍ଥାନୀୟ ଜଗଦ୍‌ଗୁରୁ କୃପାଳୁଜୀ ଆଶ୍ରମରେ ଶନିବାର ମଙ୍ଗଳା ନଦୀ ପୁନରୁଦ୍ଧାର କମିଟିର ଷଷ୍ଠ ସମନ୍ୱୟ ବୈଠକ କମିଟି ଅଧ୍ୟକ୍ଷ ପ୍ରାକ୍ତନ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ସନ୍ତୋଷ କୁମାର ମହାନ୍ତିଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଓ ପୂର୍ବ ବୈଠକରେ ପ୍ରଦର୍ଶିତ ହୋଇଥିବା ମଙ୍ଗଳା ନଦୀ ଓ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ସମ୍ବଳିତ ଡକ୍ୟୁମେଣ୍ଟାରୀ ଉପରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଡ. ସିଦ୍ଧେଶ୍ୱର ମହାପାତ୍ର, ସୁଧାଂଶୁ ଶେଖର ରାଜଗୁରୁ, ଡ. ମହେଶ୍ୱର ଦାଶ, ଡ. ହରିହର ହୋତା, ପ୍ରଫେସର ଡ. ପ୍ରଭାତ ରଞ୍ଜନ ମହାପାତ୍ର, ପ୍ରଫେସର ଡ. ମନୋଜ କୁମାର ସାମନ୍ତରାୟ, ଡ. ସୁରତ କୁମାର ସ୍ୱାଇଁ, ଡ. ବିଶ୍ୱନାଥ ବଳିୟାରସିଂହ ଓ ପ୍ରଫେସର ଡ. ନାରାୟଣ ପତି ସାମିଲ୍ ହୋଇଥିଲେ। ଆସନ୍ତା ଡିସେମ୍ବର ମାସରେ ୧୦ ହଜାର ଲୋକଙ୍କୁ ନେଇ ପରିବେଶ ସଚେତନତା ଓ ମଙ୍ଗଳା ନଦୀକୁ ରିଭର ଫ୍ରଣ୍ଟ ଡେଭଲପ୍‌ମେଣ୍ଟ ପ୍ରୋଜେକ୍ଟରେ ସାମିଲ୍ କରିବା ପାଇଁ ଏକ ସଦ୍‌ଭାବନା ପଦଯାତ୍ରାର ବ୍ୟବସ୍ଥା କରାଯାଇ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏଥିରେ ମଙ୍ଗଳା ନଦୀ ଆଖପାଖ ଗ୍ରାମର ମୁଖ୍ୟ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ପିଏମ୍ ଆବାସ ଯୋଜନାରେ ଅଙ୍ଗୀକାର ଗୃହ ପ୍ରବେଶ ଉତ୍ସବ

ପୁରୀ,୨୫।୧୦(ସମିସ): ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ୨.୦ରେ ଅଙ୍ଗୀକାର ଗୃହ ପ୍ରବେଶ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ଣରେ ସଦ୍‌ଭାବନା ସଭାଗୃହଠାରେ ପୁରୀ ପୌରପାଳିକା ପକ୍ଷରୁ ପ୍ରଦତ୍ତ କାର୍ଯ୍ୟାଦେଶ ଆଧାରରେ ନିର୍ମାଣ କରାଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ମାଧ୍ୟମରେ ୧୦ ଜଣ ହିତାଧିକାରୀଙ୍କୁ ଗୃହ ପ୍ରବେଶ ପାଇଁ ଚାବି କାଠି ହସ୍ତାନ୍ତର କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଯୋଗଦେଇ ନିଜର ଘରଟିଏ ସମସ୍ତଙ୍କ ସ୍ୱପ୍ନ ଥାଏ। ଏଥିରେ ସରକାର ସହଯୋଗ କରୁଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀରେ କାର୍ଯ୍ୟାଦେଶ ପାଉଥିବା ହିତାଧିକାରୀମାନେ ନିଷ୍ଠା ଓ ପରିଶ୍ରମର ସହ ଏହାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପୂର୍ଣ୍ଣାଙ୍ଗ କରିବାକୁ ଆହ୍ୱାନ ଦେଇଥିଲେ। ଯେଉଁମାନେ ଗୃହ ପ୍ରବେଶ କରୁଛନ୍ତି ସେମାନେ ତାହାର ଯତ୍ନ ନେବା ସହ ସ୍ୱଚ୍ଛ ରଖିବାକୁ ଶ୍ରୀ ମହାନ୍ତି ପରାମର୍ଶ ଦେଇଥିଲେ। ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ



ବେହେରା ଏଥିରେ ଅଧ୍ୟକ୍ଷତା କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀମାନେ ନିର୍ଦ୍ଧାରିତ ସମୟରେ ଗୃହ ନିର୍ମାଣ ପୂର୍ଣ୍ଣାଙ୍ଗ କରି ପ୍ରୋତ୍ସାହନ ରାଶି ହାସଲ ପାଇଁ ଲକ୍ଷ୍ୟ ରଖିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ଉପସ୍ଥିତ ଥିଲେ। ଗୋଷ୍ଠୀ ସଂଗଠକ ରେଶମା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିମାନେ ୱାର୍ଡ ନମ୍ବର ୧ର ଗୋବିନ୍ଦ ଜେନା, ୧୮ ନମ୍ବର ୱାର୍ଡର କଲ୍ୟାଣୀ ମୈତ୍ର, ୨୫ ନମ୍ବର ୱାର୍ଡର ଚନ୍ଦନ ନାୟକ ଓ ରଶ୍ମିବାଳା ନାୟକ, ୨୬ ନମ୍ବର ୱାର୍ଡର ଆର୍. ଶ୍ରୀନୁ ସେଠୀ, ଭଗବତୀ ବେହେରା, ୟୁ. ରମେଶ, ୟୁ. ଲକ୍ଷ୍ମୀ, ବି. ଜଗନ୍ନାଥ ରେଡ୍ଡୀ ଓ ଲକ୍ଷ୍ମୀ ମାଳୀଙ୍କୁ ଗୃହଗୁଡ଼ିକ ପୂର୍ଣ୍ଣାଙ୍ଗ କରିସାରିଥିବାରୁ ଗୃହ ପ୍ରବେଶର ଚାବିକାଠି ହସ୍ତାନ୍ତର କରିଥିଲେ। ଶେଷରେ ସାବିତ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀମନ୍ଦିରରେ ମହିଳା ସ୍ୱେଚ୍ଛାସେବୀଙ୍କୁ ଦୁର୍ବ୍ୟବହାର

ପୁରୀ, ୨୫।୧୦ (ସମିସ): ଶ୍ରୀମନ୍ଦିର ପରିସରରେ ଜଣେ ମହିଳା ସ୍ୱେଚ୍ଛାସେବୀଙ୍କୁ ଦୁର୍ବ୍ୟବହାର କରାଯାଇଛି। ଜେଟିପି ତାଙ୍କୁ ଦୁର୍ବ୍ୟବହାର କରିଥିବା ସମ୍ପୃକ୍ତା ମହିଳା ସ୍ୱେଚ୍ଛାସେବୀ ସିଂହଦ୍ୱାର ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଏ ନେଇ ମାମଲା ରୁଜୁ ହୋଇ ନ ଥିବାବେଳେ ଏହାର ଆପୋଷ ସମାଧାନ ହୋଇଥିବା ସୂଚନା ମିଳିଛି। ହବିଷ୍ୟାଳିଙ୍କୁ ଦର୍ଶନ କରାଇବା ଲାଗି ନିୟୋଜିତ ଜଣେ ମହିଳା ସ୍ୱେଚ୍ଛାସେବୀ ଶନିବାର ଅପରାହ୍ଣ ୩ଟାରେ ମନ୍ଦିରରେ ପହଞ୍ଚିଥିଲେ। ସେ ହବିଷ୍ୟାଳିଙ୍କ ପାଇଁ ଉଦ୍ଦିଷ୍ଟ ପ୍ରବେଶ ପଥ ଦେଇ ଭିତରକୁ ଯିବାକୁ ଚାହିଁଥିଲେ। ଏହି ସମୟରେ ସେଠାରେ ଜେଟିପି ମୁତୟନ ଥିଲେ। ମନ୍ଦିରରେ ଭିଡ଼ ଥିବାରୁ ସେ ମନା କରିଥିଲେ। ଏହି ବାଟ ଦେଇ ଏବେ କାହାରିକୁ ଛଡ଼ାଯିବ ନାହିଁ ବୋଲି କହିଥିଲେ। ଏହାକୁ ନେଇ ସେମାନଙ୍କ ଭିତରେ ଯୁକ୍ତିତର୍କ ହୋଇଥିଲା। ଏହାରି ଭିତରେ ସମ୍ପୃକ୍ତ ଜେଟିପି ତାଙ୍କ ପ୍ରତି ଅସଦ୍ ବ୍ୟବହାର କରିଥିବା ମହିଳା ସ୍ୱେଚ୍ଛାସେବୀ ଜଣକ ଥାନାରେ ଜଣାଇଥିଲେ। ଏହାପରେ ଘଟଣା ବିଷୟରେ ଶ୍ରୀମନ୍ଦିର ପ୍ରଶାସନକୁ ମଧ୍ୟ ଅବଗତ କରାଯାଇଥିଲା। ପୁଲିସ ୨ ଜଣ ଜେଟିପିଙ୍କୁ ଧରି ଥାନାରେ ଅଟକ ରଖିଥିଲା। ଏହାପରେ ଘଟଣାର ସତ୍ୟାସତ୍ୟ ଯାଞ୍ଚ ପାଇଁ ଆରମ୍ଭ ହୋଇଥିଲା ଅନୁସନ୍ଧାନ। ଏ ସମ୍ପର୍କରେ ଶ୍ରୀମନ୍ଦିର ସୁରକ୍ଷା ଅଧିକାରୀ ହେମନ୍ତ କୁମାର ପାଢ଼ୀ କହିଛନ୍ତି, ଯେଉଁ ମହିଳା ସ୍ୱେଚ୍ଛାସେବୀ ଥାନାରେ ଅଭିଯୋଗ କରିଥିଲେ ତାଙ୍କର ଗତ ୩ ବର୍ଷ ହେଲା ଜେଟିପିଙ୍କ ସହ ଝଗଡ଼ା ହେଉଛି। ଶନିବାର ସେହି ମହିଳା ସ୍ୱେଚ୍ଛାସେବୀଙ୍କ ସାଥିରେ କୌଣସି ହବିଷ୍ୟାଳି ମା' ନ ଥିଲେ। ସେ କିନ୍ତୁ ହବିଷ୍ୟାଳିଙ୍କ ଲାଗି ଉଦ୍ଦିଷ୍ଟ ବାଟ ଦେଇ ଭିତରକୁ ଯିବାକୁ ଚାହିଁଥିଲେ। ସେଠାରେ ଡ୍ୟୁଟିରେ ଥିବା ଜେଟିପି ତାଙ୍କୁ ବାରଣ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସମ୍ପୃକ୍ତା ମହିଳା ସ୍ୱେଚ୍ଛାସେବୀ ସେହି ବାଟଦେଇ ଯିବାକୁ କହିବାବେଳେ ଅନ୍ୟ ସାଧାରଣ ଭକ୍ତ ବି ସେହି ବାଟ ଦେଇ ଯିବାକୁ ପହଞ୍ଚିଥିଲେ। ଫଳରେ ସେଠାରେ ଗହଳି ଏବଂ ଠେଲାପେଲା ହୋଇଥିଲା। ଜେଟିପି ଦ୍ୱାରରେ ହାତ ଦେଇ ଅଟକାଇଥିଲେ। ଏହି ସମୟରେ ପଛରୁ ଠେଲାପେଲା ଭିତରେ ମହିଳା ସ୍ୱେଚ୍ଛସେବୀ ଜଣକ ଆଗକୁ ଠେଲି ହୋଇଯାଇଥିଲେ। ଏହାକୁ ନେଇ ସେ ଅଭିଯୋଗ କରିଥିଲେ। ସିସିଟିଭି ଫୁଟେଜ୍ ଯାଞ୍ଚରୁ ସେମିତି କିଛି ଜଣାପଡ଼ି ନ ଥିଲା। ଉଭୟଙ୍କୁ ଡକାଯାଇ ଆପୋଷ ସମାଧାନ କରାଯାଇଛି ବୋଲି କହିଛନ୍ତି ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ଶ୍ରୀ ପାଢ଼ୀ।

**ଜେଟିପି ଦୁର୍ବ୍ୟବହାର କରିଥିବା ଅଭିଯୋଗ**

■ ବାଉଁଶ ଚିତ୍ରକଳା ଶିବିର

# ଆକର୍ଷଣୀୟ ସାଜିଲା ବାଉଁଶ ନିର୍ମିତ ସାମଗ୍ରୀ

ପୁରୀ,୨୫।୧୦(ସମିସ): ଗୋରୁଆଳ ନୂଆପାଟଣାସ୍ଥିତ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଶନିବାର ଏକଦିବସୀୟ ବାଉଁଶ ଚିତ୍ରକଳା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଉଁଶରେ ନିର୍ମିତ ବିଭିନ୍ନ ପ୍ରକାର ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଏଥିରେ ବାଉଁଶ ନିର୍ମିତ ବ୍ୟାଗ୍, ବୋତଲ, ପାଣି ଝରି, ଗ୍ଲାସ୍,



ଫୁଲଦାନି, ଚାଙ୍ଗୁଡ଼ି, ଶଗଡ଼ ଗାଡ଼ି, ଧନୁ-ଶର, ବୋଇତ, ବନ୍ଧୁକ, ଲାଇଟ୍ ଷ୍ଟାଣ୍ଡ, ମୋବାଇଲ୍ ଷ୍ଟାଣ୍ଡ, ବତୀଘର, ଘର, ରିକ୍ସା, ଗାର୍ଡେନ ଲାଇଟ୍, ବାସ୍କେଟ୍, ଝୁମର, ବାଦ୍ୟଯନ୍ତ୍ର, ବୀଣା, କେନ୍ଦେରା, ବଂଶୀ, ଭ୍ୟାନିଟି, ଜାହାଜ, ପେନ୍‌ଷ୍ଟାଣ୍ଡ, ଲକ୍ଷ୍ମୀ ମୂର୍ତ୍ତି ଭଳି ପ୍ରାୟ ୫୦ଟି ଭିନ୍ନ ଭିନ୍ନ ବାଉଁଶରେ ନିର୍ମିତ ସାମଗ୍ରୀ ଏଥିରେ ସ୍ଥାନ ପାଇଥିଲା, ଯାହା ବେଶ୍ ଆକର୍ଷଣୀୟ ସାଜିଥିଲା।

ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଡ. ବିଶ୍ୱନାଥ ମିଶ୍ର, ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ଚକ୍ରଧର ମହାପାତ୍ର, ଅଧ୍ୟାପକ ଉଦ୍ଧବ ନାୟକ, ଅନନ୍ତ ପ୍ରଧାନ, ଅଧ୍ୟାପିକା ତୃପ୍ତିରେଖା ମିଶ୍ର, ଭବାନୀ ଶଙ୍କର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। କଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୁର୍ଗାମାଧବ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ୫୦ଜଣ ଚିତ୍ରଶିଳ୍ପୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଫେସର ମହାପାତ୍ର ମହାବିଦ୍ୟାଳୟରେ ଅନୁଷ୍ଠିତ ବାଉଁଶ ନିର୍ମିତ କଳାକୁ ଭୂରି ଭୂରି ପ୍ରଶଂସା କରିଥିଲେ। ପ୍ଲାଷ୍ଟିକ୍ ପରିବର୍ତ୍ତେ ଏହିଭଳି ସାମଗ୍ରୀକୁ ବ୍ୟବହାର କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ପରିଶେଷରେ କାର୍ଯ୍ୟକାରୀ ସଭାପତି ଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସାଇବର ଠକେଇ ସଚେତନତା 'ୱାକାଥନ୍'

# 'ସଚେତନତା ହିଁ ଠକେଇରୁ ବର୍ତ୍ତିବାର ଶକ୍ତିଶାଳୀ ଅସ୍ତ୍ର'

ପୁରୀ,୨୫।୧୦(ସମିସ)

ପୁରୀ ପୁଲିସ ପକ୍ଷରୁ ଶନିବାର ବଡ଼ଦାଣ୍ଡରେ ସାଇବର ଠକେଇ ସଚେତନତା 'ୱାକାଥନ୍' ଅନୁଷ୍ଠିତ ହୋଇଯାଇଛି। ଗୁଣ୍ଡିଚା ମନ୍ଦିରଠାରୁ ଟାଉନ୍ ଥାନା ପର୍ଯ୍ୟନ୍ତ ଏହି ୱାକାଥନ୍ କରାଯାଇଥିଲା। ଏହାକୁ ବିଧାୟକ ସୁନୀଲ ମହାନ୍ତି ଏବଂ ଏସ୍‌ପି ପ୍ରତୀକ ସିଂହ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏସ୍‌ପି ଶ୍ରୀ ସିଂ କହିଥିଲେ ଯେ ପୁରୀକୁ ଆସୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଜନସାଧାରଣଙ୍କୁ ସାଇବର ଠକେଇ ବିଷୟରେ ସଚେତନ କରିବା ହେଉଛି ଏହି ୱାକାଥନ୍‌ର ମୁଖ୍ୟ ଉଦ୍ଦେଶ୍ୟ। ସଚେତନତା ହିଁ ସାଇବର ଠକେଇରୁ ବର୍ତ୍ତିବା ପାଇଁ ଶକ୍ତିଶାଳୀ ଅସ୍ତ୍ର। ଅଜଣା ଫୋନ୍ କଲ୍, ଲିଙ୍କ୍ କିମ୍ବା ମେସେଜରେ ବିଶ୍ୱାସ ନ କରିବାକୁ ସେ




ପରାମର୍ଶ ଦେଇଥିଲେ। ସେହିଭଳି ଓଟିପି, ବ୍ୟାଙ୍କ ତଥ୍ୟ କାହାକୁ ନ ଦେବାକୁ କହିଛନ୍ତି। ଅନ୍‌ଲାଇନ୍‌ରେ ଠକେଇର ଶିକାର ହେବା ମାତ୍ରେ ହେଲ୍ପ ଲାଇନ୍ ନମ୍ବର ୧୯୩୦ କିମ୍ବା ୮୨୮୦୪୯୧୩୦୦ରେ କଲ୍ କରି ଜଣାନ୍ତୁ। ଏହାବ୍ୟତୀତ ସୋସିଆଲ ମିଡିଆରେ ନକଲି ଆକାଉଣ୍ଟ, ସନ୍ଦିଗ୍ଧ ପୋଷ୍ଟ ଦେଖିବା ମାତ୍ରେ ତୁରନ୍ତ ଥାନାକୁ ଜଣାଇବାକୁ ପରାମର୍ଶ ଦେଇଛନ୍ତି। 'ସଚେତନତା ହିଁ ସୁରକ୍ଷା' ମନ୍ତ୍ରକୁ ଅନୁସରଣ କରିବାକୁ ଏସ୍‌ପି ନିବେଦନ କରିଛନ୍ତି।

ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ଡିଏସ୍‌ପି ସଦର ରବିନାରାୟଣ ଭଞ୍ଜ, କୁମ୍ଭାରପଡ଼ା ଥାନାଧିକାରୀ ସୁଶାନ୍ତ କୁମାର ସାହୁ, ଟାଉନ ଥାନାଧିକାରୀ ଗୋକୁଳ ରଞ୍ଜନ ଦାସ, ସାଇବର ଥାନାଧିକାରୀ ସଂଘମିତ୍ରା ନାୟକ, ଆର୍‌ଆଇ ଚିତ୍ତରଞ୍ଜନ ମହାନ୍ତି, ଇନ୍ସପେକ୍ଟର ବାସୁଦେବ ପାଣିଗ୍ରାହୀ ପ୍ରମୁଖ ୱାକାଥନ୍‌ର ନେତୃତ୍ୱ ନେଇଥିଲେ। ଏଥିରେ ୫୦୦ରୁ ଅଧିକ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ। 'ସାଇବର ସଚେତନ ହୁଅନ୍ତୁ, ଠକାମୀର ଶିକାରରୁ ବଞ୍ଚନ୍ତୁ' ସ୍ଲୋଗାନ ସହ ବଡ଼ଦାଣ୍ଡରେ ପଦଯାତ୍ରା କରିଥିଲେ। ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ସେବାୟତ, ସ୍ଥାନୀୟ ନାଗରିକ ଓ ଭକ୍ତ ଏଥିରେ ଯୋଗଦେଇ ସାଇବର ଠକେଇରୁ ବର୍ତ୍ତିବା ନେଇ ଧାରଣା ନେଇଥିଲେ।

# ଶିଶୁ ଶ୍ରମିକ ପ୍ରଥା ବନ୍ଦ ପାଇଁ ଆହ୍ୱାନ



ପୁରୀ,୨୫।୧୦(ସମିସ): ହରିହର ବିହାରସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ ଦି ମିରର୍ କାର୍ଯ୍ୟାଳୟରେ ଶନିବାର ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ନିରୋଧୀ ମଞ୍ଚର ପୁନଃଗଠନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିଶୁ ଶ୍ରମିକ ପ୍ରଥାର ବିଲୋପ ନିମନ୍ତେ କାର୍ଯ୍ୟ କରୁଥିବା ଅନୁଷ୍ଠାନ କ୍ୟାମ୍ପେନ୍ ଏଗ୍‌ନେଷ୍ଟ ଚାଇଲ୍ଡ ଲେବରର କ୍ଷେତ୍ରୀୟ ସଂଯୋଜକ ନକୁଳ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଶିଶୁମାନଙ୍କର ବିକାଶ ନିମନ୍ତେ କାର୍ଯ୍ୟ କରୁଥିବା ଅନୁଷ୍ଠାନର କର୍ମୀମାନେ ଯୋଗଦେଇଥିଲେ। ଅନୁଷ୍ଠାନର ରାଜ୍ୟ ସମ୍ପାଦକ ସୁକାନ୍ତ କୁମାର ନାଏକ ଯୋଗଦେଇ ଶିଶୁ ଶ୍ରମିକ ପ୍ରଥାର ବିଲୋପ ନିମନ୍ତେ ଅନୁଷ୍ଠାନର କାର୍ଯ୍ୟ, ସଂଗଠନ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଆଲୋଚନାରେ ଭାଗନେଇ ସ୍ୱାଦ ଅନୁଷ୍ଠାନର ମୁଖ୍ୟ ବୀଣାପାଣି ମିଶ୍ର, ଦି ମିରର୍‌ର ସଭାପତି ସଞ୍ଜୟ କୁମାର ପ୍ରଧାନ ଓ ସିଏସ୍‌ଡବ୍ଲ୍ୟୁଆର୍‌ସିର ସମୀର କୁମାର ପଟ୍ଟନାୟକ ଶିଶୁ ଶ୍ରମିକ ପ୍ରଥାକୁ ବନ୍ଦ କରିବା ଲାଗି ସରକାରୀସ୍ତରରେ ନିୟମ ପ୍ରଣୟନ ହେବା ଦରକାର ବୋଲି କହିଥିଲେ। ଏହି ଅବସରରେ ପୁରୀ ଜିଲ୍ଲା ଶିଶୁ ଶ୍ରମିକ ନିରୋଧ ସ୍ୱେଚ୍ଛାସେବୀ ସମନ୍ୱୟ ମଞ୍ଚର ଜିଲ୍ଲା ଆବାହକ ରୂପେ ନକୁଳ ଚନ୍ଦ୍ର ସ୍ୱାଇଁ ଓ ସହ ଆବାହକ ରୂପେ ପ୍ରଦୀପ ମହାରଣାଙ୍କୁ ମନୋନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପୂର୍ଣ୍ଣଚନ୍ଦ୍ର ଦାଶ ଓ ଭାସ୍କର ଚନ୍ଦ୍ର ପଲେଇ ପରିଚାଳନା କରିଥିଲେ।

ସୃଜନିକା

ସକାଳ
THE SAKALA
www.sakalaepaper.com



# ଊର୍ମି



**ମୂଳ ହିନ୍ଦୀ : ଡଃ ନୀଲକମଲ କପୁର**

**ଅନୁସୃଜନ : ଲଳିତ ମୋହନ ମିଶ୍ର**

ନମିତା ବାଲକୋନିରେ ବସି ଚା' ପିଉଥିବା ସମୟରେ, ବିପରୀତ ଫ୍ଲାଟର ବାଲକୋନିକୁ ଦେଖିଲେ। ଆଜି ମଧ୍ୟ ଦୀପେଶ ଏକା ଏକା ଚା' ପିଉଛି। ଗତକାଲି ତାକୁ ଏକା ଦେଖିଥିଲେ। ରୁନଝୁନ୍ ଏବେ କେଉଁଠି ? ଠିକ୍ ସେତିକି ବେଳକୁ ଦୀପେଶ ତାଙ୍କୁ ହାତଯୋଡ଼ି ପ୍ରଣାମ ଜଣାଇଲା । ଦୀପେଶକୁ ନମିତା ଏକ ମେସେଜ୍ ପଠାଇଲେ, 'ରୁନଝୁନ୍'? ସେ ଶୋଇଛି ମାଉସୀ । ନମିତାଙ୍କୁ କଥାଟା ଟିକେ ଅଡୁଆ ଅଡୁଆ ଲାଗିଲା । ରୁନଝୁନ୍ ଏତେ ପର୍ଯ୍ୟନ୍ତ ଶୋଇବା ପିଲା ନୁହେଁ । ସେ ଯାହା ହେଉନା କାହିଁକି...ପ୍ରକୃତ କଥାଟା ଏ ମେସେଜ୍ ଦ୍ୱାରା ଜାଣି ହେବ ନାହିଁ । ବାସ୍ତବ କ୍ଷେତ୍ରକୁ ନ ଗଲେ, କଥାଟା ଭଲ ଭାବରେ ଜାଣି ହେବ ନାହିଁ।

ରୁନଝୁନ୍ ନମିତାଙ୍କ ଝିଅ ରିମାର ସ୍କୁଲ୍ ସାଙ୍ଗ । କେବେକେବେ ଭଲ ମନ୍ଦରେ ଘରକୁ ଆସେ । ତା'ପରେ ପିଲାମାନେ ସ୍କୁଲ ଜୀବନ ସାରି ବଡ଼ ହେଲେ । କଲେଜ ପଢ଼ିବା ପରେ ସେମାନେ ନିଜ ନିଜର କାମ ଧନ୍ଦା ଆରମ୍ଭ କରିଦେଲେ । ଯେ ଯାହାର ବିବାହ କରି ଘର ସଂସାର କଲେ । ଏବେ ସ୍ୱାମୀ ଶାଶୁ ଶ୍ୱଶୁର ଛୁଆ ପିଲାଙ୍କୁ ନେଇ ଯେ ଯାହାର ଘର ସଂସାରରେ ବ୍ୟସ୍ତ। ରିମା ବିଦେଶରେ ରହୁଛି । ନମିତା ଏବଂ ତାଙ୍କର ସ୍ୱାମୀ ରିମା ସହିତ କିଛିଦିନ ବିଦେଶରେ ରହୁଥିଲେ । ନିଜ ମାଟି ମାଆକୁ ଭଲ ପାଇ ନିଜ ଗାଁରେ ରହୁଛନ୍ତି । ରିମା ପାଖକୁ ବାରମ୍ବାର ଯାଉଥିବାରୁ ଏବଂ ବୟସାଧିକ ହେବାରୁ ସ୍ୱାସ୍ଥ୍ୟ ଚିନ୍ତାରେ ଏବେ ସହରରେ ରହୁଛନ୍ତି । ପୁରୁଣା ପୈତୃକ ଘର ବିକ୍ରି କରି ଏକ ହାଉସିଂ ସୋସାଇଟିରେ ଗୋଟିଏ ଫ୍ଲାଟ୍ କିଣିଛନ୍ତି । ଏହି ଫ୍ଲାଟ୍‌ଟି ଦୁଇଜଣ ଲୋକଙ୍କ ପାଇଁ ବହୁତ ଆରାମଦାୟକ। ଏଠାରେ ରହିବା ପ୍ରାୟ ଗୋଟିଏ ବର୍ଷ ହୋଇଗଲାଣି । ହଠାତ୍ ଦିନେ ସୋସାଇଟି ସାମ୍ନାରେ ଥିବା ଜେନେରାଲ ଷ୍ଟୋରରୁ ନମିତା କିଛି ଜିନିଷ କିଣି ଘରକୁ ଫେରୁଥିଲେ । କିଏ ଜଣେ ପଛରୁ 'ହାଏ ଆଣ୍ଟି' ବୋଲି ଡାକିଲା । ନମିତା ପଛକୁ ଚାହିଁଲେ, ଝିଅଟି ପରିଚିତ ପରିଚିତ ମନେ ହେଉଥିଲା । ଯାହାହେଉନା କାହିଁକି, ସେହି ଚୁଲବୁଲି ଝିଅଟି ଦୁଇ ମିନିଟ୍ ମଧ୍ୟରେ ତାର ସମସ୍ତ କଥା ଟାଉଟାଉ ହୋଇ କହିଦେଲା। ସେ ଆଉ କିଏ ନୁହେଁ ରିମାର ସାଙ୍ଗ ରୁନଝୁନ୍ । ସେ ଏବେ ଏହି ସହରକୁ ଆସିଛି କାରଣ ତା'ର ସ୍ୱାମୀ ଏଠାକୁ ବଦଳି ହୋଇଆସିଛନ୍ତି।

ସବୁଠାରୁ ଭଲ ହେଲା ରୁନଝୁନ୍ । ଦୀପେଶ, ରୁନଝୁନ୍ ଏବଂ ପିଲାମାନେ ନମିତାଙ୍କ ସହିତ ସେହି ଫ୍ଲାଟ୍‌ରେ ରହୁଛନ୍ତି ଶୁଣି ଖୁସି ଲାଗିଲା । ଫ୍ଲାଟ୍‌ର ସାମ୍ନାସାମ୍ନି ଉଭୟଙ୍କ ଘର । ଉଭୟେ ନିଜ ନିଜ ବାଲକୋନିରେ ପରସ୍ପରକୁ ଦେଖିପାରୁଥିଲେ। ରୁନଝୁନ୍‌ର ପିଲାମାନେ ଜେଜେବାପାଙ୍କର ପରିବେଶ ପାଇଥିଲେ। ନମିତାଙ୍କ ସ୍ୱାମୀ ନରେଶ ଖାଇବା ପ୍ରିୟ ମଣିଷ। ରବିବାର ସକାଳେ ରୁନଝୁନ୍ କହି ଦେଉଥିଲା, ଆଣ୍ଟି ! ଆଜି ରବିବାର । କିଛି ଟିଫିନ୍ କରିବେ ନାହିଁ । ସିଙ୍ଗଡ଼ା,ବରା, କଚୋଡ଼ି, ପୁରୀ, ଢୋକଲା ଇତ୍ୟାଦି କିଛି ମସଲାଦାର ଟିଫିନ୍ ପ୍ରସ୍ତୁତ କରି ରୁନଝୁନ୍ ଆଣିଦିଏ । ନରେଶଙ୍କ ସ୍ୱାସ୍ଥ୍ୟ ସଚେତନ ପାଇଁ ନମିତା ମସଲାଦାର ଖାଦ୍ୟ ପ୍ରସ୍ତୁତ କରୁ ନଥିଲେ । ଏବେ ନରେଶ ଚଟ୍‌ପଟି ଖାଦ୍ୟର ସ୍ୱାଦ ପାଇ ବଡ଼ ଆନନ୍ଦ।

ସେଦିନ ସନ୍ଧ୍ୟାରେ ଜେନେରାଲ୍ ଷ୍ଟୋର୍‌କୁ ବ୍ରେଡ୍ ଆଣିବାକୁ ଯାଇଥିଲେ ନମିତା । ସେଠାରେ ଦୀପେଶଙ୍କ ସହିତ ଦେଖାହେଲା। ନମିତା ଦେଖିଲେ ଦୀପେଶର ହାବଭାବ ସୁଖା ସୁଖା । ନମିତା ପଚାରିଲେ, "କ'ଣ ହୋଇଛି ଦୀପେଶ? ଦୁଇ ତିନି ଦିନ ହୋଇଗଲାଣି... ସକାଳେ ଆଉ ରୁନଝୁନ୍ ବାଲକୋନିରେ ଦେଖାଯାଉ ନାହିଁ।"

ଦୀପେଶ ନ କହିବାକୁ ଚାହୁଁଥିଲେ ମଧ୍ୟ ଦୁଃଖିତ ମନରେ କହିଲେ – "କ'ଣ କହିବି ଆଣ୍ଟି । ରାତିରେ ସେ ବହୁ ସମୟ ପର୍ଯ୍ୟନ୍ତ ଶୋଉନାହିଁ । ତେଣୁ ସକାଳ ପର୍ଯ୍ୟନ୍ତ ଗଭୀର ନିଦ୍ରାରେ ଶୋଇପଡୁଛି । ମୁଁ ତାକୁ ଉଠାଇବାକୁ ଇଚ୍ଛା ଥିଲେ ମଧ୍ୟ ଉଠାଉନାହିଁ ।"

ମୁଁ ତାକୁ ଥରେ ଦୁଇଥର ପଚାରିଲି ଘଟଣା କ'ଣ ? ସେ କହିଲା, "ତୁମେ କ'ଣ ବୁଝିବ ନାରୀ ମନର କଥା । ପିଲାମାନେ ମଧ୍ୟ ଚୁପ୍ ଚାପ୍ । ସେମାନେ ମଧ୍ୟ ଡରରେ କିଛି କହୁ ନାହାଁନ୍ତି । ଯଦି କିଛି ପଚାରି ଦେଉଛନ୍ତି ତାଙ୍କ ଉପରେ ରାଗି ବିନା କାରଣରେ ଗାଳି ଦେଉଛି । କଥା କ'ଣ କି...ତା'ର ଜଣେ ବାନ୍ଧବୀ ଏବେ କିଛି ଦିନ ତଳେ ଆସିଥିଲା । ମୋତେ ଦେଖିଲା । ତା'ପରେ ସେ ରୁନଝୁନ୍‌କୁ କ'ଣ କହିଲା ଭଗବାନଙ୍କୁ ଜଣା । ଇଏତ ସେହି ଦିନଠାରୁ ଗୁଜୁରୁ ଗୁଜୁରୁ ହେଉଛି । କିଛି କହୁ ନାହିଁ। 'ନାଲି ଗାମୁଛାକୁ ଷଣ୍ଢ ଦେଖି ହୁରୁଡିଲା ପରି' ମୋତେ ଦେଖିଦେଲେ ତା'ର ରାଗ ପଞ୍ଚମରେ । ମୁଁ କିଛି କହି ପାରୁଛି ନା ରହି ପାରୁଛି ।" ନମିତା ଘରକୁ ଆସି କିଛି ସମୟ ଚିନ୍ତା କଲେ । ତା'ପରେ ରୁନଝୁନ୍‌ଙ୍କୁ ମେସେଜ୍ କଲେ । "କାଲି ରବିବାର ସକାଳ ଏଗାର ଟାରେ ପ୍ରସ୍ତୁତ ରୁହ । ଆମେ ସମସ୍ତେ ପିକନିକ୍ କରିବାକୁ ଯିବା । ସେଠାରେ ଦୁଇ ତିନି ଘଣ୍ଟା ବୁଲାବୁଲି କରିବା ହୋଟେଲରେ ଖାଇବା । ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ଆସିବା । ତୁମ ମଉସାଙ୍କର ଆଜି ଜନ୍ମଦିନ ।"

ପିଲାମାନେ ପିକନିକ୍ ଜାଗାର ଡ୍ୟାମ୍ ପାଖରେ ଜେଜେ ବାପାଙ୍କ ସହିତ କ୍ରିକେଟ୍ ଖେଳିବା ଆରମ୍ଭ କରିଦେଲେ। ନମିତା ଏବଂ ରୁନଝୁନ୍ ଡ୍ୟାମ୍ ପାଖ ବେଞ୍ଚରେ ବସିଲେ। ନମିତା ରୁନଝୁନ୍‌କୁ ପଚାରିଲେ, "କ'ଣ ହୋଇଛି ? ମୁଁ ଅନୁଭବ କରୁଛି, କିଛି ଗୋଟାଏ ହୋଇଛି ? ଦେହ ପା' ଭଲ ଅଛି ତ...?" ରୁନଝୁନ୍ ଏକ ଦୀର୍ଘ ନିଶ୍ୱାସ ପକାଇ କହିଲା – "ସ୍ୱାସ୍ଥ୍ୟ ତ ଭଲ ଅଛି ଆଣ୍ଟି । ମନଟା ଭଲ ନାହିଁ। କ'ଣ କହିବି ମାଉସୀ, ଚାରି ଦିନ ତଳେ ମୋର କଲେଜ ସାଙ୍ଗ ଆସିଥିଲା । ସେ ଦୀପେଶ ବିଷୟରେ ଯାହା କହିଲା, ମୋତେ ବିଚଳିତ କରିଦେଲା।"

ନମିତା କିଛି ମୁହୂର୍ତ୍ତ ପାଇଁ ତାକୁ ଚାହିଁ ରହିଲେ । ତା'ପରେ କହିଲେ – "ରୁନଝୁନ୍ ! ସେହି ପଥରଟି ଆଣ ଏବଂ ପାଣିକୁ ଫୋପାଡ଼ି ଦିଅ ।" ରୁନଝୁନ୍ ମଧ୍ୟ ମାଉସୀଙ୍କ କଥାରେ ଅନିଚ୍ଛା ସତ୍ତ୍ୱେ ପଥରଟିକୁ ଆଣି ପାଣିକୁ ଫୋପାଡ଼ି ଦେଲା । ପଥରଟି ପାଣିରେ ପଡ଼ିବାର ଶବ୍ଦ ହେଲା । ଧୀରେ ଧୀରେ ପଥରଟି ପାଣିରେ ବୁଡ଼ି ଗଲା । ସେଠାରେ ତରଙ୍ଗର ଏକ ବୃତ୍ତ ସୃଷ୍ଟି ହେଲା । କିଛି ଊର୍ମି ହୋଇ କୂଳକୁ ଆସିଗଲା ।


କିଛି ସମୟ ପରେ ଡ୍ୟାମ୍‌ର ପାଣି ଶାନ୍ତ ହୋଇଗଲା । "କିଛି ଦେଖିଲୁ ଝିଅ ?" ନମିତା ରୁନଝୁନକୁ ପଚାରିଲେ । "ତୁମେ ଡ୍ୟାମ୍‌କୁ ପଥରଟି ଫିଙ୍ଗିଲ । ସେଥିରେ ଊର୍ମି ଉଠିଲା ଏବଂ ଆହୁରି କ'ଣ ହେଲା । ଡ୍ୟାମର ସମଗ୍ର ଜଗତ ଥରି ଉଠିଲା । ଏପରି ଲାଗିଲା ଡ୍ୟାମ୍‌ରେ ଉଠିଥିବା କୋମଳ ପତ୍ରଗୁଡ଼ିକ ବୁଡ଼ିଗଲା। ପାଖରେ ଥିବା ବୁଦାଗୁଡ଼ିକରୁ ଛୋଟ ଛୋଟ ପକ୍ଷୀମାନେ ଭୟଭୀତ ହୋଇ ଉଡ଼ିଗଲେ। କୂଳରେ ବସିଥିବା ବେଙ୍ଗଗୁଡ଼ିକ ସୂର୍ଯ୍ୟ କିରଣ ପାଇ ଜଳପାନ କରୁଥିଲେ। ସେମାନେ ଭୟଭୀତ ହୋଇ ପାଣିକୁ ଡେଇଁ ପଡ଼ିଲେ । କିନ୍ତୁ ଡ୍ୟାମ୍‌ର କ'ଣ ହେଲା? ଧୀରେ ଧୀରେ ନିଜର ଜଳକୁ ସ୍ଥିର କରିଦେଲା । ମୁଁ ତୁମଠାରୁ ଜାଣିବାକୁ ଚାହୁଁନାହିଁ ଯେ, ତୁମର ସାଙ୍ଗ ତୁମ ପରିବାର ବିଷୟରେ କ'ଣ କହିଲା? କିନ୍ତୁ ଏତିକି ବୁଝିପାରୁଛି ଯେ, ତା'ର କଥା ତୁମକୁ ପଥର ପରି ଲାଗିଛି । ଯାହା ବି ହୋଇଛି ତୁମେ ବଦଳାଇ ପାରିବ ନାହିଁ । କିନ୍ତୁ ବିଚଳିତ ହୋଇ ତୁମର ଘର ସଂସାର ଚହଲି ଯାଇଛି। ଦୀପେଶ ନିରାଶ ହୋଇଛି । ପିଲାମାନେ ଦୁଃଖୀ । ଡ୍ୟାମ୍‌ରୁ କିଛି ଶିଖ । ଯେଉଁ ପଥର ସମସ୍ତଙ୍କୁ ଅସ୍ଥିର କରିଦେଲା । ସିଏ ଏବେ ଶାନ୍ତ ସ୍ଥିର । ଡ୍ୟାମ୍ କି ଜାଣେ ଏହି କାର୍ଯ୍ୟ ପଥର ଫିଙ୍ଗିଥିବା ବ୍ୟକ୍ତିର ଭୁଲ୍ ନା ପଥରର । ସେ କାହାର କ୍ଷତି କରିବ ନାହିଁ କିନ୍ତୁ ଡ୍ୟାମ୍‌ର ସଂସାର ନିଶ୍ଚିତ ଭାବରେ ବିଚଳିତ। ତେଣୁ ମୋ ଝିଅ, ତୁ ଡ୍ୟାମ୍ ଭଳି ହୋଇଯାଆ । ଏଠାରେ କାହାର ଦୋଷ ତ୍ରୁଟି ଖୋଜେ ନାହିଁ । ନିଜ ଘର ସଂସାର ନିଜେ ସଜାଡ଼େ ।" ନମିତା ସବୁ ବୁଝାଇ ସାରି ରୁନଝୁନ୍‌କୁ ଦେଖିଲେ। ରୁନଝୁନ୍ ତା'ର ମୋବାଇଲ ଫୋନ୍ ଉପରେ ବ୍ୟସ୍ତ ଅଛି। ନମିତା ପିଲାମାନଙ୍କ ପାଖକୁ ଚାଲି ଆସିଲେ । ଠିକ୍ ସେତେବେଳେ ନମିତାଙ୍କ ଫୋନ୍‌ରେ ଏକ ବିଜ୍ଞାପନ ଆସିଲା। ପାଖରେ ଥିବା ରୁନଝୁନର ଥମ୍ବସ୍-ଅପ୍ ଏବଂ ଦୁଇଟି ସ୍ମାଇଲି । ନମିତା ହସି ହସି ମୁଣ୍ଡ ଉପରକୁ ଉଠାଇଲା । ସେତେବେଳକୁ ରୁନଝୁନ୍ ପିଲାମାନଙ୍କ ସହିତ ବଲ୍ ଖେଳୁଥିଲା । ■

ଅରବିନ୍ଦ ନଗର , ନୟାଗଡ଼
ମୋ: ୯୪୩୭୯୮୫୮୬୬

## ପତ୍ରିକା ପରିଚୟ

### ରେବତୀ

**ସଂପାଦିକା : ସୁବାସିନୀ ଜେନା**




ଓଟି ରୋଡ୍, ବାଲେଶ୍ୱର
ପିନ୍-୭୫୬୦୦୧
ମୂଲ୍ୟ:୭୦ ଟଙ୍କା

ଶ୍ରୀମତୀ ସୁବାସିନୀ ଜେନାଙ୍କ ସଂପାଦନାରେ ପ୍ରକାଶ ପାଉଥିବା 'ରେବତୀ' ଆମ ମାଟିର ସ୍ୱର'ର ଅକ୍ଟୋବର ୨୦୨୫ ଶାରଦୀୟ ସଂଖ୍ୟା ଆକର୍ଷଣୀୟ ହୋଇଛି। ଏଥର 'ପ୍ରସଙ୍ଗ ମାତୃଶକ୍ତି'ରେ 'ବାଲେଶ୍ୱରର ବାଡ଼ି ପୂଜା ବନାମ ସାର୍ବଜନୀନ ଦୁର୍ଗୋତ୍ସବ'ରେ ବାଲେଶ୍ୱରର ଦୁର୍ଗାପୂଜାର ଇତିହାସ, ପରମ୍ପରା ଓ ସଂସ୍କୃତି ସଂପର୍କରେ ଏକ ତଥ୍ୟ ଭିତ୍ତିକ ଆଲୋଚନା ପ୍ରକାଶ ପାଇଛି। ସେହିପରି ସବ୍ୟସାଚୀ ବିଷୋୟୀଙ୍କ 'ବସ୍ତର ଦଶହରା', ଡକ୍ଟର ବିଜୟଲକ୍ଷ୍ମୀ ଦାଶଙ୍କ 'ଶକ୍ତି ସ୍ୱରୂପିଣୀ ଶାରଳା', ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ 'ମାଆ ଘଣ୍ଟେଶ୍ୱରୀ' ଆଦି ଆଲେଖ୍ୟଗୁଡ଼ିକରେ ମାତୃଶକ୍ତିର ମାହାତ୍ମ୍ୟ ଓ ଦେବୀ ପୀଠର ବୈଶିଷ୍ଟ୍ୟ ସଂପର୍କରେ ବର୍ଣ୍ଣନା କରାଯାଇଛି। 'ମାନନୀୟେଷୁ'ରେ ଜ୍ଞାନରଞ୍ଜନ ନାୟକଙ୍କ 'ଗଳ୍ପର ଗୌରବ ଗାଥା ଗାୟତ୍ରୀ'ରେ ବିଶିଷ୍ଟ କଥାଶିଳ୍ପୀ ଗାୟତ୍ରୀ ସରାଫ୍‌ଙ୍କ ସୃଜନ ଯାତ୍ରା ସଂପର୍କରେ ଏକ ଚମତ୍କାର ଆଲେଖ୍ୟ ପ୍ରକାଶ ପାଇଛି । 'ସମକାଳୀନ କବିତା'ରେ ରାଜେନ୍ଦ୍ର କିଶୋର ପଣ୍ଡା, ଡକ୍ଟର ପ୍ରସନ୍ନ କୁମାର ମହାନ୍ତି, ଡକ୍ଟର ଶ୍ରୀହରି ଧଳ, ବିପିନ ନାୟକ, ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର, ପ୍ରବାସିନୀ ମହାକୁଡ଼ ପ୍ରମୁଖଙ୍କ କବିତା ହୃଦୟସ୍ପର୍ଶୀ ହୋଇଛି। 'କଥା କାହାଣୀ'ରେ ଶ୍ୟାମା ପ୍ରସାଦ ଚୌଧୁରୀ, ଅଧ୍ୟାପକ ବିଶ୍ୱରଞ୍ଜନ, ପବିତ୍ର ପାଣିଗ୍ରାହୀ ପ୍ରମୁଖଙ୍କ ଗଳ୍ପଗୁଡ଼ିକ ମାର୍ମିକ ହୋଇଛି। 'ରେବତୀ'ର ସଂପାଦକୀୟଠାରୁ ଆରମ୍ଭ କରି ଶେଷପୃଷ୍ଠା ପର୍ଯ୍ୟନ୍ତ ନିୟମିତ ବିଭାଗର ଲେଖାଗୁଡ଼ିକ ମନଛୁଆଁ ହୋଇଛି । ■

### ଦେଖାଯାଉ

**ସଂପାଦକ : ପ୍ରବୀର ମହାନ୍ତି**



ଏନ୍-୨/୨୨, ଆଇ.ଆର୍.ସି. ଭିଲେଜ୍
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
ମୂଲ୍ୟ: ୧୦୦ ଟଙ୍କା

ଟିମ୍ ନୂଆ, ଥିମ୍ ନୂଆ, ସ୍କିମ ନୂଆ 'ଦେଖାଯାଉ'ର ଅଷ୍ଟାଦଶ ବର୍ଷ ପ୍ରଥମ ସଂଖ୍ୟା -୨୦୨୫ ପ୍ରବୀର ମହାନ୍ତିଙ୍କ ସଂପାଦନାରେ ପ୍ରକାଶ ପାଇଛି। ଡ. ଇନ୍ଦ୍ରମଣି ଜେନାଙ୍କ 'କନିଆଁ ଚୋରିର ବି ଫଟୋ ଅଛି'ରେ ଅଢ଼େଇ ହଜାର ବର୍ଷ ତଳର ଗୁମ୍ଫାରେ ଖୋଦିତ ଛବିରେ ତତ୍କାଳୀନ ସାମାଜିକ ଚିତ୍ର କିଭଳି ପ୍ରସ୍ଫୁଟିତ ହୋଇଉଠିଛି ତାହା ବର୍ଣ୍ଣନା କରାଯାଇଛି। ସେହିପରି ପୁରୀର ପ୍ରସିଦ୍ଧ ସାହିଯାତ ସଂପର୍କରେ ଡକ୍ଟର ବିଶ୍ୱଜିତ ପଟ୍ଟନାୟକଙ୍କ 'ନାଗା ବୁଲୁଛି... ରାବଣ ବୁଲୁଛି...ପୁରୀରେ!' ଏକ ତଥ୍ୟଭିତ୍ତିକ ଆଲୋଚନା ପ୍ରକାଶ ପାଇଛି । ସେଭଳି ଉମାକାନ୍ତ ପଣ୍ଡାଙ୍କ 'ପଢ଼ିବାକୁ ମନା', ଡକ୍ଟର ଧନେଶ୍ୱର ସାହୁଙ୍କ 'ବିଜୟ ଦାସ ପରାଜୟ ଜାଣିନି', ସରୋଜ ସାହୁଙ୍କ 'କିବୁକ୍', ଜୟନ୍ତ କୁମାର ବିଶ୍ୱାଳଙ୍କ 'ମୁଗ୍ଧ ଅଧ୍ୟାପନାର ନାନ୍ଦନିକତା ଓ କାଳେଶୀବାଦ', ଗୋପାଳ ମିଶ୍ରଙ୍କ 'ବହି ବୋହି ନେଲା ନୋବେଲ୍ ଯାଏ', ଡକ୍ଟର ସର୍ବେଶ୍ୱର ସେଣଙ୍କ 'ଅଦୃଶ୍ୟ କୁମ୍ଭାରର ଇଚ୍ଛା', ଡକ୍ଟର ମୀନକେତନ ପଟ୍ଟନାୟକଙ୍କ 'ସଉରାରୁ ସେରିଗ୍ରାଫି ପର୍ଯ୍ୟନ୍ତ'ଆଦି ଲେଖାଗୁଡ଼ିକ ଉଚ୍ଚକୋଟୀର ଓ ମନନଶୀଳ ହୋଇଛି । ସେପଟେ ଡକ୍ଟର ଗୋପାଳକୃଷ୍ଣ ଆଚାର୍ଯ୍ୟ,ଶିଳ୍ପୀ ପ୍ରତିହାରୀ, ସୀମା ଆନନ୍ଦ ରାଜା, ହିପୁ ସଲ୍‌କ କ୍ରିଷଲ୍ ନାଥନ,ଡକ୍ଟର ଲକ୍ଷ୍ମଣ କୁମାର ପ୍ରଧାନଙ୍କ ଲେଖାଗୁଡ଼ିକ ମଧ୍ୟ ଯୁଗୋପଯୋଗୀ ଓ ଉଚ୍ଚାଙ୍ଗ ହୋଇଛି। 'ଦେଖାଯାଉ'ର ଏହି ସଂଖ୍ୟାର ଲେଖାଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ଝିଅମାନେ



**ମୂଳ ହିନ୍ଦୀ: ନୀରଜ ନୀର**

**ଅନୁବାଦ: ଈପ୍‌ସିତା ଷଡ଼ଙ୍ଗୀ**

ଝିଅମାନେ
ଅଶ୍ୱତ୍ଥ ଗଛ ପରି
ଉଠି, ବଢ଼ି ଯାଆନ୍ତି କୋଉଠି ବି
କାନ୍ଥ ହେଉ ଅବା ଛାତ

ସବୁଠାରୁ ଅଧିକ କଠିନ
ସମ୍ଭାବନାମାନଙ୍କ ମଧ୍ୟରେ
ଅସୀମିତ ଆକାଂକ୍ଷାରେ ପରିପୂର୍ଣ୍ଣ ହୋଇ
ଆକାଶରେ ମଜବୁତ୍ କରି ନିଅନ୍ତି ନିଜ ଚେର
ଆଉ ମାଟି ଉପରେ ଗଢ଼ି ନେଇପାରନ୍ତି
ଶୀତଳ ଛାୟାର ସଂସାର


ଅଙ୍କୁରିତ ହେବା ପାଇଁ ପ୍ରତୀକ୍ଷା ନ ଥାଏ
ଆର୍ଦ୍ର ଆଉ ଉର୍ବର ଭୂଇଁ
ଅଦୃଶ୍ୟ ଅଣୁରେ ଗ୍ରହଣ କରି ନିଅନ୍ତି
ଜୀବନ ଶକ୍ତି
ଏବଂ ପ୍ରସ୍ତୁତ କରି ନିଅନ୍ତି ନିଜକୁ
ପ୍ରଦାନ କରିବାକୁ ପ୍ରାଣବାୟୁ
ସମସ୍ତଙ୍କୁ ।

ପରିସ୍ଥିତିକୁ ପରିବର୍ତ୍ତନ କରିଦେଇ ପାରନ୍ତି
ନିଜ ମୁତାବକ
ପଥର ଉପରେ ଚେର ଜମେଇ
ବଦଳେଇ ଦିଅନ୍ତି ତାକୁ ନରମ ମାଟିରେ।

ଚକିତ ହୋଇଯାଇଥିବା ପୃଥିବୀ
କାଣି ଆଙ୍ଗୁଠି ଧରି ତାଙ୍କର
ସିଧା କରି ନିଏ ନିଜର ଜଖମ୍ ଅଣ୍ଟା
ସୂର୍ଯ୍ୟ, ଆଖି ମୁଦି ହସି ଉଠେ।

ଲୋକମାନେ ଅଶ୍ୱତ୍ଥ ଗଛ ଲଗାନ୍ତି ନାହିଁ
ଚାହାନ୍ତି ବି ନାହିଁ ଝିଅମାନଙ୍କ ଜନ୍ମ ହେବା
କିନ୍ତୁ ଏ ଦୁନିଆ
କେବେ ବି ଏମିତି ରହିବ ନାହିଁ
ଅଶ୍ୱତ୍ଥ ଗଛ କି ଝିଅମାନଙ୍କ ବିନା। ■

## ବାପା ଓ ଝିଅ



ଚଢ଼େଇମାନଙ୍କ କଳରବ
କ'ଣ କିଛି ଅର୍ଥ ରଖେ
ଆମ ପାଇଁ ?

କିନ୍ତୁ ଭଲ ଲାଗେ
ଯେବେ କିଛି କହୁଥାଆନ୍ତି ଚଢ଼େଇ
ତାଙ୍କ କଳରବରେ ସୃଷ୍ଟି ହେଉଥାଏ
ଏକ ଅଦୃଶ୍ୟ ସେତୁବନ୍ଧ
ପ୍ରକୃତି ଏବଂ ଆମ ଭିତରେ।

ସେମାନଙ୍କ ଶବ୍ଦରେ
ଭରିଯାଏ ଜୀବନ
ଆନନ୍ଦର ମିଠାପଣରେ।

ଭଲ ଲାଗେ
ଯେବେ ବି କିଛି କୁହନ୍ତି ଝିଅମାନେ...
ଝିଅମାନେ ଚଢ଼େଇଙ୍କ ପରି
ଫୁର୍ କରି ଉଡ଼ିଯା'ନ୍ତି ଦିନେ।

ପାଖରେ ଖାଲି ରହିଯାଏ
ସେମାନଙ୍କ ଉପସ୍ଥିତିର ମଧୁର ସ୍ମୃତିସବୁ
ଯାହାକୁ ବାପଟିଏ ନିଜ ଜୀବନର
ଅମୂଲ୍ୟ ରତ୍ନଟିଏ କରି
ସାଇତି ରଖିଥାଏ, ଯତ୍ନରେ, ଜୀବନଯାକ...

ଯେ
ଭଗବାନଙ୍କୁ ସମର୍ପି ଦେବ
ଏକ ଅନୁପମ ଉପହାର । ■

ଅଧ୍ୟାପିକା, ଇଂରାଜୀ ବିଭାଗ
ନିଆଳି କଲେଜ, ନିଆଳି,କଟକ
ମୋ: ୯୯୩୮୩୭୦୨୮୯

# ଆଧୁନିକ ଯୁଗର ଅନନ୍ୟ ନାଟ୍ୟକାର ଜର୍ଜ ବର୍ଣ୍ଣାଡ୍ ଶ'



**ବିଜୟକୁମାର ପାଢ଼ୀ**

ବିଂଶ ଶତାବ୍ଦୀର ଇଂରେଜୀ ସାହିତ୍ୟର ପ୍ରମୁଖ ନାଟ୍ୟକାରମାନଙ୍କ ମଧ୍ୟରେ ଜର୍ଜ ବର୍ଣ୍ଣାଡ୍ ଶ'ଙ୍କ ନାମ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ। ଲୋକପ୍ରିୟ ନାମ ଜି.ବି.ଏସ୍ ଭାବରେ ସେ ବେଶ୍ ପରିଚିତ। ବିଶ୍ୱ ପ୍ରସିଦ୍ଧ ବ୍ୟଙ୍ଗ ନାଟ୍ୟକାର, ସମାଲୋଚକ ଓ ସମାଜକର୍ମୀ ଜର୍ଜ ବର୍ଣ୍ଣାଡ୍ ଶ' ୧୮୫୬ ଜୁଲାଇ ୨୬ ତାରିଖରେ ଆୟରଲାଣ୍ଡର ଡବ୍ଲିନ୍‌ଠାରେ ଜନ୍ମଗ୍ରହଣ କରିଥିଲେ । ମାଆ ଜଣେ ପେସାଦାର ଗାୟିକା ହୋଇଥିବାରୁ ବାଲ୍ୟକାଳରୁ ସେ ସଙ୍ଗୀତ, କଳା ଓ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇଥିଲେ । କିଶୋର ଅବସ୍ଥାରେ ସେ ଗଳ୍ପଲେଖାରେ ମନୋନିବେଶ କରିଥିଲେ ମଧ୍ୟ ସେଥିରେ ସଫଳତା ଲାଭ କରି ପାରିନଥିଲେ । ୧୮୮୫ ମସିହାରେ ସମାଲୋଚକ ୱିଲିୟମ୍ ଆର୍ଚର ତାଙ୍କୁ ପୁସ୍ତକ ଏବଂ ନାଟକ ଆଦିର ସମାଲୋଚନା ଲେଖିବା ପାଇଁ ପ୍ରେରଣା ପ୍ରଦାନ କରିଥିଲେ । ଏହା ହିଁ ଥିଲା ତାଙ୍କ ନାଟ୍ୟକାର ଜୀବନର ଶୁଭାରମ୍ଭ । ପରେ ପରେ ସେ ଅନେକ ନାଟକ ଲେଖିବା ଆରମ୍ଭ କରିଦେଲେ । ତାଙ୍କର ଲୋକପ୍ରିୟତାକୁ ଅନେକ ସମୟରେ ଷୋଡ଼ଶ ଶତାବ୍ଦୀର ଇଂରାଜୀ ନାଟକର ସ୍ରଷ୍ଟା ଉଇଲିୟମ୍ ସେକ୍ସପିୟରଙ୍କ ସହିତ ତୁଳନା କରାଯାଇଥାଏ। କିଛି ସାହିତ୍ୟିକ ତଥା ସମାଲୋଚକଙ୍କ ମତାନୁସାରେ ସେକ୍ସପିୟରଙ୍କ ସାହିତ୍ୟ କୃତିଗୁଡ଼ିକ ଯେଉଁଭଳି ଭାବରେ ସେ ସମୟରେ ସାମାଜିକ ଜୀବନ ଉପରେ ପ୍ରଭାବ ପକାଇଥିଲା, ତା'ଠାରୁ ବେଶୀ ପରିମାଣରେ ଜି.ବି.ଏସ୍‌ଙ୍କ ନାଟକଗୁଡ଼ିକର ପ୍ରଭାବ ବିଂଶ ଶତାବ୍ଦୀରେ ଜନମାନସ ଉପରେ ପଡ଼ିଥିଲା ।

ବର୍ଣ୍ଣାଡ୍ ଶ'ଙ୍କର ନାଟକଗୁଡ଼ିକ ବ୍ୟଙ୍ଗ ଓ ରୋମାନ୍ସ ମାଧ୍ୟମରେ ସାମାଜିକ ବ୍ୟବସ୍ଥା ଓ ସମସାମୟିକ ବିଡ଼ମ୍ବନାକୁ ପ୍ରକାଶ କରୁଥିଲା। ସେ ଆଜୀବନ ସମାଜବାଦରେ ବିଶ୍ୱାସ କରୁଥିଲେ, କିନ୍ତୁ ଏକଛତ୍ରବାଦୀ ଶାସକଙ୍କ ସମର୍ଥକ ଓ ଯୁଦ୍ଧ ବିରୋଧୀ ଥିଲେ । ପ୍ରଥମ ବିଶ୍ୱଯୁଦ୍ଧକୁ ବିରୋଧ କରି ଶରବ୍ୟର ଶିକାର ହୋଇଥିଲେ। ସେ ୬୦ରୁ ଉର୍ଦ୍ଧ୍ୱ ନାଟକ ରଚନା କରିଯାଇଛନ୍ତି । ସେ ଭିକ୍ଟୋରିଆ ଯୁଗ ଏବଂ ବିଂଶ ଶତାବ୍ଦୀ ମଧ୍ୟରେ ଏକ ସେତୁ ସ୍ଥାପନ କରିଥିଲେ ବୋଲି ଅନେକ ସମାଲୋଚକଙ୍କ ମତ । ତାଙ୍କର ପ୍ରାଥମିକ ସାହିତ୍ୟିକ ଜୀବନ ଆରମ୍ଭ ହୋଇଥିଲା ଭିକ୍ଟୋରିଆ ଯୁଗର ଶେଷ ଅବସ୍ଥାରେ, ଯେତେବେଳେ ସମାଜରେ ଶିଳ୍ପ ବିପ୍ଳବର ପ୍ରଭାବ ବହୁଳ ଭାବରେ ଅନୁଭୂତ ହେଉଥିଲା। ଅନେକ ନାଟକ ମାଧ୍ୟମରେ ସାମାଜିକ ସଂସ୍କାର ଆଣି ସମାଜକୁ ଆଦର୍ଶ, ସୁସଂହତ ଏବଂ ଶୃଙ୍ଖଳିତ କରିବାରେ ପ୍ରୟାସ କରିଥିଲେ ।

ପ୍ରସିଦ୍ଧ ସଙ୍ଗୀତକାର ବବ୍ ଡାଇଲନ୍‌ଙ୍କ ପରି ସେ ଉଭୟ ନୋବେଲ ଏବଂ ଓସ୍କାର୍ ପୁରସ୍କାର ଲାଭ କରିବାରେ ସୌଭାଗ୍ୟ ଅର୍ଜନ କରିଥିଲେ । ନାଟକ ଲେଖିବା ପୂର୍ବରୁ ସେ ପ୍ରଥମେ ଉପନ୍ୟାସ ଲେଖିବା ଆରମ୍ଭ କଲେ । କିନ୍ତୁ ତାଙ୍କର ସମସ୍ତ ଉପନ୍ୟାସଗୁଡ଼ିକ ବିଫଳତା ପାଇଲା । ୧୯୨୫ ମସିହାରେ ତାଙ୍କୁ ସାହିତ୍ୟରେ ନୋବେଲ୍ ପୁରସ୍କାର ଏବଂ ୧୯୩୮ ମସିହାରେ ପ୍ରସିଦ୍ଧ ନାଟକ 'ପିଗମାଲିୟନ୍'ର ସିନେମା ରୂପାନ୍ତର ପାଇଁ ଓସ୍କାର୍ ପୁରସ୍କାର ମିଳିଥିଲା । ୧୯୫୦ ମସିହା ୨ ନଭେମ୍ବର ଦିନ ୯୪ ବର୍ଷରେ ଇହଲୀଳା ସମ୍ବରଣ କରିଥିଲେ।

ସେ ଅନେକାଂଶରେ ଔପନ୍ୟାସିକ ହେନେରିକ୍ ଇବ୍‌ସେନ୍, ଚାର୍ଲସ ଡିଗ୍ନେସ୍, ଯୋଶେଫ୍ ଷ୍ଟାଲିନ୍, ଜି.କେ.ସେଷ୍ଟରବନ୍ ଓ ଫ୍ରେଡେରିକ୍ ନିତ୍‌ସେ ପ୍ରମୁଖ ସାହିତ୍ୟିକମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ। ତାଙ୍କ ନାଟକଗୁଡ଼ିକର ମୁଖ୍ୟ ବିଷୟବସ୍ତୁ ହେଲା - ସାମାଜିକ ଶ୍ରେଣୀ ଓ ତହିଁରେ ବିସଂଗତି, ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀର ପରିବର୍ତ୍ତିତ ଭୂମିକା, ବୈବାହିକ ବନ୍ଧନ, ଶଠତା, ପ୍ରବଞ୍ଚନା ଏବଂ ସର୍ବୋପରି ନୈତିକତାର ଅଭ୍ୟୁଦୟ। ତାଙ୍କ ନାଟକର ଚରିତ୍ରମାନେ ଇବସେନ୍‌ଙ୍କ ନାଟକର ଚରିତ୍ରମାନଙ୍କଠାରୁ ଅଧିକ ଜୀବନ୍ତ ଏବଂ ପ୍ରଭାବଶାଳୀ । ଏତଦ୍ ବ୍ୟତୀତ ତାଙ୍କ ନାଟକରେ ନାରୀ ଚରିତ୍ରର ଚିତ୍ରଣ ମଧ୍ୟ ସେକ୍ସପିୟରଙ୍କ ନାଟକର ନାରୀ ଚରିତ୍ର ଚିତ୍ରଣଠାରୁ ସମ୍ପୂର୍ଣ୍ଣ ଭିନ୍ନ । ନାଟକଗୁଡ଼ିକର ସଂଳାପ କାହାଣୀ ବର୍ଣ୍ଣନା, ଭାଷା ଓ ଶୈଳୀ ଅତି ସୁନ୍ଦର ଏବଂ ସାବଲୀଳ । ଶ'ଙ୍କର ନାଟକ ଦେଖିଲେ ବଦଳି ଯିବ ଜୀବନର ଦୃଷ୍ଟିଭଙ୍ଗୀ ।

ବର୍ଣ୍ଣାଡ୍ ଶ'ଙ୍କର ପ୍ରଥମ ନାଟକ 'ଉଇଡୋର୍ସ ହାଉସ୍' ପ୍ରକାଶ ପାଇଥିଲା ୧୮୯୨ ମସିହାରେ। ତାଙ୍କର ଅନ୍ୟ ନାଟକ 'ଆର୍ମସ୍ ଏଣ୍ଡ ଦ ମ୍ୟାନ' ଏବଂ 'ମ୍ୟାନ୍ ଏଣ୍ଡ ସୁପରମ୍ୟାନ' ଦୁଇଟି ଯଥାକ୍ରମେ ୧୮୯୪ ଏବଂ ୧୯୦୩ ମସିହାରେ ପ୍ରକାଶ ପାଇଥିଲା । ଏହି ନାଟକଗୁଡ଼ିକରେ ଶ'ଙ୍କର କାହାଣୀ ଗୁମ୍ଫନ, ଶବ୍ଦ ସଂଯୋଜନା, ତୀକ୍ଷ୍ଣ ବୁଦ୍ଧିମତାର ପ୍ରୟୋଗ ଏବଂ ସାମାଜିକ ଜୀବନର ମନନ, ଚିନ୍ତନର ପରିପ୍ରକାଶ ଘଟିଛି। 'ଉଇଡୋରସ୍ ହାଉସେସ୍' ନାଟକଟିର ଦାରିଦ୍ର୍ୟ ଏବଂ ବସ୍ତି ଜୀବନର ଅସହାୟତା ଏବଂ ସାମନ୍ତବାଦୀ ଚିନ୍ତାଧାରା ଭଳି ସାମାଜିକ ପ୍ରତିବନ୍ଧକର ପରିସ୍ଫୁଟନ ହୋଇଛି । ସେହିପରି 'ଆର୍ମସ୍ ଏଣ୍ଡ ଦ ମ୍ୟାନ୍' ଏକ ରୋମାଣ୍ଟିକ୍ ହାସ୍ୟୋଦ୍ଦୀପକ ନାଟକ ଯାହା ଆଦର୍ଶବାଦୀ ବୀରତ୍ୱ ଉପରେ ପର୍ଯ୍ୟବସିତ। ୧୯୦୩ ମସିହାରେ ପ୍ରକାଶ ପାଇଥିବା 'ମ୍ୟାନ୍ ଏଣ୍ଡ ସୁପରମ୍ୟାନ୍' ନାଟକଟି ଏକ ବୌଦ୍ଧିକ ହାସ୍ୟୋଦ୍ଦୀପକର ଇସ୍ତାହାର। ମଣିଷ ସମାଜର ବିବର୍ତ୍ତନ, ଜୀବନୀଶକ୍ତି ଏବଂ ମୁକ୍ତ ଚିନ୍ତନ ଭଳି ଘଟଣାବଳୀକୁ ନେଇ ଏହାର କାହାଣୀ ଗତିଶୀଳ। ଏହି ନାଟକଟି ଶ'ଙ୍କର ଏକ ବହୁଚର୍ଚ୍ଚିତ ତଥା ବହୁଳ ପ୍ରଦର୍ଶକ ନାଟକ ଯାହା ସେ ସମୟର ତଥା କଥିତ ପୁରୁଷ କୈନ୍ଦ୍ରିକ ସମାଜ ଉପରେ କୁଠାରଘାତ କରିଥିଲା। ବ୍ୟକ୍ତି ଜୀବନରେ ନାରୀର ସ୍ୱତନ୍ତ୍ରତାକୁ ଗୁରୁତ୍ୱ ଆରୋପ କରି ନାରୀ ଚରିତ୍ରକୁ ଶକ୍ତିଶାଳୀ କରି ଗଢ଼ି ତୋଳିଛନ୍ତି । ହାସ୍ୟୋଦ୍ଦୀପକ ନାଟକ 'ଆର୍ମସ୍ ଏଣ୍ଡ ଦ ମ୍ୟାନ୍'ର ମୁଖ୍ୟ ନାୟିକା ରାଇନା, ଜଣେ ଉତ୍ତମ ବିଚାର ସମ୍ପନ୍ନା, ବୁଦ୍ଧିମତୀ ମହିଳା ଭାବରେ ମେଜର ସର୍ଜିୟସ୍‌ଙ୍କ ସହିତ ବିବାହକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ବାସ୍ତବବାଦୀ ବ୍ଲଣ୍ଟସ୍ଲିଙ୍କୁ ନିଜର ଜୀବନସାଥୀ ଭାବେ ଗ୍ରହଣ କରିଛନ୍ତି, କାରଣ ବୈବାହିକ ଜୀବନରେ ରୋମାନ୍‌ସ ତଥା ଭାବପ୍ରବଣତା ଅପେକ୍ଷା ବାସ୍ତବତା ଅବା ଜୀବନର ଚରମ ସତ୍ୟତା ଅଧିକ ଗ୍ରହଣୀୟ । ସେଥିପାଇଁ କିଛି ସମାଲୋଚକ ମତ ପୋଷଣ କରନ୍ତି ଯେ, ସେକ୍ସପିୟରଙ୍କ ନାଟକଗୁଡ଼ିକର ନାରୀ ଚରିତ୍ର ଅଧିକ ପରିମାଣରେ କଳ୍ପନାବିଳାସୀ ହୋଇଥିବା ବେଳେ ଜି.ବି. ଏସ୍‌ଙ୍କର ନାରୀ ଚରିତ୍ର ଅଧିକ ବୁଦ୍ଧିସମ୍ପନ୍ନା । ବାସ୍ତବିକ 'ଶେଭିୟାନ୍' ନାଟକର ଚରିତ୍ର ମନ ତଥା ବିବେକର ଭାଷାକୁ ଅଧିକ ପ୍ରାଧାନ୍ୟ ଦେଉଥିବା ବେଳେ ସେକ୍ସପିୟରଙ୍କ ନାରୀ ଚରିତ୍ର ଅଧିକ ହୃଦୟର ଭାଷାକୁ ଗୁରୁତ୍ୱ ଦିଅନ୍ତି । ୧୯୦୫ ମସିହାରେ ପ୍ରକାଶିତ ନାଟକ 'ମେଜର ବାରବ୍ରା' ନାଟକଟି ଯୁଦ୍ଧ ସରଞ୍ଜାମ ପ୍ରସ୍ତୁତ କରୁଥିବା ଅସ୍ତ୍ରଶସ୍ତ୍ର ଶିଳ୍ପ ଏବଂ ସମାଜ ସଂସ୍କାର ଉପରେ ଥିବା ଦ୍ୱନ୍ଦ୍ୱ ଉପରେ ପର୍ଯ୍ୟବସିତ ।

ପ୍ରଥମ ବିଶ୍ୱଯୁଦ୍ଧର ପୃଷ୍ଠଭୂମି ଉପରେ ୧୯୧୯ ମସିହାରେ ପ୍ରକାଶିତ ନାଟକ 'ହାର୍ଟବ୍ରେକ୍ ହାଉସ୍' ବିଂଶ ଶତାବ୍ଦୀର ସାମାଜିକ ଓ ସାଂସ୍କୃତିକ ଅବକ୍ଷୟ ଉପରେ ଆଲୋକପାତ କରୁଛି । ଶ'ଙ୍କ ମତରେ ସାମାଜିକ, ନୈତିକତା ତଥା ସାଂସ୍କୃତିକ ଅବକ୍ଷୟ ଘଟିଲେ ମଣିଷ ଜାତି ଘୋର ସଙ୍କଟ ଦେଇ ଗତି କରିଥାଏ । ୧୮୯୪ ମସିହାରେ ପ୍ରକାଶ ପାଇଥିବା ହାସ୍ୟରସ ପୂର୍ଣ୍ଣ ନାଟକ 'କେଣ୍ଡିଡା' ନାରୀ ସ୍ୱାଧୀନତା ତଥା ଚେତନାଧର୍ମୀ ବିଷୟ ଉପରେ ପର୍ଯ୍ୟବସିତ । 'ଏ ଡୋଲସ୍' ହାଉସର ନାୟିକା ନୋରା ହେଲମର୍ ତାଙ୍କ ସ୍ୱାମୀର ହାତର ଖେଳଣା ପାଲଟି ଯାଇଥିବା ବେଳେ ତାଙ୍କର ନାଟକ 'କେଣ୍ଡିଡା'ରେ କେଣ୍ଡିଡାଙ୍କ ବ୍ୟକ୍ତିଗତ ସ୍ୱତନ୍ତ୍ରତାକୁ ବଜାୟ ରଖିଛି । ଯେଉଁ ପୁରୁଷ ତାକୁ ସାମାଜିକ ସ୍ୱୀକୃତି ଦେଇ ତା'ର ବଞ୍ଚିବାର ମାନଦଣ୍ଡକୁ ଅକ୍ଷୁଣ୍ଣ ରଖିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି, ସେହିଭଳି ପୁରୁଷକୁ ସେ ନିଜ ସ୍ୱାମୀ ଭାବରେ ସ୍ୱୀକାର କରିଛନ୍ତି । ପୁରୁଷମାନଙ୍କ ଅପେକ୍ଷା ନାରୀମାନଙ୍କ ଭୂମିକା ଅଧିକ ବୋଲି ବର୍ଣ୍ଣାଡ୍ ଶ' କେଣ୍ଡିଡା ନାଟକରେ ଅସ୍ୱୀକାର କରିଛନ୍ତି । ନାରୀ ସ୍ୱାଧୀନତାର ଜଣେ ଉଦ୍‌ଘୋଷକ ଭାବରେ ନାରୀ ପୁରୁଷ ହାତର ଖେଳଣା ନୁହଁ ବୋଲି ସ୍ପଷ୍ଟୋକ୍ତି ବାଢ଼ିଛନ୍ତି । ମୋଟ ଉପରେ କହିବାକୁ ଗଲେ ବର୍ଣ୍ଣାଡ ଶ' ବିଂଶ ଶତାବ୍ଦୀର ସାମାଜିକ, ରାଜନୈତିକ, ସାଂସ୍କୃତିକ ଏବଂ ବ୍ୟକ୍ତି ଜୀବନର ସଂସ୍କାର ଆଣିବାରେ ନାଟକ ମାଧ୍ୟମରେ ଅନେକ ସଫଳତା ଲାଭ କରିଥିଲେ। ସେ ନାରୀ ମନର ଅକୁହା କଥା, ବେଦନା ଓ ଚିନ୍ତାକୁ ନାଟକ ମାଧ୍ୟମରେ ଲୋକଲୋଚନକୁ ଆଣିବାର ପ୍ରୟାସ କରିଥିଲେ ।

ଜୀବନ ଏକ ନାଟକ ଏବଂ ପ୍ରତି ସୋପାନ ଅସରନ୍ତି କାହାଣୀରେ ଭରି ରହିଛି । ଜୀବନ ସହିତ ଯୋଡ଼ି ହୋଇଯାଏ କିଛି ଚରିତ୍ର । ଜି.ବି.ଏସ୍‌ଙ୍କର ଅନେକ ନାଟକରେ ଆମ ଚାରିପାଖରେ ଘୂରି ବୁଲୁଥିବା ଚରିତ୍ରମାନଙ୍କୁ ଭେଟି ପାରିବା। ଚିତ୍ରତୁଲ୍ୟ ସଂଳାପ, କବିତାସମ ଶବ୍ଦ ସଂଯୋଜନା ଏବଂ ନାଟକୀୟତା ତାଙ୍କୁ ଏକ ଉଚ୍ଚତମସ୍ତରକୁ ନେଇଯାଇଛି। ତାଙ୍କର ସମସ୍ତ ନାଟକର ଆକର୍ଷଣ ଓ ଆବେଦନ ସର୍ବକାଳୀନ ଓ ସାର୍ବଜନୀନ । ସାହିତ୍ୟର ସମସ୍ତ ବିଭାଗ ମଧ୍ୟରୁ ନାଟକ ହେଉଛି ସର୍ବ ଆକର୍ଷଣର କେନ୍ଦ୍ର। 'କାବ୍ୟେଷୁ ନାଟକମ୍ ରମ୍ୟମ୍'ର ଯଥାର୍ଥତା ବର୍ଣ୍ଣାଡଙ୍କର ସବୁ ନାଟକରେ ଉପଲବ୍ଧି କରିହୁଏ । ତାଙ୍କ ଦ୍ୱାରା ଲିଖିତ ସମସ୍ତ ମଞ୍ଚସ୍ଥ ନାଟକ ସେ ସମୟର ଦର୍ଶକମାନଙ୍କୁ ଭରପୂର ଆନନ୍ଦ ଦେଇଥିଲା ବୋଲି ଏବେ ବି ପାଠକ ମହଲରେ ଅନେକ ଚର୍ଚ୍ଚା ହୁଏ । ■

ଇଂରାଜୀ ଶିକ୍ଷକ
ଓଡିଏମ୍ ପବ୍ଲିକ୍ ସ୍କୁଲ୍, ଭୁବନେଶ୍ୱର
ମୋ: ୭୮୯୪୧୫୩୫୭୮

**ବିଜେପି ସରକାରଙ୍କୁ ୫୦୦ ଦିନ**

## ସଫଳତା ଅପେକ୍ଷା ବିଫଳତା ତାଲିକା ଲମ୍ବା: ବିଜେଡି

ଭୁବନେଶ୍ବର, ୨୫ ।୧୦(ସମିସ): ରାଜ୍ୟରେ ବିଜେପି ସରକାରଙ୍କୁ ୫୦୦ ଦିନ ପୂରଣ ହୋଇଛି । ଏହି ଶାସନ ଅବଧି ମଧ୍ୟରେ ସରକାରଙ୍କ ବିଫଳତା ତାଲିକା ଲମ୍ବା ହୋଇଥିବା ବେଳେ ରାଜ୍ୟ ରାଜସ୍ବରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାଜ୍ୟ ବିଜେପି ସରକାର ବିଜ୍ଞାପନ ମାଧ୍ୟମରେ ନିଜ ପିଠି ନିଜେ ଥାପୁଡ଼େଇବାରେ ବ୍ୟସ୍ତ । ରାଜ୍ୟର ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ବିପରୀତ ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି ।

ଶନିବାର ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି ଯେ ଗତ ନିର୍ବାଚନ ସମୟରେ ବିଜେଡି ସରକାର ବିରୋଧରେ ବିଭିନ୍ନ ମିଥ୍ୟା ପ୍ରଚାର ଓ ଜନସାଧାରଣଙ୍କୁ ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ଦେଇ ବିଜେପି କ୍ଷମତାକୁ ଆସିଛି । ହେଲେ ରାଜ୍ୟକୁ ସୁଶାସନ ପ୍ରଦାନ କରିବା ଏବଂ ଦେଇଥିବା ଅଧିକାଂଶ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛି । ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଛି ଓ ବିଶେଷକରି ମହିଳାମାନେ ଅସୁରକ୍ଷିତ ହୋଇ ପଡ଼ିଛନ୍ତି । ଦୁଷ୍କର୍ମ, ଗଣଦୁଷ୍କର୍ମ, ଅସଦାଚରଣ, ହତ୍ୟା ଘଟଣା ପ୍ରତିଦିନ ଖବରକାଗଜରେ ଶିରୋନାମା ପାଲଟୁଛି । ଅପରାଧ ତାଲିକାରେ ଓଡ଼ିଶା ଦେଶର ଅଷ୍ଟମ ସ୍ଥାନରେ ରହିଛି । ଗତ ୧୫ ମାସରେ ୩୭,୫୦୦ରୁ ଅଧିକ ନାରୀ ନିର୍ଯ୍ୟାତନା ମାମଲା ହୋଇଥିବାବେଳେ ଗୋପାଳପୁର ଗଣଦୁଷ୍କର୍ମ, ବାଲେଶ୍ବରରେ ଛାତ୍ରୀ ଆତ୍ମାହୁତି, ବଳଙ୍ଗାରେ ଜଣେ ଛାତ୍ରୀଙ୍କୁ ଜିଅନ୍ତା ଜାଳିଦେବା ଘଟଣା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଲଜ୍ଜିତ ଓ ନିନ୍ଦିତ ହୋଇଛି । ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏହି ଘଟଣାରେ

- **କେନ୍ଦ୍ରୀୟ ଅନୁଦାନ ଓ ଅଭିବୃଦ୍ଧି ହାର କମିଛି; ଋଣବୋଝ ବଢ଼ିଛି**
- **ମହିଳା ନିର୍ଯାତନା ପ୍ରସଙ୍ଗରେ ଜାତୀୟ ସ୍ତରରେ ଓଡ଼ିଶା ଲଜ୍ଜିତ ଓ ନିନ୍ଦିତ**

ପ୍ରତିକ୍ରିୟା ରଖି ବ୍ୟବସ୍ଥାକୁ ଦାୟୀ କରିଛନ୍ତି । ଡବଲ୍ ଇଞ୍ଜିନ ଡବଲ୍ ବିକାଶ ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ବାସ୍ତବରେ ଡବଲ ବିନାଶ ଆଡ଼କୁ ଅଗ୍ରସର ହେଉଛି । ସେହିପରି ରାଜ୍ୟକୁ ମିଳୁଥିବା କେନ୍ଦ୍ରୀୟ ଅନୁଦାନ କମିଛି । ୨୦୨୩-୨୪ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୧୮.୧୯% ଅନୁଦାନ କମିଛି । ରାଜ୍ୟର ଅଭିବୃଦ୍ଧି ହାର ଦ୍ରୁତ ଅବନତି ଘଟୁଥିବାବେଳେ ଋଣବୋଝ ଅହେତୁକ ବୃଦ୍ଧି ପାଇଛି । ଆନ୍ଧ୍ର ପ୍ରଦେଶ ଓ ବିହାରକୁ କେନ୍ଦ୍ର ସରକାର ସ୍ବତନ୍ତ୍ର ଅନୁଦାନ ଦେଇଥିବାବେଳେ ଓଡିଶାକୁ ଅଣଦେଖା କରିଛନ୍ତି । ହେଲେ ବିଜେପିର ୨୦ ଜଣ ସାଂସଦଙ୍କ ସମେତ ରାଜ୍ୟ ବିଜେପି ନେତାମାନେ ମୁହଁ ଖୋଲିଲେ ନାହିଁ । ବିକାଶ ତ୍ବରାନ୍ବିତ ହେବା ପରିବର୍ତ୍ତେ ଠପ୍ ହୋଇଯାଇଛି । କେବଳ ନବୀନ ସରକାରଙ୍କ କାମର ରଙ୍ଗ ପରିବର୍ତ୍ତନ ଓ ଯୋଜନାର ନାମ ପରିବର୍ତ୍ତନ କରାଯାଇଥିବା ସେ ଅଭିଯୋଗ କରିଛନ୍ତି ।

ଡଃ ମହାନ୍ତି ଆହୁରି କହିଛନ୍ତି ଯେ ଅଧିକାଂଶ ନିର୍ବାଚନୀ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି । ୨ ବର୍ଷରେ ଦେଢ଼ ଲକ୍ଷ ସରକାରୀ ଚାକିରି ଦେବେ ବୋଲି କହି ମେଧାବୀ ଯୁବକଯୁବତୀଙ୍କୁ ପ୍ରତାରିତ କରିଛନ୍ତି । ନିଯୁକ୍ତି ପରୀକ୍ଷାରେ ବାରମ୍ବାର ବିଭ୍ରାଟ ହେଉଛି । ୧୫ମାସରେ ପ୍ରାୟ ୧୬ଟି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଭଳି ବିଭ୍ରାଟ ହୋଇଛି । ପୋଲିସ୍ ଏସ୍ଆଇ ଚାକିରି ଚାକିରି ବିକ୍ରି ଘଟଣା ଚିନ୍ତାଜନକ ହୋଇଛି । ଶ୍ରୀମନ୍ଦିର ପରିଚାଳନାରେ ନିୟମିତ ବିଭ୍ରାଟ ହେଉଥିବାବେଳେ ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ । ବିନା କଟନୀ ଛଟନୀରେ ଧାନ କିଣିବା ପାଇଁ ପ୍ରତିଶ୍ରୁତି ଦେଇ ଚାଷୀଙ୍କୁ ପ୍ରତାରିତ କରିଥିବାବେଳେ ସାର ସଙ୍କଟ ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି । ଦୁର୍ନୀତି ଓ ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥାକୁ ସମାପ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଦୁର୍ନୀତି ବୃଦ୍ଧି ପାଇଛି । ଲଘୁ ଖଣିଜ ସମ୍ପଦରେ ଦୁର୍ନୀତି ବଢ଼ିବା କାରଣରୁ ରାଜସ୍ବ ୧୪୮୫ କୋଟିରୁ ୬୦୦ କୋଟିକୁ ଓ ଖଣିଜ ସଂପଦରୁ ମିଳୁଥିବା ରାଜସ୍ବ ୫୦ହଜାର କୋଟିରୁ ୩୪ହଜାର କୋଟିକୁ ଖସିଛି । ଚିଟଫଣ୍ଡ ଜମାକାରୀଙ୍କୁ ଟଙ୍କା ଫେରାଇବାକୁ ପ୍ରତିଶ୍ରୁତି ମଧ୍ୟ ଧୋକାରେ ପରିଣତ ହୋଇଛି । ସେହିପରି ଆମ୍ବ ଟାକୁଆ ଖାଇ ୫ ଜଣ, ବିଷାକ୍ତ ମଦ ପିଇ ୪ ଜଣ, ରଥଯାତ୍ରା ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସାମ୍ପ୍ରଦାୟିକ ଉତ୍ତେଜନା ଘଟି ତିନୋଟି ସହରରେ କର୍ଫ୍ୟୁ ଲଗାଇବା ପରି ଅନେକ ଅଘଟଣ ଘଟିଛି । ଓଡିଶାକୁ ଏକ ନମ୍ବର ରାଜ୍ୟ କରିବା ବଦଳରେ ଦାଗୀମନ୍ତ୍ରୀଙ୍କ ତାଲିକାରେ ଓଡିଶା ଦେଶରେ ଏକ ନମ୍ବର ସ୍ଥାନ ଦଖଲ କରିଥିବା ଡ. ମହାନ୍ତି ଅଭିଯୋଗ କରିଛନ୍ତି ।

## ଚାଷୀଙ୍କୁ ଦଳିଦେଲା ହାତୀ



ବଅଁରପାଳ,୨୫ ।୧୦(ସମିସ): ବଅଁରପାଳ ବ୍ଲକ ବଡ଼ଖଳି ଗ୍ରାମରେ ଶନିବାର ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ, ବଡ଼ଖଳି ଗ୍ରାମର ବିଜନ ଡାକୁଆ । ଭୋର୍‌ରେ ବିଜନ ଶୌଚ ପାଇଁ ନିକଟସ୍ଥ ପଡ଼ିଆକୁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ । ହାତୀଟି ତାଙ୍କୁ ଶୁଣ୍ଢରେ କଚାଡ଼ି ପାଦରେ ଦଳିଦେଇଥିଲା । ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ବନ ବିଭାଗ ଅଧିକାରୀ ଓ ବଅଁରପାଳ ଥାନା ପୁଲିସ ପହଞ୍ଚି ବୁଝାସୁଝା କରିବା ସତ୍ତ୍ବେ ଗ୍ରାମବାସୀ ମୃତଦେହ ଛାଡ଼ିନଥିଲେ । ତେବେ ସରକାରୀ ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଓ ଜଣଙ୍କୁ ଚାକିରି ଦେବାକୁ ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଡାକ୍ତରଖାନା ପଠାଇଛି ।

## ପର୍ଯ୍ୟବେକ୍ଷଣ ଆବାସ ପାଚେରି ଡେଇଁ ପଳାଇଲେ ୨ ନାବାଳିକା

ବ୍ରହ୍ମପୁର, ୨୫ ।୧୦(ସମିସ): ନିକଟରେ ସ୍ଥାନୀୟ ଉତ୍କଳ ବାଳାଶ୍ରମରୁ ଦୁଇଜଣ ଅନ୍ତେବାସୀ ଚମ୍ପଟ ମାରିଥିବା ବେଳେ ଶନିବାର ଭୋରରୁ ବାଳିକା ପର୍ଯ୍ୟବେକ୍ଷଣ ଆବାସରୁ ୨ଜଣ ନାବାଳିକା ଅନ୍ତେବାସୀ କାନ୍ଥ ଡେଇଁ ଚମ୍ପଟ ମାରିଛନ୍ତି । ଏହା ଜିଲ୍ଲା ପ୍ରଶାସନର ନିଦ ହଜାଇ ଦେଇଛି । ଉଭୟ ବାଳାଶ୍ରମ ଓ ପର୍ଯ୍ୟବେକ୍ଷଣ ଆବାସର ଅନ୍ତେବାସୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ସୂଚନାଯୋଗ୍ୟ, ସ୍ଥାନୀୟ ପାଲୁର ଡାକବଙ୍ଗଳା ନିକଟରେ ଥିବା ବାଳିକା ପର୍ଯ୍ୟବେକ୍ଷଣ ଆବାସରୁ ଶନିବାର ଭୋର୍‌ରେ ୨ଜଣ ନାବାଳିକା ଫେରାର୍ ହୋଇଯାଇଛନ୍ତି । ସୁନ୍ଦରଗଡ଼ ଜିଲ୍ଲାର ଏହି ନାବାଳିକାଦ୍ୱୟ ଏକ ଚୋରି ମାମଲାରେ ଗତ ୧୯ ତାରିଖରେ ଏଠାକୁ ଆସିଥିଲେ । ହେଲେ ଶନିବାର ଭୋର୍‌ରେ ଉପସ୍ଥାନ ନେବା ବେଳେ ସେମାନଙ୍କ ଅନୁପସ୍ଥିତି ଜଣାପଡ଼ିଥିଲା । ପର୍ଯ୍ୟବେକ୍ଷଣ ଆବାସର କାନ୍ଥରେ ପଟା ପକାଇ ପାଚେରି ଚଢ଼ି ନିକଟରେ ଥିବା ଏକ ଗଛ ସାହାଯ୍ୟରେ ତଳକୁ ଓହ୍ଲାଇ ଚମ୍ପଟ ମାରିଥିବା ଜଣାପଡ଼ିଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପର୍ଯ୍ୟବେକ୍ଷଣ ଗୃହରେ ପହଞ୍ଚି ତଦନ୍ତ କରିଥିଲେ । ଘଟଣାକୁ ନେଇ ପର୍ଯ୍ୟବେକ୍ଷଣ ଗୃହ ଅଧୀକ୍ଷକ ବୈଦ୍ୟନାଥପୁର ଥାନାରେ ଏତଲା ଦେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

ସୂଚନାଥାଉକି, ପାଲୁର ଡାକବଙ୍ଗଳାଠାରେ ମହିଳା ଓ ଶିଶୁବିଭାଗ ଦ୍ୱାରା ପରିଚାଳିତ ଉଭୟ ପୃଥକ୍ ବାଳକ ଓ ବାଳିକା ପର୍ଯ୍ୟବେକ୍ଷଣ ଗୃହ ରହିଛି । ନାବାଳିକାମାନେ କୌଣସି ଚୋରି, ଡକାୟତି, ହତ୍ୟା ଓ ଆକ୍ରମଣ ଭଳି ମାମଲାରେ ଜଡ଼ିତ ହୋଇ ପୁଲିସ ଦ୍ୱାରା କାବୁ ହେବା ପରେ କିଶୋର ନ୍ୟାୟବୋର୍ଡଙ୍କ ନିର୍ଦ୍ଦେଶାନୁସାରେ ସେମାନଙ୍କୁ ବାଳିକା ପର୍ଯ୍ୟବେକ୍ଷଣ ଗୃହରେ ରଖାଯାଇଥାଏ । ମାମଲାର ବିଚାର ଶେଷ ହେବା ଯାଏଁ ସେମାନଙ୍କୁ ଏହି ଗୃହରେ ରଖାଯାଇଥାଏ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କାକିନାଡ଼ାରେ ମାଡ଼ହେବ...

ତାରିଖ ଦୁଇଦିନ କେତେକ ଜିଲ୍ଲାରେ ବର୍ଷା ସହ ପବନ ସର୍ବାଧିକ ଅନୁଭୂତ ହେବ । ଗଜପତି, ଗଞ୍ଜାମ, କୋରାପୁଟ, ରାୟଗଡ଼ା ଓ ମାଲକାନଗିରି ଜିଲ୍ଲାରେ ପବନର ବେଗ ୬୦ରୁ ୭୦ କିଲୋମିଟର ବେଗ ରହିବାକୁ ଥିବାବେଳେ ଝଟ୍‌କା ପବନର ବେଗ ୮୦ କିଲୋମିଟର ଛୁଇଁପାରେ । ସେହିପରି ଏହି ଦୁଇ ଦିନରେ ପୁରୀ, ଖୋର୍ଦ୍ଧା, କଳାହାଣ୍ଡି, ନୟାଗଡ଼, କନ୍ଧମାଳ ଓ ନବରଙ୍ଗପୁର ଜିଲ୍ଲାରେ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି । ଉପରୋକ୍ତ ଜିଲ୍ଲାର ପାର୍ଶ୍ୱବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପବନର ବେଗ ୪୦ରୁ ୫୦ କିଲୋମିଟର ଏବଂ ଝଟ୍‌କା ପବନର ବେଗ ୬୦ କିମି. ରହିପାରେ ବୋଲି ଭୁବନେଶ୍ବର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି । ସେହିପରି ସମୁଦ୍ର ଅତ୍ୟଧିକ ଅଶାନ୍ତ ରହିବାକୁ ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ୨୬ ତାରିଖରୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ କୁହାଯାଇଛି ।

ବାତ୍ୟା ମୋନ୍ଥା କାରଣରୁ ଓଡ଼ିଶାରେ ୨୭ରୁ ୨୯ ତାରିଖ ଯାଏଁ ୩ ଦିନ ଧରି ପ୍ରବଳ ବର୍ଷା ହେବ । ୨୭ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡା, ଗଜପତି, ଗଞ୍ଜାମ ଓ କନ୍ଧମାଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଉପରୋକ୍ତ ଜିଲ୍ଲାମାନଙ୍କରେ କେତେକ ସ୍ଥାନରେ ୭ରୁ ୨୦ ସେଣ୍ଟିମିର ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି । ନୂଆପଡ଼ା, ବଲାଙ୍ଗିର, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁରରେ ମଧ୍ୟ ପ୍ରବଳ ବର୍ଷା ନେଇ ଆକଳନ କରାଯାଇଛି । ସେହିପରି ୨୮ ତାରିଖରେ ବର୍ଷାର ବିସ୍ତୃତି ବଢ଼ିବା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷାର ସମ୍ଭାବନା ରହିଛି । ଉପରୋକ୍ତ ଜିଲ୍ଲାଗୁଡ଼ିକରେ କେତେକ ସ୍ଥାନରେ ୭ରୁ ୨୦ ସେଣ୍ଟିମିଟର ବିକ୍ଷିପ୍ତ ବର୍ଷା ସମ୍ଭାବନା ରହିଛି । ଏତଦ୍ ବ୍ୟତୀତ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜିଲ୍ଲାରେ ମଧ୍ୟ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଛି । ସେହିପରି ନୂଆପଡ଼ା, ବଲାଙ୍ଗିର, ସୋନପୁର, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, କେନ୍ଦୁଝର, ଭଦ୍ରକ, ବାଲେଶ୍ବର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ଆକଳନ କରାଯାଇ ୟେଲୋ ସତର୍କ ସୂଚନା ଜାରି କରାଯାଇଛି । ୨୯ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ାରେ ବିକ୍ଷିପ୍ତ ଭାବେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ନୂଆପଡ଼ା, ବଲାଙ୍ଗିର, ବୌଦ୍ଧ, କନ୍ଧମାଳ, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବାବେଳେ ବରଗଡ଼, ସୋନପୁର, ଅନୁଗୋଳ, ଢେଙ୍କାନାଳ, ନୟାଗଡ, କଟକ, ଖୋର୍ଦ୍ଧା, ପୁରୀ ଓ ଜଗତସିଂହପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି । ୩୦ ତାରିଖରେ ବର୍ଷାର ବିସ୍ତୃତି କମିବା ସହ କେବଳ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଆକଳନ କରାଯାଇଛି ।

### ପ୍ରଭାବିତ ହେବ...

ଗ୍ରାମ୍ୟ ଉନ୍ନୟନ, ପ୍ରାଣୀସମ୍ପଦ ବିଭାଗ ସହ ସମନ୍ବୟ ରକ୍ଷା କରି ପ୍ରସ୍ତୁତି ଜାରି ରଖିଛନ୍ତି । ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକରେ ଖାଦ୍ୟପଦାର୍ଥ, ପାନୀୟ ଜଳ, ଗୋଖାଦ୍ୟ, ଆବଶ୍ୟକ ଔଷଧ ଇତ୍ୟାଦିର ବ୍ୟବସ୍ଥା କରାଯାଇଛି । ଆବଶ୍ୟକ ପଡ଼ିଲେ ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରାଯିବ । ସରକାରଙ୍କ ସହ ନିୟମିତ ସମ୍ପର୍କରେ ରହିବା ସହ ଆତଙ୍କିତ ନ ହେବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

ଅନ୍ୟପକ୍ଷରେ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ୬ଟି ଜିଲ୍ଲାରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ସମ୍ପୃକ୍ତ ଜିଲ୍ଲାଗୁଡ଼ିକ ହେଲା ଗଞ୍ଜାମ, ବାଲେଶ୍ବର, ପୁରୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି । ସ୍ଥାନୀୟ ଜିଲ୍ଲାପାଳମାନେ ଏହି ନିର୍ଦ୍ଦେଶନାମା ଜାରି କରିଥିବା ଜଣାପଡ଼ିଛି । କିଛି ଜିଲ୍ଲାରେ ୨୫ରୁ ୩୦ ତାରିଖ ଏବଂ ଆଉକିଛି ଜିଲ୍ଲାରେ ୨୬ରୁ ୩୦ ତାରିଖ ଯାଏଁ ଛୁଟି ବାତିଲ କରାଯାଇଥିବା ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି । ଛୁଟିରେ ଥିବା କର୍ମଚାରୀଙ୍କୁ କାର୍ଯ୍ୟରେ ତୁରନ୍ତ ଯୋଗ ଦେବାକୁ କୁହାଯାଇଥିବା ବେଳେ ଅଧିକାରୀମାନେ ନିଜ ନିଜ ମୁଖ୍ୟାଳୟ ଛାଡ଼ି ନ ଯିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି ।

### ଇନ୍ଦୋରରେ ଲଜ୍ଜା...

ନ୍ୟାୟ ସଂହିତା ଧାରା ୭୪ ଓ ୭୮ ଲଗାଯାଇ କୋର୍ଟ ଚାଲାଣ କରାଯାଇଛି । ଏହି ଘଟଣା ପରେ ମଧ୍ୟ ପ୍ରଦେଶ କ୍ରିକେଟ ସଂଘ ଅଷ୍ଟ୍ରେଲିଆ ଖେଳାଳିମାନଙ୍କୁ କ୍ଷମା ପ୍ରାର୍ଥନା କରିଛି । ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଦେବଜିତ ସାଇକିଆ ଏଭଳି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଦୃଢ଼ ନିନ୍ଦା କରିଛନ୍ତି । ରାଜ୍ୟ ପୁଲିସ୍ ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ବିସିସିଆଇ ଉପସଭାପତି ରାଜୀବ ଶୁକ୍ଳା ଦାବି କରିଛନ୍ତି । ଏଭଳି ଘଟଣାରେ ଦେଶ ସମ୍ମାନରେ ଆଞ୍ଚ ଆସିଥିବାରୁ ସେ ଏହାର ପୁନରାବୃତ୍ତି ନ ହେବାକୁ କଡ଼ା ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ।

### ବନ୍ଧୁଙ୍କ ଅର୍ଥରେ...

ତାଙ୍କ ବନ୍ଧୁ ପରିଚୟ ଗୋପନ ରଖିବାକୁ କହିଥିଲେ ବୋଲି ଟ୍ରମ୍ପ କହିଛନ୍ତି । ଆମେରିକାରେ ଅକ୍ଟୋବର ୧ରୁ ଆରମ୍ଭ ହୋଇଥିବା ଏହି ସଟ୍‌ଡାଉନ୍ ୨୫ ଦିନରେ ପହଞ୍ଚିଛି । ଆମେରିକାର ଦୁଇ ପ୍ରମୁଖ ଦଳ ଡେମୋକ୍ରାଟ ଓ ରିପବ୍ଲିକାନ ମଧ୍ୟରେ ଓବାମା ହେଲଥ୍ କେୟାର ସବ୍‌ସିଡ୍ ପ୍ରୋଗ୍ରାମ ନେଇ ମତପାର୍ଥକ୍ୟ ସୃଷ୍ଟି ହୋଇଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି ।

### ଦିନକରେ ହୋଇପାରୁନି...

ବ୍ୟବସ୍ଥା ରହିଛି । ମାତ୍ର ତାହା ବାସ୍ତବରେ କାର୍ଯ୍ୟକାରୀ ହୋଇପାରୁ ନାହିଁ । ଯାହାଫଳରେ ନଗଦ ପ୍ରବାହ ହ୍ରାସ ପାଇଛି ଓ ଦରମା, ଦେୟ, ଷ୍ଟକ୍ କ୍ରୟ ପରିଚାଳନା କ୍ଷେତ୍ରରେ ଛୋଟ ଫାର୍ମଗୁଡ଼ିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କୁହାଯାଉଛି ଏନ୍‌ସିପିଆଇ ଦ୍ୱାରା ପରିଚାଳିତ ବ୍ୟାଙ୍କ ଏବଂ କେନ୍ଦ୍ରୀୟ କ୍ଲିୟରିଂ ବ୍ୟବସ୍ଥାରେ ସଫ୍ଟୱେର୍ ଏକତ୍ରୀକରଣ କରାଯିବାରେ ଅସମନ୍ୱୟତା ଯୋଗୁଁ ବ୍ୟାଙ୍କଗୁଡ଼ିକ ଗୋଟିଏ ଦିନରେ ଚେକ୍ କ୍ଲିୟର କରିବାକୁ ଅସମର୍ଥ ହେଉଛନ୍ତି । ସ୍କାନ କରାଯିବା ବେଳେ ଚେକ୍‌ର ପ୍ରତିଛବି ଠିକ୍ ଭାବରେ ଉତ୍ତୋଳନ କରାଯାଉ ନାହିଁ । ଯାହା ଫଳରେ ବ୍ୟାଙ୍କ କୋଡ୍, ଆକାଉଂଟ ନମ୍ବର, ଦସ୍ତଖତ ସ୍ପଷ୍ଟ ଦେଖାଯାଉ ନ ଥିବାରୁ ତାହାକୁ କ୍ଲିଅରିଂ ବ୍ୟାଙ୍କ ଗ୍ରହଣ କରୁନାହିଁ । ପୁନଶ୍ଚ ଏହି ପଦ୍ଧତି ସମ୍ପର୍କରେ ବ୍ୟାଙ୍କଗୁଡ଼ିକରେ ତାଲିମପ୍ରାପ୍ତ କର୍ମଚାରୀ ନାହାନ୍ତି ଓ ଉଚ୍ଚମାନର ସ୍କାନର ମଧ୍ୟ ରଖାଯାଇ ନାହିଁ । ଯାହା ସମସ୍ୟାକୁ ବହୁଗୁଣିତ କରୁଛି ଓ ଚେକ୍‌ଗୁଡ଼ିକୁ ପୁନର୍ବାର ପୂର୍ବପରି ପରିଚାଳନା କରାଯିବା ଯୋଗୁଁ କ୍ଲିଅରିଂ ବିଳମ୍ବିତ ହେଉଛି । ଯାହା ବ୍ୟାଙ୍କ ପ୍ରତି ଉପଭୋକ୍ତା ବା ଗ୍ରାହକମାନଙ୍କର ବିଶ୍ୱାସକୁ କ୍ଷୁର୍ଣ୍ଣ କରିଛି ଓ ବ୍ୟବସାୟିକ କ୍ଷେତ୍ରରେ ନଗଦ ପ୍ରବାହ ହ୍ରାସ ସହ ବିଭିନ୍ନ କାର୍ଯ୍ୟ ପ୍ରଭାବିତ ହେଉଛି ।

ଜାତୀୟ ପେମେଣ୍ଟ କର୍ପୋରେସନ (ଏନ୍‌ସିପିଆଇ) ମଧ୍ୟ ବ୍ୟାଙ୍କଗୁଡ଼ିକରେ ଚେକ୍ କ୍ଲିୟରିଂ ବ୍ୟବସ୍ଥାରେ ସୃଷ୍ଟି ହୋଇଥିବା ଅବ୍ୟବସ୍ଥାକୁ ସ୍ୱୀକାର କରିଛନ୍ତି । କେନ୍ଦ୍ରୀୟ ବ୍ୟବସ୍ଥା ଓ ବ୍ୟାଙ୍କଗୁଡ଼ିକ ମଧ୍ୟରେ ରହିଥିବା ବିଚ୍ୟୁତି ଯୋଗୁଁ ଏପରି ସମସ୍ୟା ସୃଷ୍ଟି ହେଉଛି ବୋଲି ଏନ୍‌ସିପିଆଇ କହିଛି । କେଉଁସ୍ତରରେ ସମସ୍ୟା ଯୋଗୁଁ ଗୋଟିଏ ଦିନରେ ଚେକ୍ କ୍ଲିଅରିଂ ହୋଇ ପାରୁନାହିଁ ତାହାର ଅନୁଧ୍ୟାନ ସହ ବ୍ୟାଙ୍କଗୁଡ଼ିକ ସହ ଯୋଗସୂତ୍ର ରଖି କାର୍ଯ୍ୟ କରାଯାଉଛି ବୋଲି ଏନ୍‌ସିପିଆଇ ସୂଚନା ଦେଇଛି ।

### ଆରମ୍ଭ ହେବ 'ବି-ମାନ'...

୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ଏହି ଯୋଜନା କାର୍ଯ୍ୟକାରୀ ହେବ । ହିତାଧିକାରୀଙ୍କ ବର୍ଦ୍ଧିତ ଚାହିଦା ପୂରଣ ଏବଂ ୫ ଟଙ୍କା ମୂଲ୍ୟରେ ସବସିଡିଯୁକ୍ତ ଖାଦ୍ୟ ଯୋଗାଇବାର ନିରନ୍ତରତା ସୁନିଶ୍ଚିତ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି । 'ଆହାର' ମାଧ୍ୟମରେ ପ୍ରଦାନ କରାଯାଉଥିବା ଭୋଜନର ମୂଲ୍ୟ ୨୩ ଟଙ୍କାରୁ ୨୭ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ପ୍ରତି ଭୋଜନ ପାଇଁ ସରକାରୀ ସବସିଡି ୧୮ ଟଙ୍କାରୁ ୨୨ ଟଙ୍କାକୁ ବୃଦ୍ଧି କରାଯାଇଛି । ତେବେ ହିତାଧିକାରୀ ପୂର୍ବବତ୍ ଆହାର ମିଲ ପାଇଁ ୫ ଟଙ୍କା ପ୍ରଦାନ କରିବେ । ସେହିପରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅନୁଯାୟୀ ୨୦୦ଟି ମିଡି ବସ କ୍ରୟ ଏବଂ ଏହାର ୧୦ ବର୍ଷ ପାଇଁ ପରିଚାଳନା, ରକ୍ଷଣାବେକ୍ଷଣ ପାଇଁ ୯୫୨ କୋଟି ୫୬ ଲକ୍ଷ ଟଙ୍କା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଛି । ଏଥିରେ କେନ୍ଦୁଝର, ବାରିପଦା, ଅନୁଗୋଳ ଓ ଝାରସୁଗୁଡା ପାଇଁ ୨୫ଟି ଲେଖାଏଁ ଏବଂ ବ୍ରହ୍ମପୁର ଓ ସମ୍ବଲପୁର ପାଇଁ ୫୦ଟି ଲେଖାଏଁ ବସ୍ ଅନ୍ତର୍ଭୁକ୍ତ ରହିଛି । ଏହି ପ୍ରକଳ୍ପ ମାଧ୍ୟମରେ ଉପରୋକ୍ତ ପ୍ରମୁଖ ୬ଟି ସହରଗୁଡ଼ିକରେ ବସ୍ ଚାର୍ଜିଂ, ଡିପୋ ଭିତ୍ତିଭୂମି ନିର୍ମାଣ ଓ ଏହାର ବ୍ୟାପକ ରକ୍ଷଣାବେକ୍ଷଣ ଓ ପରିଚାଳନା କାର୍ଯ୍ୟକାରୀ ହେବ ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅନୁଯାୟୀ ଫସଲ ବିବିଧିକରଣ କାର୍ଯ୍ୟକ୍ରମ ଯୋଜନାକୁ ୨୦୨୫ରୁ ୨୦୨୭-୨୮ ପର୍ଯ୍ୟନ୍ତ ୩ ବର୍ଷ ପାଇଁ ବୃଦ୍ଧି କରିବା ସହ ୧୫୨୩.୯୮ କୋଟି ଟଙ୍କାର ବ୍ୟୟଅଟକଳକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ଏହି ଯୋଜନା ଚାଷଜମିରେ ମାଟିର ଜୀବାଣୁ ସଂଖ୍ୟା ବୃଦ୍ଧି କରିବା, ମାଟିର ରାସାୟନିକ ଏବଂ ଜୀବବିଜ୍ଞାନ ଗୁଣଧର୍ମର ପରିବର୍ତ୍ତନକୁ ରୋକିବା, ପାଣି ବ୍ୟବହାର କ୍ଷମତା ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ ଅଟେ । ଏହା ରାଜ୍ୟର ସମସ୍ତ ୩୦ ଜିଲ୍ଲାରେ କାର୍ଯ୍ୟକାରୀ ହେବ । ଆସନ୍ତା ୩ ବର୍ଷରେ ମୋଟ ୧୧.୫୦ ଲକ୍ଷ ହେକ୍ଟର ଧାନ ପରବର୍ତ୍ତୀ ପଡ଼ିଆ ଜମିରେ ଏହି କାର୍ଯ୍ୟକ୍ରମ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ରାଜ୍ୟ କ୍ୟାବିନେଟ ମଧ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଅଧିନରେ ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା ଅନ୍ତର୍ଗତ କ୍ଷୁଦ୍ର ପ୍ରାଣୀ ଉନ୍ନୟନ ଯୋଜନାକୁ ଅନୁମୋଦନ ଦେଇଛି । ଏହି ଯୋଜନା ଆସନ୍ତା ୪ ବର୍ଷ ଅର୍ଥାତ୍ ୨୦୨୫-୨୬ରୁ ୨୦୨୮-୨୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବାବେଳେ ଏଥିରେ ମୋଟ ୨୯୪ କୋଟି ୩୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ । ଏହି ଯୋଜନା ଦ୍ୱାରା ପ୍ରାୟ ୨୩୭୩୫ କୃଷକ ଉପକୃତ ହେବେ ଏବଂ ରାଜ୍ୟରେ ବାର୍ଷିକ ୧୨.୨୫ ଟିଏମଟି ମାଂସ ଉତ୍ପାଦନ ହେବାକୁ ଲକ୍ଷ୍ୟ ରଖାଯାଇଛି ।

### ମୟୂରଭଞ୍ଜରେ ଦୁଇ...

ବନ୍ଧୁଙ୍କ ସହ ଯାଇଥିଲେ । ସେମାନେ ଯାତ୍ରା ଦେଖି ସ୍କୁଟିରେ ଘରକୁ ଫେରୁଥିବା ବେଳେ ବାଟ ମଝିରେ ୫ଜଣ ଯୁବକ ସେମାନଙ୍କୁ ବାଟ ଓଗାଳିଥିଲେ । କିଛି ବୁଝିବା ପୂର୍ବରୁ ଦୁର୍ବୃତ୍ତମାନେ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ନାବାଳିକାଙ୍କ ଦୁଇ ବନ୍ଧୁ ଏହାର ପ୍ରତିବାଦ କରିବାରୁ ଯୁବକମାନେ ସେମାନଙ୍କୁ ମାରପିଟ୍ କରିବା ସହ ମୋବାଇଲ ଛଡ଼ାଇ ନେଇଥିଲେ । ଏହାପରେ ନାବାଳିକାଦ୍ୱୟଙ୍କୁ ଜୋର୍‌ଜବରଦସ୍ତ ବାଇକ୍‌ରେ ନେଇ ଟିକପଦା କେନାଲ ନିକଟରେ ଗଣଦୁଷ୍କର୍ମ କରିଥିଲେ । ଏ ସଂପର୍କରେ କାହାରିକୁ କହିଲେ, ଜୀବନରୁ ମାରିଦେବାର ଧମକ ଦେଇ ନଳଗଜା କଲେଜ ପଡ଼ିଆ ନିକଟରେ ଛାଡ଼ି ପଳାଇଥିଲେ । ଏନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହେବା ପରେ ରାସଗୋବିନ୍ଦପୁର ପୁଲିସ ଗଣଦୁଷ୍କର୍ମ ମାମଲା ରୁଜୁ କରି ତିନି ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ, ରାସଗୋବିନ୍ଦପୁର ଥାନା ଅଧୀନ ଲୁଣଚାଟି ଗ୍ରାମର ଦେବ୍ୟାଙ୍ଗୁସୁ ବେହେରା (୧୮), ପ୍ରହରାଜପୁର ଗାଁର ରତନ କୁମାର ଦତ୍ତ (୩୬) ଏବଂ ରାଜକୁମାର ଦାସ (୧୯) । ଫେରାର ଥିବା ଅନ୍ୟ ଦୁଇ ଜଣଙ୍କୁ ଧରିବା ଲାଗି ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିବା ଜଣାପଡ଼ିଛି । ଖୁବ୍‌ଶୀଘ୍ର ସେମାନେ ଧରାପଡ଼ିବେ ବୋଲି ପୁଲିସ କହିଛି । ବେତନଟୀ ଏସ୍‌ଡିପିଓ ମିନତି ବିଶ୍ୱାଳ ତଦନ୍ତ ଆରମ୍ଭ କରିବା ସହ ନାବାଳିକାଦ୍ୱୟଙ୍କ ଡାକ୍ତରୀ ମାଇନା କରାଇଛନ୍ତି ।

### ଗିରଫ ହେଲେ...

ବିଭିନ୍ନ ବାହାନା କରି ତାଙ୍କୁ ସେଠାରୁ ତଡ଼ି ଦେଇଥିଲା । ଶେଷରେ ଏନେଇ ପୀଡ଼ିତା ପୁଲିସ କମିସନରଙ୍କୁ ଭେଟି ଅଭିଯୋଗ କରିଥିଲେ । ସିପିଙ୍କ ହସ୍ତକ୍ଷେପ ପରେ ଡିସିପିଙ୍କ ନିର୍ଦ୍ଦେଶ କ୍ରମେ ଏୟାରପୋର୍ଟ ଥାନା ପୁଲିସ ଚାପରେ ଆସି ମାମଲା ରୁଜୁ କରିବା ସହ ଡିଜିଏମ୍‌ଙ୍କୁ ଗିରଫ କରିଥିଲା ।

ଅଭିଯୋଗ ଅନୁସାରେ, ବିବାହର ପ୍ରତିଶ୍ରୁତି ଦେଇ ଡିଜିଏମ୍ ଶ୍ରୀ ପଟେଲ ୪ ବର୍ଷ ଧରି ଯୁବତୀଙ୍କ ସମ୍ପର୍କରେ ଥିଲେ । କେବଳ ସେତିକି ନୁହେଁ; ଶାରୀରିକ ସମ୍ପର୍କ ରଖି ମାଡ଼ ମାରି ଯୁବତୀଙ୍କ ଗର୍ଭପାତ କରାଇଥିଲେ । ପୂର୍ବରୁ ବିବାହିତ ଉମାକାନ୍ତ ପଟେଲ ଏକ ସନ୍ତାନର ବାପା ମଧ୍ୟ ହୋଇସାରିଛନ୍ତି । କିନ୍ତୁ ଗତ ୪ ବର୍ଷ ଧରି ଏକ ଘରୋଇ ଏୟାର ଲାଇନ୍ସର ଜଣେ ଯୁବତୀଙ୍କ ସହିତ ସେ ସମ୍ପର୍କରେ ରହିଥିଲେ । ସେ ନିଜକୁ ଅବିବାହିତ କହି ଏହି ଯୁବତୀଙ୍କ ସହିତ ସଂପର୍କରେ ରହିଥିଲେ । ଉମାକାନ୍ତ ପଟେଲ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଯୁବତୀଜଣଙ୍କ ଯେତେବେଳେ ବି ବିବାହ କଥା ଉଠାଉଥିଲେ, ସେ ଏହାକୁ କିଛି ନା କିଛି ବାହାନା କରି ଏଡ଼ାଇ ଦେଉଥିଲେ ।

ଆଉ ଗୋଟିଏ କଥା ମଧ୍ୟ ତଦନ୍ତ ବେଳେ ଜାଣିବାକୁ ପାଇଛି ପୁଲିସ । ଉମାକାନ୍ତ ପଟେଲ ଯେଉଁ ବିମାନବନ୍ଦରକୁ ବଦଳି ହୋଇଯାଉଥିଲେ ସେ ଏହି ଯୁବତୀଙ୍କୁ ସେଠାକୁ ବଦଳି କରି ନେଇଯାଉଥିଲେ । ଭୁବନେଶ୍ବର ଆସିବା ପୂର୍ବରୁ ଉମାକାନ୍ତ ଦିଲ୍ଲୀରେ ଥିଲେ । ସେଠାରେ ମଧ୍ୟ ଏହି ଯୁବତୀ ଜଣଙ୍କ ଥିଲେ । ତା'ପୂର୍ବରୁ ଉମାକାନ୍ତ ଗୋଆରେ ଥିଲେ । ସେତେବେଳେ ମଧ୍ୟ ସେ ପୀଡ଼ିତାଙ୍କୁ ଏକ ଘରୋଇ ଏୟାର ଲାଇନ୍ସରେ ନିଯୁକ୍ତ କରାଇଥିଲେ । ସମ୍ପର୍କ ନିବିଡ଼ ହେବା ପରେ ସେମାନଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ସ୍ଥାପନ ହୋଇଥିଲା । ଏହା ମଧ୍ୟରେ ପୀଡ଼ିତା ଗର୍ଭବତୀ ହେବା ପରେ ବିବାହ ପାଇଁ ଜିଦ୍ ଧରିଥିଲେ । କିନ୍ତୁ ଉମାକାନ୍ତ ବାହାନ କରି ଏଡ଼ାଇ ଯିବା ସହ ତାଙ୍କର ଗର୍ଭପାତ କରାଇଥିଲେ । ବିବାହ ପ୍ରସ୍ତାବକୁ ଉମାକାନ୍ତ ବାରମ୍ବାର ଏଡ଼ାଇବାରୁ ଯୁବତୀଜଣକ ସନ୍ଦେହ କରି ତାଙ୍କ ସଂପର୍କରେ ଖୋଳତାଡ଼ କରିଥିଲେ ଏବଂ ସେ ବିବାହିତ ବୋଲି ଜାଣିବା ପରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ତୀବ୍ର ଝଗଡ଼ା ହୋଇଥିଲା । ଉମାକାନ୍ତ ଉତ୍କ୍ଷିପ୍ତ ହୋଇ ଯୁବତୀଙ୍କୁ ମାଡ଼ ମାରିଥିଲେ । ଉମାକାନ୍ତ ତାଙ୍କୁ ଧୋକା ଦେଇଥିବା ଜାଣିବା ପରେ ଯୁବତୀଜଣଙ୍କ ଗତ ୧୯ ତାରିଖରେ ଏୟାରପୋର୍ଟ ଥାନାରେ ଏତଲା ଦେଇଥିଲେ ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-QUAD-CABLE-KUR-507, ତା.17.10.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଭିନ୍ନ ସେକ୍ସନର ତ୍ରୁଟିଯୁକ୍ତ (Faulty) ପ୍ୟାଚ ବିପକ୍ଷରେ 6 କ୍ୱାର୍ଡ (Quad) କେବୁଲଗୁଡ଼ିକର ପୁନଃସ୍ଥାପନ ।

**ଟେଣ୍ଡର ମୂଲ୍ୟ :** ₹ 3,21,12,194.00, EMD : ₹ 3,10,600/-

ବିଡ୍ ଆରମ୍ଭ ହେବା ତାରିଖ : ତା.27.10.2025ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.11.2025ରିଖ 1100 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

PR-719/Q/25-26

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**ଡକୁମେଣ୍ଟ ହଜିଛି**

ମୁଁ, ଏହେସାମୁଲ ମିର୍ଜା, ୪୫ବର୍ଷ, ପିତା- ସ୍ୱର୍ଗତ ଇସଲାମ ମିର୍ଜା, ଗ୍ରାମ- ବଡ଼ହନ୍ତୁଆଡ, ପିଏସ୍ / ପୋଷ୍ଟ- ବାଣପୁର, ପିନ୍- ୭୫୨୦୩୧, ଜିଲ୍ଲା-ଖୋର୍ଦ୍ଧା, ଜଣାଉଛି ଯେ, ମୋର ସେଲଡିଡ୍ କାଗଜପତ୍ର, ମୌଜା- ବଡ଼ହନ୍ତୁଆଡ ଭିଡିଓ, ୦.୦୬୭ ଡିସିମିଲ ଜାଗାର ଖାତା ନଂ-୨୬୧/୪୮୮, ପ୍ଲଟ୍ ନଂ- ୭୨୩ ଏବଂ ୦.୦୨୧ ଡିସିମିଲ ଜାଗାର ଖାତା ନଂ-୨୬୧/୪୮୯, ପ୍ଲଟ୍ ନଂ-୭୨୪ ହଜି ଯାଇଛି । ଏନେଇ ବାଣପୁର ଥାନାରେ ଷ୍ଟେସନ ଡାଏରୀ ନଂ-୦୧୪, ୧୮.୧୦.୨୦୨୫ ତାରିଖରେ ଅଭିଯୋଗ ହୋଇଛି । ଯଦି କେହି ପାଇଥାନ୍ତି ତେବେ ବାଣପୁର ପୋଲିସ ଥାନାରେ କିମ୍ବା ମୋର ମୋବାଇଲ ନଂ- ୯୯୩୭୧୮୦୪୯୪ରେ ଯୋଗାଯୋଗ କରିବାକୁ ଅନୁରୋଧ ।

**AFFIDAVIT**

I, N.K.Sahoo, S/o- Late Babaji Charan Sahoo, Resident of House No.: D-45, AWHO Defence Colony, Padmapani Vihar, Niladri Vihar, CSPUR, Near Buddha Jayanti Park, Bhubaneswar, Dist.: Khorda, Odisha, PIN-751021, declared by this Affidavit No.1310/2025 Dated: 24.10.2025. That now onwards I shall be known as **NANDA KISHORE SAHOO** for all future Purposes.

**Notice**
**(Above 18 years of age)**

By virtue of an affidavit sworn before The Executive Magistrate, Rasulpur, Jajpur, Dated 25.09.2025 I, Rekha Das, Address At-Karanjiari, Po-Odisso, Ps-Kuakha, Dist-Jajpur, Odisha, Pin-755008 declare that I have changed my name from Anita Swain to Rekha Das. Henceforth, I shall be known as **Rekha Das** for all purpose.

**Rekha Das**

**AFFIDAVIT**

By virtue of an affidavit CF no 1/1 dtd. 24.10.2025 the Executive Magistrate Nayagarh, I, Lili Nayak, W/o- Muralidhar Nayak, At/Po-Rajingi, Ps - Gania, Dist-Nayagarh have changed my son's name from Ayush Nayak to Amarjeet Nayak. Henceforth He will be know as **Amarjeet Nayak** for all purposes.

**AFFIDAVIT**

I, Gajendra Kumar Padhy, S/o- Damodar Padhi, resident of Plot no-19, Dharmavihar, Khandagiri, Bhubaneswar ,Dist-Khurda, Pin-751030, Odisha declared by this affidavit No-861, dtd-22/10/2025 that now onwards I shall be known as **GAJENDRA KUMAR PADHI** for all future purposes.

**AFFIDAVIT**

I DILLIP SAHOO, S/O LATE SRINIBAS SAHOO, PLOT NO-1211/6300, MALLICK COMPLEX, NEAR PRAMEYA PAPER MILL, JAGAMARA, PS- KHANDAGIRI, BHUBANESWAR- 751030, ODISHA DECLARE BY THIS AFFIDAVIT NO- 39658, DATE-24.10.2025, THAT NOW ONWARDS, I SHALL BE KNOWN AS **DILLIP KUMAR SAHOO** FOR ALL FUTURE PURPOSES.

**AFFIDAVIT**

I, Susanta Kumar Muduli, S/o- Rabindra Nath Muduli, Resident of At/PO: Patapur, Kakatpur, Dist.: Puri, Odisha, PIN-752108, declared by this Affidavit No.1317/2025 Dated: 24.10.2025. That now onwards I shall be known as **SUSHANTA KUMAR MUDULI** for all future Purposes.

**AFFIDAVIT**

BY virtue of an affidavit sworn before The Executive Magistrate, Kutra, Dist : Sundargarh by No - 1713, dated 24/10/2025, I Rajni Tete w/o Hemant Tete of Ganjhupada, PO Gairbahal, Dist.-Sundargarh, Pin- 770018 declare that I have changed the name of my minor daughter KUARI TETE to RASHMITA TETE. Hence she will be known as **RASHMITA TETE** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Kabisuryanagar, I, Aruna Kumara Acharya, S/o- Prakash Chandra Acharya resident of Vill.- Muktamaladeipur, Po.- Banthapalli, Ps.- Posasara, Dist.- Ganjam (Odisha) state vide affidavit no. A-II dtd.24.10.2025 that, in HSC certificate as well as passport my name has been mentioned as Acharya Aruna Kumar. Hence **Aruna Kumar Acharya @Arun Kumar Acharya** and **Acharya Arun Kumar** is one and same person.

**AFFIDAVIT**

I, Sanjukta Kumari Dash, W/o- Gajendra Kumar Padhi, resident of Plot No-19, Dharmavihar, Khandagiri, Bhubaneswar, Dist-Khurda, Pin- 751030, Odisha declared by this affidavit No- 863, dtd-22/10/2025 that now onwards I shall be known as **SANJUKTA DASH** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated-24/10/2025. I, **Mamata Bharasagar** (applicant name), Wo Late Umesh Bharasagar, resident of AT. / P.O. / P.S. Titilagarh (Hatpada Pada), Dist-Bolangir, (Odisha), PIN Code: 767033 declare that I have changed my minor daughter's name from **Sunaksi Bharasagar** (old name) to **Sonakshi Bharasagar** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Sonakshi Bharasagar** (new name) for all purposes.

**Mamata Bharasagar**

**AFFIDAVIT**

By virtue of an affidavit sworn Before the Executive Magistrate, Kalampur, Dist-Kalahandi, on dated-23/10/2025. I, **Anjali Mali** (new name), aged about 27 years, D/o- Baida Mali, resident of Village- Potesh, PO-Pandigaon, PS- Kalampur, Dist- Kalahandi, PIN: 766013, Odisha declare that I have changed my name from **Pushpalata Mali** (old name) to **Anjali Mali** (new name). Henceforth, I shall be known as **Anjali Mali** (new name) for all purposes.

**Anjali Mali**

Office of the Principal
**R.I.H.S., BHOGRAI**
Regd. No.: 14239/1983At./P.O.: Jaleswarpur,
Dist.- Balasore-756036, Ph.: 06781-231303, Fax: 06781-231303
E-mail: principalrihs060@gmail.com, Website: www.rlhsbhograi.org
(NAAC ACCREDITED)

**WANTED**

Guest Lecturers in Botany, Economics, Education, History, Logic & Philosophy, Odia, Political Science, Sanskrit, Chemistry including 4 nos of Junior Clerk, Demonstrator in Physics, Chemistry, Botany, Zoology, PET and Librarian are wanted for immediate appointment.

The retired faculties & Non-teaching members below the age of 69 years may apply through HIMS Portal on or before **31/10/2025.**

The salary for the above cited posts will be as per the notification of DHE, Odisha vide letter No-57198 and 57203 on dated 23/10/2025.

**Sd/- Principal-cum-Secretary**
Rural Institute of Higher Studies
Bhograi, Balasore-756036

**୧୭ ବର୍ଷ ପରେ ବି ବଦଳିଲାନି ପରିସ୍ଥିତି**

# ପ୍ରତି ୧ ହଜାର ପୁଅରେ ୮୧୭ ଝିଅ

ନୟାଗଡ଼,୨୫।୧୦(ସମିସ)

ନୟାଗଡ଼ ଜିଲ୍ଲାରେ ପୁଅ ତୁଳନାରେ ଝିଅ ସଂଖ୍ୟାକୁ ଲକ୍ଷ୍ୟ କଲେ ସାଂଘାତିକ ସ୍ଥିତି ସୃଷ୍ଟି ହେଉଥିବା ଅନୁମାନ ହେଉଛି। ଜିଲ୍ଲାରେ ପ୍ରତି ୧ ହଜାର ପୁଅ ଜନ୍ମ ତୁଳନାରେ ୮୧୭ ଝିଅ ଜନ୍ମ ହେଉଥିବା ଜଣାପଡ଼ିଛି। ଗତ ୯ ମାସର ସ୍ଥିତି ଏହାକୁ ସ୍ପଷ୍ଟ କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଶା ବୈଠକରେ ତଥ୍ୟ ଉପସ୍ଥାପନ କରାଯାଇଛି। ନୟାଗଡ଼ ଜିଲ୍ଲାରେ ବିଗତ ୯ ମାସ ତଥା ଜାନୁଆରୀ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ୩୭୨୨ ପୁଅ ଜନ୍ମ ହୋଇଥିବା ବେଳେ ୩୦୩୦ ଝିଅ ଜନ୍ମ ହୋଇଥିବା ଜଣାପଡ଼ିଛି। ସେଥି ମଧ୍ୟରେ ଜାନୁଆରୀ ମାସରେ ୪୧୫ ପୁଅ ଜନ୍ମ ହୋଇଥିବା ବେଳେ ୩୧୩ ଝିଅ ଜନ୍ମ ହୋଇଛନ୍ତି। ଫେବୃଆରୀ ମାସରେ ୩୭୨ ପୁଅ ଓ ୨୮୧ ଝିଅ, ମାର୍ଚ୍ଚ ମାସରେ ୩୮୧ ପୁଅ, ୩୨୭ ଝିଅ, ଅପ୍ରେଲ ମାସରେ ୩୭୫ ପୁଅ, ୩୦୨ ଝିଅ, ମେ' ମାସରେ ୪୬୧ ପୁଅ ଓ ୪୨୫ ଝିଅ, ଜୁନ ମାସରେ ୪୫୩ ପୁଅ ଓ ୩୬୭ ଝିଅ, ଜୁଲାଇ ମାସରେ ୪୦୧ ପୁଅ ଓ ୨୮୨ ଝିଅ, ଅଗଷ୍ଟ ମାସରେ ୩୬୪ ପୁଅ ଓ ୩୫୩ ଝିଅ, ସେପ୍ଟେମ୍ବର ମାସରେ ୫୦୦ ପୁଅ ୩୯୦ ଝିଅ ଜନ୍ମ ହୋଇଥିବା ଜଣାପଡ଼ିଛି। ସେଥିମଧ୍ୟରୁ ଭାପୁର ବ୍ଲକରେ ୯ ମାସରେ ୧୭୪ ପୁଅ ୧୩୮ ଝିଅ, ଦଶପଲ୍ଲା ବ୍ଲକରେ ୨୨୩ ପୁଅ ଓ ୨୨୫ ଝିଅ, ଗଣିଆ ବ୍ଲକରେ ୬୯ ପୁଅ ଓ ୪୮ ଝିଅ, ଖଣ୍ଡପଡ଼ା ବ୍ଲକରେ ୨୯୨ ପୁଅ ଓ ୨୩୬ ଝିଅ, ନୟାଗଡ଼ରେ ୨୧୮୦ ପୁଅ ୧୭୬୪ ଝିଅ, ନୂଆଗାଁରେ ୧୧୬ ପୁଅ ଓ ୯୪ ଝିଅ, ଓଡ଼ଗାଁରେ ୧୯୬ ପୁଅ ଓ ୧୪୫ ଝିଅ, ରଣପୁରରେ ୪୭୨ ପୁଅ ଓ ୩୯୦ ଝିଅ ଜନ୍ମ ହୋଇଛନ୍ତି। ନୟାଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନ୍ମ ତଥ୍ୟକୁ ନେଇ ଏହା ଜଣାପଡ଼ିଛି। ଏହି ତଥ୍ୟକୁ ଲକ୍ଷ୍ୟ କଲେ ନୟାଗଡ଼ ଜିଲ୍ଲା ଭିନ୍ନ ସ୍ତରକୁ ଯାଉଥିବା ଅନୁମାନ ହେଉଛି। ଝିଅ ପ୍ରତି ଅନାଗ୍ରହ ଏହାର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ୨୦୦୮ ମସିହା କନ୍ୟା ଭ୍ରୂଣ ହତ୍ୟା ପାଇଁ ସାରା ଦେଶରେ ନୟାଗଡ଼ ଜିଲ୍ଲା ଚର୍ଚ୍ଚାରେ ରହିଥିଲା।

- **୯ ମାସରେ ୩୭୨୨ ପୁଅ ଓ ୩୦୪୦ ଝିଅ ଜନ୍ମ**
- **ସଚେତନତା କେବଳ ଲୋକଦେଖାଣିଆ**

ଏହା ପରେ ନୟାଗଡ଼ ବାସୀଙ୍କ ମନରେ ଝିଅ ପ୍ରତି ରହିଥିବା ଅନାଗ୍ରହତା ଦୂର କରିବା ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ୧୭ ବର୍ଷ ପରେ ବି ଏହି ପରିସ୍ଥିତିରେ ସୁଧାର ନଆସିବା ପ୍ରଶାସନର ଆଭିମୁଖ୍ୟ ଓ କୋହଳ ମନବୃତ୍ତିକୁ ସାମ୍ନାକୁ ଆଣିଛି। ସରକାରଙ୍କ ଅର୍ଥ ଶ୍ରାଦ୍ଧ କରି ଶିଶୁ ସୁରକ୍ଷା ବିଭାଗ କେବଳ ସ୍ୱାର୍ଥ ସାଧନ କରୁଥିବା ବେଳେ ଫଳ ଶୂନ ବୋଲି ଆଲୋଚନା ହେଉଛି। ସଚେତନତା ନାଁରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରାଯାଉଥିବା ବେଳେ ବାସ୍ତବତା ନାହିଁ ବୋଲି ଅନେକ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଜିଲ୍ଲା ପ୍ରଶାସନ, ରାଜନେତା, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ଶିଶୁ ସୁରକ୍ଷା ବିଭାଗ ଝିଅକୁ ନେଇ ଲୋକଙ୍କ ମନରେ ରହିଥିବା ମାନସିକତାକୁ ଦୂର କରିବା ପାଇଁ ବଳିଷ୍ଠ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ନତୁବା ନୟାଗଡ଼ ଜିଲ୍ଲା ଭବିଷ୍ୟତରେ ସାଂଘାତିକ ସ୍ଥିତିର ସାମ୍ନା କରିବ ବୋଲି ଆଲୋଚନା ହେଉଛି।

## ଚେସ୍‌ରେ ରାଜ୍ୟସ୍ତରକୁ ମନୋନୀତ ଓଏଭି ଛାତ୍ର

ଗଣିଆ,୨୫।୧୦(ସମିସ): ଜିଲ୍ଲା ସ୍ପୋର୍ଟସ୍ ଆସୋସିଏସନ୍ ତରଫରୁ ବରପଲ୍ଲୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚେସ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଚେସ୍ ଟୁର୍ଣ୍ଣାମେଣ୍ଟରେ ଗଣିଆ ବ୍ଲକ ଆଦର୍ଶ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ର ନୀତିନଜିତ୍ ସାହୁ ଯୋଗ ଦେଇଥିଲେ। ତେବେ ଏହି ପ୍ରତିଯୋଗିତାରେ ସେ ଉନ୍ନତ ଖେଳ ପ୍ରଦର୍ଶନ କରି ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି। ଏହି ସଫଳତାରେ ଆଦର୍ଶ ବିଦ୍ୟାଳୟରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ବିଦ୍ୟାଳୟ ତରଫରୁ କୃତି ଛାତ୍ରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିବା ଜଣାପଡ଼ିଛି। ରାଜ୍ୟସ୍ତରରେ ଉନ୍ନତ ଖେଳ ପ୍ରଦର୍ଶନ କରିବାକୁ ବିଦ୍ୟାଳୟର ଅଧ୍ୟକ୍ଷା ପ୍ରକାଶ କରିଛନ୍ତି। ଚେସ୍ ଖେଳ ପ୍ରତି ନୀତିନଜିତଙ୍କର ପିଲାବେଳୁ ଆଗ୍ରହ ଥିବା ବେଳେ ପିତା ମାତାଙ୍କ ପ୍ରେରଣା ତାଙ୍କ ପାଇଁ ଆର୍ଶୀବାଦ ପାଲଟିଛି ବୋଲି ସେ ପ୍ରକାଶ କରିଛନ୍ତି। ତାଙ୍କ ଘର ଗଣିଆ ବ୍ଲକ କରଡାପଡ଼ା ଗ୍ରାମରେ ବୋଲି ଜଣାପଡିଛି।




**ସୂର୍ଯ୍ୟଘର ଯୋଜନା ନାଁରେ ଭେଲିକି**

## ହିତାଧିକାରୀ ପାଉନାହାନ୍ତି ବଳକା ବିଜୁଳି ଅର୍ଥ

ନୟାଗଡ଼,୨୫।୧୦(ସମିସ): ତିନିଶହ ୟୁନିଟ୍ ମାଗଣା ବିଜୁଳି ଯୋଗାଇ ଦେବାକୁ କହି ଭେଲିକି ସୃଷ୍ଟି କରିଥିବା ବିଜେପି ସୂର୍ଯ୍ୟଘର ଯୋଜନା ନାଁରେ ଜନଆକ୍ରୋଶରୁ ମୁକ୍ତି ପାଇବାକୁ ବାଟ ଖୋଜୁଛି। ନୟାଗଡ଼ ଜିଲ୍ଲାରେ ସୂର୍ଯ୍ୟଘର ଯୋଜନା କେବଳ ଏକ ଭେଲିକି ସଦୃଶ୍ୟ ହୋଇଛି। ୨୦୨୪ ମସିହା ଫେବୃଆରୀ ମାସରୁ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନାରେ ଏବେ ସୁଦ୍ଧା ୨୧୨ ଜଣ ହିତାଧିକାରୀ ସାମିଲ ହୋଇଥିବା ବେଳେ ସେମାନେ ବିତରଣ କମ୍ପାନୀ ଦ୍ୱାରା ଠକେଇର ଶୀକାର ହେଉଛନ୍ତି। ନୟାଗଡ଼ ଜିଲ୍ଲା ଦିଶା ବୈଠକରୁ ଏଭଳି ଆଭାସ ମିଳିଛି। ନୟାଗଡ଼ ଜିଲ୍ଲାର ୮ଟି ବ୍ଲକର ୪୮୭ ଜଣ ହିତାଧିକାରୀ ସୂର୍ଯ୍ୟଘର ଯୋଜନାରେ ସାମିଲ ହେବାକୁ ଅନ୍‌ଲାଇନ ଆବେଦନ କରିଥିବା ଟିପିସିଓଡିଏଲ୍ ନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୨୧୨ ଜଣ ହିତାଧିକାରୀ ଭେଣ୍ଡର ଚୟନ କରି ଯୋଜନାରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରୁ ଦଶପଲ୍ଲା ସବଡିଭିଜନରେ ୧୦୧ ଜଣ ଆବେଦନ ମଧ୍ୟରୁ ୪୯ ଜଣ ଉପକୃତ ହୋଇଛନ୍ତି। ଖଣ୍ଡପଡ଼ା ସବଡିଭିଜନ ଅଧୀନରେ ୫୧ ଜଣ ହିତାଧିକାରୀ ଆବେଦନ କରି ୨୧ ଜଣ ସାମିଲ ହୋଇଛନ୍ତି। ଇଟାମାଟି ସବ୍‌ଡିଭିଜନ ଅଧୀନରେ ୬୮ ଜଣ ଆବେଦନକାରୀଙ୍କ ମଧ୍ୟରୁ ୨୭ ଜଣ ସୋଲାର ପ୍ରକଳ୍ପ ଲଗାଇଛନ୍ତି। ନୟାଗଡ଼ ସବଡିଭିଜନ ଅଧୀନରେ ୨୬୭ ଜଣଙ୍କ ମଧ୍ୟରୁ ୧୧୫ ଜଣ ଉପକୃତ ହୋଇଛନ୍ତି। ହିତାଧିକାରୀମାନେ ସୋଲାର ପ୍ରକଳ୍ପ ଲଗାଇ ସୂର୍ଯ୍ୟଘର ଯୋଜନାରେ ସାମିଲ ହୋଇଥିବା ବେଳେ ବିତରଣ କମ୍ପାନୀ ଦ୍ୱାରା ଠକେଇ ଶୀକାର ହେଉଥିବା କଥା ସାମ୍ନାକୁ ଆସିଛି। ଯେଉଁ ହିତାଧିକାରୀ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି ସେମାନେ ନିଜ ଘର ଛାତ ଉପରେ ସୋଲାର ପ୍ରକଳ୍ପ ମାଧ୍ୟରେ ଯେଉଁ ପରିମାଣର ବିଦ୍ୟୁତ୍ ଉତ୍ପାଦନ କରନ୍ତି, ତାହା ତୁଳନାରେ କମ ବିଦ୍ୟୁତ୍ ବ୍ୟବହାର କରିଥାନ୍ତି। ବଳକା ବିଦ୍ୟୁତ୍ ବିତରଣ କମ୍ପାନୀ ଅନ୍ୟକୁ ବିକ୍ରି କରୁଥିବା ଜଣାପଡ଼ିଛି। ଏହି ବଳକା ବିଦ୍ୟୁତ୍ ବାବଦରେ ହିତାଧିକାରୀ ଟଙ୍କାଟିଏ ମଧ୍ୟ ଲାଭ ପାଇ ପାରିନଥାଏ। ଅନ୍ୟ ରାଜ୍ୟରେ ବଳକା ବିଦ୍ୟୁତ୍ ବାବଦରେ ସୂର୍ଯ୍ୟଘର ହିତାଧିକାରୀ ବିତରଣ କମ୍ପାନୀଠାରୁ ଅର୍ଥ ପାଉଥିବା ବେଳେ ଓଡ଼ିଶାରେ ଏହି ବ୍ୟବସ୍ଥା ନଥିବା ସାଂସଦ ସୂଚନା ଦେଇଥିଲେ। ଯାହା ଫଳରେ ହିତାଧିକାରୀ ଏହି ଯୋଜନାରୁ ଲାଭବାନ ହେବା ପରିବର୍ତ୍ତେ ବିତରଣ କମ୍ପାନୀ ଲାଭବାନ ହେଉଛି। ଏହି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ସରକାରଙ୍କ ଦୃଷ୍ଟି ଦେବାକୁ ଦାବି ହୋଇଛି।

**ଜିଲ୍ଲାରେ ୨୧୨ ଜଣ ଉପକୃତ**

**ଜରାଜୀର୍ଣ୍ଣ ମିନି ପାର୍କ**

## ଖତ ଖାଉଛି ବ୍ୟାୟାମ ସାମଗ୍ରୀ



ଗଣିଆ,୨୫।୧୦(ସମିସ): ଗଣିଆ ଭଳି ଏକ ଅନୁନ୍ନତ ଅଞ୍ଚଳରେ ପ୍ରାତଃ ଭ୍ରମଣ ତଥା ଆମୋଦ ପ୍ରମୋଦ କରିବା ପାଇଁ କୌଣସି ସୁବିଧା ସୁଯୋଗ ନଥିଲା। ଅବସର ସମୟ ଏକ ସୁନ୍ଦର ପରିବେଶ ମଧ୍ୟରେ ବିତେଇବାକୁ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଚାହୁଁଥିଲେ ମଧ୍ୟ ଗଣିଆରେ ସେଭଳି କୌଣସି ସୁବିଧା ନଥିଲା। ଏପରିକି ନିଜକୁ ଫିଟ୍ ରଖିବା ପାଇଁ ତଥା ଶାରୀରିକ ଅଭିବୃଦ୍ଧି ପାଇଁ ଖେଳକୁଦ ତଥା ଆମୋଦ ପ୍ରମୋଦର ସୁଯୋଗ ନଥିଲା। ଗଣିଆରେ କାର୍ଯ୍ୟରତ ପୂର୍ବତନ ବିଡିଓ ସିରିୟାଲ ଶୁଭ୍ର ପଟେଲଙ୍କ ଉଦ୍ୟମରେ ବ୍ଲକ କଲୋନୀ ପରିସରରେ ଏକ ମିନି ପାର୍କ ନିର୍ମାଣ କରାଯାଇଥିଲା। ଅଳିଆ, ଆବର୍ଜନା ଅପରିଷ୍କାର ହୋଇ ପଡି ରହିଥିବା କଲୋନୀକୁ ଏକ ମିନି ପାର୍କରେ ପରିଣତ କରାଗଲା। ପାର୍କ ପରିସରରେ ସୁନ୍ଦର ସୁନ୍ଦର ଗଛ ଲଗାଇବା ସହିତ, ଆଲୋକୀ କରଣ, ବସିବା ପାଇଁ ପାର୍କ ଚାରିପଟେ ସିମେଣ୍ଟ ଚଟାଣ, ଦୋଳି, ବ୍ୟାୟାମ କରିବା ପାଇଁ ବିଭିନ୍ନ ପ୍ରକାରର ଆସବାବପତ୍ର ସହିତ ବ୍ୟାଡମିଣ୍ଟନ ଖେଳିବା ପାଇଁ କୋର୍ଟ ପ୍ରସ୍ତୁତ କରାଗଲା। ଅବ୍ୟବହୃତ ହୋଇ ପଡି ରହିଥିବା କଲୋନୀଟି ଏକ ମିନି ପାର୍କରେ ସଜେଇ ହୋଇ ଆକର୍ଷଣୀୟ ପାଲଟିଗଲା। ସନ୍ଧ୍ୟା ସମୟରେ ରଙ୍ଗିନ ଆଲୋକରେ ଝଲସି ଗଲା ପାର୍କ ପରିସର। ବ୍ଲକ କଲୋନୀରେ ରହୁଥିବା କର୍ମଚାରୀଙ୍କ ସହିତ ଗଣିଆ ଆଖପାଖର ଅନେକ ବୟସ୍କ ମହିଳା, ପୁରୁଷ ଏଠାରେ ପ୍ରାତଃ ଭ୍ରମଣ କରିବାକୁ ଆଗେଇ ଆସିଲେ। ଛୋଟ ଛୋଟ ପିଲାଙ୍କଠାରୁ ଆରମ୍ଭ କରି କଲେଜ ଛାତ୍ରଛାତ୍ରୀଙ୍କର ଏଠାକୁ ସୁଅ ଛୁଟିଲା। କଲୋନୀରେ ଜନ୍ମଦିନଠାରୁ ଆରମ୍ଭ କରି ବିଭିନ୍ନ ଭୋଜିଭାତ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଏଠାରେ ସମ୍ପାଦନ କରାଗଲା। କିନ୍ତୁ ବିଡିଓ ସିରିୟାଲ ଶୁଭ୍ର ପଟେଲଙ୍କର ଅନ୍ୟତ୍ର ବଦଳି ହୋଇଯିବା ପରେ ଏବେ ଏହି ମିନି ପାର୍କଟି ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ପାଲଟି ଯାଇଛି। ଜରି, କାଗଜ, ପତ୍ର ପଡି ଅଳିଆ ଗଦା ପାଲଟି ଯାଇଛି। ପାର୍କ ଚାରିପାଖେ ଅନାବନା ଗଛଲତା ଉଠି କୁଢ଼କୁଢ଼ ଅଳିଆ ଗଦା ହୋଇ ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ବ୍ୟାୟାମ ସାମଗ୍ରୀ ଗୁଡିକ ନଷ୍ଟ ହେବାକୁ ବସିଲାଣି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଉକ୍ତ ପାର୍କଟି ଏବେ ଅବହେଳିତ ଅବସ୍ଥାରେ ପଡି ରହିଛି। କଲୋନୀରେ କନିଷ୍ଠ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସହକାରୀ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ବସବାସ କରୁଥିଲେ ମଧ୍ୟ ଏହି ପାର୍କର ଉନ୍ନତି ଦୂରର କଥା ରକ୍ଷଣାବେକ୍ଷଣ ବି କରିବାକୁ କେହି ଆଗ୍ରହ ପ୍ରକାଶ କରୁନାହାଁନ୍ତି। ଲୋକପ୍ରତିନିଧିମାନଙ୍କ ଠାରୁ ଆରମ୍ଭ କରି ସରକାରୀ କର୍ମଚାରୀମାନେ କେହି ବି ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଏହି ପାର୍କଟିର ପୁନରୁଦ୍ଧାର କରିବାକୁ ସାଧାରଣରେ ଦାବି ହେଉଛି।

**● ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ**

## ଓମ୍‌କାର ଲେଙ୍କାଙ୍କ ୯ ୱିକେଟ୍ ସଫଳତା

ଖୋର୍ଦ୍ଧା,୨୫।୧୦(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ପ୍ରତିଯୋଗିତାରେ ଓମ୍‌କାର ଲେଙ୍କା ୯ ୱିକେଟ ଅକ୍ତିଆର କରି ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଛନ୍ତି। କଟକର ବିଡ଼ାନାସୀ ପଡ଼ିଆରେ ଶନିବାର ଖେଳାଯାଇଥିବା ସମ୍ବଲପୁର-ଏ' ବିପକ୍ଷ ମ୍ୟାଚ୍‌ରେ ନୟାଗଡ଼ ପକ୍ଷରୁ ଖେଳୁଥିବା ଓମ୍‌କାର ୧୦ ଓଭର ବୋଲିଂ କରି ୨ଟି ମେଡେନ ସହ ୫୩ ରନ୍ ଦେଇ ୯ଟି ୱିକେଟ ନେଇଛନ୍ତି। ଏହି ସଫଳତା ସତ୍ତ୍ୱେ ତାଙ୍କ ଜିଲ୍ଲା ନୟାଗଡ଼ ୮୨ ରନ୍‌ରେ ସମ୍ବଲପୁରଠାରୁ ପରାଜିତ ହୋଇଛି। ଏହି ମୁକାବିଲାରେ ସମ୍ବଲପୁର ପ୍ରଥମେ ବ୍ୟାଟିଂ କରି ୩୨.୫ ଓଭରରେ ୧୮୩ ରନ୍ କରିଥିଲା। ଏଥିରେ ଓମ୍‌କାରଙ୍କ ୯ ୱିକେଟକୁ ବାଦ୍ ଦେଲେ ଋତୁରାଜ ମହାନ୍ତିଙ୍କୁ ଅନ୍ୟ ୱିକେଟି ମିଳିଥିଲା। ଜବାବରେ ନୟାଗଡ଼ ୨୯ ଓଭରରେ ୧୦୧ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବ୍ୟାଟିଂରେ ଓମ୍‌କାର ୨୦ ରନ୍ କରିଥିଲେ ମଧ୍ୟ ଦଳ ହାରିଯାଇଥିଲା। ପିଲାବେଳରୁ କ୍ରିକେଟ ପ୍ରତି ଆଗ୍ରହ ରଖିଥିବା ଓମ୍‌କାର ଏବେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ କ୍ଲବ୍‌ରେ ଆଲୋକ ମଙ୍ଗରାଜଙ୍କ ନିକଟରୁ ପ୍ରଶିକ୍ଷଣ ନେଉଛନ୍ତି। ତାଙ୍କର ଏହି ବୋଲିଂ ସଫଳତା ଲାଗି ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଛି।



## ସୂଚନାଫଳକ ଭୁଶୁଡ଼ି ନାବାଳକ ମୃତ

ଓଡ଼ଗାଁ,୨୫।୧୦(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ରୋହିବାଙ୍କ ପଞ୍ଚାୟତ ନାଉଖାଲ ନୃସିଂହପ୍ରସାଦ ଗ୍ରାମରେ ଉନ୍ନୟନ କାର୍ଯ୍ୟର ଫଳକ ଭୁଶୁଡି ପଡିବାରୁ ଜଣେ ନାବାଳକର ମୃତ୍ୟୁ ହୋଇଯାଇଛି। ମୃତକ ଜଣକ ହେଲେ ସହଦେବ ମହାଙ୍କୁଡ଼ଙ୍କ ପୁଅ ହିନ ମହାଙ୍କୁଡ(୧୪)। ସେ ନବମ ଶ୍ରେଣୀରେ ପଢୁଥିଲେ। ଘଟଣାରୁ ପ୍ରକାଶ କାର୍ତ୍ତିକମାସଉପଲକ୍ଷେଶନିବାରସନ୍ଧ୍ୟାରେ ଗାଁର ଯୁବକମାନେ ମେଳହୋଇ ଠାକୁରାଣୀ ମନ୍ଦିର ଚାରିପାଖରେ ନାମ ସଂକୀର୍ତ୍ତନ କରୁଥିଲେ। ତେବେ ହଠାତ୍ ସେଠାରେ ନିର୍ମାଣ ହୋଇଥିବା ସୂଚନା ଫଳକଟି ହଠାତ୍ ଭୁଶୁଡି ପଡ଼ିଥିଲା। ସେହି ସମୟରେ କାର୍ଯ୍ୟ ଫଳକ ଅତିକ୍ରମ କରୁଥିବା ହିନଙ୍କ ଉପରେ କାନ୍ଥଟି ଲଦି ହୋଇ ପଡିଥିଲା। ଫଳରେ ନାବାଳକ ତାର ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ତାର ମୃତ୍ୟୁ ଘଟିଥିଲା। ଯୁବକମାନେ ତାକୁ ୧୦୮ ଆମ୍ବୁଲାନ୍ସ ଯୋଗେ ଓଡ଼ଗାଁ ଡାକ୍ତରଖାନାରେ ନେଇଯାଇଥିଲେ। ସେଠାରେ ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ତାକୁ ମୃତ ଘୋଷଣା କରିଥିଲେ। ରବିବାର ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

## ଗାୟତ୍ରୀ ଜ୍ୟୋତି ଓ ଶକ୍ତି କଳସଙ୍କୁ ବନ୍ଦାପନା

ଓଡ଼ଗାଁ,୨୫।୧୦(ସମିସ): ଗାୟତ୍ରୀ ପରିବାର ଦ୍ୱାରା ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଜ୍ୟୋତି ଓ ଶକ୍ତି କଳସ ଯାତ୍ରା ସାରା ଭାରତବର୍ଷ ପରିଭ୍ରମଣ କରୁଛି। ଶନିବାର ଓଡ଼ଗାଁ ବ୍ଲକ ମଶାବାରି ଗାୟତ୍ରୀ ବିଦ୍ୟାମନ୍ଦିରଠାରେ ଜ୍ୟୋତି ଓ ଶକ୍ତି କଳସ ବନ୍ଦାପନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନୁଷ୍ୟଙ୍କ ମଧ୍ୟରେ ଦେବତ୍ୱ ଭାବର ଉଦୟ, ଧରାକୁ ସ୍ୱର୍ଗର ଅନୁଭବ ଦେବା ସହିତ ଘରକୁ ସ୍ୱର୍ଗରେ ପରିଣତ କରିବା ଏବଂ ସତ୍ ସାହିତ୍ୟ ପଠନରେ ଜୀବନ୍ତ ଦେବ ପ୍ରତିମାର ଉପଲବ୍ଧ ଆଣିବାର ବାର୍ତ୍ତା ପ୍ରଚାର ପ୍ରସାର ମାଧ୍ୟମରେ ସମସ୍ତଙ୍କ ମନରେ ସଚେତନତା ସୃଷ୍ଟି କରିବା ଉକ୍ତ ଯାତ୍ରାର ଉଦ୍ଦେଶ୍ୟ ରହିଛି। ଗାୟତ୍ରୀ ବିଦ୍ୟାମନ୍ଦିର ଅଧକ୍ଷ ବିରେନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଜ୍ୟୋତି ଏବଂ ଶକ୍ତି କଳସଙ୍କୁ ସମ୍ମାନ ଜଣାଇ ବନ୍ଦାପନା କରିଥିଲେ। ଓଡ଼ଗାଁ ଗାୟତ୍ରୀ ପରିବାରର ଭାଇ ଓ ଭଉଣୀମାନଙ୍କ ସହିତ ରଙ୍ଗଣୀପାଟଣା ସରପଞ୍ଚ ସସ୍ମିତା ପାତ୍ର ଓ ଉପସ୍ଥିତ ଅନ୍ୟ ମହିଳାମାନେ ବନ୍ଦାପନା ସାରିବା ପରେ ରଥ ଗ୍ରାମ ପରିକ୍ରମା କରି ବିଦ୍ୟାମନ୍ଦିରେ ପହଞ୍ଚିଥିଲା।



## ଉତ୍କଳ ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା



ଶରଣକୁଳ,୨୫।୧୦ (ସମିସ): ଶରଣକୁଳ ନିକଟସ୍ଥ ଗୋଡ଼ିପଡ଼ା ଉତ୍କଳ ପବ୍ଲିକ ସ୍କୁଲରେ ଶନିବାର ବିଦ୍ୟାଳୟସ୍ତରୀୟ ପିଲାଙ୍କ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନମେଳାକୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଓ ସମ୍ପାଦକ ଉଦଘାଟନ କରିଥିଲେ। ସର୍ବ କନିଷ୍ଠ, କନିଷ୍ଠ ଓ ବରିଷ୍ଠ ଏହିପରି ତିନିଗୋଟି ବିଭାଗରେ ମୋଟ ୭୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୯ ଟି ପ୍ରକଳ୍ପ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ପ୍ରାଦେଶିକ ବିଜ୍ଞାନ ମେଳାକୁ ମନୋନୀତ ହୋଇଛି। ଅପରାହ୍ନରେ ବିଦ୍ୟାଳୟର ସଭାପତି ଶରତ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସମାଜସେବୀ ରବୀନ୍ଦ୍ର କୁମାର ଦାଶ ମୁଖ୍ୟଅତିଥି ରୂପେ ଯୋଗ ଦେଇ "ବିଜ୍ଞାନ ମେଳା ଶିଶୁ ମାନଙ୍କ ବିଜ୍ଞତାର ପରିଚୟ ଦେଇଥାଏ' ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଶିକ୍ଷାବିତ ପ୍ରଶାନ୍ତ କୁମାର ଦାଶ, ଗୋଡିପଡା ସିଆରସିସି ବିଜୟ କୁମାର ପୃଷ୍ଟି, ଆଙ୍ଗିସିଙ୍ଗି ସିଆରସିସି ରାଜେଶ କୁମାର ଷଡ଼ଙ୍ଗୀ, ଶିକ୍ଷକ ବ୍ରଜ କିଶୋର ମିଶ୍ର, ନିରଞ୍ଜନ ପ୍ରଧାନ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ସମ୍ପାଦିକା ତଥା ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ଷଡ଼ଙ୍ଗୀ ବିଜ୍ଞାନ ମେଳାର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ବିବରଣୀ ପ୍ରଦାନ କରିଥିଲେ। ତିନିଗୋଟି ବିଭାଗରୁ ମନୋନୀତ ହୋଇଥିବା ସମସ୍ତ ପ୍ରକଳ୍ପକାରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ଶ୍ରବଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**● ଚିଲିକା ଭିତରକୁ ଯାଇପାରୁ ନାହାନ୍ତି ବାଲିପାଟପୁର ପଞ୍ଚାୟତର ମତ୍ସ୍ୟଜୀବୀ**

## ଡଙ୍ଗା ନେବାକୁ ରାଜଦଳ ସାଜିଛି ବାଧକ

ଟାଙ୍ଗୀ,୨୫।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ବାଲିପାଟପୁର ପଞ୍ଚାୟତରେ ରହୁଥିବା ମତ୍ସ୍ୟଜୀବୀମାନେ ଚିଲିକାକୁ ଭାତହାଣ୍ଡି ଭାବେ ବ୍ୟବହାର କରୁଥିଲେ ମଧ୍ୟ ଚିଲିକାରେ ମାଛଧରା ତାଳିପକା କାର୍ଯ୍ୟ କରି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟ ସାରିଦେଉଥିବା ଅଭିଯୋଗ ହେଉଛି। ତେବେ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ପ୍ରାୟ ୫ ଗୁଣରୁ ଅଧିକ ରାଜଦଳ ଉପକୂଳକୁ ଆଚ୍ଛନ୍ନ କରି ରଖିଛି।



ଡଙ୍ଗା ବାହିବା ପାଇଁ ରାଜଦଳ ବାଧକ ସାଜିଛି। ଏହାର ସ୍ଥାୟୀ ପ୍ରତିକାର ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ମତ୍ସ୍ୟଜୀବୀ ମହଲରେ ଘୋର୍ ଉଦ୍‌ବେଗ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଚିଲିକା ଉପକୂଳରେ ରାଜଦଳ ଜମାହୋଇ ରହିବା ଦ୍ୱାରା ଚିଲିକା ମାଛ ଉପରେ ନିର୍ଭରଶୀଳ ମତ୍ସ୍ୟଜୀବୀମାନେ ଚିଲିକା ଭିତରକୁ ଡଙ୍ଗା ନେବାଆଣିବା କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ଏହାର ନିରାକରଣ ଦିଗରେ କୌଣସି ସ୍ଥାୟୀ ବ୍ୟବସ୍ଥା କରା ନ ଯାଇ କେବଳ ଡଙ୍ଗା ନେବାଆଣିବା ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ବାଲିପାଟପୁର ପଞ୍ଚାୟତର ପ୍ରାୟ ୨ହଜାରରୁ ଅଧିକ ମତ୍ସ୍ୟଜୀବୀ ପରିବାର ବର୍ଗ ୫ ଦିନ ହେଲା ମାଛ ମାରିବାକୁ ଚିଲିକା ଭିତରକୁ ଯାଇପାରୁ ନାହାନ୍ତି। ନିଜ ପାରିବାରିକ ଗୁଜୁରାଣ ମେଣ୍ଟାଇବା ପାଇଁ ମତ୍ସ୍ୟଜୀବୀମାନେ ଏହି ଭାସମାନ ରାଜଦଳକୁ ସଫାକରି ରାସ୍ତା ପରିଷ୍କାର କରିବାରେ ସମସ୍ତ ପ୍ରୟାସ ବିଫଳ ହେବାରେ ଲାଗିଛି। ତେଣୁ ମତ୍ସ୍ୟଜୀବୀଙ୍କ ଜୀବନକୁ ସୁରକ୍ଷିତ କରିବା ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

**● ଜିଲ୍ଲାପାଳଙ୍କ ନାମରେ ଫେସ୍‌ବୁକ୍ ଫେକ୍ ଆକାଉଣ୍ଟ**


## ଅର୍ଥ ମାଗୁଛନ୍ତି ସାଇବର ଲୁଟେରା

ନୟାଗଡ଼,୨୫।୧୦(ସମିସ): ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ନାମରେ ଫେକ୍ ଫେସ୍‌ବୁକ୍ ଆକାଉଣ୍ଟ ଖୋଲା ଯାଇଛି। ଏହି ଫେସ୍‌ବୁକ୍ ଆଇଡିରୁ ଜିଲ୍ଲାର ବୁଦ୍ଧିଜୀବୀ, ସାମ୍ବାଦିକ ଓ ସରକାରୀ କର୍ମଚାରୀଙ୍କୁ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଯାଉଛି। ସେମାନଙ୍କ ସହ ବନ୍ଧୁତା କରି ଅର୍ଥ ମାଗୁଛନ୍ତି ସାଇବର ଲୁଟେରା। ଏଭଳି ଫେକ୍ ଆକାଉଣ୍ଟଠାରୁ ନିଜକୁ ଦୂରେଇ ରଖିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରାଯାଇଛି। କିଛି ସାଇବର ଲୁଟେରା ଜିଲ୍ଲାପାଳ ସୋସିଆଲ ମିଡିଆର ବିଭିନ୍ନ ସାଇଟ୍‌ରୁ ଫଟୋ ସଂଗ୍ରହ କରି ଏଭଳି ଫେକ୍ ଆଇଡି ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି। ଏପରିକି ଲୁଟେରାମାନେ ବିଭିନ୍ନ ଲୋକଙ୍କ ମୋବାଇଲ ନମ୍ବର ମାଗି ହ୍ୱାଟସ୍‌ଆପ୍ ଜରିଆରେ ମଧ୍ୟ ଟଙ୍କା ମାଗୁଥିବା ଜଣାପଡ଼ିଛି।

# ବଡ଼ ଟାସେରାକୁ ପର୍ଯ୍ୟଟନ କ୍ଷେତ୍ର କରିବାକୁ ଦାବି

ଖଣ୍ଡପଡ଼ା,୨୫।୧୦(ସମିସ)

ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକର ଅନେକ ପର୍ଯ୍ୟଟନସ୍ଥଳୀ ଚିହ୍ନଟ ହୋଇ ବିଗତ କିଛିବର୍ଷ ହେଲା ସେଠାରେ ସରକାରଙ୍କ ତରଫରୁ ଅର୍ଥ ବିନିଯୋଗ କରାଯାଇ ପର୍ଯ୍ୟଟକଙ୍କ ପାଇଁ ସୁବିଧା କରାଯାଇଛି। ସେଇଭଳି ଭାବେ ଆଉ କିଛି ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥାନ ରହିଛି ସରକାରଙ୍କ ଦୃଷ୍ଟି ଆଢୁଆଳରେ। ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସିଂଘାପଡ଼ା ପଞ୍ଚାୟତ ଅଧୀନ ସାରେଣ୍ଡା ନିକଟବର୍ତ୍ତୀ ବଡ ଟାସେରା ଅନେକ ବର୍ଷ ହେବ ଆଲୋଚନାର ସରବ୍ୟ ପାଲଟିଛି। ସିଂଘାପଡ଼ାଠାରୁ ପ୍ରାୟ ୯ କିଲୋମିଟର ଗଲାପରେ ବିସ୍ତୀର୍ଣ୍ଣ ଘଞ୍ଚ ଜଙ୍ଗଲ ଘେରା ପାହାଡ ପାଦ ଦେଶରେ ଏହି ବଡ ଟାସେରା ଅବସ୍ଥିତ। ଯଦି ଏହାର ପୂର୍ବ ଇତିହାସ ଦେଖାଯାଏ ତା'ହେଲେ ଜଣାଯାଏ ଖଣ୍ଡପଡାଗଡ଼ର ରାଜ ପରିବାରର ସଦସ୍ୟମାନେ ବିଭିନ୍ନ ସମୟରେ ବଣ ଭୋଜି କରିବା ପାଇଁ ନିଜର ସୈନ୍ୟ ସାମନ୍ତ ଧରି ଏଠାକୁ ଆସିଥାନ୍ତି। ରାତ୍ରକାଳୀନ ରହଣି ଉଦ୍ଦେଶ୍ୟରେ ସାଥିରେ ପେଟ୍ରୋଲ ମାକ୍ସ ଲାଇଟି ଆଣିବା ସହ ଖଣ୍ଡପଡାର ଐତିହ୍ୟ ତୁମ୍ପା ସଙ୍ଗୀତର ସଦସ୍ୟମାନେ ରାଜାଙ୍କ ସହ ଆସି ଏଠାରେ ସଙ୍ଗୀତ ପରିବେଷଣ କରି ବଣ ଭୋଜିର ମଜା ନେଇଥାନ୍ତି ବୋଲି ଖଣ୍ଡପଡ଼ା ରାଜା ସ୍ୱର୍ଗତ ଭିଭୁତି ଭୂଷଣ ସିଂହ ମର୍ଦ୍ଦରାଜ ତିନି ବର୍ଷ ତଳେ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏବଂ ପୂର୍ବତନ ମନ୍ତ୍ରୀ ତଥା ସେତେବେଳେର ଖଣ୍ଡପଡାର ରାଜା ସ୍ୱର୍ଗତ ହରିହର ସିଂହ ଉଭୟେ ଏକତ୍ର ହୋଇ ଏହି ବଡ଼ ଟାସେରାକୁ ପରିଭ୍ରମଣରେ ଆସି ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପରିବେଶକୁ ଖୁବ ଉପଭୋଗ କରିଥିଲେ। ପ୍ରାୟ ଦୁଇ ଏକର ପରିମିତ ଏହି ଟାସେରା ପଥର ଉପରେ ଛିଡ଼ା ହୋଇ ଚାରିପଟକୁ ଦେଖିଲେ ବହୁତ ଆନନ୍ଦ ଅନୁଭବ ହୁଏ। ଟାସେରା ଉପରେ ପୁରୁଷ ପୁରୁଷ ଧରି ପୂଜା ପାଉଥିବା ଆଦିବାସୀଙ୍କର ଆରାଧ୍ୟା ଦେବୀ ଚଣ୍ଡୀ ଠାକୁରାଣୀଙ୍କ ମନ୍ଦିରଟି ଏବେ ଭଗ୍ନ ଅବସ୍ଥାରେ ରହିଛି। ଏଠାରେ ଝରଣା ନଥିଲେ ମଧ୍ୟ ବର୍ଷା ଦିନେ ସୁଉଚ୍ଚ ଟାସେରା ଉପରୁ ବର୍ଷା ଜଳ ତଳକୁ ଖସୁଥିବାର ଦୃଶ୍ୟ ବେସ ଆନନ୍ଦ ଦେଇଥାଏ। ବର୍ତ୍ତମାନ ଜଙ୍ଗଲ ସୁରକ୍ଷା ଏବଂ ଜୀବଜନ୍ତୁଙ୍କ ସୁରକ୍ଷିତ ଜୀବନଯାପନ ପାଇଁ ଜଙ୍ଗଲ ବିଭାଗ ଅହରହ ଏଠାରେ ପାଇଁତରା ମାରୁଥିବାର ଦେଖାଦେଇଛି। ତେବେ ଏହି ଅଞ୍ଚଳର ବୁଦ୍ଧିଜୀବୀ ଓ ଜନପ୍ରତିନିଧିମାନେ ଏହି ସ୍ଥାନଟିକୁ ପର୍ଯ୍ୟଟନସ୍ଥଳୀ ପାଇଁ ଜିଲ୍ଲା ପ୍ରଶାସନ ପରିଦର୍ଶନରେ ଆସି ବିଚାର ବିମର୍ଶ କରିବାକୁ ଦାବି କରି ଆସୁଥିଲେ। ଯଦ୍ୱାରା ଏ ଅଞ୍ଚଳର ବିକାଶ ହେବା ସହ ଜିଲ୍ଲା ପର୍ଯ୍ୟଟନ କ୍ଷେତ୍ରରେ ଆଉ ଏକ ନାମ ମଧ୍ୟ ଯୋଡି ହୁଅନ୍ତା ବୋଲି ଦାବି କରିଥିଲେ। ୨୦୨୨ ମସିହାରେ ଏକ ବିଶେଷ କାର୍ଯ୍ୟକ୍ରମରେ ଏ ଅଞ୍ଚଳକୁ ପରିଦର୍ଶନରେ ଆସିଥିବା ଜିଲ୍ଲା ପରିଷଦ ସଭ୍ୟ ତଥା ବିଜେଡି ନେତା ରାମେଶ୍ୱର ଶତପଥୀ ଟାସେରାକୁ ଦେଖିବା ପରେ ଅତ୍ୟନ୍ତ ଖୁସିବ୍ୟକ୍ତ କରିବା ସହ ଏହି ସ୍ଥାନର ଉନ୍ନତି ପାଇଁ ଚେଷ୍ଟା କରିବେ ବୋଲି କହିଥିଲେ। ଏନେଇ ପୂର୍ବରୁ ଦୈନିକ "ସକାଳ'ରେ ଜିଲ୍ଲା ପ୍ରଶାସନ ଓ ଲୋକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କିଛିଦିନ ତଳେ ଉକ୍ତ ସ୍ଥାନକୁ ପର୍ଯ୍ୟଟନ କ୍ଷେତ୍ର କରିବା ପାଇଁ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଏବଂ ତାଙ୍କ ପର୍ଯ୍ୟଟନ ପରାମର୍ଶଦାତା ଇଞ୍ଜିନିଅର ସୁଶ୍ରୀ ସୋନାଲି ପଣ୍ଡା ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି। ଏହା ଯଦି ସମ୍ଭବ ହୁଏ ବଡ଼ ଟାସେରା ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇବା ସହ ଏଠାରେ ଥିବା ଆଦିବାସୀଙ୍କ ଜୀବନଜୀବିକା ମଧ୍ୟ ପରିବର୍ତ୍ତନ ହୋଇ ପାରନ୍ତା ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି।



### ସମ୍ଭାବ୍ୟ ବାତ୍ୟା 'ମନ୍ଥା' ମୁକାବିଲା ପାଇଁ ପ୍ରଶାସନର ପ୍ରସ୍ତୁତି

# ୨୯ ତାରିଖ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କ ଛୁଟି ବାତିଲ୍

ଖୋର୍ଦ୍ଧା,୨୫।୧୦(ସମିସ)

ସମ୍ଭାବ୍ୟ ବାତ୍ୟା 'ମନ୍ଥା'ର ମୁକାବିଲା ଲାଗି ପ୍ରଶାସନ ପକ୍ଷରୁ ଶନିବାର ଆଭାସୀରେ ବୈଠକ କରାଯାଇଛି। ଭାରତୀୟ ପାଣିପାଗ ସୂଚନା ଅନୁଯାୟୀ, ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ୨୫ରେ ଅବପାତ ଓ ୨୬ରେ ଗଭୀର ଅବପାତ ରୂପ ନେଇ ଆସନ୍ତା ୨୭ ତାରିଖରେ ବାତ୍ୟା ରୂପ ନେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଜିଲ୍ଲାରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଶନିବାର ଅଭାସୀ ମାଧ୍ୟମରେ ଜିଲ୍ଲାର ପ୍ରଶାସନିକ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ, ବିଡିଓ, ତହସିଲ୍‌ଦାର, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ବିଦ୍ୟୁତ୍ ବିଭାଗ, ଅଗ୍ନିଶମ ସେବା ବିଭାଗ, ପାନୀୟଜଳ ବିଭାଗ, ବେସାମରିକ ଯୋଗାଣ ବିଭାଗ, ପୌର ପରିଷଦ, ବିଜ୍ଞପିତ ଅଞ୍ଚଳ ପରିଷଦ ଭଳି ସମସ୍ତ ଅତ୍ୟାବଶ୍ୟକ ବିଭାଗର ଅଧିକାରୀମାନେ ସେମାନଙ୍କ ଅଧୀନ କର୍ମଚାରୀ ଓ ଅଧସ୍ତନ ଅଧିକାରୀମାନଙ୍କୁ ବାତ୍ୟା ମୁକାବିଲା ନିମନ୍ତେ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଧିକାରୀମାନେ ନିଜ କାର୍ଯ୍ୟ ମୁଖ୍ୟାଳୟରେ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ତହସିଲ୍‌ଦାର, ବିଡିଓ ନିଜ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରୀ କରିବା ସହ ଜିଲ୍ଲା କାର୍ଯ୍ୟାଳୟ କଣ୍ଟ୍ରୋଲ୍ ରୁମ୍ ସହ ଯୋଗାଯୋଗ ରଖିବାକୁ କୁହାଯାଇଛି। ସେହିପରି ବର୍ଷା ହେବାର ରିପୋର୍ଟ ଦୈନିକ ଜିଲ୍ଲା କଣ୍ଟ୍ରୋଲ୍ ରୁମ୍‌କୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ସମସ୍ତ ଅତ୍ୟାବଶ୍ୟକ ଔଷଧ ସାମଗ୍ରୀ ପ୍ରସ୍ତୁତ କରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପର୍ଯ୍ୟାପ୍ତ ପରିମାଣରେ ସାପ କାମୁଡ଼ା ଇଞ୍ଜେକ୍ସନ ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜିଲ୍ଲାର ସମସ୍ତ ଅଧିକାରୀଙ୍କ ଛୁଟିକୁ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ବାତିଲ୍ କରାଯାଇଛି। ଏହି ବୈଠକରେ ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ (ଭୁବନେଶ୍ୱର) ଡ. ମନୋରଞ୍ଜନ ସାହୁ, ଉପଜିଲ୍ଲାପାଳ (ଖୋର୍ଦ୍ଧା) କିଶୋର କୁମାର ପଣ୍ଡା, ଡେପୁଟି କଲେକ୍ଟର (ଜରୁରୀ) ଶ୍ରୀତପା ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

## ବାତ୍ୟା ଚିନ୍ତାରେ ଚିଲିକାବାସୀ



ବାଲୁଗାଁ,୨୫।୧୦(ସମିସ): ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ନେଇ ଚିଲିକା ନିର୍ବାଚନମଣ୍ଡଳୀର ଚାଷୀ ଓ ଚିଲିକା ହ୍ରଦ ଅବବାହିକାରେ ବସବାସ କରୁଥିବା ମତ୍ସ୍ୟଜୀବୀ ଭୟଭୀତ ହୋଇପଡ଼ିଛନ୍ତି। ଘୂର୍ଣ୍ଣି ବଳୟ ସୃଷ୍ଟି ହୋଇ ଆସନ୍ତା ୨୭ ତାରିଖଠାରୁ ପ୍ରବଳ ବର୍ଷା, ପବନ ହେବାର ସମ୍ଭାବନା ଥିବାରୁ ଚିଲିକା ତଟବର୍ତ୍ତୀ ଅଞ୍ଚଳର ଲୋକେ ଛାନିଆଁ ହୋଇ ପଡ଼ିଛନ୍ତି। ନିକଟରେ ଗର୍ଭଣା ସଂକ୍ରାନ୍ତି ଯାଇଥିବାରୁ ଚାଷ ଜମିରେ ବର୍ତ୍ତମାନ ଧାନ ଫସଲ କେଣ୍ଡା ଧରିଆସୁଥିବା ସମୟରେ ବାତ୍ୟାକୁ ନେଇ ଚାଷୀକୂଳ ମୁଣ୍ଡରେ ଚଡ଼କ ପଡ଼ିଛି। ପ୍ରାୟତଃ ଅକ୍ଟୋବର ମାସରେ ବାତ୍ୟା ସୃଷ୍ଟି ହେଉଥିବାରୁ ଏହାକୁ ମନେ ପକାଇ ଲୋକେ ଚିନ୍ତାରେ ଅଛନ୍ତି। ମତ୍ସ୍ୟ ବିଭାଗ ପକ୍ଷରୁ ବାତ୍ୟା ମୁକାବିଲା ପ୍ରସ୍ତୁତି ନିମନ୍ତେ କେବଳ ଚିଲିକା ତଟ ଅଞ୍ଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଚିଲିକା ମଧ୍ୟକୁ ଯିବାକୁ ବାରଣ କରାଯାଇଥିବା ସ୍ଥଳେ ପ୍ରଶାସନ କେବଳ ସଜାଗ ରହିଥିବା ନେଇ କହିଥିବାବେଳେ ଏଯାବତ୍ ସମ୍ଭାବ୍ୟ ବାତ୍ୟାକୁ ନେଇ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଇ ନଥିବା ସାଧାରଣରେ ଚର୍ଚ୍ଚା ହେଉଛି।

## ସ୍ୱତନ୍ତ୍ର ଶିକ୍ଷଣ ଅକ୍ଷମତା ପଦଯାତ୍ରା



ଖୋର୍ଦ୍ଧା,୨୫।୧୦(ସମିସ): ଓସେପା ଭୁବନେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କ ତତ୍ତ୍ୱାବଧାନରେ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ସଂଯୋଜିକା ପୁଷ୍ପମିତ୍ରା ମିଶ୍ରଙ୍କ ପୌରୋହିତ୍ୟରେ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଖୋର୍ଦ୍ଧାର ନାଲି ରଙ୍ଗର ଗଣବେଶ ପରିଧାନ କରିଥିବା ସମସ୍ତ ଛାତ୍ରୀଙ୍କୁ ନେଇ ଶିକ୍ଷଣ ଅକ୍ଷମତା ଉପରେ ଏକ ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରାକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଶର୍ମିଷ୍ଠା ଜେନା ଓ ସଂଯୋଜିକା ପୁଷ୍ପମିତ୍ରା ମିଶ୍ର ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ପୂର୍ବରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସମସ୍ତ ଛାତ୍ରୀଙ୍କ ପ୍ରାର୍ଥନା ସଭାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଯୋଜିକା ଶ୍ରୀମତୀ ମିଶ୍ର କହିଥିଲେ ଯେ ଏହିଭଳି ସମସ୍ୟା ଦ୍ୱାରା ଛାତ୍ରଛାତ୍ରୀ ଓ ବ୍ୟକ୍ତିବିଶେଷ ପଢ଼ିବାରେ, ଲେଖିବାରେ ଓ ଗାଣିତିକ ସମାଧାନ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି। ଏହିପ୍ରକାର ସମସ୍ୟା ସେମାନଙ୍କ ମସ୍ତିଷ୍କ ଗଠନ ଓ କାର୍ଯ୍ୟର ବ୍ୟତିକ୍ରମ ଯୋଗୁଁ ସୃଷ୍ଟି ହୋଇଥାଏ। ଅନ୍ୟତମ ଅତିଥି ଖୋର୍ଦ୍ଧା ଜିଲ୍ଲାର ମନୋବିଜ୍ଞାନୀ ଶୁଭଶ୍ରୀ ପଶ୍ଚିମକବାଟ ଜିଲ୍ଲା ସୁରକ୍ଷା ବିଭାଗ ତରଫରୁ ଯୋଗଦେଇ ଏହା ହେଉଛି ଏକ ଜୀବନବ୍ୟାପୀ ସମସ୍ୟା। ଏହା ସାମାଜିକ ଜୀବନରେ ଓ ଦୈନନ୍ଦିନ ନିତ୍ୟକର୍ମ କରିବାରେ ଅଧିକ ପ୍ରଭାବ ପକାଇ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱ ବିକାଶରେ ବାଧକ ସୃଷ୍ଟି କରିଥାଏ। ତେଣୁ ସମସ୍ତ ଛାତ୍ରଛାତ୍ରୀ ଓ ବ୍ୟକ୍ତିବିଶେଷ ଏହିପରି ସମସ୍ୟାର ସମ୍ମୁଖୀନ ହେବା ସତ୍ତ୍ୱେ ସେମାନଙ୍କ ମଧ୍ୟରେ ଥିବା ସାମର୍ଥ୍ୟ ଅଛି ବୋଲି ଅନୁଭବ କରିବା ଉଚିତ୍ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭରତ ଚନ୍ଦ୍ର ପ୍ରଧାନ, ପ୍ରଧାନଶିକ୍ଷକ ଅଗାଧୁ ସେଠୀ, ସିଆର୍‌ସିସି ମନୋଜ ଦାଶ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧାର ସମସ୍ତ ଶିକ୍ଷୟିତ୍ରୀ, ଜଟଣୀ, ଖୋର୍ଦ୍ଧା, ବେଗୁନିଆ ଓ ଟାଙ୍ଗୀ ବ୍ଲକ୍‌ର ସମସ୍ତ ସମ୍ବଳ ଶିକ୍ଷକ ଓ ଖୋର୍ଦ୍ଧା ଜିଲ୍ଲାର ପୁଲିସ କର୍ମଚାରୀ, ଟ୍ରାଫିକ୍ କର୍ମଚାରୀ ପ୍ରମୁଖ ଏହି ପଦଯାତ୍ରାକୁ ପରିଚାଳନା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## କୋଚିଂ ସେଣ୍ଟରରୁ ଲୁଟ୍ ଘଟଣାରେ ୨ ଗିରଫ

### ନଗଦ ଟଙ୍କା, ସାଉଣ୍ଡ ବକ୍ସ ଓ ଲୁହା ରଡ୍ ଜବତ



ଜଟଣୀ,୨୫।୧୦(ସମିସ): ଜଟଣୀ ଥାନା ଅଞ୍ଚଳରେ ଥିବା ଏକ ଘରୋଇ କୋଚିଂ ସେଣ୍ଟରର କବାଟ ତାଲା ଭାଙ୍ଗି ଟଙ୍କା, ସାଉଣ୍ଡ ବକ୍ସ ସମେତ ଅନ୍ୟାନ୍ୟ ସରଞ୍ଜାମ ଲୁଟ୍ କରିବା ଅଭିଯୋଗରେ ଦୁଇ ଲୁଟେରାଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲେ ଜଟଣୀ ବାଲିଛକ ମୁଣ୍ଡିଆସାହିର ରମେଶ ଜେନା (୨୪) ଓ ରାଜୁ ମୁଦୁଲି ଓରଫ ଭେଣ୍ଡି (୪୨)। ସେମାନଙ୍କ ନିକଟରୁ ନଗଦ ୫ହଜାର ଟଙ୍କା, ସାଉଣ୍ଡ ବକ୍ସ ଓ ଗୋଟିଏ ଲୁହା ରଡ୍ ଜବତ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ଜଟଣୀ ଥାନା ରାମଚନ୍ଦ୍ରପୁର ବଜାରରେ ଥିବା ଏକ ଘରୋଇ କୋଚିଂ ସେଣ୍ଟରରେ ଗତ ୨୦ ତାରିଖ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପଶି ଅଫିସ୍‌ର ମୁଖ୍ୟ କବାଟ ତାଲା ଭାଙ୍ଗି ପାଖାପାଖି ୨ଲକ୍ଷ ଟଙ୍କା, ସାଉଣ୍ଡ ବକ୍ସ, ମାଇକ୍ରୋଫୋନ୍ ଆଦି ଲୁଟି ନେଇଯାଇଥିଲେ। ଅଭିଯୋଗକାରୀ ରାଜେଶ ସ୍ୱାଇଁ ସକାଳେ କୋଚିଂ ସେଣ୍ଟର ଖୋଲିବାକୁ ଆସିଥିବାବେଳେ କବାଟ ତାଲା ଭଙ୍ଗା ହୋଇ ଟଙ୍କା ଓ ସରଞ୍ଜାମ ଆଦି ଲୁଟ୍ ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସଙ୍ଗେ ସଙ୍ଗେ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଥିଲା। କୋଚିଂ ସେଣ୍ଟର୍ ଭିତରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିବାକୁ ଲୁଟ୍‌ର ପୂରା ଦୃଶ୍ୟ ପୁଲିସ ଦେଖି ଅଭିଯୁକ୍ତଙ୍କୁ ଚିହ୍ନଟ କରି ଶନିବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି ପୁଲିସ।

## ବିଦ୍ୟାଳୟ ବାର୍ଷିକ ପ୍ରଦର୍ଶନୀ ମେଳା


ଟାଙ୍ଗୀ,୨୫।୧୦(ସମିସ): ଟାଙ୍ଗୀ ନିକଟସ୍ଥ ଚଣ୍ଡେଶ୍ୱରଠାରେ ଥିବା ଅଗ୍ରଣୀ ଶିକ୍ଷାନୁଷ୍ଠାନ ମାଉଣ୍ଟ ଲିଟେରା ଜି ସ୍କୁଲ ଚତୁର୍ଥ ବାର୍ଷିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ନର୍ସରୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଇଂରାଜୀ, ହିନ୍ଦୀ, ଓଡ଼ିଆ, ସାମାଜିକ ବିଜ୍ଞାନ, ଗଣିତ,ବିଜ୍ଞାନ, କମ୍ପ୍ୟୁଟର, କ୍ରୀଡ଼ା ସମ୍ପର୍କରେ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷ ତଥା ବିଦ୍ୟାଳୟର ପ୍ରତିଷ୍ଠାତା ରାମଚନ୍ଦ୍ର ମହାପାତ୍ର ଯୋଗଦେଇ ପ୍ରକଳ୍ପଗୁଡ଼ିକ ଦେଖି ଛାତ୍ରଛାତ୍ରୀଙ୍କୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୋଷ କୁମାର ସ୍ୱାଇଁ ଓ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଭୀମପୁର ଗ୍ରାମର ଦୁଇ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା



ବାଣପୁର,୨୫।୧୦(ସମିସ): ବାଣପୁର ବ୍ଲକ୍ ଅନ୍ତର୍ଗତ ଭୀମପୁର ଗ୍ରାମ ନୂଆପାଟଣା ସାହି ନିବାସୀ ସାଧାରଣ କୃଷକ ପରିବାରର ପୁଅ ତଥା ବାଲୁଗାଁ ରେଳ ଷ୍ଟେସନର ତତ୍କାଳୀନ ଷ୍ଟେସନ୍ ମାଷ୍ଟର୍ ସ୍ୱର୍ଗତ କାର୍ତ୍ତିକ ନାୟକ ଓ ପୁଷ୍ପାଞ୍ଜଳି ନାୟକଙ୍କ ପୁତ୍ର ଡ. ଅଂଶୁଲ୍ ଅଭିଜିତ୍ ନାୟକ ଓ କନ୍ୟା ଆତ୍ୟା ଅନିଶା ନାୟକଙ୍କୁ ଗ୍ରାମର ସାଂସ୍କୃତିକ ଅନୁଷ୍ଠାନ କୃଷ୍ଣଚନ୍ଦ୍ର ପାଠାଗାର ଓ ଗ୍ରାମବାସୀଙ୍କ ତରଫରୁ ଭୀମପୁରସ୍ଥିତ ବାନାମ୍ବର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ଡ. ଅଂଶୁଲ ଅଭିଜିତ୍ ଯୁକ୍ତରାଷ୍ଟ୍ର ଆମେରିକାରେ ଗବେଷଣା କରୁଥିବାବେଳେ ଭଉଣୀ ଆତ୍ୟା ଅନିଶା ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଭୀମପୁର ଗାଁ ମାଟି ପାଇଁ ଗୌରବ ଅର୍ଜନ କରିଛନ୍ତି। ସମ୍ବର୍ଦ୍ଧନା ଉତ୍ସବରେ ଶିକ୍ଷାବିତ୍ ବାଳମୁକୁନ୍ଦ ଦାସ, ଡ. ଚାନ୍ଦକିଶୋର ତ୍ରିପାଠୀ, ଆନନ୍ଦଚନ୍ଦ୍ର ସେନାପତି, ବୈରାଗୀ ଚରଣ ବେହେରା, ଲକ୍ଷ୍ମୀଧର ସାହୁ, ରାସବିହାରୀ ସାହୁ, ସୁକାନ୍ତ ଜେନା, ବାଙ୍କନିଧି ନାୟକ, ସନ୍ତୋଷ ସାହୁ, ଅଶୋକ ନନ୍ଦ, ନନ୍ଦକିଶୋର ବାରିକ, ଯୁଧିଷ୍ଠିର ବେହେରା, ବ୍ରଜକିଶୋର ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



ନିରାକାରପୁର,୨୫।୧୦(ସମିସ): ସ୍ଥାନୀୟ ରାମେଶ୍ୱର ପଞ୍ଚାୟତ କୋଠକରଣ ସାହିର ଧର୍ମପରାୟଣ ବ୍ୟକ୍ତି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ(୯୯)ଙ୍କ ଶନିବାର ବାର୍ଦ୍ଧକ୍ୟଜନିତ ବିୟୋଗ ଘଟିଛି। ସେ ଜଣେ ଶାନ୍ତ, ସରଳ, ମେଳାପୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ଏପରିକି ଗ୍ରାମର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେ ଜଣେ ପୁରୋଧା ଥିଲେ। ଏକ ଶୋକାକୁଳ ପରିବେଶରେ ତାଙ୍କ ମରଶରୀରକୁ ଗ୍ରାମ୍ୟ ପରିକ୍ରମା କରାଯାଇ ସ୍ଥାନୀୟ ଶ୍ମଶାନକୁ ନିଆଯାଇଥିଲା। ଜ୍ୟେଷ୍ଠପୁତ୍ର ଗିରିଜା ମୋହନ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ।

## ନିରାକାରପୁରରେ କୁକୁର କାମୁଡ଼ା ଇଞ୍ଜେକ୍ସନ ପ୍ରଦାନ ଆରମ୍ଭ




ନିରାକାରପୁର,୨୫।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସରକାରୀ ଚିକିତ୍ସାଳୟରେ ଶନିବାରଠୁ ଆରମ୍ଭ ହୋଇଛି କୁକୁର କାମୁଡ଼ା ଇଞ୍ଜେକ୍ସନ ପ୍ରଦାନ। ଏହି ସୁବିଧା ଉପଲବ୍ଧ ହେବା ପରେ ନିରାକାରପୁର ଅଞ୍ଚଳ ସମେତ ପାଖାପାଖି ୨୦ରୁ ଅଧିକ ପଞ୍ଚାୟତବାସୀ ଏହାର ସେବା ପାଇପାରିବେ। ପୂର୍ବରୁ କୁକୁର କାମୁଡ଼ା ଇଞ୍ଜେକ୍ସନ ପାଇଁ ଲୋକେ ଟାଙ୍ଗୀ କିମ୍ବା ଖୋର୍ଦ୍ଧା ଯିବାକୁ ପଡୁଥିଲା। ଶନିବାର ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟାଙ୍ଗୀ ମେଡିକାଲ ଚିକିତ୍ସାଧିକାରୀ ଡା. ସତ୍ୟରଞ୍ଜନ ନନ୍ଦ, ସମ୍ମାନିତ ଅତିଥି ଭାବେ ଡା. ସୌମ୍ୟରଞ୍ଜନ ପ୍ରଧାନ, ଡିଆ ସରପଞ୍ଚ ପ୍ରଶାନ୍ତ ବେହେରା, ନିରାକାରପୁର ସରପଞ୍ଚ କାଦମ୍ବିନୀ ବେହେରା, ଡ. ଅଶ୍ୱିନୀ କୁମାର ସ୍ୱାଇଁ, ଫାର୍ମାସିଷ୍ଟ ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଥିଲେ। ଶନିବାର ଦୁଇ ଜଣ ଏହି ଇଞ୍ଜେକ୍ସନ ନେଇଥିବାର ସୂଚନା ମିଳିଛି। ଏହି ଇଞ୍ଜେକ୍ସନ ପ୍ରତ୍ୟେକ ଦିନ ସକାଳ ସାଢ଼େ ୯ଟା ମଧ୍ୟରେ ପ୍ରଦାନ କରାଯିବ ଓ ପ୍ରତ୍ୟେକ ଦିନ ଗୋଟିଏ ଇଞ୍ଜେକ୍ସନ ଖୋଲିଲେ ୬ ଜଣ ନେବା କଥା କିନ୍ତୁ ଅତି କମ୍‌ରେ ୩/୪ ଜଣ ନେବାକୁ ପଡ଼ିବ ବୋଲି ଜଣାପଡ଼ିଛି। ଯଦି ରୋଗୀ ନ ହୁଅନ୍ତି ଭବିଷ୍ୟତରେ ଏହା ବନ୍ଦ ହୋଇଯାଇପାରେ ବୋଲି ବି ସୂଚନା ମିଳିଛି। ତେଣୁ ଏହାର ସୁବିଧା ନେବାକୁ ଅଞ୍ଚଳବାସୀଙ୍କୁ ଆହ୍ୱାନ କରାଯାଇଛି।

## ବାର୍‌ହା ନଷ୍ଟ କରୁଛନ୍ତି ଧାନ ଫସଲ; ଚିନ୍ତାରେ ଚାଷୀ



ବେଗୁନିଆ,୨୫।୧୦(ସମିସ): ବର୍ଷ ସାରା ଅକ୍ଲାନ୍ତ ପରିଶ୍ରମ କରି ପାଚିଲା ଧାନ ଅମଳ ସମୟ ଆସିଲେ କ୍ଷେତରେ ଶସ୍ୟର ସୁନା ରଙ୍ଗକୁ ଦେଖି ମନରେ ଖୁସିର ଲହରୀ ଖେଳି ଯାଇଥାଏ। ଏହି ଶସ୍ୟ କ୍ଷେତରେ ବାର୍‌ହାମାନଙ୍କ ଉତ୍ପାତ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ରହିଛି। ଏହି ବାର୍‌ହାପଲ କ୍ଷେତରେ ପଶି ଦଳିଚକଟି ନଷ୍ଟ କରିଥିବାର ଦେଖିବାକୁ ମିଳିଥିବାବେଳେ ଅମଳ ଧାନ ଫସଲକୁ ରକ୍ଷା କରିବା ପାଇଁ ବିଭିନ୍ନ ପ୍ରକାର କୌଶଳ ଆପଣେଇ ନେଇଛନ୍ତି। ତେବେ ବେଗୁନିଆ ବ୍ଲକ୍‌ରେ ୨୧ଟି ପଞ୍ଚାୟତର ବିଭିନ୍ନ ରାଜସ୍ୱ ଗ୍ରାମ ସମେତ ପଡ଼ାରେ ଥିବା ଜମିରୁ ଅମଳ ଧାନ ଫସଲକୁ ବାର୍‌ହା ନଷ୍ଟ କରିଥିବାରୁ "ଅନୁକମ୍ପା' ଆପ୍ କିମ୍ବା ନିକଟସ୍ଥ ବନ ବିଭାଗ କର୍ମଚାରୀଙ୍କ ସହ ଯୋଗାଯୋଗ କରି କ୍ଷତିପୂରଣ ପାଇଁ ପ୍ରକ୍ରିୟା ଜାରି ରଖିଛନ୍ତି। ଏହି ଘଟଣାକୁ ନେଇ ପୋଡ଼ାଡିହ ଗ୍ରାମର ଚାଷୀ ନାରାୟଣ ମାଣିକଙ୍କୁ ପଚାରିବାରୁ ଚାଷୀମାନଙ୍କୁ ତୁରନ୍ତ ଆବଶ୍ୟକୀୟ ସହାୟତା ରାଶି ପ୍ରଦାନ କରାଯାଉ ବୋଲି କହିଛନ୍ତି।

### ହାଇକୋର୍ଟରେ ପହଞ୍ଚିଲା ଧବଳେଶ୍ୱର ମନ୍ଦିର ବିବାଦ

## ଟ୍ରଷ୍ଟିକୁ ମନ୍ଦିର ପରିଚାଳନା ପାଇଁ ନିର୍ଦ୍ଦେଶ

ଖୋର୍ଦ୍ଧା,୨୫।୧୦(ସମିସ): ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗରେ ଥିବା ଶ୍ରୀଶ୍ରୀ ଧବଳେଶ୍ୱର ମନ୍ଦିର ପରିଚାଳନା ବିବାଦ ପ୍ରଶାସନିକସ୍ତରରେ ସମାଧାନ ନ ହେବାରୁ ତାହା ହାଇକୋର୍ଟରେ ପହଞ୍ଚିଛି। ହାଇକୋର୍ଟରେ ତିନିଜଣିଆ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରି ଗତ ୨୪ ତାରିଖକୁ ବିଶେଷ ରିପୋର୍ଟ ଦାଖଲ ପାଇଁ ଅତିରିକ୍ତ ଏଣ୍ଡାଓମେଣ୍ଟ କମିଶନରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ଶନିବାର ସମସ୍ତ ଶୁଣାଣି କରି ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କ ଦ୍ୱାରା ଗଠିତ କମିଟିକୁ ବେଆଇନ ଦର୍ଶାଇଛନ୍ତି। ଶ୍ରୀଶ୍ରୀ ଧବଳେଶ୍ୱର ମହାଦେବଙ୍କ ଦୈନିକ ରୀତିନୀତି ସହ ସ୍ୱତନ୍ତ୍ର ପର୍ବପର୍ବାଣି ପାଳନ ପାଇଁ ଦେବୋତ୍ତର କମିଟି ଦ୍ୱାରା ଗଠିତ ଟ୍ରଷ୍ଟି ଦ୍ୱାରା ପରିଚାଳିତ ହେବ ବୋଲି ହାଇକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଦେବୋତ୍ତର କମିଶନରଙ୍କ ଅଧୀନରେ ଏହି ପରିଚାଳନା କମିଟି କାର୍ଯ୍ୟ କରୁଛି।

୨୦୨୪ ଜୁଲାଇ ୫ରେ ଏହି ଟ୍ରଷ୍ଟି ବୋର୍ଡ ଗଠିତ ହୋଇଥିଲା। ଗୁରୁଜଙ୍ଗ ଅଞ୍ଚଳର ଜନସାଧାରଣ, ବୁଦ୍ଧିଜୀବୀ, ମନ୍ଦିର ସେବାୟତ ସହ ଅନ୍ୟାନ୍ୟ ଲୋକଙ୍କ ମତାମତକୁ ନେଇ ରାଜ୍ୟ ସରକାରଙ୍କ ନିୟମାନୁଯାୟୀ ଦେବୋତ୍ତର କମିଶନର ଏହି ଟ୍ରଷ୍ଟି ଗଠନ କରିଥିଲେ। ଏହି ଟ୍ରଷ୍ଟି ଅଧୀନରେ ୧୦ଜଣ ସଭ୍ୟ ରହି ମନ୍ଦିର ପରିଚାଳନା କରି ଆସୁଥିଲେ। ଗତବର୍ଷ ଶ୍ରୀଶ୍ରୀ ଧବଳେଶ୍ୱରଙ୍କ ସ୍ୱତନ୍ତ୍ର ବଡ଼ଓଷା ପର୍ବ ପୂର୍ବରୁ ଏକ ବୈଠକ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କ ଆବାହକତ୍ୱରେ ବସିଥିଲା। ଏଥିରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଟ୍ରଷ୍ଟି ସଭ୍ୟ ଏବଂ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଉପସ୍ଥିତ ରହି ବଡ଼ଓଷା ପର୍ବ ପାଳନ ସମ୍ପର୍କରେ ଆଲୋଚନା କରୁଥିଲେ। ବିଧାୟକଙ୍କ ପରାମର୍ଶ କ୍ରମେ ଟ୍ରଷ୍ଟିକୁ ଅଗ୍ରାହ୍ୟ କରି ଅନ୍ୟ ଏକ କମିଟି ଉପଜିଲ୍ଲାପାଳ ଗଠନ କରି ବଡ଼ଓଷା ପର୍ବ ପାଳନ ସକାଶେ ଚିଠା ଜାରି କରିଥିଲେ। ଉକ୍ତ କମିଟି ମନ୍ଦିରର ସମସ୍ତ ପର୍ବପର୍ବାଣି ପାଳନ କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ରାଜ୍ୟ ସରକାରଙ୍କ ଦେବୋତ୍ତର କମିଶନ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଟ୍ରଷ୍ଟି ବୋର୍ଡ ଏ ସଂକ୍ରାନ୍ତରେ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କର୍ତ୍ତୃପକ୍ଷ ଏଥିପ୍ରତି ଭ୍ରୂକ୍ଷେପ କରି ନ ଥିଲେ। ଟ୍ରଷ୍ଟି ତରଫରୁ ଦେବୋତ୍ତର କମିଶନରଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅନ୍ୟପକ୍ଷରେ ସମାନ୍ତରାଳ ଭାବେ ଦୁଇଟି ପରିଚାଳନା କମିଟି ଚାଲୁଥିବାରୁ ମନ୍ଦିରର ରୀତିନୀତିରେ ବାରମ୍ବାର ବିଭ୍ରାଟ ସୃଷ୍ଟି ହେଉଥିଲା। ଇତି ମଧ୍ୟରେ କମିଶନରଙ୍କ ପକ୍ଷରୁ ଏକ କମିଟି ଆସି ସ୍ଥାନୀୟ ଲୋକଙ୍କୁ ପଚାରି ସମସ୍ତ ତଥ୍ୟ ମଧ୍ୟ ସଂଗ୍ରହ କରିଛନ୍ତି। ଅପରପକ୍ଷରେ ଟ୍ରଷ୍ଟି ପକ୍ଷରୁ ହାଇକୋର୍ଟଙ୍କ ନିକଟରେ ଏ ସଂକ୍ରାନ୍ତରେ ଏକ ପିଟିସନ ଆଗତ କରାଯାଇଛି। ହାଇକୋର୍ଟରେ ୩ ଜଣିଆ ଖଣ୍ଡପୀଠ ଏହି ଆବେଦନକୁ ଗ୍ରହଣ କରି ଶୁଣାଣି କରିଥିଲେ। ଗତ ୨୪ ତାରିଖରେ ହାଇକୋର୍ଟରେ ଏକ ଖଣ୍ଡପୀଠ ଶୁଣାଣି କରି ମନ୍ଦିରର ରୀତିନୀତି, ବଡ଼ଓଷା, କାର୍ତ୍ତିକ ପୂର୍ଣ୍ଣିମା ପର୍ବ ଟ୍ରଷ୍ଟି ଦ୍ୱାରା ପରିଚାଳନା କରିବାକୁ ଦେବୋତ୍ତର ବିଭାଗ ଏବଂ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡିସେମ୍ବର ୧୫ରେ ସମ୍ପୂର୍ଣ୍ଣ ରିପୋର୍ଟ ଦାଖଲ କରିବାକୁ କମିଶନରଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

### ● ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଜିଲ୍ଲାର ନୂତନ କର୍ମକର୍ତ୍ତା ନିର୍ବାଚନ

## ଶିବସୁନ୍ଦର ସଭାପତି, ପ୍ରସନ୍ନ ସାଧାରଣ ସମ୍ପାଦକ

ଖୋର୍ଦ୍ଧା,୨୫।୧୦(ସମିସ): ସ୍ଥାନୀୟ ଶ୍ୟାମ ମାଧବ ବାସନ୍ତୀଦେବୀ ମେମୋରିଆଲ ପାଠାଗାର ପରିସରରେ ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଜିଲ୍ଲା ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚନ ବରିଷ୍ଠ ସଭ୍ୟ ଶିବସୁନ୍ଦର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ସଦସ୍ୟ/ସଦସ୍ୟାଙ୍କ ଉପସ୍ଥିତିରେ ଆସନ୍ତା ୩ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଉପଦେଷ୍ଟା ଭାବେ ଐତିହାସିକ ସତ୍ୟବାଦୀ ବଳିୟାରସିଂହ ଓ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ସଭାପତି ଭାବେ ଶିବସୁନ୍ଦର ପଟ୍ଟନାୟକ, ଉପସଭାପତି ଭାବେ ବରିଷ୍ଠ ସାହିତ୍ୟିକ ବୈକୁଣ୍ଠନାଥ ରାଜଗୁରୁ ଓ ଅଧ୍ୟାପକ ଗୋପାଳକୃଷ୍ଣ ଦାସ, ସାଧାରଣ ସମ୍ପାଦକ ଭାବେ ସାମାଜିକ କର୍ମୀ ପ୍ରସନ୍ନ କୁମାର ପଟ୍ଟନାୟକ, ସଂଗଠନ ସମ୍ପାଦକ ଭାବେ ଗବେଷକ ଲକ୍ଷ୍ମୀଧର ବଡ଼ଜେନା, କୋଷାଧ୍ୟକ୍ଷ ଭାବେ ଦେବଦତ୍ତ ବିଶ୍ୱାଳ, ପାରିଷଦ ସଦସ୍ୟ ଭାବେ ବିଜୟ ସାମନ୍ତସିଂହାର, ବିଧାନ ଚନ୍ଦ୍ର ମହାନ୍ତି, ଅଶୋକ ମହାପାତ୍ର, ଶରତ ଚନ୍ଦ୍ର ପରିଡ଼ା, ସୁଶାନ୍ତ ସାମୁଏଲ, ସାମ୍ବାଦିକ ବନବିହାରୀ ବେହେରା, ସମାଜସେବୀ ବିଳାସିନୀ ଦାସ ଓ ଜ୍ୟୋତ୍ସ୍ନା ମହାରଣା ପ୍ରମୁଖ ନିର୍ବାଚିତ ହୋଇଥିବାବେଳେ ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧି, ବୀର ଦୁଃଶାସନ ପ୍ରଧାନଙ୍କ ସମେତ ୧୦ଜଣ କେନ୍ଦ୍ରୀୟ କମିଟିର ସଭ୍ୟ ରହିବାକୁ ସର୍ବସମ୍ମତିକ୍ରମେ ସ୍ଥିର ହୋଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ତୃତୀୟଲିଙ୍ଗୀ ପଞ୍ଜୀକରଣ; ରାଜ୍ୟରେ ଖୋର୍ଦ୍ଧା ଜିଲ୍ଲା ଦ୍ୱିତୀୟ

ନିରାକାରପୁର,୨୫।୧୦(ସମିସ)

ଜାତୀୟ ସାମାଜିକ ସୁରକ୍ଷା ଓ କଲ୍ୟାଣ ସଶକ୍ତୀକରଣ ବିଭାଗରେ ଟ୍ରାନ୍ସଜେଣ୍ଡର(ତୃତୀୟଲିଙ୍ଗୀ)ମାନଙ୍କୁ ସ୍ୱତନ୍ତ୍ର ପାହ୍ୟା ଶିକ୍ଷା, ସ୍ୱାସ୍ଥ୍ୟ, ନ୍ୟାୟ ଦିଆଯାଇଛି। ଟ୍ରାନ୍ସଜେଣ୍ଡରଙ୍କ ପାଇଁ ଓଡ଼ିଶା ସରକାର ସ୍ୱୀକୃତି ଯୋଜନାରେ ୨୦୧୬-୧୭ ବର୍ଷରୁ ସେମାନଙ୍କୁ ଚିହ୍ନଟ ଏବଂ ମଲ୍ଟି ପର୍ପୋଜ୍ ସ୍ମାର୍ଟ କାର୍ଡ, ମାଟ୍ରିକ୍ ପରୀକ୍ଷା ପୂର୍ବ ଏବଂ ପର ଛାତ୍ରବୃତ୍ତି, ସାମାଜିକ ଦକ୍ଷତା ବୃଦ୍ଧି ତାଲିମ, ସ୍ୱାସ୍ଥ୍ୟ ପରୀକ୍ଷା ସହ ନ୍ୟାୟିକ ସୁବିଧା ଅଛି।

କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ମାଇଲ୍ ଯୋଜନାରେ ଟ୍ରାନ୍ସଜେଣ୍ଡରମାନଙ୍କୁ ଏକ ସ୍ମାର୍ଟ କାର୍ଡ ପ୍ରଦାନ କରାଯାଉଛି। ଯାହା ଦ୍ୱାରା ସମସ୍ତ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା ଉଦ୍ଦିଷ୍ଟ ସୁବିଧା ପାଇପାରିବେ। ୨୦୨୪-୨୫ ଆର୍ଥିକ ବର୍ଷରେ ବଲାଙ୍ଗିର ପ୍ରଥମ ୪୯୭ଟି ଏବଂ ଦ୍ୱିତୀୟରେ ଖୋର୍ଦ୍ଧା ଜିଲ୍ଲାରେ ୩୦୫ଟି ସର୍ବାଧିକ ସ୍ମାର୍ଟ କାର୍ଡ ଦିଆଯାଇଛି। ଯାହାର ଅର୍ଥ ଖୋର୍ଦ୍ଧା ଜିଲ୍ଲାରେ ଦ୍ୱିତୀୟ ସର୍ବାଧିକ ଟ୍ରାନ୍ସଜେଣ୍ଡର ଅଛନ୍ତି, ଯାହାକି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଏକ ଚାଲେଞ୍ଜ ପ୍ରଦାନ କରିଛି। କେମିତି ଅଧିକରୁ ଅଧିକ ସଚେତନତା ମାଧ୍ୟମରେ ସମସ୍ତ ଟ୍ରାନ୍ସଜେଣ୍ଡର ରେକର୍ଡଭୁକ୍ତ ହେବା ସହ ସେମାନଙ୍କୁ ସ୍ୱତନ୍ତ୍ର ସୁବିଧା ଦିଆଯିବ ସେନେଇ ଯୋଜନା କରାଯାଉଛି। କିଛି ଡାକ୍ତରଙ୍କ ମନ୍ତବ୍ୟ ଯେଉଁଠି ଅଧିକ ଟ୍ରାନ୍ସଜେଣ୍ଡର ରୁହନ୍ତି ସେଠାରେ ଏଡ୍‌ସ, ଏଚ୍‌ଆଇଭି ହେବାର ସମ୍ଭାବନା ବଢ଼ିଯାଏ।

ଓଏସ୍‌ଏସିଏସ୍ ଏବଂ ଏନ୍‌ଏସିଓ ତଥ୍ୟ ଅନୁଯାୟୀ, ୨୦୨୦-୨୧ ବର୍ଷରେ ୨୮୮୨ଟି, ୨୦୨୧-୨୨ ବର୍ଷରେ ୨୯୪୬ଟି, ୨୦୨୨-୨୩ରେ ୩୦୧୦ଟି, ୨୦୨୩-୨୪ରେ ୩୦୭୪ଟି, ୨୦୨୪-୨୫ରେ ୩୧୩୮ଟି ଏଡ୍‌ସ ପଜିଟିଭ୍ ମାମଲା ସାମ୍ନାକୁ ଆସିଛି। ଯାହାକି ଜିଲ୍ଲା ପ୍ରଶାସନ ପାଇଁ ଏକ ବଡ଼ ପ୍ରଶ୍ନବାଚୀ। କେମିତି ଅଧିକରୁ ଅଧିକ ଟ୍ରାନ୍ସଜେଣ୍ଡର ଚିହ୍ନଟ କରିବା ଏବଂ ତା' ସହ ଏଡ୍‌ସରୁ ଜିଲ୍ଲାକୁ ମୁକ୍ତ କରି କରିବା ବଡ଼ ଆହ୍ୱାନ ପାଲଟିଛି। କିଛି ସମାଜସେବୀ, ଆଇନଜୀବୀ, ବୁଦ୍ଧିଜୀବୀ ପ୍ରତି ଗ୍ରାମ ପଞ୍ଚାୟତଠାରୁ ଆରମ୍ଭ କରି ସହରର ଗଳି ପର୍ଯ୍ୟନ୍ତ ସଚେତନାକୁ ବୃଦ୍ଧି କଲେ ଏଡ୍‌ସ ଆକ୍ରାନ୍ତ ସଂଖ୍ୟା କମାଯାଇପାରିବ ବୋଲି ମତବ୍ୟକ୍ତ କରିଛନ୍ତି।

## ତୃତୀୟଲିଙ୍ଗୀ ଚିହ୍ନଟ ନିମନ୍ତେ ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀଙ୍କୁ ପ୍ରଶିକ୍ଷଣ



ଖୋର୍ଦ୍ଧା,୨୫।୧୦(ସମିସ): ଜିଲ୍ଲାରେ ତୃତୀୟଲିଙ୍ଗୀ ଚିହ୍ନଟ ଏବଂ ଆଚରଣଗତ ପରିବର୍ତ୍ତନର ମୁକାବିଲା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଦିନିକିଆ ପ୍ରଶିକ୍ଷଣ କର୍ମଶାଳା ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀଙ୍କୁ ନେଇ କରାଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ତୃତୀୟଲିଙ୍ଗୀ କଲ୍ୟାଣ ଟ୍ରଷ୍ଟର ସଚିବ ମେଘନା ସାହୁ ତୃତୀୟଲିଙ୍ଗୀ ପିଲାଙ୍କୁ କିପରି ଚିହ୍ନଟ କରିବେ ଏବଂ ଏହାର ଲକ୍ଷଣ କ'ଣ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିବା ସହ ସେମାନଙ୍କ ପାଇଁ କ'ଣ ବ୍ୟବସ୍ଥା ରହିବା ଆବଶ୍ୟକ ସେ ବିଷୟରେ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିପରି ଚିକିତ୍ସା ମନସ୍ତତ୍ତ୍ୱବିତ୍ ନିବେଦିତା ମହାନ୍ତି ଟ୍ରାନ୍ସଜେଣ୍ଡର ପିଲାଙ୍କ ସହିତ କିପରି ବ୍ୟବହାର କରିବେ ସେ ବିଷୟରେ ଏକ ଅଧିବେଶନ ନେଇ ଆଚରଣଗତ ପରିବର୍ତ୍ତନ କ'ଣ ଘଟେ ଏବଂ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ କି କି ସେବାର ଆବଶ୍ୟକତା ଅଛି ତାଲିମ୍ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ଖୋର୍ଦ୍ଧା ଜିଲ୍ଲାରେ ଥିବା ୧୪ଟି ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀମାନେ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଖୋର୍ଦ୍ଧା ଜିଲ୍ଲାରେ ଥିବା ଏହି ୧୪ଟି ଶିଶୁ ଯତ୍ନ ଅନୁଷ୍ଠାନରେ ପ୍ରାୟ ୩୦୦ ପିଲା ରହୁଛନ୍ତି। ଯେଉଁମାନେ ବିଭିନ୍ନ ଆଚରଣଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯେଉଁଥିପାଇଁ ଏହି କର୍ମଶାଳା ଆୟୋଜନ କରାଯାଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଶାଖା, ଖୋର୍ଦ୍ଧା ସଦସ୍ୟା ମନସ୍ୱିନୀ ମହାପାତ୍ର ପ୍ରଶିକ୍ଷଣ କର୍ମଶାଳା ସଂଯୋଜନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ସକାଳ
THE SAKALA



■ ହାଇକୋର୍ଟରେ ସମ୍ବଲପୁର ସଂସଦୀୟ କ୍ଷେତ୍ର ନିର୍ବାଚନୀ ମାମଲା

# ୭ ସୁଦ୍ଧା ଜରିମାନା ରାଶି ପଇଠ ନ କଲେ ଆବେଦନକାରୀଙ୍କ ବିରୋଧରେ ଓପିଡିଆର୍ ପ୍ରୋସିଡିଂ

କଟକ, ୨୫ ।୧୦ (ସମିସ): ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ନିର୍ବାଚିତ ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ତ୍ରୁଟିପୂର୍ଣ୍ଣ ସତ୍ୟପାଠ ଦାଖଲ ଅଭିଯୋଗ ଆଣି ନିର୍ବାଚନୀ ମକଦ୍ଦମା ଦାୟର କରିଥିବା ଆବେଦନକାରୀ ଡ. ସୁବାସ ମହାପାତ୍ରଙ୍କୁ ହାଇକୋର୍ଟ ବାର୍ କଲ୍ୟାଣ ପାଣ୍ଠିରେ ୧୦ହଜାର ଟଙ୍କା ଦଣ୍ଡ ରାଶି ପଇଠ ପାଇଁ ହାଇକୋର୍ଟ ଗତ ଅକ୍ଟୋବର ୧୦ ତାରିଖରେ ନିର୍ଦ୍ଦେଶ ଦେଇଥିଲେ । ହେଲେ ଏହା ପଇଠ ହୋଇନଥିବା ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି । ଆସନ୍ତା ନଭେମ୍ବର ୭ ତାରିଖ ସୁଦ୍ଧା ଯଦି ଆବେଦନକାରୀ ଉକ୍ତ ଜରିମାନା ରାଶି ଜମା ନ କରନ୍ତି, ତାହେଲେ ତାଙ୍କ ବିରୋଧରେ ଓପିଡିଆର (ଓଡ଼ିଶା ପବ୍ଲିକ ଡିମାଣ୍ଡ ରିକଭରି) ଆକ୍ଟ-୧୯୬୨ଅନୁସାରେ ସାର୍ଟିଫିକେଟ୍ ପ୍ରୋସିଡିଂ କରାଯାଇ ଅର୍ଥ ଅସୁଲ କରାଯିବ ବୋଲି ହାଇକୋର୍ଟ କହିଛନ୍ତି । ଜଷ୍ଟିସ୍ ସଂଜୟ କୁମାର ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ପ୍ରକାଶଥାଉକି ପ୍ରତିପକ୍ଷ ଶ୍ରୀ ପ୍ରଧାନଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲଙ୍କ ଯୋଗ୍ୟତା ଉପରେ ଆପତ୍ତି ଉଠାଇ ଆବେଦନକାରୀ ଡ. ମହାପାତ୍ର ଦାଖଲ କରିଥିବା ଅନ୍ତରୀଣ ଆବେଦନକୁ ଅଦାଲତ ଖାରଜ କରି ଗତ ଅକ୍ଟୋବର ୧୦ତାରିଖରେ ୧୦ହଜାର ଜରିମାନା ରାଶି ଧାର୍ଯ୍ୟ କରିଥିଲେ । ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅନ୍ତରୀଣ ଆବେଦନଗୁଡ଼ିକ ଅଯଥା ଏବଂ ଅଦାଲତଙ୍କ ମୂଲ୍ୟବାନ ନ୍ୟାୟିକ ସମୟର ଅପଚୟ ବୋଲି ହାଇକୋର୍ଟ କହିଥିଲେ । ଏହି ଅର୍ଥ ରାଶି ପଇଠ ନକରି ଆବେଦନକରୀ ଅଧିକ ସମୟ ଲୋଡ଼ିବା ସହ ଏକ ଅନ୍ତରୀଣ ଆବେଦନ ରୁଜୁ କରିଥିଲେ । ଏହି ଅନ୍ତରୀଣ ଆବେଦନର ଶୁଣାଣି ଆଉ ନ ଘୁଞ୍ଚାଇ ଆବେଦନକାରୀଙ୍କୁ ଆସନ୍ତା ନଭେମ୍ବର ୭ ପର୍ଯ୍ୟନ୍ତ ସମୟ ପ୍ରଦାନ କରିଛନ୍ତି ଅଦାଲତ ।

# ଅମିତ ମଲ୍ଲିକ ଟେଲିଫୋନ୍ ଆଡ୍‌ଭାଇଜରୀ କମିଟି ସଦସ୍ୟ ମନୋନୀତ



ଭୁବନେଶ୍ୱର, ୨୫।୧୦ (ସମିସ): ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କ ସୁପାରିସ କ୍ରମେ ଅମିତ କୁମାର ମଲ୍ଲିକଙ୍କୁ ଭୁବନେଶ୍ୱର ବାଣିଜ୍ୟିକ କ୍ଷେତ୍ରର ଟେଲିଫୋନ୍ ଆଡ୍‌ଭାଇଜରୀ କମିଟିର ସଦସ୍ୟ (ଟିଏସି)ଭାବେ ମନୋନୀତ କରାଯାଇଛି । ଏହି କମିଟି ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଗଠନ କରାଯାଇଥିବା ଡିଏମ୍(ପିଏଚ୍‌ବି) ସୀମା ସୁଦ୍ ସୂଚନା ଦେଇଛନ୍ତି । ପ୍ରିନ୍ସିପାଲ୍ ଜେନେରାଲ୍ ମ୍ୟାନେଜର, ଭୁବନେଶ୍ୱର ବ୍ୟାବସାୟିକ କ୍ଷେତ୍ର କାର୍ଯ୍ୟାଳୟ ପକ୍ଷରୁ ଶ୍ରୀ ମଲ୍ଲିକଙ୍କୁ ପତ୍ର ମାଧ୍ୟମରେ ସଦସ୍ୟତା ସଂପର୍କରେ ଅବଗତ କରାଯାଇଛି ।

କର୍ଣ୍ଣୁଲ ବସ୍ ଜଳିଯିବା ଘଟଣା

# ଦୁର୍ଘଟଣାରେ ଆମ୍ବଦଲା ଯୁବକଙ୍କ ମୃତ୍ୟୁ



ମୁନିଗୁଡ଼ା/ରାୟଗଡ଼ା, ୨୫ ।୧୦(ସମିସ): ଆନ୍ଧ୍ରପ୍ରଦେଶ, କର୍ଣ୍ଣୁଲରେ ଏକ ଦୁର୍ଘଟଣାରେ ବସ୍ ପୋଡ଼ି ପ୍ରାଣ ହରାଇଥିବା ୨୦ ଯାତ୍ରୀଙ୍କ ମଧ୍ୟରେ ଜଣେ ଓଡ଼ିଆ ଯୁବକ ରହିଛନ୍ତି । ମୃତ ଯୁବକଜଣଙ୍କ ହେଲେ, ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଅମ୍ବାଦଲା ଗ୍ରାମର କେଙ୍ଗୁଆ ଦୀପକ କୁମାର । ସେ ହାଇଦ୍ରାବାଦରେ ନିଜ ଭଉଣୀମାନଙ୍କ ସହ ରହୁଥିଲେ । ବେଙ୍ଗାଲୁରୁରେ ଆଇଟି ସେକ୍ଟର୍‌ରେ ସଫ୍ଟୱେୟାର୍ ଇଞ୍ଜିନିୟର୍ କାମ ପାଇଁ ଗତ ୨୩ ତାରିଖ ଦିନ ସେ ହାଇଦ୍ରାବାଦ୍‌ରୁ ବସ୍‌ରେ ବେଙ୍ଗାଲୁରୁ ଯାଉଥିଲେ । ଆଜି ତାଙ୍କ ପରିବାର ଘଟଣାସ୍ଥଳରେ ପହଞ୍ଚିବା ପରେ ତାଙ୍କର ଡିଏନ୍‌ଏ ଟେଷ୍ଟ ହୋଇଥିଲା । ଏଥିରୁ କେ. ଦୀପକ କୁମାରଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି । ମୃତଦେହକୁ ୪୮ ଘଣ୍ଟା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି । ତାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି ।

## ରାୟଗଡ଼ାରେ ହୋଇଥିଲା ବସ୍‌ର ପଞ୍ଜୀକରଣ

ରାୟଗଡ଼ା, ୨୫ ।୧୦(ସମିସ): ଗତ ଶୁକ୍ରବାର ଭୋର୍‌ରେ ଆନ୍ଧ୍ରର କର୍ଣ୍ଣୁଲ ଜିଲ୍ଲାରେ ଯେଉଁ ବସ୍‌ରେ ନିଆଁ ଲାଗି ୨୦ ଜଣ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଥିଲେ, ସେହି ବସ୍‌ର ପଞ୍ଜୀକରଣ ଓଡ଼ିଶାର ରାୟଗଡ଼ାରେ ହୋଇଥିବା ଜଣାପଡ଼ିଛି । ଭେମୁରି ବିନୋଦ କୁମାରଙ୍କ ମାଲିକାନାରେ ଥିବା ଏହି ବସ୍‌ର ପଞ୍ଜୀକରଣ ପ୍ରଥମେ ୨୦୧୮ ରେ ଦାମନ ଓ ଡ୍ୟୁରେ ହୋଇଥିଲା । ବସର ନମ୍ବର ହେଉଛି ଡିଡି୦୧-ଏନ୍୯୪୯୦ । ତେବେ ୨୯ଏପ୍ରିଲ ୨୦୨୫ରେ ଏହାର ପଞ୍ଜୀକରଣକୁ ଓଡ଼ିଶାର ରାୟଗଡ଼ା ଆରଟିଓକୁ ଟ୍ରାନ୍ସଫର ହୋଇଥିଲା । ଦାମନ ଓ ଡ୍ୟୁ ପଞ୍ଜୀକରଣ ଅନୁଯାୟୀ, ଏହି ବସ୍‌ର ଫିଟନେସ୍ ୨୦୨୭ ପର୍ଯ୍ୟନ୍ତ ବୈଧ ଥିବା ବେଳେ ରାଗୟଡ଼ା ଆରଟିଓ ପକ୍ଷରୁ ଜାରି ଫିଟନେସ୍ ସାର୍ଟିଫିକେଟ୍‌ରେ ଏହି ସମୟ ୨୦୨୫ରୁ ୨୦୩୦ ରହିଛି । ମୂଳରୁ ଏହି ବସ୍‌ରେ ସିଟିଂ ବ୍ୟବସ୍ଥା ଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ସ୍ଲିପର୍ କୋଚ୍‌ରେ ପରିଣତ କରାଯାଇଥିଲା । ଏଥିପାଇଁ ବସ୍ ମାଲିକ ଆବଶ୍ୟକ ଅନୁମତି ନେଇନଥିଲେ । କେବଳ ଏତିକି ନୁହେଁ, ସ୍ଲିପର କୋଚ୍ କରିବା ବେଳେ ଏଥିରେ ଆବଶ୍ୟକ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇନଥିଲା । ପଞ୍ଜୀକରଣଠାରୁ ଆରମ୍ଭ କରି ନିରାପତ୍ତା ବ୍ୟବସ୍ଥା ପର୍ଯ୍ୟନ୍ତ ସବୁଥିରେ ବେଆଇନ କାମ ହୋଇଥିବା ଜଣାପଡ଼ିଛି ।

# ତୁଳସୀ କ୍ଷେତ୍ରକୁ ଆସିଲା ଶ୍ରୀକ୍ଷେତ୍ରରୁ ପାଟବସ୍ତ୍ର

କେନ୍ଦ୍ରାପଡ଼ା, ୨୫।୧୦(ସମିସ): ପାରମ୍ପରିକ ପ୍ରଥା ଅନୁଯାୟୀ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରୁ କେନ୍ଦ୍ରାପଡ଼ା ତୁଳସୀ କ୍ଷେତ୍ରର ଆରାଧ୍ୟ ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ପାଇଁ ଆସିଛି ୩ଟି ପାଟବସ୍ତ୍ର । ଦେବୋତ୍ତର ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଶନିବାର ଅପରାହ୍ନରେ ନୀଳ, ରକ୍ତ ଓ ହରିଦ୍ରା ରଙ୍ଗର ତିନୋଟି ପାଟବସ୍ତ୍ର ବଡ଼ଭାଇ ଶ୍ରୀବଳଦେବଜୀଉ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଆସିଛି । ସନ୍ଧ୍ୟା ଆଳତି ପରେ ବଳଦେବଜୀଉ ମନ୍ଦିର ପ୍ରଶାସନ ପକ୍ଷରୁ ରୁପା ଥାଳିରେ ଉକ୍ତ ପାଟବସ୍ତ୍ରକୁ ଏକ ବର୍ଣ୍ଣାଢ଼୍ୟ ପଟୁଆରରେ ସିଂହଦ୍ୱାର ନିକଟକୁ ନିଆଯାଇ ବଡ଼ପଣ୍ଡା ମାଧବ ପତ୍ରୀ ଓ ଭାବଗ୍ରାହୀ ପତ୍ରୀଙ୍କୁ ପ୍ରଦାନ କରାଯାଇଥିଲା । ତାହାକୁ ବେଢ଼ା ପରିକ୍ରମା କରାଯିବା ପରେ ଠାକୁରଙ୍କ ଭଣ୍ଡାର ଘରେ ରଖାଯାଇଥିଲା । ଆସନ୍ତା ଶୁକ୍ଳ ଏକାଦଶୀ ତିଥିରେ ଏହି ପାଟବସ୍ତ୍ର ପରିଧାନ କରି ପ୍ରଲମ୍ବାସୁର ବଧ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ଶ୍ରୀବଳଦେବଜୀଉ ।


ପୌରାଣିକ କଥାବସ୍ତୁ ଅନୁଯାୟୀ, ଦ୍ୱାପର ଯୁଗରେ ମହାପ୍ରଭୁ ବଳରାମ ପ୍ରଲମ୍ବାସୁରକୁ ସଂହାର କରିଥିଲେ । ଏଥିରେ ଅନୁଜ ଶ୍ରୀକୃଷ୍ଣ ଖୁସି ହୋଇ କାନ୍ଧରୁ ଅଙ୍ଗବସ୍ତ୍ର ବାହାର କରି ବଡ଼ଭାଇ ବଳରାମଙ୍କ ମସ୍ତକରେ ବାନ୍ଧି ଦେଇଥିଲେ ।



ଦ୍ୱାପର ଯୁଗରେ ପ୍ରଲମ୍ବାସୁର ବଦ୍ଧ ପରେ ଶ୍ରୀକୃଷ୍ଣ ବଡ଼ଭାଇ ବଳରାମଙ୍କୁ ପାଟବସ୍ତ୍ର ପରିଧାନ କରିବାକୁ ଦେଇଥିଲେ । ଏହାକୁ ଆଧାର କରି ଏହି ପରମ୍ପରା ଦୀର୍ଘ ବର୍ଷ ଧରି ଚାଲି ଆସୁଥିବା ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି । ଶୋଭାଯାତ୍ରାରେ ବଳଦେବଜୀଉ ମନ୍ଦିର ପରିଚାଳନା ପରିଷଦ ଟ୍ରଷ୍ଟର ସଭାପତି ନବକୃଷ୍ଣ ଜେନା, ଟ୍ରଷ୍ଟ ବୋର୍ଡ ସଭ୍ୟ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ପଣ୍ଡିତ ହୃଷୀକେଶ ରଥ, ସଭ୍ୟ ତଥା ପୂର୍ବତନ ପୌରାଧ୍ୟକ୍ଷ ଧୀରେନ ସାହୁ, ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ସେବାୟତଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ ।

# ଆମରଣ ଅନଶନରତ ମାଓ ନେତା ଆଜାଦ ଗୁରୁତର

ଭୁବନେଶ୍ୱର,୨୫।୧୦(ସମିସ): ଶୁଣାଣି ବିଳମ୍ବ ହେଉଥିବା ପ୍ରତିବାଦ କରି ଆମରଣ ଅନଶନ କରିଥିବା ଦୁର୍ଦ୍ଦାନ୍ତ ମାଓନେତା ଡି. କେଶବ ରାଓ ଓରଫ ଆଜାଦ ଗୁରୁତର ହୋଇ ପଡ଼ିଛନ୍ତି । ତାଙ୍କୁ ଚିକିତ୍ସା ପାଇଁ ଝାରପଡ଼ା ଜେଲ୍ କର୍ତ୍ତୃପକ୍ଷ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି । କଡ଼ା ପୁଲିସ ସୁରକ୍ଷାରେ ସେ ଚିକିତ୍ସିତ ହେଉଛନ୍ତି । କେଶବ ରାଓ ୧୨ ଦିନ ହେବ ଆମରଣ ଅନଶନ ଜାରି ରଖିଛନ୍ତି । ଆଜାଦଙ୍କ ସମସ୍ତ ମାମଲା ଏକ କମିଟି ଗଠନ କରି ଶୁଣାଣି ଶେଷ କରିବା ପାଇଁ ସୁପ୍ରିମ୍‌କୋର୍ଟ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । କୋର୍ଟଙ୍କ ଏହି ନିର୍ଦ୍ଦେଶ ଆଧାରରେ ଆନ୍ଧ୍ର ସରକାର କମିଟି ଗଠନ କରିଥିବା ବେଳେ ଓଡ଼ିଶା ସରକାର ଏପର୍ଯ୍ୟନ୍ତ କରିନାହାଁନ୍ତି । ପୂର୍ବରୁ ମଧ୍ୟ ସେ ଏନେଇ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ ଚିଠି ଲେଖି ଜଣାଇଥିଲେ; କିଛି ଫଳ ନ ମିଳିବାରୁ ସେ ଆମରଣ ଅନଶନ କରିଛନ୍ତି । ମାଓନେତା ଆଜାଦ ଓଡ଼ିଶାରେ ବିଭିନ୍ନ ହିଂସାକାଣ୍ଡରେ ସମ୍ପୃକ୍ତି ନେଇ ବିଚାରାଧୀନ କଏଦୀ ଭାବେ ଝାରପଡ଼ା ଜେଲ୍‌ରେ ଅଛନ୍ତି । ୨୦୧୧ ମସିହା ମେ' ମାସ ୧୮ ତାରିଖରେ



■ କ୍ୟାପିଟାଲ ହସ୍‌ପିଟାଲରେ ଚିକିତ୍ସିତ
■ ତୁରନ୍ତ ଶୁଣାଣି କରି ନ୍ୟାୟ ପ୍ରଦାନ ଦାବି

ଆଜାଦ ଆନ୍ଧ୍ରପ୍ରଦେଶ ପୁଲିସ ଡିଜିଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ । ଏହା ପରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ଘଟଣା, ନୟାଗଡ ଅସ୍ତ୍ରାଗାର ଲୁଟ୍, ଆର.ଉଦୟଗିରି ଜେଲ ଆକ୍ରମଣ ପରି ବହୁ ବଡ଼ ବଡ଼ ହିଂସା କାଣ୍ଡରେ ଆଜାଦଙ୍କ ସମ୍ପୃକ୍ତି ଥିବା ଅଭିଯୋଗରେ ଓଡ଼ିଶା ପୁଲିସ ଆଜାଦଙ୍କୁ ଗିରଫ କରିଥିଲା ।

## ଭିଜିଲାନ୍ସ ଜାଲରେ ସ୍ୱତନ୍ତ୍ର ଟ୍ରେଜେରୀର ଚତୁର୍ଥ ଶ୍ରେଣୀ କର୍ମଚାରୀ



୪୭ ହଜାର ଟଙ୍କା ଲାଞ୍ଚ ନେଉଥିଲେ

ଜୟପୁର,୨୫ ।୧୦(ସମିସ): ସ୍ଥାନୀୟ ସ୍ୱତନ୍ତ୍ର ଟ୍ରେଜେରୀ କାର୍ଯ୍ୟାଳୟର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ୪୭ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ଅଭିଯୁକ୍ତଙ୍କ ନିକଟରୁ ୪୭ ହଜାର ଲାଞ୍ଚ ଟଙ୍କା ଜବତ ହୋଇଛି । ଗିରଫ ଅଭିଯୁକ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ (ପିଅନ) ହରିଶ୍ଚନ୍ଦ୍ର ମହାପାତ୍ରଙ୍କୁ ଭିଜିଲାନ୍ସ ଏସ୍‌ପି କାର୍ଯ୍ୟାଳୟକୁ ଆଣି ପଚରାଉଚରା ସହ ତାଙ୍କର ଆୟ ବହିର୍ଭୂତ ସମ୍ପତ୍ତିର ଯାଞ୍ଚ କରାଯାଉଛି ।

ସ୍ଥାନୀୟ ବନ୍ଦୋବସ୍ତ ବିଭାଗର ମୃତ କର୍ମଚାରୀ ରାଜେନ୍ଦ୍ର ଖରାଙ୍କ ଚାକିରି କାଳର ୩ଲକ୍ଷ ୪୮ ହଜାର ବକେୟା ଟଙ୍କାର ବିଲ୍ ପ୍ରସ୍ତୁତ କରାଯାଇ ତାଙ୍କ ବିଧବା ପତ୍ନୀଙ୍କ ନାମରେ ପ୍ରଦାନ କରିବା କରିବା ପାଇଁ ୨୫ ପ୍ରତିଶତ ଭାବେ ୮୭ହଜାର ଟଙ୍କା ଲାଞ୍ଚ ବାବଦକୁ ଦାବି କରାଯାଇଥିଲା । ପ୍ରଥମେ ସେ ୪୦ ହଜାର ଟଙ୍କା ଗ୍ରହଣ କରିଥିଲେ । ବଳକା ୪୭ ହଜାର ପ୍ରଦାନ କରିବା ନେଇ ବିଧବା ମହିଳା ଏବଂ ତାଙ୍କ ପରିବାର ଉପରେ ଚାପ ପକାଉଥିଲେ । ଏହି ଅର୍ଥ ନଦେଲେ ଆସନ୍ତା ମାସରେ ପେନସନ୍ ଟଙ୍କା ବନ୍ଦ କରାଯିବ ବୋଲି ଧମକ ଦେଇଥିଲେ । ଶେଷରେ ଅଭିଯୋଗକାରିଣୀ ଭିଜିଲାନ୍ସ ଦ୍ୱାରସ୍ଥ ହୋଇଥିଲେ ।

# ବିର୍ଲା ସ୍କୁଲ ଅଫ୍ ଲ'ରେ ଜାତୀୟସ୍ତରୀୟ ମୁଟ୍ କୋର୍ଟ

## ଅବହେଳିତଙ୍କୁ ଆଇନ ସହାୟତା ଯୋଗାଇବାକୁ ବିଚାରପତିଙ୍କ ଆହ୍ୱାନ




ଭୁବନେଶ୍ୱର, ୨୫ ।୧୦ (ସମିସ): ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟିର ବିର୍ଲା ସ୍କୁଲ ଅଫ୍ ଲ' ବିଭାଗ ପକ୍ଷରୁ ଚାଲିଥିବା ଜାତୀୟସ୍ତରୀୟ ମୁଟ୍ କୋର୍ଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଖ୍ୟାତନାମା ଆଇନଜୀବୀ ତଥା ସାମାଜିକ ନ୍ୟାୟ କର୍ମୀ ସ୍ୱର୍ଗତ ଅର୍ଜୁନଲାଲ ଅଗ୍ରୱାଲଙ୍କ ସ୍ମୃତିରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣରେ କିଟ୍ ସ୍କୁଲ୍ ଅଫ୍ ଲ' ବିଜୟୀ ହୋଇଥିବା ବେଳେ ଉତ୍ତରପ୍ରଦେଶ ନୋଏଡ଼ାସ୍ଥିତ ସିମ୍ବୋସିସ୍ ଲ' ସ୍କୁଲ୍ ଉପବିଜେତା ହୋଇଛି । ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳିତ, ଅବହେଳିତ, ନିଷ୍ପେସିତ ଓ ସମାଜର ଶେଷ ଧାଡ଼ିରେ ଥିବା ଲୋକଙ୍କୁ ଆଇନ ସହାୟତା ଯୋଗାଇଦେବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି । ସେହିପରି ସମ୍ମାନିତ ଅତିଥି ଭାବେ ଆଇନଜୀବୀ ରମେଶ ଅଗ୍ରୱାଲ ଯୋଗଦେଇ ଆଇନକୁ ଭଲରେ ଜାଣିଲେ ଜିଣିପାରିବେ ବୋଲି କହିଛନ୍ତି ।

ୟୁନିଭର୍ସିଟିର କୁଳପତି ଡ. କୁଳଭୂଷଣ ବାଲୁନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲ' ସ୍କୁଲ୍‌ର ଡିନ୍ ଡ. ସୁକାନ୍ତ କୁମାର ନନ୍ଦ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସହକାରୀ ପ୍ରାଧ୍ୟାପକ ସ୍ୱାଗତ ଦାସ ଧନ୍ୟବାଦ ଦେଇଥିଲେ । ସେହିପରି ଡ. ବି.କେ ଦାସ ଆଇନକୁ କ୍ୟାରିୟର୍ ଭାବେ ଗ୍ରହଣ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଉଦ୍‌ଘାଟନୀ ଅଧିବେଶନରେ ଆଇନ ବିଭାଗର ପୂର୍ବତନ ପ୍ରମୁଖ ସଚିବ ଧନେଶ୍ୱର ମଲ୍ଲିକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ ।

ଏନ୍‌ଡିପିଏସ୍ ଆଇନ ଏବଂ ଫୌଜଦାରୀ ଆଇନ ଉପରେ ଆଧାରିତ ଚଳିତବର୍ଷର ପ୍ରତିଯୋଗିତାରେ ଦେଶର ବିଭିନ୍ନପ୍ରାନ୍ତରୁ ୧୫ଟି ଆଇନ କଲେଜ ଅଂଶଗ୍ରହଣ କରିଥିଲେ । ମୋଟ ୪୫ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟ ବାଜି ମାରିନେଇଛି । ପୁରସ୍କାର ସ୍ୱରୂପ ବିଜେତା ଦଳକୁ ୫୫ ହଜାର ଟଙ୍କା ସହ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ଅଧ୍ୟାପକ/ଅଧ୍ୟାପିକଙ୍କ ସମେତ ବହୁ ଛାତ୍ରଛାତ୍ରୀ ସାମିଲ ଥିଲେ ।

ଏମ୍‌ଭି-୭୯ ବିଦ୍ୟାଳୟରେ ଦୁଇ ଛାତ୍ରୀ ମୃତ୍ୟୁ ଘଟଣା

## ଡିଜିପିଙ୍କ ନିର୍ଦ୍ଦେଶକ୍ରମେ ମାମଲାର ତଦନ୍ତ କରିବ କ୍ରାଇମ୍‌ବ୍ରାଞ୍ଚ

ଭୁବନେଶ୍ୱର,୨୫।୧୦(ସମିସ): ଏମ୍‌ଭି-୭୯ ବିଦ୍ୟାଳୟରେ ଦୁଇ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର ତଦନ୍ତ କରିବ କ୍ରାଇମବ୍ରାଞ୍ଚ । ଡିଜିଙ୍କ ନିର୍ଦ୍ଦେଶ ପରେ କ୍ରାଇମ୍‌ବ୍ରାଞ୍ଚ ଏନେଇ ଏକ ମାମଲା ରୁଜୁ କରିଛି । ଏହି ମାମଲା ମହିଳା ସମ୍ପର୍କିତ ହୋଇଥିବାରୁ ମାମଲାର ତଦନ୍ତ କରିବ କ୍ରାଇମବ୍ରାଞ୍ଚ ମହିଳା ୱିଙ୍ଗ୍ (ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା) ।

ଅଭିଯୋଗ ଅନୁସାରେ, ଏମ୍‌ଭି ୭୨ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇ ଛାତ୍ର ୨୦୨୫ ଫେବ୍ରୁଆରୀ ୬ରେ ସ୍କୁଲରୁ ନିଖୋଜ ହୋଇଯାଇଥିଲେ । ହେଲେ ଏହାର ପରଦିନ ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଏହି ଘଟଣାକୁ ନେଇ ସ୍କୁଲ କର୍ତ୍ତୃପକ୍ଷ ଏବଂ ଅଭିଭାବକମାନେ ବସି ଆଲୋଚନା କରିଥିଲେ । ହେଲେ ସେହିଦିନ ସନ୍ଧ୍ୟାରେ ଏକ ଅଜଣା ଫୋନ୍ ନମ୍ବର ଅସିତ ଦାଶଙ୍କ ପାଖକୁ ଆସିଥିଲା । ଏହି ମାମଲାରେ ନପଡ଼ିବାକୁ ତାଙ୍କୁ ଧମକ ଚମକ ଦେଇଥିଲେ । ଦୁଇଝିଅକୁ ମାରିବା ଭଳି ଅସିତଙ୍କୁ ବି ମାରିବାକୁ ଧମକ ଦେଇଥିଲେ । ଏନେଇ ଅସିତ ଏମ୍‌ଭି-୭୯ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କିଛି ଫଳ ମିଳିନଥିଲା । ପୁଲିସ କେବଳ ମାମଲା ରୁଜୁ କରି ବସିପଡ଼ିଥିଲା । ଶେଷରେ ଏନେଇ ଗୃହ ବିଭାଗକୁ ଅସିତ ଚିଠି ଲେଖିଥିଲା । ଗୃହ ବିଭାଗ ପୁଲିସ ଡିଜିକୁ ଚିଠି ନଂ-୩୭୪୪୫ କରିବା ପରେ କ୍ରାଇମ୍‌ବ୍ରାଞ୍ଚ ମାମଲା ରୁଜୁ କରି ତଦନ୍ତ କରୁଛି ।

# ଖୋଲିଲା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲ୍

ସପ୍ତାହେ ବଢ଼ିବ ଆବେଦନ ଅବଧି

ଭୁବନେଶ୍ୱର, ୨୫ ।୧୦(ସମିସ): ଷ୍ଟେଟ୍ ସ୍କଲାରସିପ୍ ପୋର୍ଟାଲ୍ ପୁଣିଥରେ ସଚଳ ହୋଇଛି । ଗତକାଲି ୱେବ୍‌ସାଇଟ୍ ସମ୍ପୂର୍ଣ୍ଣ କ୍ରାସ୍ ହୋଇଯିବା ଫଳରେ ଛାତ୍ରଛାତ୍ରୀମାନେ ବୃତ୍ତି ପାଇଁ ଆବେଦନ କରିପାରି ନ ଥିଲେ । ଏପରିକି ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା, ବ୍ୟାସକବି ଫକୀର ମୋହନ ସ୍କଲାରସିପ୍ ଏବଂ ଇ-ମେଧାବୃତ୍ତି ସ୍କଲାରସିପ୍ ପାଇଁ ଗତକାଲି ଅର୍ଥାତ୍ ଶୁକ୍ରବାର ଶେଷ ତାରିଖ ହୋଇଥିବାରୁ ବହୁ ଛାତ୍ରଛାତ୍ରୀ ଛାତ୍ରବୃତ୍ତି ଆବେଦନରୁ ବଞ୍ଚିତ ହୋଇଥିଲେ । ଅଚଳ ୱେବସାଇଟ୍‌ର ସ୍କ୍ରିନ୍‌ସଟ୍ ନେଇ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଅନେକ ପିଲା ପୋଷ୍ଟ କରିବା ସହ ଆବେଦନ ଅବଧି ବଢ଼ାଇବାକୁ ଦାବି କରିଥିଲେ । ଏ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗର ସ୍କୋଲାର୍‌ସିପ୍ ଦାୟିତ୍ୱରେ ଥିବା ଯୁଗ୍ମ ସଚିବ ଅଶୋକ କୁମାର ଗୌଡ଼ କହିଛନ୍ତି ଯେ ପିଲାଙ୍କ ଅଭିଯୋଗ ଓ ଅନୁରୋଧକୁ ବିଚାର କରି ଆବେଦନ ଅବଧି ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଛି । ରବିବାର ବା ସୋମବାର ୫ରୁ ୭ଦିନ ପର୍ଯ୍ୟନ୍ତ ଆବେଦନ ଅବଧି ବଢ଼ାଇବାକୁ ବିଜ୍ଞପ୍ତି ପ୍ରକାଶ ପାଇବ । ହେଲେ ଛାତ୍ରଛାତ୍ରୀମାନେ ଯଥାଶିଘ୍ର ଆବେଦନ କରିବାକୁ ପରାମର୍ଶ ଦେବା ସହ ଅଧିକରୁ ଅଧିକ ପିଲା ଆବେଦନ କରିବାକୁ ଆହ୍ୱାନ ଦେଇଛନ୍ତି ।

ଆସୁଛି ବାତ୍ୟା ମୋନ୍ଥା

# ଗଞ୍ଜାମକୁ ପବନ ଭୟ

ବ୍ରହ୍ମପୁର/ଛତ୍ରପୁର,୨୫ ।୧୦(ସମିସ): ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ନେଇ ଏବେ ଚିନ୍ତା । ବାତ୍ୟା ସ୍ଥଳଭାଗ ଛୁଇଁବାର ସମୟ ଯେତିକି ପାଖେଇ ଆସୁଛି, ଗଞ୍ଜାମ ଜିଲ୍ଲାବାସୀଙ୍କୁ ପବନର ଭୟ ସେତିକି ଘାରୁଛି । ବିଭିନ୍ନ ସମୟରେ ଭିନ୍ନଭିନ୍ନ ବାତ୍ୟାକୁ ସାମ୍ନା କରିଥିବା ଗଞ୍ଜାମ ଜିଲ୍ଲାବାସୀ ଏଥର ମଧ୍ୟ ନିଜକୁ ଦୃଢ଼ କରିଛନ୍ତି ।

୨୮ ତାରିଖ ସନ୍ଧ୍ୟା ପରେ ବାତ୍ୟା 'ମୋନ୍ଥା' ଆନ୍ଧ୍ରରେ ଲ୍ୟାଣ୍ଡଫଲ୍ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଉଛି । ଆନ୍ଧ୍ରର ମଛଲିପଟ୍ଟନମ୍-କଳିଙ୍ଗପଟନମ୍ ଭିତରେ କାକିନାଡ଼ା ନିକଟରେ ସ୍ଥଳଭାଗ ଛୁଇଁବା ନେଇ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ । ୨୮ ତାରିଖ ସନ୍ଧ୍ୟାରୁ ରାତି ଭିତରେ ଲ୍ୟାଣ୍ଡଫଲ କରିପାରେ । ଲ୍ୟାଣ୍ଡଫଲ୍ ବେଳେ ସର୍ବାଧିକ ୧୧୦ କିମି ବେଗରେ ପବନ ବହିବ । ୨୬ ତାରିଖ ସକାଳୁ ଗଭୀର ଅବପାତରେ ପରିଣତ ହେବ । ୨୭ ତାରିଖ ସକାଳୁ ବାତ୍ୟାର ରୂପ ନେବ । ୨୭ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶା ଓ ପଶ୍ଚିମ ଓଡ଼ିଶାରେ ବର୍ଷା ହେବ । ଏଥିପାଇଁ ବିଭିନ୍ନ ଜିଲ୍ଲାକୁ ଆଲର୍ଟ କରାଯାଇଛି । ଦକ୍ଷିଣ ଓଡ଼ିଶାରେ ମଧ୍ୟ ପ୍ରବଳ ବର୍ଷା ଅନୁମାନ କରାଯାଉଥିବାରୁ ସରକାରଙ୍କ ପକ୍ଷରୁ ସତର୍କତା ଜାରି କରାଯାଇଛି । ବାତ୍ୟା ସମୟରେ ଝଡ଼ତୋଫାନ ସହ ୬୦ରୁ ୭୦କିମି ବେଗରେ ପବନ ବହିବା ନେଇ ପୂର୍ବାନୁମାନ କରାଯାଇଛି ।

ଆନ୍ଧ୍ର-ଓଡ଼ିଶା ସୀମାରେ ଗଞ୍ଜାମ ଜିଲ୍ଲା ଥିବାରୁ ଏଠାକାର ପ୍ରଶାସନ ବାତ୍ୟା ମୁକାବିଲାକୁ ବେଶ୍ ଗୁରୁତର ସହକାରେ ଗ୍ରହଣ କରିଛି । ସମ୍ଭାବ୍ୟ ବାତ୍ୟା ପାଇଁ ଗଞ୍ଜାମ ଜିଲ୍ଲାରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ପରିସ୍ଥିତି ନିୟନ୍ତ୍ରଣାଧୀନ ହେବା ପର୍ଯ୍ୟନ୍ତ ଛୁଟି ବାତିଲ ହୋଇଛି । ଛୁଟିରେ ଥିବା କର୍ମଚାରୀଙ୍କୁ ତୁରନ୍ତ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଅଧିକାରୀଙ୍କୁ ନିଜ ନିଜ ମୁଖ୍ୟାଳୟରେ ରହିବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି । ବାତ୍ୟା ମୋନ୍ଥା ଲାଗି ଗଞ୍ଜାମ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ଥିବାରୁ ସଜାଗ ରହିବାକୁ କୁହାଯାଇଛି । ଏନେଇ ଗଞ୍ଜାମ ଜିଲ୍ଲାପାଳଙ୍କ ଓସ୍ୱାନ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଆଭାସୀ ମାଧ୍ୟମରେ ଜିଲ୍ଲାର ସମସ୍ତ ପ୍ରତି ପଞ୍ଚାୟତ ଓ ସହରାଞ୍ଚଳ ଜନ ପ୍ରତିନିଧିମାନଙ୍କୁ ନେଇ ଏକ ହ୍ୱାଟ୍ସଆପ ଗ୍ରୁପ୍ କରିବାକୁ କୁହାଯାଇଛି । ଅଗ୍ନିଶମ ବିଭାଗ ଓ ଓଡ୍ରାଫ୍ ସମେତ ସମସ୍ତ ଲାଇନ ବିଭାଗ ସଜାଗ ରହିବାକୁ କୁହାଯାଇଛି । ଅଧିକ ବର୍ଷା ଆଶଙ୍କା ଥିବାରୁ କଳିଙ୍ଗା ଘାଟି ଉପରେ ଅଧିକ ଫୋକସ୍ ରଖିବାକୁ କୁହାଯାଇଛି । ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ଗ୍ରାମ ପଞ୍ଚାୟତୱାରୀ ନୋଡାଲ ଅଫିସର ନିଯୁକ୍ତି କରାଯାଇଛି । ବନ୍ୟାପ୍ରବଣ ଅଞ୍ଚଳକୁ ଚିହ୍ନଟ କରାଯାଇଛି, ଆବଶ୍ୟକ ହେଲେ ଲୋକଙ୍କୁ



■ ମୁକାବିଲା ଲାଗି ପ୍ରସ୍ତୁତି, ଜିରୋ କାଜୁଆଲିଟିକୁ ଗୁରୁତ୍ୱ
■ ୩୦ ତାରିଖ ଯାଏ ମୁଖ୍ୟାଳୟ ଛାଡ଼ିବେନି ସରକାରୀ କର୍ମଚାରୀ

ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଡ଼ି ହୋଇଥିଲେ । ଜିଲ୍ଲାରେ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦିଆଯାଇଛି । ଅକ୍ଟୋବର ୨୫ତାରିଖରୁ ୩୦ତାରିଖ ଯାଏଁ କୌଣସି ଅଧିକାରୀ ମୁଖ୍ୟାଳୟ ଛାଡ଼ି ନ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ସେହିଭଳି ଜିଲ୍ଲାରେ ଥିବା ସମୁଦ୍ର କୂଳିଆ ଅଞ୍ଚଳଗୁଡ଼ିକରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି । ଜିଲ୍ଲାରେ ଥିବା ୧୧୦ଟି ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ଏବଂ ସ୍କୁଲଗୁଡ଼ିକୁ ପ୍ରସ୍ତୁତ କରି ରଖିବା ସହ ସେଠାରେ ବୈଠକ କରି ଲୋକଙ୍କୁ ସଚେତନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପୃଷ୍ଟି ନିର୍ଦ୍ଦେଶ ଦେଇଛନ୍ତି । ବ୍ଲକ ଓ ଜିଲ୍ଲାସ୍ତରୀୟ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି । ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହାସହ ଗର୍ଭବତୀଙ୍କୁ ଦରକାର ପଡ଼ିଲେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ । ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଆବଶ୍ୟକ ପଡ଼ିଲେ କିପରି ସ୍ଥାନାନ୍ତର କରାଯିବ, ଶୁଖିଲା ଏବଂ ରନ୍ଧା ଖାଦ୍ୟ କିପରି ମହଜୁଦ ରହିବ । ଏହାସହ ସମସ୍ତ ବିଭାଗୀୟ ଅଧିକାରୀ କିପରି ନିଜ ବିଭାଗ ଅନୁସାରେ ସଠିକ କାର୍ଯ୍ୟ କରିବେ ସେଥିପାଇଁ କୁହାଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଜିଲ୍ଲା ଜରୁରିକାଳୀନ ଅଧିକାରୀ ଅଭିଷେକ ସାହୁଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର-୨୦୨୪ ପ୍ରଦାନ ସମାରୋହ

# ପୁରସ୍କାର ଗ୍ରହଣ କଲେ ୨୨ ଭାଷାର ଅନୁବାଦକ, ଓଡ଼ିଶାରୁ ତିନି ଜଣ

ଭୁବନେଶ୍ୱର,୨୫।୧୦(ସମିସ): କେନ୍ଦ୍ର ସାହିତ୍ୟ ଏକାଡେମୀର ଅନୁବାଦ ପୁରସ୍କାର-୨୦୨୪ ପ୍ରଦାନ ସମାରୋହ କୋଲକାତାର ଜାତୀୟ ଗ୍ରନ୍ଥାଗାରସ୍ଥିତ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାଷା ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୨୨ଟି ଭାଷାର ଅନୁବାଦକଙ୍କୁ ପୁରସ୍କାର ପ୍ରଦାନ

## ଓଡ଼ିଆ ଭାଷା ପାଇଁ ସୁଭାଷ ଶତପଥୀ ପୁରସ୍କୃତ

କରାଯାଇଛି । ବରିଷ୍ଠ ଲେଖକ ଓ ଅନୁବାଦକ ସୁଭାଷ ଚନ୍ଦ୍ର ଶତପଥୀଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ପ୍ରଦାନ କରାଯାଇଛି । ଇଂରାଜୀ ଭାଷାରେ ରଚିତ ବିଶିଷ୍ଟ ଲେଖକ ରସ୍କିନ୍ ବଣ୍ଡଙ୍କ ଆତ୍ମଜୀବନୀ 'ଲୋନ୍ ଫକ୍ସ ଡ୍ୟାନ୍ସିଂ'ର ଓଡ଼ିଆ ଅନୁବାଦ







'କୋକିଶିଆଳିର ଏକକ ନୃତ୍ୟ' ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ସେହିପରି ଓଡ଼ିଶାରୁ ସଂସ୍କୃତ ପାଇଁ ସୋମନାଥ ଦାଶ, ତେଲୁଗୁ ପାଇଁ ବ୍ରହ୍ମପୁରର ତୁର୍ଲାପାଟୀ ରାଜେଶ୍ୱରରୀଙ୍କୁ ପୁରସ୍କୃତ କରାଯାଇଛି ।

ସମାରୋହରେ ଏକାଡେମୀର ସଭାପତି ଡକ୍ଟର ମାଧବ କୌଶିକ ଅଧ୍ୟକ୍ଷତା କରିବା କରିବା ସହ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରି ଭାରତୀୟ ସାହିତ୍ୟରେ ଅନୁବାଦ ବିଭାଗ ଖୁବ୍ ସମୃଦ୍ଧ ବୋଲି କହିଥିଲେ । ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ସୁକାନ୍ତ ଚୌଧୁରୀ ଯୋଗଦେଇ ଭାଷା ଓ ସାହିତ୍ୟର ସମୃଦ୍ଧିରେ ଅନୁବାଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ଗୋଟିଏ ଭାଷା ସହିତ ଆଉ ଗୋଟିଏ ଭାଷା ମଧ୍ୟରେ ଅନୁବାଦ ଏକ ସେତୁ ଭଳି କାମ କରିଥାଏ । ତେଣୁ ଅନୁବାଦ କାର୍ଯ୍ୟ ସମ୍ପାଦନ କଲାବେଳେ ଅନୁବାଦକମାନେ ଖୁବ୍ ସତର୍କ ଓ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ । ପ୍ରାରମ୍ଭରେ ଏକାଡେମୀର ସଚିବ ଡ. କେ ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ମାନପତ୍ର ପାଠ କରିଥିଲେ ଏବଂ ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ରୋବନ୍ତି ବନ୍ଦୋପାଧ୍ୟାୟ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ସାହିତ୍ୟ ଏକାଡେମୀର ଉପାଧ୍ୟକ୍ଷ ପ୍ରଫେସର କୁମୁଦ ଶର୍ମା ସମାପନୀ ଭାଷଣ ପ୍ରଦାନ କରିଥିଲେ । ଏହି ପୁରସ୍କାର ସମାରୋହରେ ବିଭିନ୍ନ ଭାରତୀୟ ଭାଷାର ଲେଖକ ଲେଖିକା ଯୋଗ ଦେଇଥିଲେ । ଏହି ଅବସରରେ ଆଜି ସାହିତ୍ୟ ଏକାଡେମୀ କାର୍ଯ୍ୟାଳୟସ୍ଥିତ ପ୍ରେକ୍ଷାଳୟରେ ଏକାଡେମୀର ଉପାଧ୍ୟକ୍ଷ ପ୍ରଫେସର କୁମୁଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁବାଦକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୁରସ୍କାର ବିଜେତାମାନେ ଅନୁବାଦକ ଭାବରେ ସେମାନଙ୍କର ଯାତ୍ରା ଏବଂ ଅନୁବାଦର ସୃଜନଶୀଳ ପ୍ରକ୍ରିୟା ବିଷୟରେ ଆଲୋକପାତ କରିଥିଲେ ।

## ଟେଲିଭିଜନ ପ୍ରିମିୟର




ଜୀ ସାର୍ଥକରେ ଅକ୍ଟୋବର ୨୬ ତାରିଖ ସନ୍ଧ୍ୟା ୬ଟା ୩୦ରେ ଟେଲିଭିଜନ ପ୍ରିମିୟର ହେବ ଓଡ଼ିଆ ବ୍ଲକ୍‌ବଷ୍ଟର୍ ଫିଲ୍ମ 'ଅନନ୍ତା'। ବ୍ୟାସକବି ଫକୀର ମୋହନ ସେନାପତିଙ୍କ କାଳଜୟୀ ସୃଷ୍ଟି 'ରାଣ୍ଡୀପୁଅ ଅନନ୍ତା' ଅବଲମ୍ବନରେ ତିଆରି ଏହି ଫିଲ୍ମ 'ଅନନ୍ତା'ର ମୌଳିକ କାହାଣୀଟି ରଜରେ ଦର୍ଶକଙ୍କୁ ହଲକୁ ଟାଣିଥିଲା। ଅନେକ ଦର୍ଶକ ଏହି ଚଳଚ୍ଚିତ୍ରର 'ଅନନ୍ତା'କୁ ଦେଖି ଭାବୁକ ହୋଇଥିଲେ ଓ କିଛି ଫିଲ୍ମ ହଲ୍‌ରେ ମଧ୍ୟ କାନ୍ଦି ପକାଇଥିଲେ । ତେବେ ଅନନ୍ତା ଚଳଚ୍ଚିତ୍ର ବଡ଼ ପରଦରେ ଅପୂର୍ବ ସଫଳତା ପରେ ପ୍ରଥମ ଥର ଫିଲ୍ମର ୱାର୍ଲ୍ଡ ଟିଭି ପ୍ରିମିୟର ଆଜି ହେବ। ଏହି ଫିଲ୍ମରେ ସବ୍ୟସାଚୀଙ୍କ ବିପକ୍ଷରେ ଅଛନ୍ତି ସୂର୍ଯ୍ୟମୟୀ ମହାପାତ୍ର। ଏମାନଙ୍କ ବ୍ୟତୀତ କୁନା ତ୍ରିପାଠୀ, ଜ୍ୟୋତିର୍ମୟୀ ପଣ୍ଡା, ପୃଥ୍ୱୀରାଜ ନାୟକ ଓ ତାପସ ସରଘରିଆ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ସବ୍ୟସାଚୀ ମହାପାତ୍ର ଓ କୁମାର ସି.ଦେବ ମହାପାତ୍ର । ■

## ନଭେମ୍ବରରେ ନାଟ୍ୟାଭିନୟ
# ବାଲିଯାତ୍ରା



ପ୍ରାଚୀନ କଳିଙ୍ଗର ସୁପ୍ରସିଦ୍ଧ ସାଧବମାନଙ୍କର ସ୍ୱର୍ଣ୍ଣିମ ଇତିହାସର ଏକ ଧାର୍ମିକ ନାଟ୍ୟାଭିନୟ ହେଉଛି 'ବାଲିଯାତ୍ରା'। ସାଧବମାନଙ୍କର ଅସାଧାରଣ ଅନୁଭୂତିକୁ ମୂର୍ତ୍ତିମନ୍ତ କରିବାର ଏକ ଅଭିନବ ପ୍ରୟାସ। ପୂଜ୍ୟ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କ କାବ୍ୟାତ୍ମକ ଅନୁସୃଜନ ଉପରେ ଆଧାରିତ ଗୌରବୋଜ୍ଜ୍ୱଳ ନାଟ୍ୟରୂପାନ୍ତରଣ ହେଉଛି 'ବାଲିଯାତ୍ରା'। ଯାହାର ପରିକଳ୍ପନା ଓ ଗୀତ ରଚନା ସାଙ୍ଗକୁ ସଙ୍ଗୀତ ନିର୍ଦ୍ଦେଶନାର ଗୁରୁ ଦାୟିତ୍ୱ ବହନ କରିଛନ୍ତି ନିଜେ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ବିନି ସାମଲ। ସାଇଶ୍ରଦ୍ଧା ପ୍ରଡକ୍ସନ ଦ୍ୱାରା ପ୍ରସ୍ତୁତ ଏହି ନାଟ୍ୟାଭିନୟକୁ ଦେଶବିଦେଶରେ ପହଞ୍ଚାଇବା ତଥା ଅତୀତର ଗୌରବ ଗାଥାକୁ ପୁନର୍ଜୀବିତ କରିବା ଲାଗି ବିନି ସାମଲଙ୍କର ଏହା ଅନନ୍ୟ ପ୍ରୟାସ। ଏଥିରେ ଅଶ୍ରୁମୋଚନ ମହାନ୍ତି, ଶ୍ରୀତମ ଦାସ, ସୁକାନ୍ତ ରଥ, ଅଖିଳ ପଟ୍ଟନାୟକ, ସାହେବ ସିଂ, ସୋହମ, ଶୁଭାଶିଷ, ଶକ୍ତି ବରାଳ, ଶମ୍ଭୁ ଖୁଣ୍ଟିଆ, ମିଲୁ, ହିତୈଶା ବାଗ, ଲଭରିନ ଖାନ, ସୌମ୍ୟା ସୁଚରିତା ସାହୁ, ସୁଶ୍ରୀ ସଙ୍ଗୀତା ବେହେରା, ମାମାଲି ସାହୁ, ଲିପ୍ସା ମହାରଣା ଓ ପ୍ରିୟଙ୍କା ସାହୁ ପ୍ରମୁଖ ଅଭିନୟ କରିଛନ୍ତି। ସେହିପରି ପାରିକୁଦ ଓ ଭିଙ୍ଗାରପୁର ଠାରେ ଏହାର ସୁଟିଂ ଚାଲିଥିବା ବେଳେ କୋରିଓଗ୍ରାଫି ଦାୟିତ୍ୱ ନିର୍ବାହ କରୁଛନ୍ତି ବବି ଇସଲାମ୍। ତବେ ଆସନ୍ତା ନଭେମ୍ବର ୫ ତାରିଖରେ ଉତ୍କଳ ମଣ୍ଡପରେ ଏହା ରାଜ୍ୟପାଳଙ୍କ ଦ୍ୱାରା ଲୋକାର୍ପିତ ହେବ। ଗୁରୁ ଚନ୍ଦ୍ରଭାନୁ ଶତପଥୀଙ୍କ ମାର୍ଗଦର୍ଶନ ଓ ବିନି ସାମଲଙ୍କ ପ୍ରଚେଷ୍ଟାରେ 'ଶ୍ରୀଜଗନ୍ନାଥଙ୍କ ନବକଳେବର'ର ସଫଳତା ପରେ ଏଥର 'ବାଲିଯାତ୍ରା'ର ନାଟ୍ୟାଭିନୟ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି 'ବାଲିଯାତ୍ରା'ର ଟିମ୍ ଆଶାବ୍ୟକ୍ତ କରିଛନ୍ତି। ■

# ଆଓ ଓଟିଟିରେ 'କର୍ମ'




ପୂର୍ବ ଭାରତର ଲୋକପ୍ରିୟ ଓ ପ୍ରିମିୟମ୍ ଓଟିଟି ଷ୍ଟ୍ରିମିଂ ପ୍ଲାଟଫର୍ମ ଆଓ ନେକ୍ସଟ୍‌ରେ ଅକ୍ଟୋବର ୨୧ରୁ ଉପଲବ୍ଧ ହୋଇସାରିଛି ସୁପରହିଟ୍ ଫିଲ୍ମ 'କର୍ମ'। ୨୦୨୪ ଦଶହରାରେ ସୁନାମୀ ଆଣିଥିଲା ଏହି ଫିଲ୍ମ। ଧରାପୃଷ୍ଠରେ ଜନ୍ମ ନେଇ ଈଶ୍ୱର ମଧ୍ୟ ନିଜ କର୍ମର ଫଳ ନିଜେ ଭୋଗିଛନ୍ତି। ଯେଉଁଠି ଈଶ୍ୱର କର୍ମଫଳ ଭୋଗୁଛନ୍ତି, ସେଠି ମଣିଷ ବା ବର୍ତ୍ତିଯିବ କେମିତି? ଯିଏ ଯେମିତି କର୍ମ କରିବ, ସେ ତା'ର ଫଳ ନିଶ୍ଚୟ ପାଇବ। ଏଭଳି ଏକ ବାର୍ତ୍ତା ନେଇ ନିର୍ମିତ 'କର୍ମ'। ଫିଲ୍ମରେ ସୁପରଷ୍ଟାର୍ ଅନୁଭବ ମହାନ୍ତି ମୁଖ୍ୟ ଚରିତ୍ରରେ ନଜର ଆସିଥିବା ବେଳେ ତାଙ୍କ ବିପକ୍ଷରେ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ନଜର ଆସିଛନ୍ତି । ଏହି ଫିଲ୍ମରେ ପ୍ରଥମ ଥର ପାଇଁ ଅନୁଭବ ଓ ସୂର୍ଯ୍ୟମୟୀଙ୍କ ଯୋଡ଼ିଙ୍କୁ ଦେଖିବାକୁ ମିଳିଛି । ଅନ୍ୟ ଭୂମିକାରେ ଅଭିନେତ୍ରୀ ଦିବ୍ୟା ଚୌଧୁରୀ, ଜୟ ପ୍ରକାଶ, ନିଶାନ୍ତ ମଜିଠିଆ, ଉଦିତ ଗୁରୁ ରହିଥିବା ବେଳେ ସନୋଜ ଓ ମନ୍ମୟ ଦେ ଏହି ଫିଲ୍ମ ସହ ଡେବ୍ୟୁ କରିଛନ୍ତି। ■

# 'ଶମ୍ଭୁ'ର ଅଡିଓ ରିଲିଜ୍



ନିକଟରେ ଇମେଜ୍ କ୍ୟାମ୍ପସରେ ଓଡ଼ିଆ ସିନେମା 'ଶମ୍ଭୁ'ର ଅଡିଓ ଏବଂ ଟ୍ରେଲର ରିଲିଜ୍ ହୋଇଯାଇଛି। ଏଥିରେ ନିର୍ଦ୍ଦେଶକ ଦିଲୀପ ପଣ୍ଡା, ପ୍ରଯୋଜକ ବିଭୂତି ଭୂଷଣ ଜେନା, ସହ ପ୍ରଯୋଜକ ଅଭିଷେକ୍ ଜେନା, ସଂଳାପକାର ଡଃ ରଜନୀ ରଞ୍ଜନ, ସଂଗୀତ ନିର୍ଦ୍ଦେଶକ ଦୀପକକୁମାର ଏବଂ ଶୁଭମ୍, ହରିହର ମହାପାତ୍ର, ଡିସ୍କୋ ରେଡ୍ଡି , ସୁଧାକର ବସନ୍ତ , ଜୀବନ ପଣ୍ଡା ପ୍ରମୁଖ କଳାକାରମାନେ ଉପସ୍ଥିତ ଥିଲେ। ଏହି ସିନେମାରେ ଶୁଭମଙ୍କ ସହ ତମନ୍ନା ବ୍ୟାସ ଏବଂ ଯାତ୍ରା ଜଗତର ସୁପର୍ ଷ୍ଟାର ପୀୟୂଷ ତ୍ରିପାଠୀ ବି ନଜର ଆସିବେ। ଏହାର ମ୍ୟୁଜିକ୍ ରାଇଟସ୍ ଆମର ମ୍ୟାଜିକ୍ ନେଇଛି। ଫିଲ୍ମଟି ଅକ୍ଟୋବର ୩୧ ତାରିଖରେ ପ୍ରେକ୍ଷାଳୟରେ ରିଲିଜ୍ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି। ■

## ପରଦା ପଛର କାହାଣୀ



# ଗୋଟିଏ ଟାଇଟଲ୍‌ରେ ଦୁଇଟି ଫିଲ୍ମ

ବଲିଉଡ୍‌ରେ ଗୋଟିଏ ଟାଇଟଲ୍‌କୁ ନେଇ ଏକାଧିକ ଫିଲ୍ମ ସୁଟିଂ ହୋଇଛି। ଏହି କ୍ରମରେ ଅମିତାଭ ବଚ୍ଚନ ଓ ମିଥୁନ ଚକ୍ରବର୍ତ୍ତୀଙ୍କ ଅଭିନୀତ ଗୋଟିଏ ଟାଇଟଲ୍‌କୁ ନେଇ ଦୁଇଟି ଫିଲ୍ମ ତିଆରି ହୋଇଥିଲା। ସେଥିମଧ୍ୟରୁ ଗୋଟିଏ ଫିଲ୍ମ ସୁପରହିଟ୍ ହୋଇଥିବାବେଳେ ଅନ୍ୟଟି ଫ୍ଲପ୍ ହୋଇଥିଲା। ଏହି ଫିଲ୍ମଟି ଥିଲା 'ମର୍ଦ୍ଦ'। ଗୋଟିଏ ଫିଲ୍ମରେ ବିଗ୍ ବି ଓ ଅନ୍ୟଟିରେ ମିଥୁନ ଚକ୍ରବର୍ତ୍ତୀ ଅଭିନୟ କରିଥିଲେ। ଦୁଇଜଣ ନିଜ ନିଜ ସମୟର ସୁପର୍‌ଷ୍ଟାର। କିନ୍ତୁ 'ମର୍ଦ୍ଦ' ଟାଇଟଲ୍ ଜଣଙ୍କ ପାଇଁ ଲକି ହୋଇଥିବାବେଳେ, ଆଉ ଜଣଙ୍କ ପାଇଁ ଅନ୍‌ଲକି ସାବ୍ୟସ୍ତ ହୋଇଥିଲା। ଫିଲ୍ମ 'ମର୍ଦ୍ଦ'ରେ ୧୬ ବର୍ଷ ସାନ ଡିମ୍ପଲ କପାଡିଆଙ୍କ ସହ ଅମିତାଭ ରୋମାନ୍ସ କରିଥିଲେ। ବିଗ୍ ବିଙ୍କ ପାଇଁ ଏହି ଫିଲ୍ମଟି ଥିଲା ଖୁବ୍ ଲକି। ବକ୍ସ ଅଫିସ୍‌ରେ ଏହା ରେକର୍ଡ ସଂଖ୍ୟକ ଆୟ କରିଥିଲା। ଅମିତାଭ ବଚ୍ଚନଙ୍କ ସୁପରହିଟ୍ ଫିଲ୍ମ 'ମର୍ଦ୍ଦ' ୧୯୮୫ରେ ରିଲିଜ ହୋଇଥିଲା। ମନମୋହନ ଦେଶାଇ ଏହାର ନିର୍ଦ୍ଦେଶନା ଦେଇଥିଲେ। ଦୀପାବଳି ଅବସରରେ ଏହା ମୁକ୍ତିଲାଭ କରିଥିଲା। ଏଥିରେ ଅମିତାଭ ବଚ୍ଚନ, ଦାରା ସିଂ, ଅମୃତା ସିଂ, ଗୋଗା କପୁରଙ୍କ ଭଳି କଳାକାରମାନେ ଅଭିନୟ କରିଥିଲେ। ଏହି ଫିଲ୍ମରେ ମ୍ୟୁଜିକ୍ ଦେଇଥିଲେ ଅନୁ ମଲ୍ଲିକ୍। ଫିଲ୍ମର କାହାଣୀ ଦର୍ଶକଙ୍କୁ ଏତେ ପସନ୍ଦ ଆସିଥିଲା ଯେ, ଏହି ସିନେମାଟି ସେତେବେଳେ ରେକର୍ଡ ସଂଖ୍ୟକ ଆୟ କରିଥିଲା, ଯାହାର ବର୍ତ୍ତମାନର ମୂଲ୍ୟ ୪୫୦ କୋଟି ଟଙ୍କା ହେବ। ସେପଟେ ମିଥୁନ ଚକ୍ରବର୍ତ୍ତୀଙ୍କ 'ମର୍ଦ୍ଦ' ଫିଲ୍ମ ତାଙ୍କ ପାଇଁ କାଳ ସାଜିଥିଲା। ମିଥୁନ ଚକ୍ରବର୍ତ୍ତୀଙ୍କ ଅଭିନୀତ ଫିଲ୍ମ 'ମର୍ଦ୍ଦ' ୧୯୯୮ ମସିହାରେ ମୁକ୍ତିଲାଭ କରିଥିଲା। ଏଥିରେ କାଦର ଖାନ୍, ଗୁଲ୍‌ସନ୍ ଗ୍ରୋବର, ରଜା ମୁରଦ୍‌ଙ୍କ ସମେତ ଜନି ଲିବରଙ୍କ ଭଳି କଳାକାର ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ। ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ଗଣପତି ବୋହରା। ଫିଲ୍ମରେ ଆକ୍ସନ ସିନ୍ ଭରି ରହିଥିଲା। ତେବେ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। ଏଥିରେ ମିଥୁନ୍ ଚକ୍ରବର୍ତ୍ତୀ ଏସିପି ଅର୍ଜୁନ ଭୂମିକା ନିର୍ବାହ କରିଥିଲେ। ଏଥିରେ ସେ ଜଣେ ସଚ୍ଚୋଟ ପୁଲିସ ଅଫିସର ଥିଲେ। ଗୋଟିଏ ଟାଇଟଲ୍‌ରେ ଦୁଇଟି ଫିଲ୍ମ ନିର୍ମିତ ହୋଇଥିଲା, ତେବେ ଅମିତାଭଙ୍କ ଅଭିନୀତ 'ମର୍ଦ୍ଦ'କୁ ଦର୍ଶକେ ଗ୍ରହଣ କରିଥିଲେ, କିନ୍ତୁ ମିଥୁନଙ୍କ 'ମର୍ଦ୍ଦ'କୁ ସଫଳତା ମିଳି ପାରି ନଥିଲା। ■




## ସାକ୍ଷାତ୍କାର

ଅଭିନେତ୍ରୀ ହେବାକୁ ସେ ପିଲାବେଳୁ ଭାବିଥିଲେ। 'ଶତାବ୍ଦୀର କଳାକର' ଥିଏଟରରେ ତାଲିମ ନେଲେ। ସେ ୫ରୁ ୬ଟି ଲୋକପ୍ରିୟ ନାଟକରେ ଅଭିନୟ କରିଛନ୍ତି। ୨୦୨୪ ମସିହାରେ ରିଆଲିଟି ଶୋ' 'ଟିକେ ଡ୍ୟାନ୍ସ ଟିକେ ଆକ୍ଟିଂ'ରେ ଫାଷ୍ଟ ରନର୍ସଅପ୍ ହୋଇଥିଲେ। ନୃତ୍ୟ ଓ ଅଭିନୟରେ ରୁଚି ରଖୁଥିବା ଏଭଳି ଜଣେ କଳାକାର ହେଉଛନ୍ତି କଟକ ନିଆଳିର ସୌମ୍ୟା ସୁମନ ମହାନ୍ତି। 'ସୁନୟନା' ଧାରାବାହିକରେ ସେ ପ୍ରୀତି ଭୂମିକାରେ ହୃଦୟସ୍ପର୍ଶୀ ଅଭିନୟ କରିଛନ୍ତି। କେବଳ ସେତିକି ନୁହେଁ, ଏକାଧିକ ମ୍ୟୁଜିକ୍ ଭିଡିଓରେ ତାଙ୍କ ଚମତ୍କାର ଅଭିନୟ ଦେଖିବାକୁ ମିଳିଛି। ଏବେ 'ଚକ୍ରାନ୍ତ' ସିନେମାରେ ଡେବ୍ୟୁ କରୁଛନ୍ତି ସୌମ୍ୟା। ତେବେ ରିଆଲିଟି ଶୋ'ରୁ ନାୟିକା ହେବାର ଯାତ୍ରା କେମିତି ଥିଲା ଜାଣିବା ତାଙ୍କ ମୁହଁରୁ।



# "ଜଣେ କଳାକାର ପାଇଁ ପ୍ରତିଟି ଚରିତ୍ର ବେଶ୍ ଗୁରୁତ୍ୱପୂର୍ଣ୍ଣ"

**ସୌମ୍ୟା ସୁମନ ମହାନ୍ତି, ଅଭିନେତ୍ରୀ**

**ଅଭିନେତ୍ରୀ ହେବାକୁ କାହିଁକି ଆଗ୍ରହ ପ୍ରକାଶ କଲେ ?**

● ପିଲାଦିନୁ ଅଭିନେତ୍ରୀ ହେବାକୁ ଲକ୍ଷ୍ୟ ରଖିଥିଲି। ତେଣୁ 'ଶତାବ୍ଦୀ କଳାକାର' ଥିଏଟରରେ ତାଲିମ ନେଉଥିଲି। 'କାନ୍ତ କାନ୍ତା', 'ଆପଣ ମାନେ ଖୁସି ତ', 'ଅନେକ ରଙ୍ଗର ଢେଉ', 'ଇନ୍ଦ୍ରଜାଲ' ଆଦି ମଞ୍ଚ ନାଟକରେ ଅଭିନୟ କରିଛି। ମ୍ୟୁଜିକ୍ ଭିଡିଓ 'ନାଁରେ ଜୀବନ', 'ଛାତିକୁ ହାଣି ଦେଉଛ', 'ଦୀନବନ୍ଧୁ' ଭଜନ ଆଦିରେ କାମ କରିଛି। 'ଟିକେ ଡ୍ୟାନ୍ସ ଟିକେ ଆକ୍ଟିଂ' ରିଆଲିଟି ଶୋ'ରେ ଫାଷ୍ଟ ରନର୍ସଅପ୍ ହେଲି। ଜି ସାର୍ଥକର 'ସୁନୟନା'ରେ ପ୍ରୀତି ଚରିତ୍ରରେ କାମ କରିଛି। ତେଣୁ ଅଭିନୟ ଜଗତକୁ ଏବେ ଆପଣେଇ ନେଇଛି।

**ରିଲିଜ୍ ଅପେକ୍ଷାରେ ଥିବା 'ଚକ୍ରାନ୍ତ' ଆପଣଙ୍କ ଡେବ୍ୟୁ ସିନେମା, ଏଥିରେ କିପରି ସୁଯୋଗ ପାଇଲେ ?**

● ପିନୁ ସାର୍ 'ସୁନୟନା'ରେ ମୋର ଅଭିନୟ ଦେଖିଥିଲେ। ସେ 'ଚକ୍ରାନ୍ତ'ରେ କାମ କରିବାକୁ ପ୍ରସ୍ତାବ ଦେଇଥିଲେ। 'ଚକ୍ରାନ୍ତ'ର କାହାଣୀ ମୋତେ ବହୁତ ଭଲ ଲାଗିଥିଲା। ଏଥିରେ ମୁଁ ପୁଲିସ ଅଫିସର ରୁଦ୍ରା ସିଂ ଭୂମିକାରେ ଅଭିନୟ କରୁଛି। ଏହି ସିନେମାଟି ସାମାଜିକ ବାର୍ତ୍ତା ଦେଉଛି। ଗ୍ରାମାଞ୍ଚଳରୁ ଆସି ଜଣେ ଝିଅ ସହରାଞ୍ଚଳରେ କିପରି କୁସଙ୍ଗରେ ପଡୁଛି ତାହା ଦେଖିବାକୁ ମିଳୁଛି। ଟିମ୍ ମେମ୍ବରଙ୍କ ସହ କାମ କରି ବହୁତ ଭଲ ଲାଗିଛି। ଯେହେତୁ ଚରିତ୍ରଟି ମୋ ପାଇଁ ନୂଆ ଥିଲା ଭଲ ଅଭିନୟ କରିବାକୁ ପରିଶ୍ରମ କରିଛି।

**'ଚକ୍ରାନ୍ତ' ସିନେମା ପାଇଁ କେମିତି ପ୍ରସ୍ତୁତ ହୋଇଥିଲେ?**

● ମୁଁ ପ୍ରକୃତରେ ଚୁପ୍‌ଚାପ। ହେଲେ ପୁଲିସ ଅଫିସର ଭାବେ କାମ କରିବାକୁ ମୋ ବ୍ୟବହାରରେ ଟିକେ ପରିବର୍ତ୍ତନ ଆଣିବାକୁ ପଡ଼ିଥିଲା। ଏହି ଚରିତ୍ରକୁ ଦମଦାର୍ କରିବାକୁ ଶତ ପ୍ରତିଶତ ଚେଷ୍ଟା କରିଛି।

**ପ୍ରଥମେ ଥର ପାଇଁ କ୍ୟାମେରାକୁ ସାମ୍ନା କରିବାରେ ଭୟ ଲାଗିଥିଲା?**

● ଯେହେତୁ ଥିଏଟରରେ କାମ କରିଥିଲି, ତେଣୁ କାମକୁ ନେଇ ଭୟ ନଥିଲା। କିନ୍ତୁ ହଁ ଟିକେ ନର୍ଭସ ଥିଲି।

**ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ପାଆନ୍ତି?**

● ପେଣ୍ଟିଂ କରେ। ନାଚେ, ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହୁଏ।

**ଡ୍ରିମ୍ ରୋଲ୍?**

● ପ୍ରତ୍ୟେକଟି ଚରିତ୍ରରେ ମୋତେ କାମ କରିବାର ଇଚ୍ଛା ରହିଛି। କାରଣ ଜଣେ କଳାକାର ପାଇଁ ପ୍ରତିଟି ଚରିତ୍ର ବେଶ୍ ଗୁରୁତ୍ୱପୂର୍ଣ୍ଣ।

**ରିଆଲିଟି ଶୋ'କୁ ଆସୁଥିବା ପିଲାମାନେ କିଭଳି ପ୍ରସ୍ତୁତ ହେବା ଦରକାର?**

● ଆଜିକାଲି ଅନ୍‌ଲାଇନ୍‌ରେ ସବୁକିଛି କାମ ସହଜ ହେଉଛି। ତେଣୁ ଗୋଟିଏ କଥା କହିବି ଏହି ଲାଇନ୍‌କୁ ଯେଉଁମାନେ ଆସୁଛନ୍ତି ସିରିୟସ୍ ହୋଇ ଆସିବା ଦରକାର। ସିରିୟସ୍ ହୋଇ ଆସିବା ଜରୁରି। କାହା ଜରିଆରେ ନ ଆସି ନିଜ ପ୍ରତିଭା ବଳରେ ଆସିବା ସର୍ବୋତ୍ତମ। ଏହାଦ୍ୱାରା ଜଣେ ନିଜର ଅନ୍ତର୍ନିହିତ ପ୍ରତିଭାର ପ୍ରଦର୍ଶନ କରିବାର ସୁଯୋଗ ପାଇବ।

**ଆଗାମୀ ଯୋଜନା?**

● ଭଲ କାହାଣୀ, ଭଲ ନିର୍ଦ୍ଦେଶକ ଏବଂ ଟିମ୍ ମିଳିଲେ କାମ କରିବାକୁ ଚାହିଁବି। ■

## ଭାରତର ସାନ୍ତ୍ୱନାମୂଳକ ବିଜୟ, ଅଷ୍ଟ୍ରେଲିଆ ୨-୧ରେ ଜିତିଲା ସିରିଜ୍

# ଶେଷରେ ଚମକିଲେ ରୋହିତ-କୋହଲି



**ସିଡ୍‌ନୀ,୨୫।୧୦(ଏଜେନ୍ସି):** ଭାରତର ଦୁଇ କିଂବଦନ୍ତୀ ଖେଳାଳି ରୋହିତ ଶର୍ମାଙ୍କ ୩୩ତମ ଶତକ ଓ ବିରାଟ କୋହଲି (ଅପରାଜିତ ୭୪ରନ୍)ଙ୍କ ୭୫ତମ ଅର୍ଦ୍ଧଶତକ ବଳରେ ଏଠାରେ ଶନିବାର ଅନୁଷ୍ଠିତ ତୃତୀୟ ତଥା ଶେଷ ଦିନିକିଆରେ ଭାରତ ୯ ୱିକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହି ବିଜୟ ସତ୍ତ୍ୱେ ଅଷ୍ଟ୍ରେଲିଆ ୨-୧ରେ ଏହି ସିରିଜ୍‌କୁ ଜିତିନେଇଛି। ଏଠାରେ ଦିନିକିଆ ଜୀବନର ୩୩ତମ ଶତକ ସହ ଅପରାଜିତ ୧୨୧ ରନ୍ ଓ ୨ଟି କ୍ୟାଚ୍ ନେଇଥିବା ରୋହିତଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେହିପରି ଦୁଇଟି ମ୍ୟାଚ୍‌ରେ ଗୋଟିଏ ଶତକ ଓ ଗୋଟିଏ ଅର୍ଦ୍ଧଶତକ ସହ ୨୦୨ ରନ୍ କରିଥିବା ରୋହିତଙ୍କୁ ମଧ୍ୟ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

### ● କ୍ରମାଗତ ୧୮ ଥର ଟସ୍‌ରେ ପରାଜୟ

ଏହି ମ୍ୟାଚ୍‌ରେ ଭାରତ କ୍ରମାଗତ ୧୮ ଥର ଲାଗି ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୨୩୬ ରନ୍ କରିଥିଲା। ଜବାବରେ ୧୧.୩ ଓଭର ଏବଂ ୯ଟି ୱିକେଟ ବାକିଥାଇ ଭାରତ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଭାରତ ପକ୍ଷରୁ ରୋହିତ ଶର୍ମା ୧୨୧ ଓ ବିରାଟ କୋହଲି ୭୪ ରନ୍‌ରେ ଅପରାଜିତ ରହିଥିଲେ। ୨୩୭ ରନ୍‌ର ଟାର୍ଗେଟ୍‌କୁ ପିଛା କରିବା ପରେ ରୋହିତଙ୍କ ସହ ପ୍ରଥମ ୱିକେଟରୁ ୬୯ ରନ୍ ଉଠାଇବା ପରେ ଅଧିନାୟକ ଗିଲ ଆଉଟ ହୋଇଥିଲେ। ଗିଲଙ୍କ ବ୍ୟାଟରୁ ଚଳିତ ସିରିଜରେ ସର୍ବାଧିକ ୨୪ ରନ୍ ମିଳିଥିଲା। ଏହାପରେ ଦୁଇ କିଂବଦନ୍ତୀ ଖେଳାଳି ରୋହିତ ଓ କୋହଲି ମାଷ୍ଟରକ୍ଲାସ୍ ଖେଳ ପ୍ରଦର୍ଶନ କରି ଅବିଭକ୍ତ ଦ୍ୱିତୀୟ ୱିକେଟରୁ ୧୬୮ ରନ୍ ଉଠାଇ ଭାରତକୁ ସହଜ ବିଜୟ ପ୍ରଦାନ କରିଥିଲେ। ଉଭୟ ଖେଳାଳି ଏଠାରେ କେବଳ ଆଉଟ ହେବାର ଗୋଟିଏ ସୁଯୋଗ ଦେଇଥିଲେ। ଉଭୟ ଖେଳାଳି ଏହି ମ୍ୟାଚ୍‌ରେ ଏକାଧିକ ରେକର୍ଡ କରିବା ସହ ସ୍ମରଣୀୟ ବିଜୟ ହାସଲ କରି ଅଷ୍ଟ୍ରେଲିଆକୁ ଅଲବିଦା କହିଥିଲେ।

### ● ହର୍ଷିତ ରାଣାଙ୍କ ଦବ୍‌ଦବା

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ପରେ ଅଷ୍ଟ୍ରେଲିଆ ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲା। ପ୍ରଥମ ୱିକେଟରୁ ୯.୨ ଓଭରରେ ୬୧ ରନ୍ ହୋଇଥିଲାବେଳେ ଟ୍ରାଭିସ୍ ହେଡ୍‌ଙ୍କ ୨୯ ରନ୍‌ରେ ଆଉଟ କରି ମହମ୍ମଦ ସିରାଜ ଭାରତକୁ ବ୍ରେକ୍‌ଥ୍ରୁ ଦେଇଥିଲେ। ଏହା ପରେ ସମସ୍ତ ଟପ୍ ଅର୍ଡର ବ୍ୟାଟର ଭଲ ଆରମ୍ଭ କରିଥିଲେ କିନ୍ତୁ ନିୟମିତ ୱିକେଟ ହରାଇଥିଲା। ମିଚେଲ ମାର୍ଶ ୪୧, ମାଥ୍ୟୁ ସର୍ଟ ୩୦, ମ୍ୟାଟ ରେନସା ଜୀବନର ପ୍ରଥମ ଅର୍ଦ୍ଧଶତକ ସହ ୫୬ ରନ୍ କରିଥିଲେ। ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦରଙ୍କ ଟାଇଟ ବୋଲିଂ ଯୋଗୁଁ ରନ୍ ସଂଗ୍ରହ କଷ୍ଟକର ହୋଇଥିଲା। ଭାରତର ମିଡିୟମ୍ ପେସ୍‌ର ହର୍ଷିତ ରାଣା ପ୍ରତିପକ୍ଷ ୱିକେଟ ରକ୍ଷକ ଆଲେକ୍ସ କ୍ୟାରୀଙ୍କୁ ଆଉଟ କରି ଖେଳର ଗତିପଥ ବଦଳାଇଦେଇଥିଲେ। କ୍ୟାରୀଙ୍କୁ ଆଉଟ କରିବାକୁ ଶ୍ରେୟସ ଆୟର ଏକ ଚମତ୍କାର କ୍ୟାଚ୍ ଧରିଥିଲେ ଓ ଆହତ ହୋଇ ପଡ଼ିଆ ଛାଡିଥିଲେ। ଏହି ସମୟରେ ହର୍ଷିତ ରାଣା ଆଉ ୩ଟି ୱିକେଟ ନେଇ ଅଷ୍ଟ୍ରେଲିଆକୁ ୨୩୬ ରନ୍‌ରେ ସୀମିତ ରଖିଥିଲେ। ୩୯ ରନ୍‌ରେ ତାଙ୍କୁ ସର୍ବାଧିକ ୪ଟି ଓ ସୁନ୍ଦରଙ୍କୁ ୨ଟି ୱିକେଟ ମିଳିଥିଲା। ଅନ୍ୟ ସମସ୍ତେ ଜଣେ ଲେଖାଏଁ ଖେଳାଳିଙ୍କୁ ପଡ଼ିଆରୁ ବିଦା କରିଥିଲେ।

### ● ରୋହିତଙ୍କ ୫୦ତମ ଶତକ

ପୂର୍ବତନ ଅଧିନାୟକ ରୋହିତ ଶର୍ମା ଏଠାରେ ୧୦୫ ବଲ୍‌ରୁ ୩୩ତମ ଦିନିକିଆ ଏବଂ ୫୦ତମ ଅନ୍ତର୍ଜାତୀୟ ଶତକ ପୂରଣ କରିଥିଲେ। ସେ ମଧ୍ୟ ଟେଷ୍ଟରେ ୧୨ଟି ଓ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ୫ଟି ଶତକ ହାସଲ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ଏହା ତାଙ୍କର ୯ମ ଓ ଅଷ୍ଟ୍ରେଲିଆରେ ୬ଷ୍ଠ ଶତକ ଥିଲା। ଏହି ମ୍ୟାଚ୍‌ରେ ସେ ଦ୍ୱିତୀୟ ୱିକେଟରେ ବିରାଟ କୋହଲିଙ୍କ ସହ ୧୬୮ ରନ୍ ଉଠାଇଥିଲେ। ଏହା ଫଳରେ ଦିନିକିଆରେ ସେ ଓ କୋହଲି ୧୨ଥର ୧୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିବାରେ ତେନ୍ଦୁଲକର-ଗାଙ୍ଗୁଲିଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ଅଷ୍ଟ୍ରେଲିଆରେ ଭାରତ ଏହାକୁ ମିଶାଇ ୩ଥର ବିଜୟୀ ହୋଇଛି। ଏହି ୩ଟି ମ୍ୟାଚରେ ରୋହିତ ବଡ଼ ସ୍କୋର କରିଛନ୍ତି। ସେ ୨୦୦୮ରେ ଅପରାଜିତ ୬୬, ୨୦୧୬ରେ ୯୯ ଓ ୨୦୨୫ରେ ଅପରାଜିତ ୧୨୧ ରନ୍ କରିଥିଲେ।

### ● ଦିନିକିଆରେ କୋହଲି ଦ୍ୱିତୀୟ ସର୍ବାଧିକ ସ୍କୋରର୍

ଏହି ମ୍ୟାଚ୍‌ରେ ଅନ୍ୟତମ କିଂବଦନ୍ତୀ ଖେଳାଳି ବିରାଟ କୋହଲି ୭୪ ରନ୍ କରି ଅପରାଜିତ ରହିଛନ୍ତି। ଏହା ହେଉଛି ତାଙ୍କ ଦିନିକିଆ କ୍ୟାରିୟରର ୭୫ତମ ଅର୍ଦ୍ଧଶତକ। ଏହା ସହ ସେ ମଧ୍ୟ ସଚିନ ତେନ୍ଦୁଲକରଙ୍କ ପଛକୁ ଦିନିକିଆ କ୍ରିକେଟରେ ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ବିବେଚିତ ହୋଇଛନ୍ତି। ୪୬୩ ମ୍ୟାଚ୍ ଖେଳି ତେନ୍ଦୁଲକର ୧୮,୪୨୬ ରନ୍ ସଂଗ୍ରହ କରିଛନ୍ତି। ଏଠାରେ କୋହଲି ୩୦୫ ତମ ମ୍ୟାଚ୍ ଖେଳି ୧୪,୨୫୫ ରନ୍ କରି ଶ୍ରୀଲଙ୍କାର କୁମାର ସାଙ୍ଗାକାରାଙ୍କୁ ପଛରେ ପକାଇ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ସାଙ୍ଗାକାରା ୪୦୪ ମ୍ୟାଚ୍‌ରୁ ୧୪,୨୩୪ ରନ୍ କରିଥିଲେ।

**ଦିନିକିଆ+ ଟି-୨୦ରେ ସର୍ବାଧିକ:** ଉଭୟ ଦିନିକିଆ ଓ ଟି-୨୦ କ୍ରିକେଟର ସ୍କୋରକୁ ମିଶାଇଲେ କୋହଲି ସର୍ବାଧିକ ୧୮,୪୩୭ ରନ୍ କରିଛନ୍ତି। ତାଙ୍କ ପଛକୁ ସଚିନ ତେନ୍ଦୁଲକର ୧୮,୪୩୬ ରନ୍ କରି ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସୂଚନାଯୋଗ୍ୟ ସଚିନ ମାତ୍ର ଗୋଟିଏ ଟି-୨୦ ମ୍ୟାଚ୍ ଖେଳି ୧୦ ରନ୍ କରିଥିଲାବେଳେ କୋହଲି ୧୨୫ଟି ମ୍ୟାଚ୍‌ରୁ ୪,୧୮୮ ରନ୍ କରିଛନ୍ତି।

### ● ଅଲ୍‌ବିଦା ଅଷ୍ଟ୍ରେଲିଆ।

ରୋହିତ ଶର୍ମା ଓ ବିରାଟ କୋହଲି ଏବେ କେବଳ ଦିନିକିଆ ଫର୍ମାଟରେ ଅନ୍ତର୍ଜାତୀୟ କ୍ରିକେଟ ଖେଳୁଛନ୍ତି। ଦକ୍ଷିଣ ଆଫ୍ରିକାରେ ୨୦୨୭ରେ ହେବାକୁ ଥିବା ଦିନିକିଆ ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆରେ ଭାରତ ଆଉ କୌଣସି ସିରିଜ୍ କିମ୍ବା ଟୁର୍ଣ୍ଣାମେଣ୍ଟ ଖେଳିବ ନାହିଁ। ଏଣୁ ଏହା ଉଭୟଙ୍କ ଲାଗି ଅଷ୍ଟ୍ରେଲିଆରେ ଶେଷ ଅନ୍ତର୍ଜାତୀୟ ମ୍ୟାଚ୍। ଏଣୁ ରୋହିତ ଶର୍ମା ତାଙ୍କ ପ୍ରତିକ୍ରିୟାରେ ଅଷ୍ଟ୍ରେଲିଆରେ ଖେଳିବାକୁ ଭଲ ପାଆନ୍ତି ବୋଲି କହିଥିଲେ। ଶେଷରେ ସେ ଅଲ୍‌ବିଦା ଅଷ୍ଟ୍ରେଲିଆ କହି ତାଙ୍କ ପ୍ରତିକ୍ରିୟା ଶେଷ କରିଥିଲେ। ଅଷ୍ଟ୍ରେଲିଆରେ ଉଭୟ ଖେଳାଳି ବେଶ ସଫଳ ହୋଇଥିଲେ। ଆଜି ସିଡ୍‌ନୀରେ ମଧ୍ୟ ଉଭୟ ଖେଳାଳିଙ୍କୁ ଦର୍ଶକମାନେ ଅଭିବାଦନ ଜଣାଇ ବିଦାୟ ଦେଇଥିଲେ। ଏହି ସିରିଜ୍ ପରେ ଉଭୟ ଭାରତ ପକ୍ଷରୁ ନଭେମ୍ବର ୩୦ରୁ ଆରମ୍ଭ ହେଉଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍‌ରେ ଖେଳିପାରନ୍ତି। ଘରୋଇ ମାଟିରେ ଏହି ସିରିଜ୍ ରାଞ୍ଚି, ରାୟପୁର ଓ ବିଶାଖାପାଟଣାରେ ଖେଳାଯିବ।

# ୨୯ରୁ ଭାରତ-ଅଷ୍ଟ୍ରେଲିଆ ଟି-୨୦ ସିରିଜ୍

**ସିଡନୀ,୨୫।୧୦(ଏଜେନ୍ସି):** ଦିନିକିଆ ସିରିଜ୍ ପରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ କାନବେରାରେ ଅକ୍ଟୋବର ୨୯ରୁ ଆରମ୍ଭ ହେବ। ଏଥିଲାଗି ଉଭୟ ଦଳ ସେମାନଙ୍କ ଖେଳାଳି ତାଲିକା ଘୋଷଣା କରିସାରିଛନ୍ତି। ସୂର୍ଯ୍ୟକୁମାର ଯାଦବ ଭାରତର ଓ ମିଚେଲ ମାର୍ଶ ଅଷ୍ଟ୍ରେଲିଆର ନେତୃତ୍ୱ ନେବେ। ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ କାନବେରାରେ ଅକ୍ଟୋବର ୨୯, ଦ୍ୱିତୀୟ ମ୍ୟାଚ୍ ମେଲବୋର୍ଣ୍ଣରେ ୩୧, ତୃତୀୟ ମ୍ୟାଚ୍ ହୋବାର୍ଟରେ ନଭେମ୍ବର ୨, ଗୋଲ୍ଡ କୋଷ୍ଟରେ ଚତୁର୍ଥ ମ୍ୟାଚ୍ ନଭେମ୍ବର ୬ ଓ ବ୍ରିସ୍‌ବେନ୍‌ରେ ପଞ୍ଚମ ତଥା ଶେଷ ମ୍ୟାଚ୍ ନଭେମ୍ବର ୮ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

**ଖେଳ ସୂଚୀ- ଟି-୨୦ ଅନ୍ତର୍ଜାତୀୟ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୨୯।୧୦ | ପ୍ରଥମ ଟି-୨୦ | କାନବେରା |
| ୩୧।୧୦ | ଦ୍ୱିତୀୟ ଟି-୨୦ | ମେଲବୋର୍ଣ୍ଣ |
| ୨।୧୧ | ତୃତୀୟ ଟି-୨୦ | ହୋବାର୍ଟ |
| ୬।୧୧ | ଚତୁର୍ଥ ଟି-୨୦ | ଗୋଲ୍ଡ କୋଷ୍ଟ |
| ୮।୧୧ | ପଞ୍ଚମ ଟି-୨୦ | ବ୍ରିସ୍‌ବେନ୍ |


ଖେଳ ଆରମ୍ଭ: ଅପରାହ୍ଣ ୧ଟା ୪୫ ମିନିଟ୍, ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓ ହ

**ଭାରତୀୟ ଦଳ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ୍ (ଉପଅଧିନାୟକ), ଅଭିଷେକ ଶର୍ମା, ତିଳକ ବର୍ମା, ସଞ୍ଜୁ ସାମସନ (ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡୀ, ଶିବମ ଦୁବେ, ରିଙ୍କୁ ସିଂ, ଜିତେଶ ଶର୍ମା (ୱିକେଟରକ୍ଷକ), ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

**ଅଷ୍ଟ୍ରେଲିଆ ଦଳ:** ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ ହେଡ୍, ଜାଭିୟର ବାର୍ଟଲେଟ୍, ନାଥାନ ଏଲିସ୍, ଟିମ୍ ଡେଭିଡ୍, ଜୋଶ ଇଂଲିଶ ଓ ଜୋଶ ଫିଲିପ୍ (ଉଭୟେ ୱିକେଟରକ୍ଷକ), ଜୋଶ ହାଜ୍‌ଲେଉଡ୍, ସିନ୍ ଆବଟ, ମିଚେଲ ଓଏନ, ମାଥ୍ୟୁ ସର୍ଟ, ମାର୍କସ ଷ୍ଟୋଇନିସ୍, ଆଦାମ ଜାମ୍ପା। (ପ୍ରଥମ ଦୁଇଟି ମ୍ୟାଚ୍)

# ଏସିଆନ୍ ୟୁଥ୍ ଗେମ୍ସ: ଟିକି, ପ୍ରୀତି ଓ ସାର୍ଥକ ଭାଗନେବେ





**ଭୁବନେଶ୍ୱର, ୨୫ ।୧୦ (ସମିସ):** ବାହାରିନରେ ଚାଲିଥିବା ଏସିଆନ ୟୁଥ୍ ଗେମ୍ସରେ ଓଡ଼ିଶାର ୩ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଭାରତୀୟ ଭାରୋତ୍ତୋଳନ ଦଳରୁ ଖେଳିବା ଲାଗି ଟିକି ମୋହନୀ ମଲ୍ଲିକ ଓ ପ୍ରୀତିସ୍ମିତା ଭୋଇ ମନୋନୀତ ହୋଇଛନ୍ତି। ସେହିଭଳି ଓଡ଼ିଶାର ସାର୍ଥକ ଆର୍ଯ୍ୟା ଭାରତୀୟ ଟେବଲ୍ ଟେନିସ ଦଳରେ ସ୍ଥାନ ପାଇଛନ୍ତି। ବାଳିକା ୬୩ କିଗ୍ରାରୁ କମ୍ ଓଜନବର୍ଗରେ ଅଂଶଗ୍ରହଣ କରିବାକୁ ଥିବା ଟିକି ବର୍ତ୍ତମାନ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ (କିସ୍)ରେ ଅଧ୍ୟୟନ କରୁଛନ୍ତି। ଏହି ଅବସରରେ କିଟ୍ ଓ କିସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ସମେତ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଯାଇଛି।

# ବିନୁ ମଙ୍କଡ଼ ଟ୍ରଫି: ଓଡ଼ିଶାର ବିଦାୟ

**ଭୁବନେଶ୍ୱର, ୨୫ ।୧୦ (ସମିସ):** ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ବାଳକ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିନୁ ମଙ୍କଡ଼ ଟ୍ରଫିରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ଶନିବାର ରାଜକୋଟରେ ଖେଳାଯାଇଥିବା ପ୍ରି-କ୍ୱାର୍ଟରଫାଇନାଲ ମୁକାବିଲାରେ ତାମିଲନାଡୁ ୧୩୪ ରନରେ ଓଡ଼ିଶାକୁ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛି। ଭିକେ ଭିନୀତ (୧୩୯ ରନ) ଓ ଅଭିନବ କାନନ (୧୦୧)ଙ୍କ ଶତକୀୟ ପାଳି ବଳରେ ପ୍ରଥମେ ବ୍ୟାଟିଂ କରିଥିବା କର୍ଣ୍ଣାଟକ ୫୦ ଓଭରରେ ୫ ୱିକେଟ୍ ହରାଇ ୩୬୬ ରନର ବିଶାଳ ସ୍କୋର କରିଥିଲା। ଓଡ଼ିଶାର ସମ୍ବିତ ବେଜ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଓଡ଼ିଶା ୪୭ ଓଭରରେ ୨୩୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଆଦିତ୍ୟ ଆନନ୍ଦ ଅପରାଜିତ ୮୯ ଓ ବିଶ୍ୱଜିତ୍ ପ୍ରଧାନ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ।

## ଅଷ୍ଟ୍ରେଲିଆ ପାରା ବ୍ୟାଡ୍‌ମିଣ୍ଟନ

# ପ୍ରମୋଦଙ୍କୁ ୨ ସ୍ୱର୍ଣ୍ଣ, ଦୀପ୍‌ଙ୍କୁ କାଂସ୍ୟ

**ଭୁବନେଶ୍ୱର, ୨୫ ।୧୦ (ସମିସ):** ପାରାଅଲିମ୍ପିକ ଚାମ୍ପିଅନ ପ୍ରମୋଦ ଭଗତ ଶେଷ ହୋଇଥିବା ଅଷ୍ଟ୍ରେଲିଆ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସନାଲ ଟୁର୍ଣ୍ଣାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ଡବଲ୍ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍ ୩ ଇଭେଣ୍ଟର ଫାଇନାଲରେ ପ୍ରମୋଦ ୨୧-୧୫, ୨୧-୧୭ ସିଧାସଳଖ ଗେମରେ ନିଜ ଦେଶର ମନୋଜ ସରକାରଙ୍କୁ ପରାସ୍ତ କରିଥିଲେ। ସେହିଭଳି ପୁରୁଷ ଡବଲ୍ସରେ ମଧ୍ୟ ସେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ସୁକାନ୍ତ କଦମଙ୍କୁ ସାଥୀ କରି ଖେଳିଥିବା ପ୍ରମୋଦ ଫାଇନାଲରେ ୨୧-୧୧, ୧୯-୨୧, ୨୧-୧୮ ଗେମରେ ଅନ୍ୟତମ ଭାରତୀୟ ଯୋଡ଼ି ଉମେଶ ବିକ୍ରମ କୁମାର ଓ ସୂର୍ଯ୍ୟକାନ୍ତ ଯାଦବଙ୍କୁ ହରାଇଥିଲେ। ପ୍ରମୋଦଙ୍କ ସହ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଓଡ଼ିଆ ଖେଳାଳି ଦୀପରଞ୍ଜନ ବିଶୋୟୀ ମଧ୍ୟ କାଂସ୍ୟ ପଦକ ଜିତିଛନ୍ତି। ସେ ପୁରୁଷ ଡବଲ୍ସରେ ଏହି ପଦକ ବିଜୟୀ ହୋଇଥିଲେ।



# ଫାଇନାଲ ସହ କଳିଙ୍ଗରେ ୧୪ ମ୍ୟାଚ୍

**ହକି ଇଣ୍ଡିଆ ଲିଗ୍**

**ଭୁବନେଶ୍ୱର, ୨୫ ।୧୦ (ସମିସ):** ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଆଗାମୀ ୨୦୨୫-୨୬ ସିଜନ ଏଥର ମହିଳା ଇଭେଣ୍ଟରୁ ଆରମ୍ଭ ହେବ। ଡିସେମ୍ବର ୨୮ରୁ ଜାନୁଆରୀ ୧୦ ତାରିଖ ପର୍ଯ୍ୟନ୍ତ ଏହା ରାଞ୍ଚିର ମାରାଙ୍ଗ ଗୋମକେ ଜୟପାଲ୍ ସିଂ ମୁଣ୍ଡା ଷ୍ଟାଡିୟମରେ ଖେଳାଯିବ। ଡିସେମ୍ବର ୨୮ରେ ରାଞ୍ଚି ରୟାଲ୍ସ ଓ ଏସ୍‌ଜି ପାଇପର୍ସ ମଧ୍ୟରେ ମହିଳା ଲିଗ୍‌ର ଉଦ୍‌ଘାଟନୀ ମୁକାବିଲା ଅନୁଷ୍ଠିତ ହେବ। ମହିଳା ଲିଗ୍‌ରେ ଅନ୍ୟ ଦୁଇ ଦଳ ଭାବେ ବେଙ୍ଗଲ ଟାଇଗର୍ସ ଓ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ ଅଂଶଗ୍ରହଣ କରିବେ। ଅପରପକ୍ଷରେ ହକି ଇଣ୍ଡିଆ ଲିଗ୍‌ର ପୁରୁଷ ଇଭେଣ୍ଟ ଏଥର ୩ଟି ପ୍ରମୁଖ ଭେନ୍ୟୁ ଚେନ୍ନଇ, ରାଞ୍ଚି ଓ ଭୁବନେଶ୍ୱରରେ ଆୟୋଜିତ ହେବ। ଜାନୁଆରୀ ୩ରେ ଚେନ୍ନଇର ମେୟର ରାଧାକ୍ରିଷ୍ଣ ହକି ଷ୍ଟାଡିୟମରେ ଘରୋଇ ତାମିଲନାଡୁ ଡ୍ରାଗନ୍ସ ଓ ହାଇଦରାବାଦ୍ ତୁଫାନ୍ସ ମ୍ୟାଚ୍ ସହ ଲିଗ୍ ଆରମ୍ଭ ହେବ। ଜାନୁଆରୀ ୯ ତାରିଖ ପର୍ଯ୍ୟନ୍ତ ଏଠାରେ ମ୍ୟାଚ୍ ଖେଳାଯିବ। ଏହାପରେ ଜାନୁଆରୀ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ରାଞ୍ଚିରେ ଅନୁଷ୍ଠିତ ହେବ। ଶେଷରେ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଜାନୁଆରୀ ୧୭ରୁ ଚୂଡ଼ାନ୍ତ ପର୍ଯ୍ୟାୟ ଖେଳାଯିବ। କଳିଙ୍ଗରେ ଏଥର ମୋଟ୍ ୧୪ଟି ମ୍ୟାଚ୍ ଖେଳାଯିବ। ଯେଉଁଥିରେ ଜାନୁଆରୀ ୨୬ର ଫାଇନାଲ ମ୍ୟାଚ୍ ସହ କ୍ୱାଲିଫାୟର ୧ ଓ ୨, ଏଲିମିନେଟର୍ ଓ କାଂସ୍ୟ ପଦକ ମ୍ୟାଚ୍ ସାମିଲ ରହିଛି। ପୁରୁଷ ଲିଗ୍‌ରେ ଅଂଶଗ୍ରହଣ କରୁଥିବା ଓଡ଼ିଶାଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଜାନୁଆରୀ ୪ରେ ରାଞ୍ଚି ରୟାଲ୍ସ ସହ ଖେଳି ଅଭିଯାନ ଆରମ୍ଭ କରିବ।

## ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

# କିଙ୍ଗ୍‌ଙ୍କୁ ୭ ୱିକେଟ୍; ଅଷ୍ଟ୍ରେଲିଆର ବିଜୟ ଛକା

**ଇନ୍ଦୋର, ୨୫ ।୧୦ (ଏଜେନ୍ସି):** ସ୍ଥାନୀୟ ହୋଲକର୍ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଏକ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଏକପାଖିଆ ଭାବେ ୭ ୱିକେଟ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଆଫ୍ରିକା ପକ୍ଷରୁ ଧାର୍ଯ୍ୟ ୯୮ ରନର ଛୋଟିଆ ଲକ୍ଷ୍ୟକୁ ଅଷ୍ଟ୍ରେଲିଆ ୧୬.୫ ଓଭରରେ ୩ ୱିକେଟ୍ ହରାଇ ହାସଲ କରିନେଇଥିଲା। ଜର୍ଜିଆ ଭଲ୍ ୩୮ ଓ ବେଥ ମୁନୀ ୪୨ ରନ କରିଥିଲେ। ପୂର୍ବରୁ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ପ୍ରତିପକ୍ଷ ଲେଗ୍-ସ୍ପିନର ଆଲାନ କିଙ୍ଗ୍‌ଙ୍କୁ ସାମ୍ନା କରି ନ ପାରି ୨୪ ଓଭରରେ ମାତ୍ର ୯୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଅଧିନାୟିକା ଲୌରା ୱଲଭର୍ଡଟ (୩୧ ରନ), ସିନାଲୋ ଜାଫତା (୨୯) ଓ ନାଦିନେ ଡି କ୍ଲାର୍କ (୧୪) କେବଳ ଦୁଇଅଙ୍କ ବିଶିଷ୍ଟ ସ୍କୋର କରିପାରିଥିଲେ। ଆଲାନ କିଙ୍ଗ୍ ୭ ଓଭର ବୋଲିଂ କରି ୨ ମେଡେନ ସହ ୧୮ ରନ ବ୍ୟୟରେ ୭ଜଣ ଆଫ୍ରିକା ବ୍ୟାଟର୍‌ଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଏଥିସହ ସେ ମହିଳା ଦିନିକିଆ ବିଶ୍ୱକପ୍ ଇତିହାସରେ ପ୍ରଥମ ବୋଲର ଭାବେ ୭ ୱିକେଟ୍ ସଫଳତା ପାଇଛନ୍ତି। ପୂର୍ବରୁ ବିଶ୍ୱକପ୍‌ରେ ଶ୍ରେଷ୍ଠ ବୋଲିଂ ସ୍ପେଲ ନ୍ୟୁଜିଲାଣ୍ଡର ଜାକଲିନ ଲର୍ଡଙ୍କ ନାମରେ ରହିଥିଲା। ଜାକଲିନ ୪୩ ବର୍ଷ ତଳେ ୧୯୮୨ ବିଶ୍ୱକପ୍‌ରେ ଭାରତ ବିପକ୍ଷରେ ୧୦ ରନରେ ୬ଟି ୱିକେଟ୍ ନେଇଥିଲେ।



ଅଷ୍ଟ୍ରେଲିଆ ଦଳ ଏଥିସହ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦିନିକିଆ ବିଶ୍ୱକପ ଇତିହାସରେ ୯ ମ୍ୟାଚ୍ ଖେଳି ସବୁଥିରେ ବିଜୟୀ ହୋଇଛି। ସେହିଭଳି ୨୦୨୨ ବିଶ୍ୱକପ୍‌ରୁ ଅଷ୍ଟ୍ରେଲିଆ କ୍ରମାଗତ ୧୫ତମ ବିଜୟ ହାସଲ କରିଛି। ଚଳିତ ବିଶ୍ୱକପ୍‌ରେ ୭ ମ୍ୟାଚ୍ ଖେଳି ୬ ବିଜୟ ଓ ଗୋଟିଏ ବାତିଲ ସହ ଅଷ୍ଟ୍ରେଲିଆ ଶୀର୍ଷରେ ରହି ସେମିଫାଇନାଲକୁ ପ୍ରବେଶ କରିଛି। ଅକ୍ଟୋବର ୩୦ରେ ଦ୍ୱିତୀୟ ସେମିଫାଇନାଲରେ ଆୟୋଜକ ଭାରତ ସହ ଅଷ୍ଟ୍ରେଲିଆ ସେମିଫାଇନାଲ ଖେଳିବ। ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ ସେମିଫାଇନାଲ ୨୯ରେ ଖେଳାଯିବ।

**ସେମି କାର୍ଯ୍ୟସୂଚୀ**

ପ୍ରଥମ- ଅକ୍ଟୋବର ୨୯
ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା, ଗୌହାଟୀ

ଦ୍ୱିତୀୟ- ଅକ୍ଟୋବର ୩୦:
ଅଷ୍ଟ୍ରେଲିଆ-ଭାରତ, ନଭି ମୁମ୍ବଇ

**ବିଶ୍ୱକପ୍‌ରେ ଆଜି**

ଇଂଲଣ୍ଡ-ନ୍ୟୁଜିଲାଣ୍ଡ
ଖେଳ ଆରମ୍ଭ: ପୂର୍ବାହ୍ନ ୧୧ଟା
ଭାରତ-ବାଂଲାଦେଶ
ଖେଳ ଆରମ୍ଭ: ଅପରାହ୍ଣ- ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

## ଉତ୍ତର ପ୍ରଦେଶ ବିପକ୍ଷ ରଣଜୀ ଲଢ଼େଇ

# ପଦାର୍ପଣରେ ସମ୍ବିତଙ୍କ ଅର୍ଦ୍ଧଶତକ; ଓଡ଼ିଶା ୨୪୩



**ଭୁବନେଶ୍ୱର, ୨୫ ।୧୦ (ସମିସ):** କାନପୁରର ଗ୍ରୀନପାର୍କ ଷ୍ଟାଡିୟମରେ ଘରୋଇ ଉତ୍ତର ପ୍ରଦେଶ ବିପକ୍ଷରେ ଶନିବାରଠାରୁ ଆରମ୍ଭ ହୋଇଥିବା ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ପ୍ରଥମ ପାଳିରେ ୨୪୩ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତିବା ପରେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। କିନ୍ତୁ ୩୬ ରନ ମଧ୍ୟରେ ଦୁଇ ଓପନର୍ ସ୍ୱସ୍ତିକ ସାମଲ (୪ ରନ) ଓ ଆଶୀର୍ବାଦ ସ୍ୱାଇଁ (୪ ରନ)ଙ୍କ ସହ ଅଧିନାୟକ ସେନାପତି (୩)ଙ୍କ ୱିକେଟ୍ ହରାଇ ଓଡ଼ିଶା ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ତେବେ ମଧ୍ୟକ୍ରମରେ ଦୁଇ ଅଭିଜ୍ଞ ଖେଳାଳି ସନ୍ଦୀପ ପଟ୍ଟନାୟକ ଓ ଗୋବିନ୍ଦ ପୋଦ୍ଦାର ଉପଯୋଗୀ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ପ୍ରାରମ୍ଭିକ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ୪ର୍ଥ ୱିକେଟ୍ ଭାଗୀଦାରିରେ ଉଭୟ ୯୨ ରନ ସଂଗ୍ରହ କରିଥିଲେ। ଏହାପରେ ୩ ରନ ବ୍ୟବଧାନରେ ସନ୍ଦୀପ (୫୩ ରନ), ରାଜେଶ ଧୁପର (୦) ଓ ଗୋବିନ୍ଦ (୬୪ ରନ) ଆଉଟ୍ ହେବା ଫଳରେ ଓଡ଼ିଶା ପୁଣିଥରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ନିମ୍ନକ୍ରମରେ ପଦାର୍ପଣକାରୀ ସମ୍ବିତ ବରାଳଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ଓ ବୋଲିଂ ଅଲ୍‌ରାଉଣ୍ଡର ରାଜେଶ ମହାନ୍ତିଙ୍କ ଦ୍ରୁତ ବ୍ୟାଟିଂ ଯୋଗୁ ଓଡ଼ିଶା ୭୭.୧ ଓଭରରେ ୨୪୩ ରନ୍‌ର ସମ୍ମାନଜନକ ସ୍କୋର କରିଥିଲା। ଏଠାରେ ପ୍ରଥମ ଶ୍ରେଣୀ କ୍ୟାରିୟର୍ ଆରମ୍ଭ କରିଥିବା ସମ୍ବିତ ୭ଟି ଚୌକା ଓ ୩ ଛକା ବଳରେ ୫୯ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେହିଭଳି ରାଜେଶ ୫୭ ବଲରେ ୪୮ କରିଥିଲେ। ଓଡ଼ିଶାର ଏହି ୪ଜଣ ଖେଳାଳି ମିଳିତ ଭାବେ ୨୨୪ ରନ ସଂଗ୍ରହ କରିଥିବାବେଳେ ଅନ୍ୟ ୭ଜଣ ଦୁଇ ଅଙ୍କ ଛୁଇଁପାରି ନ ଥିଲେ। ଉତ୍ତରପ୍ରଦେଶ ପକ୍ଷରୁ ଶିଭମ ଶର୍ମା ୩ଟି ଏବଂ ଶିଭମ ମାଭି, ବିପ୍ରରାଜ ନିଗମ ଓ ପ୍ରଶାନ୍ତ ବୀର ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା ଉତ୍ତରପ୍ରଦେଶ ଷ୍ଟମ୍ପ ସୁଦ୍ଧା ୭ ଓଭର ଖେଳି କୌଣସି ୱିକେଟ୍ ନ ହରାଇ ୧୭ ରନ ସଂଗ୍ରହ କରିଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ବରୋଦା ନିକଟରୁ ୭ ୱିକେଟରେ ହାରିଥିଲା।

### ● ରଣଜୀ ଟ୍ରଫିରେ ବିରଳ ସଫଳତା

# ଆସାମ ବିପକ୍ଷରେ ସର୍ଭିସେସ୍‌ର ଦୁଇ ବୋଲରଙ୍କ ହ୍ୟାଟ୍ରିକ୍

**ଗୌହାଟୀ, ୨୫ ।୧୦ (ସମିସ):** ରଣଜୀ ଟ୍ରଫିର ଦ୍ୱିତୀୟ ରାଉଣ୍ଡ ଖେଳ ଶନିବାରଠାରୁ ଆରମ୍ଭ ହୋଇଛି। ଏହିକ୍ରମରେ ଘରୋଇ ଆସାମ ଓ ସର୍ଭିସେସ ମଧ୍ୟରେ ଏଠାରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ସି'ର ଏକ ମ୍ୟାଚରେ ବିରଳ ଘଟଣା ଦେଖିବାକୁ ମିଳିଛି। ସର୍ଭିସେସର ଦୁଇ ବାମହାତୀ ବୋଲର ଅର୍ଜୁନ ଶର୍ମା ଓ ମୋହିତ ଜାଙ୍ଗରା ଆସାମ ପାଳିରେ ହ୍ୟାଟ୍ରିକ ୱିକେଟ୍ ଅକ୍ତିଆର କରିଥିଲେ। ବାମହାତୀ ସ୍ପିନର ଅର୍ଜୁନ କ୍ରମାଗତ ୩ଟି ବଲରେ ରିୟାନ ପରାଗ, ସୁମିତ ଘାଡିଗାଁଓକର ଓ ଶିବଶଙ୍କର ରାୟଙ୍କୁ ଆଉଟ୍ କରି ହ୍ୟାଟ୍ରିକ ଅର୍ଜନ କରିଥିଲେ। ଏହାପରେ ପ୍ରଦ୍ୟୁମ୍ନ ସାଇକିଆ, ମୁଖତାର ହୁସେନ ଓ ଭାର୍ଗବ ଲାହକରଙ୍କୁ ଆଉଟ୍ କରି ବାମହାତୀ ଦ୍ରୁତ ବୋଲର ମୋହିତ ହ୍ୟାଟ୍ରିକ ସଫଳତା ପାଇଥିଲେ। ଫଳରେ ଆସାମ ପ୍ରଥମ ଇନିଂସ ମାତ୍ର ୧୦୩ ରନରେ ସୀମିତ ରହିଥିଲା। ରଣଜୀ ଟ୍ରଫିରେ ଗୋଟିଏ ଇନିଂସରେ ଦୁଇଜଣ ବୋଲର ହ୍ୟାଟ୍ରିକ ୱିକେଟ୍ ନେବା ଏହା ପ୍ରଥମ ଘଟଣା। କିନ୍ତୁ ୧୯୭୨ ରଣଜୀ ଟ୍ରଫିରେ ସର୍ଭିସେସ ପକ୍ଷରୁ ଖେଳି ଯୋଗିନ୍ଦର ସିଂ ରାଓ ନର୍ଦନ ପଞ୍ଜାବର ଦ୍ୱିତୀୟ ଇନିଂସରେ ଦୁଇଥର ହ୍ୟାଟ୍ରିକ ସଫଳତା ସହ ମୋଟ୍ ୬ଟି ୱିକେଟ୍ ନେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS